


ପବିତ୍ର ଘୋଷଯାତ୍ରା ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ଓଡ଼ିଶାବାସୀଙ୍କ ସୁଖ, ସମୃଦ୍ଧି ଓ ନିରାମୟ ଜୀବନ କାମନା କରୁଛୁ।

-'ସକାଳ' ପରିବାର

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 44 •ISSUE-22 •THURSDAY •16 JULY 2026 •PAGE-16 •₹ 7.00 | PANIKOILI | •ବର୍ଷ-୪୪ •ସଂଖ୍ୟା-୨୨ •ଗୁରୁବାର •୧୬ ଜୁଲାଇ ୨୦୨୬ •ପୃଷ୍ଠା-୧୬ •ଟ.୭.୦୦



ଭିତର ପୃଷ୍ଠାରେ..

କଟକରୁ ପୁରୀ ଗଡ଼ିବ ୩୫୦ ବସ୍ | ବଢ଼ିବ ରାଜ୍ୟର ରେଳ ନେଟ୍‌ୱର୍କ | ସିଜେପିର ଗଣଅନଶନ ଆଜି


## ଚତୁର୍ଦ୍ଧାମୂର୍ତ୍ତିଙ୍କ ଅପେକ୍ଷାରେ ତିନିରଥ



# ଆଜି ଶ୍ରୀଗୁଣ୍ଡିଚା ଯାତ

## ସକାଳ ସାଢ଼େ ୯ରେ ପହଣ୍ଡି ■ ଅପରାହ୍ଣ ୪ଟାରେ ରଥଟଣା

■ପୁରୀ, ୧୫।୭ (ସମିସ): ଶ୍ରୀମନ୍ଦିର ସିଂହଦ୍ୱାରରେ ପ୍ରସ୍ତୁତ ତିନିରଥ। ରଥାରୂଢ଼ ଠାକୁରଙ୍କ ଦର୍ଶନ ପାଇଁ ଶ୍ରୀକ୍ଷେତ୍ରରେ ଲାଗିଛି ଭକ୍ତଙ୍କ ଭିଡ଼। ରଥ, ପଥ, ଭକ୍ତ ସଭିଏଁ ପ୍ରସ୍ତୁତ। ସମସ୍ତଙ୍କର ଅପେକ୍ଷା କେତେବେଳେ ନୀଳକନ୍ଦରରୁ ବଡ଼ାଦାଣ୍ଡକୁ ଓହ୍ଲାଇ ଆସିବେ ନୀଳାଦ୍ରିନାଥ। ରଥରେ ବସି ଯିବେ ଆଡ଼ପମଣ୍ଡପ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ପାଇବେ ବିଶ୍ୱନିୟନ୍ତାଙ୍କ ଦୁର୍ଲ୍ଲଭ ଦର୍ଶନ। ଦାରୁବ୍ରହ୍ମଙ୍କ ସ୍ପର୍ଶରେ ରଥ, ପଥ ହେବ ବ୍ରହ୍ମମୟ। ସଭିଏଁ ହେବେ ଏକାକାର। ସେହି ଦିବ୍ୟ ମୁହୂର୍ତ୍ତକୁ ଚାହିଁ ରହିଛନ୍ତି ଭକ୍ତଜନ। ତେବେ ଭକ୍ତଙ୍କ ଏହି ଆବେଗିକ ମୁହୂର୍ତ୍ତର ସାକ୍ଷୀ ପାଇଁ ପାଗ ବି ରହିଛି ବେଶ୍ ଅନୁକୂଳ। ତାତି ନାହିଁ, ଆକାଶରୁ ଝରୁଛି ବର୍ଷା। ଏମିତି ଏକ ପରିବେଶର କୋଳାହଳରେ ଫାଟିପଡୁଛି ବଡ଼ଦାଣ୍ଡ। ଶ୍ରୀଗୁଣ୍ଡିଚା ଯାତ୍ରା ପାଇଁ ସରକାର, ଜିଲ୍ଲା ପ୍ରଶାସନ, ପୁଲିସ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। ପବିତ୍ର ଆଷାଢ଼ ଶୁକ୍ଲ ଦ୍ୱିତୀୟାରେ ରଥାରୂଢ଼ ହୋଇ ଚତୁର୍ଦ୍ଧାବିଗ୍ରହ ଯିବେ ଗୁଣ୍ଡିଚା ମନ୍ଦିର। ଅଣସର ପରେ ନବଦିନାତ୍ମକ ଯାତ୍ରାରେ ଯିବା ପାଇଁ ପ୍ରସ୍ତୁତ ହେଉଛନ୍ତି ମହାବାହୁ। ଆଉ ଦାରୁଦିଅଁଙ୍କ ଆଗମନକୁ ସିଂହଦ୍ୱାରରେ ଅପେକ୍ଷା କରି ରହିଛନ୍ତି ତିନିରଥ। ଗୁରୁବାର ସକାଳ ସାଢ଼େ ୯ଟାରେ ଚତୁର୍ଦ୍ଧାବିଗ୍ରହଙ୍କ ପହଣ୍ଡି ଆରମ୍ଭ ହୋଇ ଅପରାହ୍ଣ ୪ଟାରେ ରଥ ଟାଣିବା ଲାଗି ନୀତି ନିର୍ଘଣ୍ଟ ହୋଇଛି। ▶ପୃଷ୍ଠା-୯

### ଶାନ୍ତିଶୃଙ୍ଖଳା ଦାୟିତ୍ୱରେ ୨୨୦ ପ୍ଲାଟୁନ ଫୋର୍ସ

### ୪୭୦୦ ସିସିଟିଭି କ୍ୟାମେରା ରଖିଛି ନଜର

### ଲଗାଣ ବର୍ଷାରେ ଯାଜପୁର ଉବୁଟୁବୁ



ଜଳବନ୍ଦୀରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

## ୧୭ ପର୍ଯ୍ୟନ୍ତ ଲଘୁଚାପ ବର୍ଷା

■ ଭୁବନେଶ୍ୱର, ୧୫।୭ (ସମିସ): ବଙ୍ଗୋପସାଗରରେ ସୃଷ୍ଟି ହୋଇଛି ଏ ମାସର ଦ୍ୱିତୀୟ ଲଘୁଚାପ। କିଛି ଦିନ ହେବ ସକ୍ରିୟ ଥିବା ଘୂର୍ଣ୍ଣିବଳୟ ପ୍ରଭାବରେ, ବୁଧବାର ସକାଳ ୫ଟା ୩୦ରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ପାଶ୍ୱର୍ବର୍ତ୍ତୀ ଉତ୍ତର ଓଡ଼ିଶା-ପଶ୍ଚିମ ବଙ୍ଗୋପସାଗର ଉପକୂଳରରେ ଏହି ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ପ୍ରଭାବରରେ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ଲାଗି ରହିଥିବା ବେଳେ ୧୭ ତାରିଖ ପର୍ଯ୍ୟନ୍ତ ବର୍ଷା ପ୍ରଭାବ ଜାରି ରହିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ଅନ୍ୟପଟେ ଏହି ଲଘୁଚାପ ଆଗାମୀ ୨ ଦିନରେ ଉତ୍ତର ଓଡ଼ିଶା ଏବଂ ଗାଙ୍ଗେୟ ପଶ୍ଚିମବଙ୍ଗ ଦେଇ ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରିବାର ସମ୍ଭାବନା ରହିଛି। ଫଳରେ ଆଗକୁ ଉତ୍ତର ଓଡ଼ିଶା ସମୀନ୍ତ ଜିଲ୍ଲା ସହ ଛତିଶଗଡ଼ ଓ ଝାଡ଼ଖଣ୍ଡରେ ଅଧିକ ବର୍ଷା ▶ପୃଷ୍ଠା-୯


ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅପାର କରୁଣାରୁ,
ଆପଣଙ୍କ ପ୍ରତ୍ୟେକ ଯାତ୍ରା ସୁଗମ ହେଉ

ପବିତ୍ର ରଥଯାତ୍ରାର ଭକ୍ତିଭରା ଶୁଭେଚ୍ଛା



TPCODL | TPNODL | TPSODL | TPWODL

(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ)

ଆପଣଙ୍କ ପାଇଁ, ଆପଣଙ୍କ ସହିତ, ସର୍ବଦା



ପବିତ୍ର ରଥଯାତ୍ରା ଅବସରରେ
ଓଡ଼ିଶାର
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ବିଶ୍ୱ ପ୍ରସିଦ୍ଧ ପବିତ୍ର ରଥଯାତ୍ରା-୨୦୨୬ ଅବସରରେ ମୁଁ ବିଶ୍ୱର କୋଣ ଅନୁକୋଣରେ ଥିବା ଶ୍ରୀଜଗନ୍ନାଥପ୍ରେମୀ ଭକ୍ତଜନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି।

ଶ୍ରୀଜଗନ୍ନାଥ ଚେତନା ଓ ଦର୍ଶନରେ ରହିଛି ମାନବ ଜାତିର ଉତ୍‌ଥାନର ମାର୍ଗ। ସମାଜରେ ଏହା ଶାନ୍ତି, ମୈତ୍ରୀ, ପ୍ରେମ ଓ ଭ୍ରାତୃଭାବ ପ୍ରତିଷ୍ଠାରେ ସହାୟକ ହେଉ ବୋଲି କାମନା କରୁଛି।

(ହରି ବାବୁ କମ୍ଭମପାଟି)

OIPR-15001/15001/2/26-27/0083

15001/83/2627

ପବିତ୍ର ରଥଯାତ୍ରା ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ଜୟ ଜଗନ୍ନାଥ !

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଅବସରରେ ରାଜ୍ୟର ସମସ୍ତ ଭାଇଭଉଣୀ ତଥା ବିଶ୍ୱର କୋଣ ଅନୁକୋଣରେ ଥିବା ମହାପ୍ରଭୁଙ୍କ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି । ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ବିଶ୍ୱ ଭ୍ରାତୃତ୍ୱ ଓ ସମାନତାର ପ୍ରତୀକ । ମହାପ୍ରଭୁଙ୍କ ରଥଯାତ୍ରା ହେଉଛି ଜାତି, ଧର୍ମ ଓ ଭେଦଭାବ ଭୁଲି ସମସ୍ତଙ୍କୁ ଏକାଠି ବାନ୍ଧି ରଖୁଥିବାର ଅସୀମ ଭକ୍ତି ଓ ଭାବାବେଗର ଉତ୍ସବ ।

ଓଡ଼ିଆ ଜାତିର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ରାଜ୍ୟର ବିକାଶ ସହିତ ସମସ୍ତଙ୍କ ଜୀବନ ସୁଖ, ଶାନ୍ତି ଓ ସମୃଦ୍ଧିରେ ଭରିଉଠୁ, ଏହା ହିଁ ମୋର କାମନା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ସକାଳ
THE SAKALA



www.sakalaepaper.com

## ରଥଯାତ୍ରାର ନୀତି ନିର୍ଘଣ୍ଟ

| | |
|---|---|
| ମଙ୍ଗଳ ଆଳତି | ସକାଳ ୬ଟା |
| ମଇଲମ | ସକାଳ ୬ଟା ୧୦ |
| ତଡ଼ପଲାଗି | ସକାଳ ୬ଟା ୩୦ |
| ଅବକାଶ | ସକାଳ ୭ଟା |
| ସୂର୍ଯ୍ୟପୂଜା | ସକାଳ ୭ଟା ୧୦ |
| ଦ୍ୱାରପାଳ ପୂଜା | ସକାଳ ୭ଟା ୩୦ |
| ବେଶ ଶେଷ | ସକାଳ ୭ଟା ୩୦ |
| ଗୋପାଳବଲ୍ଲଭ ଓ ସକାଳ ଧୂପ | ସକାଳ ୮ଟାରୁ ୯ଟା |
| ରଥ ପ୍ରତିଷ୍ଠା | ସକାଳ ୯ଟା |
| ମଙ୍ଗଳାର୍ପଣ | ସକାଳ ୯ଟା ୧୫ |
| ପହଣ୍ଡି ଆରମ୍ଭ | ସକାଳ ୯ଟା ୩୦ |
| ପହଣ୍ଡି ଶେଷ | ମଧ୍ୟାହ୍ନ ୧୨ଟା ୩୦ |
| ମଦନମୋହନ ଓ ଶ୍ରୀରାମୃଷ୍ଣ ବିଜେ | ମଧ୍ୟାହ୍ନ ୧୨ଟା ୩୦ରୁ ଅପରାହ୍ଣ ୧ଟା |
| ଚିତା ଲାଗି | ଅପରାହ୍ଣ ସାଢ଼େ ୧ଟାରୁ ୨ଟା |
| ବେଶ ଶେଷ | ଅପରାହ୍ଣ ୧ଟା ୩୦ରୁ ୨ଟା ୩୦ |
| ଛେରାପହଁରା | ଅପରାହ୍ଣ ୨ଟାରୁ ୩ଟା |
| ଚାରମାଳ ଫିଟା, ଘୋଡ଼ା ଓ ସାରଥି ଲାଗି | ଅପରାହ୍ଣ ୩ଟାରୁ ୪ଟା |
| ରଥଟଣା ଆରମ୍ଭ | ଅପରାହ୍ଣ ୪ଟା |

# ଆଜି ଘୋଷଯାତ୍ରା: କଟକରୁ ପୁରୀ ଗଡ଼ିବ ୩୫୦ ବସ୍



କଟକ, ୧୫।୭(ସମିସ): ଆସନ୍ତାକାଲି ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା। ଆଜିଠାରୁ ଶ୍ରଦ୍ଧାଳୁମାନେ ଶ୍ରୀକ୍ଷେତ୍ର ଅଭିମୁଖେ ବାହାରିଲେଣି। ଆଉ ଏଥିପାଇଁ ଆଜି ବି ବେଶ୍ ଚଳଚଞ୍ଚଳ ହୋଇପଡିଥିଲା କଟକ ସହର। ଯଦିଓ ସେତେ ଭିଡ ନଥିଲା କିନ୍ତୁ ଆସନ୍ତାକାଲି ରାତି ପାହିଲା ବେଳକୁ ନାହିଁନଥିବା ଭିଡ଼ ହେବ ବୋଲି କହିଛନ୍ତି ବସ ମାଲିକ। ଆଜି ନିୟମିତ ଚଳାଚଳ କରୁଥିବା ଯାତ୍ରୀବାହୀ ବସ ଗୁଡିକ ପୁରୀ ଅଭିମୁଖେ ଯାଇଥିବା ବେଳେ ଆସନ୍ତାକାଲିଠାରୁ ଅଧିକ ବ ସଗଡିବ। ସକାଳୁ ରାତି ତମାମ ବସ ଗୁଡିକ କଟକ ସହରରୁ ପୁରୀ ମଧ୍ୟରେ ଚଳାଚଳ କରିବ। କଟକ ନେତାଜୀ ବସ ଟର୍ମିନାଲ, ବାଦାମବାଡି, ମଧୁପାଟଣା ଆଦି ସ୍ଥାନରେ ନାହିଁ ନ ଥିବା ଗହଳି ହେବ ବୋଲି ଆକଳନ କରାଯାଉଛି। ପ୍ରତିବର୍ଷ ଭଳି ଚଳିତ ଥର ମଧ୍ୟ ଗୁଣ୍ଡିଚା ଯାତ୍ରା, ବାହୁଡ଼ା ଯାତ୍ରା ଓ ସୁନାବେଶ ନିମନ୍ତେ ଅନ୍ୟରୁଟ୍ ଗାଡ଼ିଗୁଡ଼ିକୁ ପୁରୀ ନିମନ୍ତେ ସ୍ୱତନ୍ତ୍ର ପରମିଟ୍ ପ୍ରଦାନ କରାଯାଇଛି। କଟକ ସହରରୁ ପୁରୀକୁ ନୈଦିନ ନିୟମିତ ୨୦୦ଟି ଯାତ୍ରୀବାହୀ ବସ ଚଳାଚଳ କରିଥାଏ। ତେବେ ଏହି ବସ ଗୁଡିକ ସହିତ ସ୍ୱତନ୍ତ୍ର ପରମିଟ ହାସଲ କରିଥିବା ପ୍ରାୟ ୧୫୦ ଗୋଟି ବସ ଆସନ୍ତାକାଲି ଗୁଣ୍ଡିଚା ଯାତ୍ରା ପାଇଁ ପୁରୀ ଅଭିମୁଖେ ଗଡିବ ବୋଲି କହିଛନ୍ତି ଘରୋଇ ବସ ମାଲିକ ସଂଘର ସଭାପତି ଦେବେନ୍ଦ୍ର ସାହୁ। ଆଜି ସକାଳୁ ବର୍ଷା ଲାଗିରହିବା କାରଣରୁ ଭିଡ ବେଶୀ ଦେଖିବାକୁ ମିଳି ନଥିଲା। ସେହିଭଳି କେତେକ ସ୍ଥାନ ମାନଙ୍କରୁ ୨୦ଟି ବସ କଟକ ଦେଇ ପୁରୀ ଯାଇଥିବା ବେଳେ ୨୦ଟି ଦୂରଗାମୀ ବସ ବି ଶ୍ରୀକ୍ଷେତ୍ର ଅଭିମୁଖେ ଯାଉଛି। କେବଳ ନିୟମିତ ପରମିଟରେ ଚାଲୁଥିବା ବସ ଗୁଡିକ ଗୋଟିଏ ଦିନରେ ୪ଥର ଯାଆସ କରିବ। ସମସ୍ତ ବସ ଗୁଡିକ ତାଳବଣିଆ ଠାରେ ପାର୍କିଂ କରାଯିବା ପାଇଁ ସୁବିଧା କରାଯାଇଛି। ଚଳାଚଳ କରୁଥିବା ବସରେ ଯାତ୍ରୀଙ୍କ ଠାରୁ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଭଡା ଆଦାୟ କରାଯାଉଛି। ନିର୍ଦ୍ଧାରିତ ବସ୍ ଭଡ଼ାଠାରୁ କୌଣସି ବସ୍ ଯାତ୍ରୀଙ୍କଠାରୁ ଅଧିକ ଭଡ଼ା ଦାବି ଭଡ଼ା ଆଦାୟ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆରଟିଓମାନେ ତଥା ଏନଫୋର୍ସମେଣ୍ଟ ସ୍କ୍ୱାଡ ଯାଞ୍ଚ କରିବେ ବୋଲି ପରିବହନ ବିଭାଗ ପକ୍ଷରୁ କୁହାଯାଇଛି।

### ରଥଯାତ୍ରା ପୂର୍ବରୁ ଶ୍ରୀମନ୍ଦିର ଭିତରେ ଆକ୍ରମଣ

# ସେବାରୁ ନିଲମ୍ବିତ ହେଲେ ଦଉମହାପାତ୍ର

ପୁରୀ,୧୫।୭(ସମିସ): ରଥଯାତ୍ରା ପୂର୍ବରୁ ଶ୍ରୀମନ୍ଦିର ଭିତରେ ଘଟିଛି ଅପ୍ରୀତିକର ଘଟଣା। ମହାପ୍ରଭୁଙ୍କ ଗୁପ୍ତନୀତି (ବନକଲାଗି) ବେଳେ ପ୍ରଶାସକ ପଶିଯିବାରୁ ଦଉ ମହାପାତ୍ର ସେବକ ଶ୍ରୀମନ୍ଦିର କମାଣ୍ଡରଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ଜଣେ ଦଉମହାପାତ୍ର ସେବକଙ୍କ ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରିଛି ଶ୍ରୀମନ୍ଦିର ପ୍ରଶାସନ। ରଥଯାତ୍ରାର ଅବ୍ୟବହିତ ପୂର୍ବରୁ ଏଭଳି ଅଘଟଣକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ବୁଧବାର ଥିଲା ବନକଲାଗି ନୀତି। ମହାପ୍ରଭୁଙ୍କର ଏହି ଗୁପ୍ତ ନୀତି ଚାଲିଥିବା ବେଳେ ଶ୍ରୀମନ୍ଦିର କମାଣ୍ଡର ଏବଂ ଓଏସ୍‌ଟିଡି ନୀତି ସମ୍ପର୍କରେ କଥା ହେବାକୁ ଭିତରକୁ ଯାଇଥିଲେ। ଫଳରେ ଏହାକୁ ନେଇ ଦଉମହାପାତ୍ର ସେବକ ଏବଂ କମାଣ୍ଡରଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏପରି କି ଦଉ ମହାପାତ୍ର ସେବକ ଓ କମାଣ୍ଡର ଠେଲାପେଲା ହୋଇଥିବା କୁହାଯାଉଥିବା ବେଳେ ଘଟଣାସ୍ଥଳରେ ଉପସ୍ଥିତ ପୁଲିସ କର୍ମଚାରୀ ତୁରନ୍ତ ଏଥିରେ ହସ୍ତକ୍ଷେପ କରିଥିଲେ। ଏହାକୁ ନେଇ ବନକଲାଗି ନୀତି ପ୍ରଭାବିତ ହୋଇଥିଲା। ବିବାଦ ପାଇଁ ନୀତି ବିଳମ୍ବ ଖବର ପାଇବା ପରେ ଅଧିକାରୀମାନେ ପହଞ୍ଚିଥିଲେ। ଉଭୟ ପକ୍ଷଙ୍କୁ ବୁଝାଶୁଝା କରିବା ପରେ ନୀତିକାନ୍ତି ସ୍ୱାଭାବିକ ହୋଇଥିଲା। ଏ ସମ୍ପର୍କରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି ଯେ, ଶ୍ରୀମନ୍ଦିରରେ ନୀତି ସମ୍ପାଦନରେ ଶୃଙ୍ଖଳା ରକ୍ଷା ପ୍ରତି ଶ୍ରୀମନ୍ଦିର ପ୍ରଶାସନ ସର୍ବଦା ସର୍ବୋଚ୍ଚ ଗୁରୁତ୍ୱ ଦେଇଆସୁଛି। ବୁଧବାର ଉଭାପର୍ବରେ ନୀତିକାନ୍ତି ପାଳନ ସମୟରେ ଦଉ ମହାପାତ୍ର ସେବାୟତ ରଶ୍ମିରଞ୍ଜନ ଦଉ ମହାପାତ୍ର ବିଶୃଙ୍ଖଳ ଆଚରଣ ପ୍ରଦର୍ଶନ କରିଥିବାରୁ, ଶ୍ରୀମନ୍ଦିର କମାଣ୍ଡରଙ୍କ ରିପୋର୍ଟ ଆଧାରରେ ମୁଖ୍ୟ ପ୍ରଶାସକ ସମ୍ପୃକ୍ତ ସେବାୟତଙ୍କୁ ଅନ୍ୟାଦେଶ ପର୍ଯ୍ୟନ୍ତ ଶ୍ରୀମନ୍ଦିର ସେବାରୁ ନିଲମ୍ବନ କରିଛନ୍ତି। ମୁଖ୍ୟ ପ୍ରଶାସକ ସମସ୍ତ ସେବାୟତଙ୍କ ସହଯୋଗ ଓ ସମନ୍ୱୟ ପାଇଁ ଆନ୍ତରିକ କୃତଜ୍ଞତା ଜଣାଇବା ସହ ଆଶା ପ୍ରକାଶ କରିଛନ୍ତି ଯେ, ଆଗାମୀ ଦିନରେ ମଧ୍ୟ ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତି ସମୟାନୁବର୍ତ୍ତିତା, ଶୃଙ୍ଖଳା ଏବଂ ଭକ୍ତିଭାବର ସହ ସମ୍ପାଦିତ ହୋଇଚାଲିବ।

# ଶିମିଳିପାଳରେ ବାଘ ସଂଖ୍ୟା ୩୫କୁ ବୃଦ୍ଧି

ବାରିପଦା, ୧୫।୭(ସମିସ): ଶିମିଳିପାଳ ଜାତୀୟ ଅଭୟାରଣ୍ୟରେ ବାଘର ସଂଖ୍ୟା ୩୫କୁ ବୃଦ୍ଧି ପାଇଛି ବୋଲି ବନ ବିଭାଗର ସର୍ବଶେଷ କ୍ୟାମେରା ଟ୍ରାପ୍ ସର୍ବେକ୍ଷଣରେ ଜଣାପଡ଼ିଛି। ପିସିସିଏଫ(ୱାଇଲ୍ଡଲାଇଫ୍) ଓ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ପ୍ରେମ କୁମାର ଝା କହିଛନ୍ତି ଯେ, ସମ୍ପ୍ରତି



କରାଯାଇଥିବା କ୍ୟାମେରା ଟ୍ରାପ୍ ସର୍ବେକ୍ଷଣରେ ଶିମିଳିପାଳର ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ (ଏସ୍‌ଟିଆର୍) ରେ ୩୫ଟି ବୟସ୍କ ବାଘ ଚିହ୍ନଟ ହୋଇଛି। ଏହି ତଥ୍ୟ ବନ୍ୟଜନ୍ତୁ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ (ଡବ୍ଲୁଆଇଆଇ)କୁ ପଠାଇ ଦିଆଯାଇଛି। ୨୦୨୨ ସର୍ବଭାରତୀୟ ବାଘ ଗଣନା(ଏଆଇଟିଇ)ରେ ଶିମିଳିପାଳରେ ମାତ୍ର ୧୬ଟି ବାଘ ଥିଲେ। ୨୦୨୩-୨୪ର ଓଡ଼ିଶା ସରକାରୀ ସର୍ବେକ୍ଷଣରେ ଏହା ୨୭କୁ ବୃଦ୍ଧି ପାଇଥିଲା। ଡିସେମ୍ବର ୨୦୨୪ରୁ ଜାନୁୟାରୀ ୨୦୨୫ ମଧ୍ୟରେ ହୋଇଥିବା ସର୍ବେକ୍ଷଣରେ ୩୨ଟି ବାଘ ଚିହ୍ନଟ ହୋଇଥିଲା। ଏବେ ଏହା ୩୫କୁ ପହଞ୍ଚିଛି। ମହାରାଷ୍ଟ୍ରର ତଡୋବା-ଆନ୍ଧାରୀ ଟାଇଗର ରିଜର୍ଭରୁ ୨୦୨୪ରେ ଆଣିଥିବା ଯମୁନା ଓ ଜୀନତ୍ ବାଘୁଣୀକୁ ମିଶାଇ ମୋଟ ୩୫ଟି ବାଘ ମଧ୍ୟରୁ ୧୭ଟି ପୁରୁଷ ଓ ୧୮ଟି ମାଈ ରହିଛନ୍ତି। ତନ୍ମଧ୍ୟରୁ ୧୯ଟି ବାଘ ସ୍ୟୁଡୋ-ମେଲାନିଷ୍ଟିକ୍ (କଳା ଡୋରା ବାଘ) ଅଟନ୍ତି, ଯାହା ଏହି ଅଞ୍ଚଳର ବିଶେଷ ଜେନେଟିକ୍ ବୈଶିଷ୍ଟ୍ୟ। ସେହିପରି ଜୀନତର ୪ଟି ଶାବକକୁ ମିଶାଇ ଶିମିଳିପାଳରେ ବାଘ ଶାବକ ସଂଖ୍ୟା ମଧ୍ୟ ୧୨ରୁ ବଢ଼ି ୧୬

- ଯମୁନା ଓ ଜିନତ୍‌କୁ ମିଶାଇ ୧୮ଟି ମାଈ ଓ ୧୭ ଅଣ୍ଡିରା
- ୧୯ଟି କଳାବାଘ ଚିହ୍ନଟ

ହୋଇଛି। ବନ୍ୟଜନ୍ତୁ ସଂରକ୍ଷଣ କାର୍ଯ୍ୟକ୍ରମ, ଆବାସ ଉନ୍ନତି ଓ ଶିକାର ଉପଯୋଗୀ ଜୀବଜନ୍ତୁଙ୍କ ସଂଖ୍ୟା ବଢ଼ାଇବା ଯୋଗୁଁ ଏହି ବୃଦ୍ଧି ସମ୍ଭବ ହୋଇଛି ବୋଲି ଶ୍ରୀ ଝା କହିଛନ୍ତି। ଟାଇଗର ସପ୍ଲିମେଣ୍ଟେସନ୍ ପ୍ରୋଗ୍ରାମ ସୁଫଳ ଦେବା ଆରମ୍ଭ କରିଛି। ବନ୍ୟପ୍ରାଣୀ ବିଭାଗ ଶିମିଳିପାଳର ଜେନେଟିକ୍ ବିବିଧତା ଆହୁରି ମଜବୁତ୍ କରିବା ପାଇଁ ମଧ୍ୟ ଭାରତୀୟ ଲ୍ୟାଣ୍ଡସ୍କେପ୍ ରୁ ଏକ ପୁରୁଷ ଓ ଏକ ମାଈ ବାଘ ଆଣିବା ପାଇଁ ପ୍ରସ୍ତାବ ପ୍ରସ୍ତୁତ କରୁଛି। ଏହି ପ୍ରସ୍ତାବ ରାଜ୍ୟ ସରକାର ଓ କେନ୍ଦ୍ର ପରିବେଶ, ବନ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟଙ୍କ ଅନୁମୋଦନ ପାଇଁ ପଠାଯିବ। ଶିମିଳିପାଳର ଏହି ସଫଳତା ଓଡ଼ିଶାର ବନ୍ୟଜନ୍ତୁ ସଂରକ୍ଷଣ କାର୍ଯ୍ୟର ଏକ ଉଜ୍ଜ୍ୱଳ ଉଦାହରଣ ପାଲଟିଛି।

# କିରୋସିନି ଢାଳି ଯୁବତୀଙ୍କ ଆତ୍ମାହୁତି

ବ୍ରହ୍ମପୁର,୧୫।୭(ସମିସ): ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ଶାନ୍ତିନଗରରେ ବୁଧବାର ସକାଳେ ଜଣେ ୨୭ବର୍ଷୀୟା ଯୁବତୀ ନିଜ ଦେହରେ କିରୋସିନି ଢାଳି ନିଆଁ ଲଗାଇ ଗୁରୁତର ଭାବେ ଦଗ୍ଧ ହୋଇଥିବା ଜଣାପଡିଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ ଓ ପରେ କଟକ ସ୍ଥାନାନ୍ତର କରାଯାଉଥିବା ବେଳେ ଖଲ୍ଲିକୋଟ ନିକଟରେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ ଯୁବତୀ ଜଣକ ହେଲେ ଶାନ୍ତିନଗର ବାସିନ୍ଦା ରବୀନ୍ଦ୍ର ବେହେରାଙ୍କ ଝିଅ ରାଜେଶ୍ୱରୀ ବେହେରା (୨୭)। ମିଳିଥିବା ସୂଚନା ପ୍ରକାରରେ, ରାଜେଶ୍ୱରୀ ଗତ ଦୁଇବର୍ଷ ଧରି ମାନସିକ ସମସ୍ୟାରେ ପୀଡ଼ିତ ଥିଲେ ଏବଂ ଡା. ଚନ୍ଦ୍ରଶେଖର ତ୍ରିପାଠୀଙ୍କ ନିକଟରେ ଚିକିତ୍ସାଧୀନ ଥିଲେ। ମଙ୍ଗଳବାର ରାତିରେ ପରିବାର ସଦସ୍ୟମାନେ ଭୋଜନ ସାରି ଶୋଇଥିଲେ। ବୁଧବାର ସକାଳେ ହଠାତ୍ ରାଜେଶ୍ୱରୀଙ୍କ ଚିତ୍କାର ଶୁଣି ପରିବାର ଲୋକେ ଉଠି ଦେଖିବା ବେଳକୁ ସେ ନିଆଁରେ ଜଳୁଥିଲେ। ତୁରନ୍ତ ନିଆଁ ଲିଭାଇ ତାଙ୍କୁ ଉଦ୍ଧାର କରାଯାଇ ଆମ୍ବୁଲାନ୍ସ ଯୋଗେ ଏମ୍‌କେସିଜି ମେଡିକାଲକୁ ପଠାଯାଇଥିଲା। ତେବେ ଶରୀରର ବହୁ ଅଂଶ ପୋଡ଼ିଯାଇଥିବାରୁ ଡାକ୍ତରମାନେ ତାଙ୍କୁ କଟକ ସ୍ଥାନାନ୍ତର ପାଇଁ ପରାମର୍ଶ ଦେଇଥିଲେ। କିନ୍ତୁ କଟକ ନେବା ରାସ୍ତାରେ ଅର୍ଥାତ ଖଲ୍ଲିକୋଟ ନିକଟରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ସେପଟେ ବଡ଼ବଜାର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ପ୍ରାଥମିକ ତଦନ୍ତରେ ଯୁବତୀଙ୍କ ମାନସିକ ସ୍ୱାସ୍ଥ୍ୟଜନିତ ସମସ୍ୟା ସମ୍ପର୍କରେ ସୂଚନା ମିଳିଥିବା ବେଳେ, ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ପୁଲିସ ସମସ୍ତ ଦିଗରୁ ତଦନ୍ତ ଜାରି ରଖିଛି। ଉଲ୍ଲେଖଯୋଗ୍ୟ, ଗତ ସପ୍ତାହରେ ନିମଖଣ୍ଡି ଥାନା ଅଞ୍ଚଳରେ ମଧ୍ୟ ଜଣେ ମହିଳା ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇଥିବା ଘଟଣା ସାମ୍ନାକୁ ଆସିଥିଲା।




- ଘରୋଇ ମେଡିକାଲକୁ ଏନ୍‌ଏବିଏଚ୍ ପ୍ରମାଣପତ୍ର ପ୍ରଦାନ ନାଁରେ ୬.୬୭ ଲକ୍ଷ ଠକେଇ

# କଟକର ହସ୍ପିକେୟାର କନ୍‌ସଲ୍‌ଟାନ୍ସି ଏମ୍‌ଡି ଗିରଫ

ଭଦ୍ରକ/ବାସୁଦେବପୁର,୧୫।୭(ସମିସ): ଛୋଟ ବଡ଼ ସହରରେ ଆପଣଙ୍କର ଘରୋଇ ମେଡିକାଲ ଅଛି କି? ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା ସହିତ ଅନୁବନ୍ଧିତ କରିବାକୁ ବ୍ୟାକୁଳ ହେଉଛନ୍ତି କି? ଏବେଠୁ ହୋଇ ଯାଆନ୍ତୁ ସାବଧାନ। ବିଭିନ୍ନ ସାର୍ଟିଫିକେଟ୍ ପ୍ରଦାନ କରାଇଦେବା ନାଁରେ ଠକି ନେବେ ଲକ୍ଷ ଲକ୍ଷ ଟଙ୍କା। ଖୋଜିଲେ ଏମାନଙ୍କର ପତ୍ତା ପାଇବା ବଡ଼ କଠିନ। ଏଭଳି ଏକ ଘଟଣା ଘଟିଛି ଭଦ୍ରକ ଜିଲ୍ଲା ବାସୁଦେବପୁର ଅଞ୍ଚଳରେ। ଏକ ଘରୋଇ



ହସ୍ପିଟାଲକୁ ଏନ୍‌ଏବିଏଚ୍ (ନ୍ୟାସ୍‌ନାଲ ଆକ୍ରିଡେସନ ବୋର୍ଡ ଅଫ୍ ହସ୍ପିଟାଲ୍‌ସ ଆଣ୍ଡ ହେଲ୍‌ଥ କେୟାର ପ୍ରୋଭାଇଡର୍ସ) ପ୍ରମାଣପତ୍ର ଦେବା ନାଁରେ ୬ ଲକ୍ଷ ୬୭ ହଜାର ଟଙ୍କା ଠକେଇ ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ପାଇ ଭଦ୍ରକ ଜିଲ୍ଲା ବାସୁଦେବପୁର ପୁଲିସ ତଦନ୍ତ ପରେ କଟକର ହସ୍ପିକେୟାର କନ୍‌ସଲ୍‌ଟାନ୍ସି ଏମ୍‌ଡି ଡ. ହୃଦାନନ୍ଦ ଦାଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅତି ଚତୁରତାର ସହିତ ଖସିଯିବାକୁ ବସିଥିବାବେଳେ ମୋବାଇଲ୍ ଟ୍ରାକିଂ କରି ବାସୁଦେବପୁର ପୁଲିସ ତାଙ୍କୁ ମାଡ଼ି ବସିଛି।

ପ୍ରକାଶ ଯେ, ବାସୁଦେବପୁର ଆର୍ଯ୍ୟ ନାମକ ଏକ ଘରୋଇ ମେଡିକାଲ ରୋଗୀ ସେବା କରିଆସୁଛି। ଘରୋଇ ହସ୍ପିଟାଲକୁ ଆଗକୁ ନେବା ପାଇଁ ଏନ୍‌ଏବିଏଚ୍ ସାର୍ଟିଫିକେଟ୍ କରାଇଦେବା ପାଇଁ ୨୦୨୫ ଏପ୍ରିଲ ୨୬ରେ କଟକର ହସ୍ପିକେୟାର କନ୍‌ସଲ୍‌ଟାନ୍ସି ଏମ୍‌ଡି ଡ. ହୃଦାନନ୍ଦ ଦାଶଙ୍କ ସହିତ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଥିଲା। ଏଥିପାଇଁ ଆର୍ଯ୍ୟ ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ ଅସିତ୍ କୁମାର ଦାଶ ୬ ଲକ୍ଷ ୭୬ ହଜାର ୬୨୧ ଟଙ୍କା ପ୍ରଦାନ କରିଛନ୍ତି ବୋଲି ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବାସୁଦେବପୁର ପୁଲିସ ଅଭିଯୋଗ ପାଇବା ପରେ ତଦନ୍ତ ଆରମ୍ଭ କରିଥିଲେ। ଶେଷରେ କଟକରୁ ଡ. ହୃଦାନନ୍ଦ ଦାଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।



# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-22 ♦THURSDAY ♦16 JULY 2026 ♦PAGE-16 ♦₹ 7.00

♦ବର୍ଷ-୪୪ ♦ସଂଖ୍ୟା-୨୨ ♦ଗୁରୁବାର ♦୧୬ ଜୁଲାଇ ୨୦୨୬ ♦ପୃଷ୍ଠା-୧୬ ♦ଟ.୭.୦୦







# ବଢ଼ିବ ରାଜ୍ୟର ରେଳ ନେଟୱର୍କ

## ପାରାଦୀପ-ହରିଦାସପୁର ଲାଇନ୍‌ର ହେବ ଦୋହରୀକରଣ

**ଲଳିତଗିରି ବୌଦ୍ଧ ପରିସର ଏବଂ ବଳଦେବଜୀଉ ମନ୍ଦିରକୁ ସହଜ ହେବ ଯୋଗାଯୋଗ**

**ନିର୍ମାଣ ହେବ ରାଜଖରସୁଆଁ-ଡାଙ୍ଗୋପୋଷି ୪ର୍ଥ ଲେନ୍**

**୩,୯୦୭ କୋଟିର ଦୁଇ ପ୍ରକଳ୍ପକୁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ**

■ ଭୁବନେଶ୍ୱର, ୧୫।୭ (ସମିସ): ଓଡ଼ିଶାର ରେଳ ନେଟୱର୍କ ସହ ଯୋଡିହେବାକୁ ଯାଉଛି ଆଉ ଏକ ନୂଆ ଅଧ୍ୟାୟ। କାରଣ ପାରାଦୀପ-ହରିଦାସପୁର ରେଳ ଲାଇନ୍ ଦୋହରୀକରଣ ହେବ। କେନ୍ଦ୍ର କ୍ୟାବିନେଟ୍ ବୁଧବାର ୭ଟି ଗୁରୁତ୍ୱପୂର୍ଣ୍ଣ ରେଳ ପ୍ରକଳ୍ପକୁ ମଞ୍ଜୁରୀ ଦେଇଛି। ଏଥିରେ ପାରାଦୀପ – ହରିଦାସପୁର ରେଳ ପ୍ରକଳ୍ପ ସାମିଲ। ଏହାସହିତ ଝଡ଼ଖଣ୍ଡର ରାଜଖରସୁଆଁ ଓ ଡାଙ୍ଗୋପୋଷି ଲାଇନ୍‌ର ୪ର୍ଥ ଲେଡ୍ ନିର୍ମାଣ ଯୋଜନାକୁ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି। ଉପରୋକ୍ତ ଦୁଇ ପ୍ରକଳ୍ପର ମୋଟ ମୂଲ୍ୟ ପ୍ରାୟ ୩,୯୦୭ କୋଟି ଟଙ୍କା । ଓଡ଼ିଶା ଏବଂ ଝାଡ଼ଖଣ୍ଡ ରାଜ୍ୟର ୪ଟି ଜିଲ୍ଲାକୁ କଭର କରୁଥିବା ଏହି ଦୁଇ ରେଳ ପ୍ରକଳ୍ପ ଭାରତୀୟ ରେଳବାଇର ବର୍ତ୍ତମାନର ନେଟୱାର୍କରେ ପ୍ରାୟ ୧୪୫ କିଲୋମିଟର ନୂଆ ଲାଇନ୍ ଯୋଡ଼ିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି ବୁଧବାର ଏହି ଦୁଇ ରେଳ ମାର୍ଗ ପ୍ରଶସ୍ତିକରଣ ପ୍ରକଳ୍ପକୁ ଅନୁମୋଦନ କରିଛି। ଦୁଇ ପ୍ରକଳ୍ପ କାର୍ଯ୍ୟ ୨୦୩୦-୩୧ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ପାରାଦୀପ-ହରିଦାସପୁର ଲାଇନ୍‌ର ଦୋହରୀକରଣ କରାଯିବା ଦ୍ୱାରା ଲଳିତଗିରି ବୌଦ୍ଧ ପରିସର ଏବଂ ବଳଦେବଜୀଉ ମନ୍ଦିରକୁ ଯୋଗାଯୋଗ ଆହୁରି ସହଜ ହେବ। ଏହି ▶ପୃଷ୍ଠା-୯

# ବାବୁ ଅଫିସର; ପତ୍ନୀଙ୍କ ନାମରେ ବେପାର

## ଟେକ୍ସଟ ବୁକ୍ ପ୍ରେସ୍‌କୁ ଯୋଗାଉଛନ୍ତି ମୁଦ୍ରଣ ସାମଗ୍ରୀ

**ବହି ଛାପା ପୂର୍ବରୁ ପ୍ରୁଫ୍ କରେକସନ୍‌ରେ ଅବହେଳା ଅଭିଯୋଗ**

**କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ପରିସରଭୁକ୍ତ କରିବାକୁ ଉଠିଲା ଦାବି**

■ ଭୁବନେଶ୍ୱର, ୧୫।୭ (ସମିସ): ପାଠ୍ୟପୁସ୍ତକ ତ୍ରୁଟି ଘଟଣାରେ କ୍ରାଇମ୍‌ବ୍ରାଞ୍ଚ ତନାଘନା ଆରମ୍ଭ ହୋଇଥିବାବେଳେ ଆଉ ଏଖ ଚାଞ୍ଚଲ୍ୟକର ତଥ୍ୟ ପଦାକୁ ଆସିଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ବାଣିଜ୍ୟ ବିଭାଗ ଅଧୀନରେ ଥିବା ଦୁଇଟି ପ୍ରେସ୍ ଦାୟିତ୍ୱରେ ଜଣେ ଅଧିକାରୀ ରହିଛନ୍ତି। ସେହି ବାବୁ ନିଜ ପତ୍ନୀଙ୍କ ନାମରେ ଏକ ଯୋଗାଣକାରୀ ସଂସ୍ଥା ଖୋଲି ସେହି ପ୍ରେସ୍‌କୁ ମୁଦ୍ରଣ ସାମଗ୍ରୀ ଯୋଗାଉଛନ୍ତି। କ୍ଷମତାର ଅପବ୍ୟବହାର କରି ବ୍ୟବସାୟରେ ମାତିଥିବା ଏହି ବାବୁ ଜଣକ ପୁସ୍ତକ ମୁଦ୍ରଣ ସମୟରେ ପ୍ରୁଫ୍ କରେକସନ୍ କରି ନଥିବାରୁ ପୁସ୍ତକରେ ତ୍ରୁଟି ରହିଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଭୁବନେଶ୍ୱରରେ ଏକ ଟେକ୍ସଟ୍ ବୁକ୍ ପ୍ରେସ୍ ଏବଂ ବାଣିଜ୍ୟ ବିଭାଗ ଅଧୀନରେ କଟକରେ ଗୋଟିଏ ସରକାରୀ ପ୍ରେସ୍ ରହିଛି। ଭୁବନେଶ୍ୱରରେ ପିଲାଙ୍କ ପଢ଼ା ବହି ଛପା ହେଉଥିବାବେଳେ କଟକରେ ସରକାରଙ୍କ ଅନ୍ୟାନ୍ୟ କାଗଜପତ୍ର ଛପା ହେଉଛି। ଏହି ଉଭୟ ପ୍ରେସ୍ ଦାୟିତ୍ୱରେ ବାଣିଜ୍ୟ ବିଭାଗର ▶ପୃଷ୍ଠା-୯




# ଗୋରୁଙ୍କ ଲାଳନପାଳନ ଖର୍ଚ୍ଚଦେଇ ଗାଡ଼ି ନେଇପାରିବେ ମାଲିକ

**ଗୋ-ଚାଲାଣ ମାମଲା**

କଟକ,୧୫ ।୭ (ସମିସ): ଗୋ-ଚାଲାଣ ଅଭିଯୋଗରେ ଜବତ ହୋଇଥିବା ଏକ ଗାଡ଼ିକୁ ମୁକ୍ତ ଆବେଦନ ପ୍ରସଂଗରେ ହାଇକୋର୍ଟ କଠୋର ସର୍ତ୍ତ ରଖିଛନ୍ତି । ସୁନ୍ଦରଗଡ଼ ଜିଲ୍ଲା ବିସ୍ରା ଅଞ୍ଚଳରୁ ଜବତ ହୋଇଥିବା ଗାଡ଼ିକୁ କିଛି ନିର୍ଦ୍ଦିଷ୍ଟ ଆର୍ଥିକ ସର୍ତ୍ତ ଏବଂ ଜରିମାନା ସହ ଛାଡ଼ିବାକୁ ଜଷ୍ଟିସ ଭି. ନରସିଂହ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଆବେଦନକାରୀଙ୍କୁ ୫ ଲକ୍ଷ ଟଙ୍କାର ସମ୍ପତ୍ତି ସିକ୍ୟୁରିଟି ଦାଖଲ ସହ ଗାଡ଼ି ମୁକ୍ତ ହେବା ପୂର୍ବରୁ ୧ ଲକ୍ଷ ଟଙ୍କା ନଗଦ ଜମା କରିବାକୁ ପଡ଼ିବ । ସ୍ଥାନୀୟ ଅଞ୍ଚଳରେ କୌଣସି ଗୋଶାଳା ନଥିବାରୁ ଉଦ୍ଧାର ହୋଇଥିବା ଗୋରୁମାନଙ୍କୁ ନାରାୟଣ ମହାତୋ ନାମକ ଜଣେ ସମାଜସେବୀଙ୍କ ଜିମାରେ ଦିଆଯାଇଥିଲା । ଯିଏ କି ସେମାନଙ୍କ ଲାଳନପାଳନ ପାଇଁ ପ୍ରାୟ ୩ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି । ଅଦାଲତଙ୍କ ନିର୍ଦ୍ଦେଶ ଅନୁସାରେ ଆବେଦନକାରୀଙ୍କୁ ଏହି ଖର୍ଚ୍ଚର ୫୦ ପ୍ରତିଶତ ଅର୍ଥାତ୍ ଦେଢ ଲକ୍ଷ ଟଙ୍କା ବହନ କରିବାକୁ ହେବ ।

■ ହାଇକୋର୍ଟ ଏଏସ୍‌ଓ ପରୀକ୍ଷା ଅନିୟମିତତା ମାମଲା


# ୧୪ ଅଭିଯୁକ୍ତଙ୍କ ଜାମିନର ପୂର୍ଣ୍ଣାଙ୍ଗ ଶୁଣାଣି ୧୭ରେ


କଟକ,୧୫ ।୭ (ସମିସ): ହାଇକୋର୍ଟ ଏଏସଓ ପରୀକ୍ଷା କେଲେଙ୍କାରୀ ତଥା ପ୍ରଶ୍ନପତ୍ର ଲିକ ଘଟଣାରେ ଲାଲବାଗ ଥାନା ପୁଲିସ ଦ୍ୱାରା ଗିରଫ ହୋଇଥିବା ମୋଟ ୧୪ ଜଣ ଅଭିଯୁକ୍ତଙ୍କ ଜାମିନ ଆବେଦନର ଶୁଣାଣି ଆଜି ଅସମ୍ପୂର୍ଣ୍ଣ ରହିଛି । ଆସନ୍ତା ୧୭ ତାରିଖରେ ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି ହେବା ସହ ମାମଲା ଫଏସଲା ହେବ ବୋଲି ହାଇକୋର୍ଟ ଜଷ୍ଟିସ ଗୌରୀଶଙ୍କର ଶତପଥୀ ନିର୍ଦ୍ଦେଶ ଦେଇଛନ୍ତି । ଆଜି ମାମଲା ଶୁଣାଣି ବେଳେ ଆବେଦନକାରୀ ସତ୍ୟବ୍ରତ ମହାନ୍ତିଙ୍କ ବିରୋଧରେ ଚାର୍ଜସିଟ ଦାଖଲ ହୋଇଛି କି ନାହିଁ ତାହା ସରକାରଙ୍କ ପକ୍ଷରୁ ସ୍ପଷ୍ଟ ହୋଇପାରି ନଥିବା ବେଳେ ଉଭୟ ସରକାର ଓ ଆବେଦନକାରୀଙ୍କ ଓକିଲ ଏଥିପାଇଁ ସମୟ ଲୋଡ଼ିଥିଲେ । ପ୍ରକାଶଥାଉକି ଏହି ମାମଲାରେ ଗିରଫ ଶଙ୍କର ପୃଷ୍ଟିଙ୍କ ସମେତ ଶ୍ରୀଧର ମନ୍ତ୍ରି, ନିର୍ମାଲ୍ୟକୃଷ୍ଣ ଦାସ, ଗଙ୍ଗାଧର ଜେନା, ଆଲୋକ ସାହୁ, ସପନ ପଣ୍ଡା, ତଫିନ ଅହମ୍ମଦ ଖାଁ, ରାମଜୀ ପ୍ରସାଦ ଗୁପ୍ତା, ଜ୍ୟୋତିର୍ମୟୀ ସାହୁ, ସତ୍ୟବ୍ରତ ମହାନ୍ତି, ଏପିଲ ସୀତାରାମ, ହିମାଂଶୁଶେଖର ଦାଶ, ଲୋକନାଥ ସାହୁ ଓ ସୁରେଶଚନ୍ଦ୍ର ନାୟକ ନିୟମିତ ଜାମିନ ଆବେଦନ କରିଛନ୍ତି । ହାଇକୋର୍ଟର ଏଏସଓ ଆସିଷ୍ଟାଣ୍ଟ ସେକ୍ସନ ଅଫିସ ପଦ (୨୦୨୪)ରେ ନିଯୁକ୍ତି ପାଇଁ ମୁଖ୍ୟ ଲିଖିତ ପରୀକ୍ଷା ଏବଂ କମ୍ପ୍ୟୁଟର ଆବେଦନ ପରୀକ୍ଷା ପରିଚାଳନା କରିବାକୁ ସମ୍ପୃକ୍ତ ସଂସ୍ଥା ସିଲିକନ ଟେକ ଲାବ ପ୍ରାଇଭେଟ ଲିମିଟେଡକୁ ଅଧିକାର ଦିଆଯାଇଥିଲା । ସମ୍ପୃକ୍ତ ସଂସ୍ଥା ଗତ ଜୁଲାଇ ୧୩ରେ ମୁଖ୍ୟ ଲିଖିତ ପରୀକ୍ଷା ନିରପେକ୍ଷ ଭାବେ ପରିଚାଳନା କରି ନଥିବାରୁ ପରୀକ୍ଷା ବାତିଲ ହୋଇଥିଲା । ଏହି ପରୀକ୍ଷା ପ୍ରଶ୍ନପତ୍ର ଲିକ ହୋଇଥିବା ଜଣାପଡିଥିଲା । ଏଣୁ ସମ୍ପୃକ୍ତ ସଂସ୍ଥାକୁ ହାଇକୋର୍ଟ ୫ ବର୍ଷ ପାଇଁ କଳା ତାଲିକାଭୁକ୍ତ କରିଥିଲେ । ଲାଲବାଗ ଥାନାରେ ଏନେଇ ଏତଲା ଦିଆଯିବା ପରେ ପୁଲିସ ଉପରୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା ।

**ପୁଲିସ ବିଭାଗରେ ୩୩ ହଜାର ପଦ ଖାଲି**

# ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ଜବାବତଲବ

କଟକ,୧୫ ।୭ (ସମିସ): ପୁଲିସ ବିଭାଗରେ ୩୩ହଜାର ପଦବୀ ଖାଲି ପଡିଥିବା ବେଳେ ଏହି ପଦବୀ ପୂରଣ ପ୍ରସଂଗରେ ଆସନ୍ତା ଦୁଇ ସପ୍ତାହ ଭିତରେ ରାଜ୍ୟ ସରକାରଙ୍କ ନିକଟରୁ ସତ୍ୟପାଠ ଜରିଆରେ ଜବାବ ତଲବ କରିଛନ୍ତି ହାଇକୋର୍ଟ । ଆଇନଜୀବୀ ଶିବଶଙ୍କର ମହନ୍ତିଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଏହି ପଦବୀ ପୂରଣ ପାଇଁ ନିଯୁକ୍ତି ପ୍ରକ୍ରିୟା ଶେଷ ନିମନ୍ତେ କଣ ଯୋଜନା ରହିଛି ତାହା ଜଣାଇବାକୁ କହିଛନ୍ତି ଅଦାଲତ । ସେହିଭଳି ପୂର୍ବରୁ ଓପିଆରବି ଦ୍ୱାରା ପରିଚାଳିତ ପୁଲିସ ଏସଆଇ ନିଯୁକ୍ତି ପରୀକ୍ଷା କେଲେଙ୍କାରୀ ପରେ ନିଯୁକ୍ତିକୁ ବାତିଲ କରାଯାଇଥିଲା ବେଳେ ଓଡିଶା ୟୁନିଫର୍ମ ସର୍ଭିସ ଷ୍ଟାଫ ସିଲେକ୍ସନ କମିସନ(ଓୟୁସିସି) ପରବର୍ତ୍ତି ସମୟରେ ଗଠନ କରାଯାଇଥିଲା । ତେବେ ଏହି ନିଯୁକ୍ତିର ସ୍ଥିତି ସମ୍ପର୍କରେ ଖଣ୍ଡପୀଠ ଜଣାଇବାକୁ କହିଛନ୍ତି । ଆବେଦନକାରୀ ଦର୍ଶାଇଛନ୍ତି ଯେ ପୁଲିସ ବିଭଗରେ କର୍ମଚାରୀଙ୍କ ଅଭାବ ବର୍ତ୍ତମାନ କାର୍ଯ୍ୟରତ କର୍ମଚାରୀ ମାନଙ୍କ ଉପରେ ଅତ୍ୟଧିକ ଚାପ ସୃଷ୍ଟି ସହ ଓ ମାନସିକ ଅବସାଦର କାରଣ ପାଲଟିଛି । ପୁଲିସ ଡିଜିଙ୍କ ତଥ୍ୟ ଅନୁସାରେ ଓଡିଶା ପୁଲିସରେ ମୋଟ ୮୯ ହଜାର ମଞ୍ଜୁରିପ୍ରାପ୍ତ ପଦରୁ ୩୩ହଜାର ଖାଲି ପଡିଛି । ସେହିଭଳି ମଞ୍ଜୁରିପ୍ରାପ୍ତ ପଦ ଅନୁସାରେ ପ୍ରତି ୧ଲକ୍ଷ ଜନସଂଖ୍ୟାରେ ପୁଲିସ କର୍ମଚାରୀ ସଂଖ୍ୟା ୭୫.୮୮ ରହିବା କଥା ହେଲେ ପଦ ଖାଲି ହେତୁ ତାହା ଯଥେଷ୍ଟ କମ ରହିଛି । ଫଳରେ ପୁଲିସ କର୍ମଚାରୀ ଚାପର ବଶବର୍ତ୍ତୀ ହେଉଛନ୍ତି । ଏଣୁ ପୁଲିସ କର୍ମଚାରୀଙ୍କ ପାଇଁ ଏକ ସ୍ୱତନ୍ତ୍ର ମାନସିକ ସ୍ୱାସ୍ଥ୍ୟ ଏବଂ ମାନସିକ ପରାମର୍ଶ ବ୍ୟବସ୍ଥା ପ୍ରତିଷ୍ଠା କରିବା, ଏହି ସମସ୍ୟାର ଅନୁଧ୍ୟାନ ପାଇଁ ଏକ ଉଚ୍ଚସ୍ତରୀୟ ସ୍ୱତନ୍ତ୍ର କମିଟି ଗଠନ କରିବା, କାର୍ଯ୍ୟଭାର ହ୍ରାସ କରିବା ପାଇଁ ତୁରନ୍ତ ଖାଲି ଥିବା ପଦବୀ ଗୁଡ଼ିକୁ ପୂରଣ କରିବା ସହ ପୁଲିସ ବାହିନୀ ମଧ୍ୟରେ ନିର୍ଯାତନା ବା କ୍ଷମତାର ଅପବ୍ୟବହାର କରୁଥିବା ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଆବେଦନକାରୀ ଅଦାଲତଙ୍କ ହସ୍ତକ୍ଷେପ ଲୋଡିଛନ୍ତି ।



















































ପୁରୀ ରଥଯାତ୍ରା ପୂର୍ବରୁ ରଥଖଳାରୁ ତିନିରଥକୁ ସିଂହଦ୍ୱାର ନିକଟକୁ ନିଆଯାଉଛି (ଫଟୋ-ଅନିଲ)

ବ୍ୟବସ୍ଥିତ ହେବ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ

# ଗଠନ ହେବ ଉତ୍ସର୍ଗୀକୃତ ସ୍ୱତନ୍ତ୍ର ସେଲ୍

## ଡିଜାଇନିଂ, ଜିପିଆର ପ୍ରସ୍ତୁତି ସହ ପ୍ରକଳ୍ପର ନିୟମିତ ସମୀକ୍ଷା ହେବ ସହଜ

ଭୁବନେଶ୍ୱର,୧୫।୭(ସମିସ): ରାଜ୍ୟରେ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟକୁ ବ୍ୟବସ୍ଥିତ ତଥା ଗତିଶୀଳ କରିବା ପାଇଁ ରାଜ୍ୟ ସରକାର ଖୁବଶୀଘ୍ର ଏକ ଉତ୍ସର୍ଗୀକୃତ ସ୍ୱତନ୍ତ୍ର ସେଲ ପ୍ରତିଷ୍ଠା କରିପାରନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରମଣ ମାଝୀ ପରାମର୍ଶ ଦେଇଥିବା ବେଳେ ପ୍ରଶାସନିକ ସ୍ତରରେ ଏହାର ପ୍ରତିଷ୍ଠା ପାଇଁ କସରତ୍ ଆରମ୍ଭ ହୋଇଛି।

ନିକଟରେ ମୁଖମନ୍ତ୍ରୀ ମୋହନ ଚରଣ ମାଝୀ ନୋଟସିଟ୍ ଜରିଆରେ ଏନେଇ ପରାମର୍ଶ ରଖିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବର୍ତ୍ତମାନ ଓଡ଼ିଶାରେ ଅନେକ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ଚାଲୁଅଛି। ପୁଞ୍ଜି ଖର୍ଚ୍ଚ ପାଇଁ ଓଡ଼ିଶା ଚଳିତ ବଜେଟରେ ୬୫ ହଜାର କୋଟି ଟଙ୍କାରୁ ବି ଅଧିକ ପ୍ରାବଧାନ କରାଯାଇଛି। ଏହି ପ୍ରାବଧାନକୁ ସଠିକ ଭାବେ ଖର୍ଚ୍ଚ କରିବା ପାଇଁ ହେଲେ ପ୍ରକଳ୍ପର ନକ୍ସା ଏବଂ ଡିଜାଇନ ସଠିକ୍ ଭାବେ ପ୍ରସ୍ତୁତ କରିବା ପ୍ରଥମ ଆବଶ୍ୟକତା । ଡିଜାଇନ ପ୍ରସ୍ତୁତି ବିଳମ୍ବ ହେଲେ ପ୍ରକଳ୍ପର କାମ ବିଳମ୍ବିତ ହୋଇଥାଏ। ଯାହାଦ୍ୱାରା ଉଭୟ ସମୟ ଓ ପ୍ରକଳ୍ପ ଅଟକଳ ବି ବୃଦ୍ଧି ପାଇଥାଏ। ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ ଓଡ଼ିଶାରେ ବିଭିନ୍ନ ବିଭାଗ ଭିତ୍ତିଭୂମି ପ୍ରକଳ୍ପ କାର୍ଯ୍ୟକାରୀ କରୁଛନ୍ତି। ମାତ୍ର ଅନେକ ବିଭାଗ ପାଖରେ ନିଜ ସ୍ୱତନ୍ତ୍ର ଡିଜାଇନ ସେଲ ନାହିଁ। ତେଣୁ ସେମାନେ ସମ୍ପୂର୍ଣ୍ଣ ଭାବେ ବାହାରର ବିଶେଷଜ୍ଞଙ୍କ ଉପରେ ନିର୍ଭର କରିଥାନ୍ତି। ଏଥିପାଇଁ ମନିଟରିଂ ଏବଂ ନିୟମିତ ସମୀକ୍ଷା ପାଇଁ କୌଣସି ବ୍ୟବସ୍ଥା ନଥିବାରୁ ପ୍ରକଳ୍ପ ସବୁ ବିଳମ୍ବିତ ହେଉଛି ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଥିଲେ। ତେଣୁ ଏହି ସମସ୍ୟାକୁ ସମାଧାନ କରି ଭିତ୍ତିଭୂମି ନିର୍ମାଣକୁ ଅଧିକ ଗତି ଦେବା ପାଇଁ ଏକ ସ୍ୱତନ୍ତ୍ର ସେ ପ୍ରତିଷ୍ଠା କରାଯାଇପାରେ। ଯାହା ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଅଗ୍ରଣୀ ଅନୁଷ୍ଠାନ ଭାବେ କାର୍ଯ୍ୟ କରିବ। ଏହି ସେଲ ବିଭିନ୍ ବିଭାଗଦ୍ୱାରା ପରିଚାଳିତ ଭିତ୍ତିଭୂମି ପ୍ରକଳ୍ପର କାର୍ଯ୍ୟକାରୀ କରିବା ପାଇଁ ଡିଜାଇନିଂଠାରୁ ଆରମ୍ଭ କରି ବିସ୍ତୃତ ପ୍ରକଳ୍ପ ରିପୋର୍ଟ(ଡିପିଆର) ପ୍ରସ୍ତୁତିରେ ସାହାଯ୍ୟ କରିବା, ବିଭିନ୍ନ ପ୍ରକଳ୍ପକୁ ନିରନ୍ତର ଭାବେ ସମୀକ୍ଷା ଓ ମୂଲ୍ୟାୟନ ପରି କାର୍ଯ୍ୟ କରିବ। ଏହାଦ୍ୱାରା ଏହି ସେଲ ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପର ନିର୍ମାଣ କ୍ଷେତ୍ରରେ ସିଙ୍ଗଲ ୱିଣ୍ଡୋ ସେଲ ପରି କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ଏହି ସ୍ୱତନ୍ତ୍ର ସେଲ ପ୍ରତିଷ୍ଠା ପାଇଁ ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ବେଳେ ପ୍ରଶାସନିକ ସ୍ତରରେ ଏନେଇ ପଦକ୍ଷେପ ଆରମ୍ଭ ହୋଇଛି। ଆସନ୍ତା ୧୮ ତାରିଖରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହେବ। ବୈଠକରେ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଏକତ୍ରିତ ହୋଇ ସେଲ ଗଠନରେ ଆବଶ୍ୟକୀୟ ଚର୍ଚ୍ଚା, ଆଲୋଚନା କରିବେ ବୋଲି ଜଣାପଡ଼ିଛି।

# ପ୍ରେମିକାକୁ ମାରିବାକୁ ଆସିଥିଲା; ନିଜେ ମରିଗଲା

ବଲାଙ୍ଗିର,୧୫।୭(ସମିସ): ଜଣେ ବିବାହିତା ମହିଳାଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଆସିଥିବା ଯୁବକ ନିଜେ ହତ୍ୟାର ଶିକାର ହୋଇଛି। ବେଲପଡା ଅଞ୍ଚଳର ଜଣେ ମହିଳାଙ୍କ ସ୍ୱାମୀ ଗାଁର ମୁନା ବେହେରା ନାମକ ଜଣେ ଯୁବକଙ୍କ ସହ ମିଶି ଏକ କୁକୁଡା ଫାର୍ମ ଆରମ୍ଭ କରିଥିଲେ। ଏହି କୁକୁଡା ଫାର୍ମରେ ଉଭୟଙ୍କ ମଧ୍ୟରେ ପ୍ରେମ ସଂପର୍କ ଗଢି ଉଠିଥିଲା। ତେବେ କୌଣସି କାରଣକୁ ନେଇ ଗତ କିଛି ମାସ ତଳେ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ବୁଧବାର ମୁନା ବେଲପଡା ଆସି ମହିଳା ଓ ତାଙ୍କ ନାବାଳିକା ଝିଅକୁ ଛୁରାରେ ଆକ୍ରମଣ କରିବା ବେଳେ ମହିଳା ଜଣକ ପାଲଟା ଆକ୍ରମଣ କରିଥିଲେ।



ଗୋବର୍ଦ୍ଧନ ପୀଠାଧୀଶ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କୁ ସାକ୍ଷାତ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

■ ରଥଯାତ୍ରା ପୂର୍ବରୁ ସାଇବର ଅପରାଧ ବିରୋଧରେ କାର୍ଯ୍ୟାନୁଷ୍ଠାନ

# ୧୪ଟି ନକଲି ହୋଟେଲ ୱେବସାଇଟ ବନ୍ଦକଲା କ୍ରାଇମବ୍ରାଞ୍ଚ

କଟକ,୧୫।୭(ସମିସ): ପବିତ୍ର ରଥଯାତ୍ରା ସମୟରେ ପୁରୀ ଆସୁଥିବା ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କୁ ସାଇବର ଠକମାନେ ସେମାନଙ୍କ ଜାଲରେ ଫସାଇ ଠକିବା ପାଇଁ ଚେଷ୍ଟା ଚଳାଇଥିବା ବେଳେ କ୍ରାଇମବ୍ରାଞ୍ଚ ସାଇବର ସୁରକ୍ଷା ଓ ରେସପନ୍ସ ଟିମ୍ ପକ୍ଷରୁ ଏକ ବ୍ୟାପକ ସଚେତନତା ଓ କାର୍ଯ୍ୟାନୁଷ୍ଠାନ ଅଭିଯାନ ଆରମ୍ଭ କରାଯାଇଛି। ଏହି ଅଭିଯାନ ଅଧୀନରେ ଆଜି ୧୪ଟି ନକଲି ୱେବସାଇଟ୍ ବନ୍ଦ କରାଯାଇଛି। ଏହା ସହିତ ଭ୍ରମାତ୍ମକ ଓ ମିଥ୍ୟା ସୂଚନା ପ୍ରସାରଣ କରୁଥିବା ୮ଟି ସନ୍ଦିଗ୍ଧ ୟୁଆରଏଲକୁ ବ୍ଲକ୍ କରାଯାଇଛି। ଅନ୍ୟପଟରେ ମୋବାଇଲ୍ ହଜିଯିବା ସମ୍ପର୍କିତ ୨୫ଟି ଅଭିଯୋଗକୁ କେନ୍ଦ୍ରୀୟ ଉପକରଣ ପରିଚୟ ପଞ୍ଜିକା ପୋର୍ଟାଲରେ ପଞ୍ଜିକୃତ କରାଯାଇଛି। କ୍ରାଇମବ୍ରାଞ୍ଚ ଟିମ୍ ପୁରୀର ପ୍ରାୟ ୧୮ ଟି ପ୍ରମୁଖ ହୋଟେଲ ପରିଦର୍ଶନ କରି ସେମାନଙ୍କ ପରିଚାଳନା କର୍ତ୍ତୃପକ୍ଷଙ୍କୁ ରଥଯାତ୍ରା ସମୟରେ ହେଉଥିବା ନକଲି ହୋଟେଲ ବୁକିଂ ସ୍କାମ ବିଷୟରେ ଅବଗତ କରାଇଛନ୍ତି। ହୋଟେଲଗୁଡ଼ିକର ଅଫିସିଆଲ୍ ୱେବସାଇଟ୍ ଯାଞ୍ଚ କରାଯିବା ସହ ସେଥିରେ ଥିବା ସୁରକ୍ଷା ତ୍ରୁଟିକୁ ସୁଧାରିବା ପାଇଁ ପରାମର୍ଶ ଦିଆଯାଇଛି। ଏହାବ୍ୟତୀତ, ଟିମ୍ ପକ୍ଷରୁ ପ୍ରାୟ ୧୧୦୦ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କୁ ସାଇବର ସୁରକ୍ଷା ସମ୍ପର୍କିତ ଲିଫଲେଟ୍ ବଣ୍ଟନ କରାଯାଇଛି।

ବିଜେପି ରାଜ୍ୟ ପଦାଧିକାରୀ ଓ ଜିଲ୍ଲା ପ୍ରଭାରୀ ବୈଠକ

# ସଂଗଠନକୁ ବୁଥ୍‌ସ୍ତର ପର୍ଯ୍ୟନ୍ତ କରାଯିବ ସଶକ୍ତ

ଭୁବନେଶ୍ୱର,୧୫।୭(ସମିସ): ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ବୁଧବାର ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ପଦାଧିକାରୀ ଓ ଜିଲ୍ଲା ପ୍ରଭାରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପାର୍ଟିର ସାଂଗଠନିକ ଦୃଷ୍ଟିକୋଣରୁ ବୁଥ କମିଟିଠାରୁ ଆରମ୍ଭ କରି ମଣ୍ଡଳ କମିଟି ଓ ଜିଲ୍ଲା କମିଟି ସମେତ ସମସ୍ତ ମୋର୍ଚ୍ଚା ସଂପର୍କରେ ବିସ୍ତୃତ ଆଲୋଚନା କରାଯାଇଛି। ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କ୍ଷେତ୍ରୀୟ ପ୍ରଭାରୀ ତଥା ରାଷ୍ଟ୍ରୀୟ ସାଧାରଣ ସଂପାଦକ ସୁନୀଲ ବଂସଲ, ରାଜ୍ୟ ପ୍ରଭାରୀ




ବିଜୟ ପାଲ ସିଂ ତୋମାର, ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତିଙ୍କ ସମେତ ସମସ୍ତ ରାଜ୍ୟ ପଦାଧିକାରୀ ଏବଂ ଜିଲ୍ଲା ପ୍ରଭାରୀମାନେ ଉପସ୍ଥିତ ଥିଲେ। ସଂଗଠନକୁ ବୁଥ୍ ସ୍ତର ପର୍ଯ୍ୟନ୍ତ ସଶକ୍ତ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବାକୁ ବୈଠକରେ ବ୍ୟାପକ ଆଲୋଚନା ହୋଇଥିଲା। ବିଶେଷକରି ଆଗାମୀ ଦିନମାନଙ୍କରେ ହେବାକୁ ଥିବା ନିର୍ବାଚନ ପାଇଁ କାର୍ଯ୍ୟ ଖସଡା ପ୍ରସ୍ତୁତି ପ୍ରସଙ୍ଗରେ ଆଜିର ବୈଠକରେ ଆଲୋଚନା କରାଯାଇଛି। ସେହିପରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ମଧ୍ୟ ଆଲୋଚନା ହୋଇଛି। ନିକଟରେ ରାଜ୍ୟ ବିଜେପିର ମଣ୍ଡଳ ଓ ଜିଲ୍ଲାସ୍ତରୀୟ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ-୨୦୨୬ ସମାପ୍ତ ହୋଇଛି। ଆଗାମୀ ଦିନରେ ସମସ୍ତ ମୋର୍ଚ୍ଚାର ଏବଂ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଆଲୋଚନା ହୋଇଥିଲା।









# ଟ୍ରଲର ଟ୍ରାଜେଡି; ଆଉ ଜଣେ ମତ୍ସ୍ୟଜୀବୀଙ୍କ ମୃତଦେହ ଉଦ୍ଧାର

ଚନ୍ଦନେଶ୍ୱର, ୧୫।୭ (ସମିସ)



ବଙ୍ଗୋପସାଗରରେ ନିଖୋଜ ହୋଇଥିବା 'ଜୟ ମା କାଳୀ' ମାଛଧରା ଟ୍ରଲରକୁ କେନ୍ଦ୍ର କରି ଘଟିଥିବା ଭୟାବହ ଟ୍ରାଜେଡି ଦିନକୁ ଦିନ ଅଧିକ ହୃଦୟ ବିଦାରକ ରୂପ ନେଉଛି। ମଙ୍ଗଳବାର ସକାଳେ ଦୁର୍ଘଟଣାଗ୍ରସ୍ତ ଟ୍ରଲର ଭିତରୁ ଆଉ ଜଣେ ମତ୍ସ୍ୟଜୀବୀଙ୍କ ଗଳିତ ମୃତଦେହ ଉଦ୍ଧାର ହୋଇଥିବା ସୂଚନା ପଶ୍ଚିମବଙ୍ଗ ଟ୍ରଲର ସଂଘ ପକ୍ଷରୁ ମିଳିଛି। ପଶ୍ଚିମବଙ୍ଗର ପ୍ରାକ୍ତନ ବିଧାୟକ ତଥା ଟ୍ରଲର ସଂଘର ସମ୍ପାଦକ ସ୍ୱଦେଶ ନାୟକ ଫୋନ୍ ଯୋଗେ ଭୋଗରାଇ ବିଧାୟକଙ୍କୁ ଏହି ସୂଚନା ଦେଇଥିବା ଜଣାପଡ଼ିଛି। ଏହା ସହିତ ଟ୍ରଲରରୁ ଉଦ୍ଧାର ହୋଇଥିବା ମୃତଦେହ ସଂଖ୍ୟା ୧୦ରେ ପହଞ୍ଚିଛି। ତେବେ ଏବେ ବି ୫ ଜଣ ମତ୍ସ୍ୟଜୀବୀଙ୍କ କୌଣସି ସନ୍ଧାନ ମିଳିନଥିବାରୁ ସେମାନଙ୍କ ଜୀବନକୁ ନେଇ ଆଶଙ୍କା ଘନୀଭୂତ ହୋଇଛି। ଏହି ହୃଦୟବିଦାରକ ଘଟଣା ପରେ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ନାଚିନ୍ଦା ପଞ୍ଚାୟତ ଅଧୀନ ଉଲୁଡା ଗାଁରେ ଶୋକର ଛାୟା ଖେଳିଯାଇଛି। ଗାଁର ମଧୁସୂଦନ ମାଝୀଙ୍କ ତିନି ପୁଅ ରବୀନ୍ଦ୍ର, ଜଗନ୍ନାଥ ଓ ଜୟରାମ ମାଝଙ୍କ ପାଇଁ ପରିବାର ସହ ସମଗ୍ର ଗାଁ ଏବେ ଅନିଶ୍ଚିତତା ଓ ଦୁଃଖରେ ଭାଙ୍ଗିପଡ଼ିଛି।

ସୂଚନାଯୋଗ୍ୟ, ପଶ୍ଚିମବଙ୍ଗର ଦେଉଳୀ ବାଙ୍ଗଲା ଅଞ୍ଚଳର ମାଛ ବ୍ୟବସାୟୀ ଅଭିଜିତ ବେରାଙ୍କ ମାଲିକାନାରେ ଥିବା 'ଜୟ ମା କାଳୀ' ଟ୍ରଲର ଗତ ୨ ଜୁଲାଇରେ ଉଲୁଡାର ୩ ଜଣ ଓଡ଼ିଆ ମତ୍ସ୍ୟଜୀବୀଙ୍କ ସମେତ ମୋଟ ୧୫ ଜଣଙ୍କୁ ନେଇ ଇଲିଶି ମାଛ ଧରିବା ପାଇଁ ବଙ୍ଗୋପସାଗରକୁ ବାହାରିଥିଲା। ଚାରି ଦିନ ପରେ ଟ୍ରଲର ସହ ସମସ୍ତ ସମ୍ପର୍କ ବିଚ୍ଛିନ୍ନ ହୋଇଯାଇଥିଲା। ଏହା ପରେ ଓଡ଼ିଶା ଓ ପଶ୍ଚିମବଙ୍ଗ ସରକାରଙ୍କ ସମନ୍ୱୟରେ ବ୍ୟାପକ ଖୋଜାଖୋଜି ଅଭିଯାନ ଆରମ୍ଭ

**ମୃତକ ସଂଖ୍ୟା ୧୦କୁ ବୃଦ୍ଧି, ଏବେ ବି ୫ ନିଖୋଜ**

ହୋଇଥିଲା। ପରବର୍ତ୍ତୀ ସମୟରେ ଶଙ୍କରପୁର ମତ୍ସ୍ୟ ଅବତରଣ କେନ୍ଦ୍ରଠାରୁ ପ୍ରାୟ ୮୦ କିଲୋମିଟର ଦୂର କାକଦ୍ୱୀପ ନିକଟସ୍ଥ ଏକ ବାଲିଚଡ଼ାରେ ଟ୍ରଲରଟି ଓଲଟି ପଡ଼ି ଅଟକି ରହିଥିବା ଅବସ୍ଥାରେ ଠାବ କରାଯାଇଥିଲା। ବନ ବିଭାଗ ଓ ପୁଲିସର ସହଯୋଗରେ ଟ୍ରଲରଟିକୁ ଉଦ୍ଧାର କରି ଶଙ୍କରପୁରକୁ ଅଣାଯାଇଥିଲା। ସେଠାରେ ଟ୍ରଲର ଭିତରୁ ପର୍ଯ୍ୟାୟକ୍ରମେ ଗଳିତ ମୃତଦେହଗୁଡ଼ିକ ଉଦ୍ଧାର କରାଯାଉଛି। ମୃତଦେହଗୁଡ଼ିକ ଅତ୍ୟଧିକ ଗଳିତ ହୋଇଯାଇଥିବାରୁ ସେଗୁଡ଼ିକର ପରିଚୟ ଚିହ୍ନଟ କରିବା ସମ୍ଭବ ହେଉନାହିଁ। ଏଥିପାଇଁ କାକଦ୍ୱୀପ ମେଡିକାଲ କର୍ତ୍ତୃପକ୍ଷ ୧୫ଟି ପରିବାରର ସଦସ୍ୟଙ୍କ ରକ୍ତ ନମୁନା ସଂଗ୍ରହ କରି କୋଲକାତାର ବେଲଗାଛିଆ ଫରେନସିକ୍ ଲାବରେଟରୀକୁ ପଠାଇଛନ୍ତି। ସାତ ଦିନ ମଧ୍ୟରେ ଡିଏନଏ ପରୀକ୍ଷା ରିପୋର୍ଟ ଆସିବା ପରେ ମୃତଦେହଗୁଡ଼ିକର ପ୍ରକୃତ ପରିଚୟ ସ୍ପଷ୍ଟ ହେବ ବୋଲି ସୂଚନା ମିଳିଛି। ଏପଟେ ନିଖୋଜ ମତ୍ସ୍ୟଜୀବୀଙ୍କ ପରିବାର ଆଶା ଓ ଆଶଙ୍କା ମଧ୍ୟରେ ଦିନ କାଟୁଥିବାବେଳେ, ଉଲୁଡା ସମେତ ସମଗ୍ର ଭୋଗରାଇ ଅଞ୍ଚଳରେ ଶୋକର ପରିବେଶ ସୃଷ୍ଟି ହୋଇଛି। ଅବଶିଷ୍ଟ ୫ ଜଣଙ୍କ ସନ୍ଧାନ ଓ ଡିଏନଏ ରିପୋର୍ଟକୁ ଏବେ ସମସ୍ତଙ୍କ ଅପେକ୍ଷା।

## କ୍ଷୁଦ୍ର ହିନ୍ଦୀ ଚଳଚ୍ଚିତ୍ର ନିର୍ମାଣ କରି ଶୁଭକଲ୍ୟାଣ ସମ୍ମାନିତ

ନୀଳଗିରି, ୧୫।୭ (ସମିସ): ନୀଳଗିରି ମାଟିର ପୁଅ କ୍ଷୁଦ୍ର ହିନ୍ଦୀ ଚଳଚ୍ଚିତ୍ର ନିର୍ମାଣ କରି ବାଙ୍ଗାଲୋର ଆନ୍ତର୍ଜାତିକ ସର୍ଟ ଫିଲ୍ମ ଫେଷ୍ଟିଭାଲରେ ସମ୍ମାନିତ ହେବା ଗତ ୧୩ ତାରିଖରେ ଭୁବନେଶ୍ୱରରେ ଅନୁଷ୍ଠିତ ଓଲିଉଡ ଇଣ୍ଟରନେସନାଲ ଫିଲ୍ମ ଫେଷ୍ଟିଭାଲରେ ଶ୍ରେଷ୍ଠ କ୍ଷୁଦ୍ର ଚଳଚ୍ଚିତ୍ର (ହିନ୍ଦୀ)ରେ ପୁରସ୍କୃତ ହୋଇଛନ୍ତି। ନୀଳଗିରି ଥାନା ଅନ୍ତର୍ଗତ କାନପୁର ସନ୍ତରାଗଡିଆ ଅଞ୍ଚଳର ଯୁବ ଆଇଟି ଇଞ୍ଜିନିୟର ଯିଏ କି ବାଙ୍ଗାଲୋରରେ ଏକ ପ୍ରତିଷ୍ଠିତ ଏମ୍.ଏନ୍.ସି ରେ ଚାକିରି କରୁଥିବା ଶୁଭ କଲ୍ୟାଣ ପଟ୍ଟନାୟକ ଅନେକ କ୍ଷୁଦ୍ର ଚଳଚ୍ଚିତ୍ର ନିର୍ମାଣ କରି ସୁନାମ ଅର୍ଜନ କରିଛନ୍ତି। ତାଙ୍କର କେତେକ ଚଳଚ୍ଚିତ୍ର ପୁରସ୍କୃତ ହୋଇଥିବା



ସ୍ଥଳେ ନିକଟରେ ରିଲିଜ୍ ହୋଇଥିବା ଇକୋଜ ଅଫ୍ ସାଇଲେନ୍ସ କ୍ଷୁଦ୍ର ଚଳଚ୍ଚିତ୍ର ଓଲିଉଡ ଆନ୍ତର୍ଜାତିକ ଚଳଚ୍ଚିତ୍ର ଉତ୍ସବରେ ହିନ୍ଦୀ ଭାଷାରେ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ପୁରସ୍କୃତ ହୋଇଛି। ଇଣ୍ଡିଆନ ଫିଲ୍ମ ମେକର୍ସ ଆସୋସିଏସନ୍ ଦ୍ୱାରା ଆୟୋଜିତ ଉକ୍ତ ଉତ୍ସବକୁ ମାନ୍ୟବର ବିଧାୟକ ଶ୍ରୀ ବାବୁ ସିଂ ଉଦଘାଟନ କରିଥିଲେ। ଭାରତ ର ଅନେକ ଭାଷା ରେ ଚଳଚ୍ଚିତ୍ର ଏଥିରେ ପ୍ରଦର୍ଶିତ ହୋଇଥିଲା। ଭୁବନେଶ୍ୱର ଜୟଦେବ ଭବନ ଠାରେ ଅନୁଷ୍ଠିତ ଏହି ଉତ୍ସବରେ ଅନେକ ନାମୀଦାମୀ ଚଳଚ୍ଚିତ୍ର ନିର୍ମାତା, ଅଭିନେତା, ଅଭିନେତ୍ରୀ ଓ ବିଶିଷ୍ଟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ।

## ମହାବୀର ଆବାସିକ ବିଦ୍ୟାଳୟରେ ଉତ୍କଳମଣିଙ୍କ ଶ୍ରାଦ୍ଧ ଉତ୍ସବ



ରେମୁଣା, ୧୫।୭ (ସମିସ): ଗୁଡୁଦା ପଞ୍ଚାୟତ ଅଧୀନସ୍ଥ ତୋଟାପଡା ଗ୍ରାମସ୍ଥ ମହାବୀର ଆବାସିକ ବିଦ୍ୟାଳୟରେ ପୁଣ୍ୟାତ୍ମା ଉତ୍କଳମଣି ଗୋପବନ୍ଧୁଙ୍କ ୯୮ତମ ଶ୍ରାଦ୍ଧୋତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ଡ଼. ଭାଗବତ ପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଅନୁଷ୍ଠାନର ପ୍ରତିଷ୍ଠାତା ଗୟା ପ୍ରସାଦ ମାହାର୍ଣ୍ଣା, ମୁଖ୍ୟବକ୍ତା ନାଟ୍ୟକାର ପ୍ରଦୀପ କୁମାର ମିଶ୍ର, ସମ୍ମାନନୀୟ ଅତିଥି ନରୋତ୍ତମ ମାହାର୍ଣ୍ଣା, ଅର୍ପିତା ରାଉତ, ରାଧାଗୋବିନ୍ଦ ମାହାର୍ଣ୍ଣା, ଯୋଗଦେଇ ଦୁଃଖୀଜନର ବନ୍ଧୁ ଗୋପବନ୍ଧୁଙ୍କ ଜୀବନର ମହନୀୟ ଗୁଣାବଳୀ ଆଲୋଚନା କରି ତାଙ୍କରି ଆଦର୍ଶରେ ସମସ୍ତେ ଅନୁପ୍ରାଣିତ ହେବାପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଅତିଥି ପରିଚୟ ଦେଇଥିବାବେଳେ ମିତାଞ୍ଜଳି ଜେନା ଧନ୍ୟବାଦ ଦେଇଥିଲେ। ସଭାରେ ଗୋପବନ୍ଧୁଙ୍କ ସମ୍ପର୍କରେ ଅନୁଷ୍ଠିତ ପ୍ରତିଯୋଗିତାରେ କୃତିତ୍ୱଲାଭ କରିଥିବା ଛାତ୍ରଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଆଲିଶା ଜେନା, ତପସ୍ୱିନୀ ପ୍ରଧାନ, ମାନିନି ମୋନିକା ଦାସ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ।

## ସମୁଦ୍ର ମଝିରେ ଟ୍ରଲର ବୁଡ଼ି ଘଟଣା | 'ଅନୁସନ୍ଧାନ ଓ ଉଦ୍ଧାର କାର୍ଯ୍ୟରେ ଉଭୟ ରାଜ୍ୟର ସରକାର ଫେଲ୍'

ବାଲେଶ୍ୱର(ଉତ୍ତର), ୧୫।୭ (ସମିସ): ପଶ୍ଚିମବଙ୍ଗ ଶଙ୍କରପୁର ମତ୍ସ୍ୟ ଅବତରଣ କେନ୍ଦ୍ରରୁ ନିଖୋଜ ହୋଇଥିବା ଟ୍ରଲର ବକଖାଲି ଗଭୀର ସମୁଦ୍ରରୁ ଉଦ୍ଧାର ପରେ ଏହି ଟ୍ରଲରେ ଥିବା ୧୫ ମତ୍ସ୍ୟଜୀଙ୍କ ମଧ୍ୟରୁ ଅଦ୍ୟାବଧି ୧୦ ଜଣଙ୍କ ମୃତଦେହ ଉଦ୍ଧାର ଓ ୫ ନିଖୋଜ ହେବା ଘଟଣା ସମସ୍ତଙ୍କୁ ବ୍ୟଥିତ କରିଛି। ଅନୁସନ୍ଧାନ ଓ ଉଦ୍ଧାର କାର୍ଯ୍ୟରେ ଉଭୟ ରାଜ୍ୟରେ ଚାଲିଥିବା ଡବଲ ଇଞ୍ଜିନ ସରକାର ସମ୍ପୂର୍ଣ୍ଣ ଫେଲ ମାରିଛନ୍ତି। ଉଭୟ ରାଜ୍ୟର ଉଦାସୀନତା ଓ ଅପାରଗତା ଯୋଗୁଁ ପେଟର ଦାନା ଖୋଜିବାକୁ ଯାଇ ମତ୍ସ୍ୟଜୀବୀଙ୍କୁ ଅଦ୍ୟାବଧି ଉଦ୍ଧାର ନହେବା ସରକାରଙ୍କ ପାରିବା ପଣିଆ ଉପରେ ପ୍ରଶ୍ନ ବାଚୀ ସୃଷ୍ଟି କରିଛି ବୋଲି ଆଜି ଭୋଗରାଇ ବ୍ଲକ ଦେହୁର୍ଦ୍ଧା ସ୍ଥିତ ବିଜେଡି କାର୍ଯ୍ୟାଳୟଠାରେ ବିଜେଡି ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଗୌତମ ବୁଦ୍ଧ ଦାସ କହିଛନ୍ତି କ୍ଷଭୋଗରାଇ ଉଲୁଡ଼ା ଗ୍ରାମର ମାଝୀ ପରିବାରରୁ ୩ ଭାଇ ନିଖୋଜ ଥିବାରୁ ଗତ ୯ ତାରିଖରେ ସେ ଓଡ଼ିଶା ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନର (ଏସଆରସି)ଙ୍କୁ ଚିଠି ଲେଖି ତୁରନ୍ତ ସର୍ଚ୍ଚ ଅପରେସନ ଆରମ୍ଭ କରିବାକୁ ଅନୁରୋଧ କରିଥିବାବେଳେ ରାଜ୍ୟସରକାର ଏହି ଘଟଣାକୁ ଗୁରୁତ୍ୱ ନ ଦେଇ ନିଦାବିଷ୍ଟୁ ସାଜିବା ସରକାରଙ୍କ ଅପାରଗତା ଓ ବିଫଳତାକୁ ଦର୍ଶାଉଛି ବୋଲି ବିଧାୟକ ଅଭିଯୋଗ କରିଛନ୍ତି। ୧୨ ତାରିଖରେ ୯ ଜଣଙ୍କ ମୃତଦେହ କାକଦ୍ୱୀପ ଡାକ୍ତରଖାନାରେ ବ୍ୟବଚ୍ଛେଦ ହେବାପରେ ଏସଆରସି ୧୩ ତାରିଖରେ ବାଲେଶ୍ୱର ଜିଲ୍ଲାପାଳଙ୍କୁ କେବଳ ଘଟଣା ସମ୍ପର୍କରେ ଅବଗତ କରାଇଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ବିଧାୟକ ଶ୍ରୀ ଦାସ ଆହୁରି କହିଛନ୍ତି ଯେ, ଘଟଣାରେ ପ୍ରଭାବିତ ଭୋଗରାଇର ୩ଟି ପରିବାରଙ୍କୁ ଆଜି ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ କୌଣସି ମନ୍ତ୍ରୀ କିମ୍ବା ବରିଷ୍ଠ ଅଧିକାରୀ ଭେଟିନାହାନ୍ତି। ସରକାରୀ ସହାୟତା ମଧ୍ୟ ପହଞ୍ଚିନାହିଁ। କେବଳ ଜଣେ ଅଧିକାରୀଙ୍କୁ କାକଦ୍ୱୀପ ପଠାଇ ଦାୟିତ୍ୱ ସାରିଦିଆଯାଇଛି। ଏଭଳି ସ୍ଥିତିରେ ସମୁଦ୍ର ଗର୍ଭରେ ନିଖୋଜଥିବା ରବୀନ୍ଦ୍ର ମାଝୀ, ଜଗନ୍ନାଥ ମାଝୀ ଓ ଜୟଦେବ ମାଝୀ ପରିବାରକୁ ୨୦ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ରାଶି ପ୍ରଦାନ କରିବା,




**ମୃତକ ପରିବାରକୁ ୨୦ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ପ୍ରଦାନ ଦାବି**

ନିଖୋଜ ଥିବା ମତ୍ସ୍ୟଜୀବୀଙ୍କ ପରିବାରର ସମସ୍ତ ଦାୟିତ୍ୱ ଓ ନିଖୋଜ ଥିବା ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କାର୍ଯ୍ୟ ନିମନ୍ତେ ସକ୍ରିୟ କରିବା ପାଇଁ ସେ ସରକାରଙ୍କୁ ଚିଠି ଲେଖି ଦାବି ଜଣାଇଥିବା ସୂଚନା ଦେଇଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ବିଜେଡି କାର୍ଯ୍ୟକାରୀ ସଭାପତି ଗଣପତି ଗିରି, ଜିଲା ବିଜେଡି ଜିଲା ଉପସଭାପତି ତପନ କୁମାର ପଣ୍ଡା,ବଜେଡି ବ୍ଲକ ସମ୍ପାଦକ ହେମନ୍ତ କୁମାର ବେହେରା, ବରିଷ୍ଠ ନେତା ନଳିନୀ ସେଠୀ, ପ୍ରମୁଖ ଉପସ୍ଥିତ ଥିଲେ।

## ଫକୀରମୋହନ ମେଡିକାଲ କଲେଜରେ ପ୍ରଧାନମନ୍ତ୍ରୀ ଦିବ୍ୟାଶା କେନ୍ଦ୍ର ଉଦ୍‌ଘାଟିତ

ରେମୁଣା, ୧୫।୭ (ସମିସ): ଫକୀରମୋହନ ମେଡିକାଲ କଲେଜ ଏବଂ ହସ୍ପିଟାଲ ପରିସରରେ ପ୍ରଧାନମନ୍ତ୍ରୀ ଦିବ୍ୟାଶା କେନ୍ଦ୍ରର ଶୁଭ ଉଦ୍‌ଘାଟନ ଅନୁଷ୍ଠିତ ହୋଇଯାଇଛି। ଦିବ୍ୟାଙ୍ଗଜନଙ୍କୁ ଆବଶ୍ୟକୀୟ ସହାୟକ ଉପକରଣ ଓ କୃତ୍ରିମ ଅଙ୍ଗ ସମ୍ପୂର୍ଣ୍ଣ ନିଶୁଳ୍କରେ ଯୋଗାଇ ଦେବା ଉଦ୍ଦେଶ୍ୟରେ ଏହି କେନ୍ଦ୍ର ସ୍ଥାପିତ ହୋଇଛି। ଏହା ଦ୍ୱାରା ଜିଲ୍ଲା ସମେତ ଆଖପାଖ ଅଞ୍ଚଳର ଦିବ୍ୟାଙ୍ଗଜନମାନେ ସହଜରେ ଆବଶ୍ୟକୀୟ ସେବା ଓ ସହାୟକ ସାମଗ୍ରୀ ପାଇପାରିବେ। ଉଦଘାଟନୀ ଉତ୍ସବ ଉପଲକ୍ଷେ ଆୟୋଜିତ ସଭାରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସରକାରୀ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ସଦର ବିଧାୟକ ମାନସ କୁମାର ଦତ୍ତ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ବସ୍ତା ବିଧାୟିକା ସୁବାସିନୀ ଜେନା, ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ଈଶ୍ୱର ଚନ୍ଦ୍ର ବେହେରା, ଫକୀରମୋହନ ମେଡିକାଲ କଲେଜର ଡିନ୍ ପ୍ରଫେସର ଡଃ ଜ୍ଞାନେନ୍ଦ୍ର ବେହେରା, ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଉପଜିଲ୍ଲାପାଳ ଶ୍ରୀ ସି. ମାଲବ୍ୟଙ୍କ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ



ଆସିଥିବା ବହୁ ସଂଖ୍ୟକ ଦିବ୍ୟାଙ୍ଗଜନ ଓ ସାଧାରଣ ଲୋକ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମ ଶେଷରେ ଅତିଥିମାନେ ଦିବ୍ୟାଙ୍ଗ ଭାଇଭଉଣୀମାନଙ୍କୁ ଇ-ରିକ୍ସା, ହୁଇଲଚେୟାର, ଶ୍ରବଣ ଯନ୍ତ୍ର, ସହାୟକ ବଡି ସପୋର୍ଟ, କୃତ୍ରିମ ଅଙ୍ଗ ସମେତ ବିଭିନ୍ନ ସହାୟକ ଉପକରଣ ବଣ୍ଟନ କରିଥିଲେ। ବକ୍ତାମାନେ ନିଜ ଅଭିଭାଷଣରେ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ଦିବ୍ୟାଶା କେନ୍ଦ୍ର ଦିବ୍ୟାଙ୍ଗଜନଙ୍କ ସଶକ୍ତିକରଣ ଦିଗରେ ଏକ ଯୁଗାନ୍ତକାରୀ ପଦକ୍ଷେପ। ଏହି କେନ୍ଦ୍ର ମାଧ୍ୟମରେ ଦିବ୍ୟାଙ୍ଗଜନମାନେ ଆଧୁନିକ ସହାୟକ ଉପକରଣ ସହଜରେ ଓ ସମ୍ପୂର୍ଣ୍ଣ ନିଶୁଳ୍କରେ ପାଇ ନିଜ ଜୀବନକୁ ଅଧିକ ସ୍ୱାବଲମ୍ବୀ ଓ ସମ୍ମାନଜନକ କରିପାରିବେ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ୭୭ତମ ବନ ମହୋତ୍ସବ

ଚନ୍ଦନେଶ୍ୱର, ୧୫।୭ (ସମିସ) : ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଭୋଗରାଇ ବ୍ଲକ ଅନ୍ତର୍ଗତ କାନ୍ଥଭଉଁରୀ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ୭୭ତମ ବନମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ, ପରିବେଶ ସଚେତନତା ସଭା ଏବଂ ପ୍ରକୃତି ସୁରକ୍ଷା ସମ୍ପର୍କିତ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା। ଜଳବାୟୁ ପରିବର୍ତ୍ତନ, ବନ ସଂରକ୍ଷଣ ଏବଂ ପରିବେଶ ସନ୍ତୁଳନ ବଜାୟ ରଖିବାରେ ବୃକ୍ଷର ଭୂମିକା ଉପରେ ବକ୍ତାମାନେ ବିସ୍ତୃତ ମତ ରଖିଥିଲେ। ଅବସରପ୍ରାପ୍ତ ପିସିସିଏଫ ତଥା ବିଶିଷ୍ଟ ପରିବେଶବିତ୍ ଡ଼. ଦେବବ୍ରତ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ବିଶ୍ୱବ୍ୟାପୀ ଜଳବାୟୁ ପରିବର୍ତ୍ତନ ମଣିଷ ସମାଜ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହୋଇଛି। ଏହାର ମୁକାବିଲା ପାଇଁ ବନ ସଂରକ୍ଷଣ ଓ ବୃକ୍ଷରୋପଣ ହିଁ ସବୁଠାରୁ ପ୍ରଭାବଶାଳୀ ପଦକ୍ଷେପ। ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବନରେ ଅତି କମରେ ଗୋଟିଏ ଗଛ ଲଗାଇ ତାହାକୁ ବଡ଼ କରିବାର ଦାୟିତ୍ୱ ନେବା ଉଚିତ ବୋଲି ସେ ମତ ପ୍ରକାଶ କରିଥିଲେ। ପ୍ରଜାପତି ବ୍ରହ୍ମକୁମାରୀ ଚନ୍ଦନେଶ୍ୱର କେନ୍ଦ୍ରର ପରିଚାଳିକା ବ୍ରହ୍ମା କୁମାରୀ ଶିବାନୀ କହିଥିଲେ, ପ୍ରକୃତିର ସୁରକ୍ଷା ଓ ମଣିଷର ଆଧ୍ୟାତ୍ମିକ ଉନ୍ନତି ପରସ୍ପର ସହ ଜଡ଼ିତ। ପ୍ରକୃତିକୁ ଭଲ ପାଇବା ଏବଂ ସବୁଜ ପରିବେଶ ସୃଷ୍ଟି କରିବା ପ୍ରତ୍ୟେକ ନାଗରିକଙ୍କ ନୈତିକ କର୍ତ୍ତବ୍ୟ। ବ୍ରହ୍ମା କୁମାରୀ ଗୀତା ମଧ୍ୟ ପରିବେଶ ସୁରକ୍ଷା ପାଇଁ ସମସ୍ତଙ୍କ ସହଯୋଗର ଆହ୍ୱାନ ଦେଇଥିଲେ। ଭାରପ୍ରାପ୍ତ ରେଞ୍ଜ ଅଫିସର ସଞ୍ଜୟ କୁମାର ମହାନ୍ତି ବନ ବିଭାଗ ପକ୍ଷରୁ ଚାଲିଥିବା ବିଭିନ୍ନ ବନୀକରଣ କାର୍ଯ୍ୟକ୍ରମ, ସାମାଜିକ ବନୀକରଣ ଯୋଜନା ଓ ବୃକ୍ଷରୋପଣ ଅଭିଯାନ ସମ୍ପର୍କରେ ସୂଚନା ଦେଇ ସାଧାରଣ ଜନତାଙ୍କ ସକ୍ରିୟ ଅଂଶଗ୍ରହଣ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ସରିତା କର ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ପ୍ରକୃତି ନିବାସର ସଭାପତି ବଳରାମ ପାତ୍ର, କାନ୍ଥଭଉଁରୀ ପଞ୍ଚାୟତର ସଦସ୍ୟ ପ୍ରଦୀପ ଦାସ, ସାମ୍ବାଦିକ ବନମାଳୀ ବେହେରା ଏବଂ ଶିବଶଙ୍କର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ବୃକ୍ଷରୋପଣକୁ ଏକ ଜନଆନ୍ଦୋଳନରେ ପରିଣତ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଜଣାଇଥିଲେ। ପରେ ଅତିଥି ଓ ଉପସ୍ଥିତ ଅନ୍ୟମାନଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରଜାତିର ଫଳଜ, ଔଷଧୀୟ ଓ ଛାୟାପ୍ରଦ ବୃକ୍ଷ ଚାରା ରୋପଣ କରାଯାଇଥିଲା।




## ଭିନ୍ନକ୍ଷମ ହିତାଧିକାରୀଙ୍କୁ ମିଳୁନି ବର୍ଦ୍ଧିତ ଭତ୍ତା

ଜଳେଶ୍ୱର,୧୫।୭ (ସମିସ): ୮୦% ଭିନ୍ନକ୍ଷମ ପ୍ରମାଣ ପତ୍ର ପାଇଥିବା ହିତାଧିକାରୀଙ୍କୁ ୩୫ ଶହ ଟଙ୍କା ବର୍ଦ୍ଧିତ ଭତ୍ତା ଦେବା ଲାଗି ସରକାର ଘୋଷଣା କରିଥିବା ବେଳେ ଆର୍ଥିକ ଚାପ ଯୋଗୁଁ ୭୫% ପ୍ରମାଣ ପତ୍ର ଦେଉଥିବା ଅଭିଯୋଗ ହୋଇଛି। ଜଳେଶ୍ୱର ବ୍ଲକ ରାୟା ରାମଚନ୍ଦ୍ରପୁର ପଞ୍ଚାୟତ ବାଘମାରି ଗାଁର ମଧୁସୂଦନ ରାଉତଙ୍କ ପୁଅ ଆଶିଷ ୨୪ ବର୍ଷଧରି ଦୁର୍ଦ୍ଦଶା ଭୋଗୁଛି। ବୁଢା ବୟସରେ ପୁଅର ସେବା ପାଇବା ପରିବର୍ତ୍ତେ ସମସ୍ତ ଦୈନନ୍ଦିନ କାର୍ଯ୍ୟ ବାପା ମାଁ କରୁଛନ୍ତି। ଆଶିଷ ମାନସିକ, ଶାରୀରିକ ଭାବେ ସମ୍ପୂର୍ଣ୍ଣ ଅକ୍ଷମ ହୋଇଥିବା ସତ୍ତ୍ୱେ ସାନ୍ତିଆସ୍ଥିତ ଭିନ୍ନକ୍ଷମ ଚିହ୍ନଟ ଶିବିରରେ ୭୫% ପ୍ରମାଣ ପତ୍ର ଧରେଇବା, ଦିବ୍ୟାଙ୍ଗଙ୍କୁ ଉପହାସ ବୋଲି ମା' ରେଖାମଣି କହିଛନ୍ତି। ତେଣୁ ଆଶିଷ କୁ ପୁନର୍ବାର ପରୀକ୍ଷା କରି ଶତପ୍ରତିଶତ ଭିନ୍ନକ୍ଷମ ପ୍ରମାଣ ପତ୍ର ଦେବାକୁ ସାଧାରଣରେ ଦାବି କରାଯାଇଛି।

## ରଥପୂର୍ବରୁ କାର୍ଯ୍ୟକାରୀ ହେଲାନି ମାଟିତଳ ବିଦ୍ୟୁତ୍ କେବୁଲ୍

**● ଭିଜିଲାନ୍ସ ତଦନ୍ତ ଦାବିକଲେ ଚିତ୍ତ ଷଡ଼ଙ୍ଗୀ**



ନୀଳଗିରି, ୧୫।୭ (ସମିସ): ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ରଥଦାଣ୍ଡରେ ନିରବିଚ୍ଛିନ୍ନ ବିଦ୍ୟୁତ୍ ସେବା ପାଇଁ ସ୍ଥାନୀୟ ସାଂସଦ ଓ ବିଧାୟକଙ୍କ ପ୍ରଚେଷ୍ଟାରେ ଏକବର୍ଷ ପୂର୍ବେ ମାଟିତଳେ ବିଦ୍ୟୁତିକରଣ କାମହୋଇ ଚଳିତ ରଥଯାତ୍ରା ପୂର୍ବରୁ କାର୍ଯ୍ୟକ୍ଷମ ହେବାର ଥିଲା। ଯାହା ସମ୍ପୂର୍ଣ୍ଣହୋଇ ଏହି ବାବଦକୁ ବିଲପୈଠ ହୋଇଥିବା ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ ଆଜି ଅପରାହ୍ନ ୩.୩୦ରେ ନୀଳଗିରି ସେନାପତି ପ୍ରେସ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଉଲ୍ଲେଖ କରିଛନ୍ତି। ମାଟିତଳେ କେବୁଲ ଲାଇନ୍ କାର୍ଯ୍ୟକ୍ଷମ ହେବାପରିବର୍ତ୍ତେ ବିଭାଗ ମାଟିଉପରେ ଏଲେକ୍ଟ୍ରି ଖୁଣ୍ଟପୋତି କରେଣ୍ଟ ଦିଆଯାଇଥିବା ଦେଖିବାକୁ ମିଳିଛି। ଯାହାଫଳରେ ଅଣ୍ଡରଗ୍ରାଉଣ୍ଡ କେବୁଲ ବିଛାଇବା ବାବଦରେ ୮ କୋଟିରୁ ଅଧିକ ଟଙ୍କାର ରାଜସ୍ୱ ହରିଲୁଟ୍ ହୋଇଥିବା ଅଭିଯୋଗ ଆଣି ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ। ସରକାର ଦିଲ୍ଲୀରୁ 'ମାର୍ବଲ ଏଣ୍ଟରପ୍ରାଇଜର୍ସ" ନାମକ ଠିକାସଂସ୍ଥାକୁ ଏହି ଅଣ୍ଡରଗ୍ରାଉଣ୍ଡ କେବୁଲ ସଂଯୋଗପାଇଁ କାର୍ଯ୍ୟାଦେଶ ଦିଆଯାଇଥିବାରୁ ଓଡ଼ିଆ ଠିକାଦାରଙ୍କୁ ଉପହାସ କରାଯାଇଥିବା ଅଭିଯୋଗ ଆଣିଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ଉପରୋକ୍ତ ଠିକାସଂସ୍ଥା ମାଟିଉପରେ ମଧ୍ୟ ଖୁଣ୍ଟ ପୋତୁଥିବାରୁ ଏଥିରେ ଘୋଟାଲା ହୋଇଥାଇପାରେ ବୋଲି ଅଭିଯୋଗ ଆଣି ଏହାର ଉଚ୍ଚସ୍ତରୀୟ ତଦନ୍ତ ସହ ଭିଜିଲାନ୍ସ ତଦନ୍ତ ଦାବୀକରି ମୁଖ୍ୟମନ୍ତ୍ରୀଙ୍କୁ ଚିଠି କରିଛନ୍ତି। ଏଥିସହିତ ବିଭାଗୀୟ ମନ୍ତ୍ରୀ, ମୁଖ୍ୟଶାସନ ସଚିବ, ଭିଜିଲାନସ୍ ଡି.ଜି, ବାଲେଶ୍ୱର ଜିଲ୍ଲାପାଳ, ଏସ. ପି ଭିଜିଲାନ୍ସଙ୍କୁ ଅବଗତ କରାଇଥିବା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ଗ୍ରାମ ମଝିରେ କୁକୁଡା ଫାର୍ମକୁ ଗ୍ରାମବାସୀଙ୍କ ବିରୋଧ

**● ଥାନାରେ ଏତଲା ଦେଲେ ତହସିଲଦାର**

ସୋର,୧୫।୭ (ସମିସ): ସୋର ବ୍ଲକ କୁଡେଇ ଗ୍ରାମ ମଧ୍ୟରେ ଥିବା ଏକ କୁକୁଡା ଫାର୍ମକୁ ଗ୍ରାମବାସୀ ମାନେ ବିରୋଧ କରିବା ପରେ ସୋର ତହସିଲଦାରଙ୍କ ତରଫରୁ କୁକୁଡା ଫାର୍ମର ମାଲିକଙ୍କ ନାମରେ ସୋର ଥାନାରେ ଅଭିଯୋଗ ହୋଇଥିବା ଜଣାପଡିଛି। ଅଭିଯୋଗ ଅନୁସାରେ କୁଡେଇ ଗ୍ରାମର ବସନ୍ତ ଦାସ ନିଜ ଘର ନିକଟରେ ଏକ କୁକୁଡା ଫାର୍ମ କରିଛନ୍ତି। କୁକୁଡା ଫାର୍ମଟି ଗ୍ରାମ ମଝିରେ ହୋଇଥିବାରୁ ଦୁର୍ଗନ୍ଧ ସାଙ୍ଗକୁ ଗ୍ରାମରେ ଅସ୍ୱାସ୍ଥ୍ୟକର ପରିବେଶରେ ଗ୍ରାମବାସୀ ଦିନ କାଟୁଥିବା ନେଇ ଗତ ମାର୍ଚ୍ଚ ମାସରେ ସୋର ତହସିଲଦାର ଓ ସୋର ଥାନାରେ ଅଭିଯୋଗ କରିଥିଲେ। ପରେ ଏପ୍ରିଲ ମାସରେ ଉପ ଜିଲ୍ଲାପାଳଙ୍କ ସମେତ ବିଭିନ୍ନ ବିଭାଗରେ ଅଭିଯୋଗ କରିବା ପରେ ଉପ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ତହସିଲ ପକ୍ଷରୁ ତଦନ୍ତ କରାଯାଇଥିଲା। ତଦନ୍ତ ପରେ ଆଜି ସୋର ତହସିଲଦାର କୃଷ୍ଣ ମୋହନ ସିଂହ ସୋର ଥାନାରେ କୁକୁଡା ଫାର୍ମର ମାଲିକ ବସନ୍ତ ଦାସଙ୍କ ନାମରେ ଅଭିଯୋଗ କରିଥିବା ଜଣାପଡିଛି। ଅଭିଯୋଗ ମୂଳେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ରକ୍ତଦାନ ଶିବିର ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ

ବାଲେଶ୍ୱର,୧୫।୭ (ସମିସ): ସେରଗଡ଼ସ୍ଥିତ ଜଗନ୍ନାଥ ସର୍ଭିସ୍ ଷ୍ଟେସନ୍‌ରେ ରକ୍ତଦାନ ଶିବିର, ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଚପିସିଏଲର ଏରିଆ ସେଲସ୍ ମ୍ୟାନେଜର୍ ଆଦିତ୍ୟ କୁମାର ଗିରି, ଜଗନ୍ନାଥ ସର୍ଭିସ୍ ଷ୍ଟେସନ୍ର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଲକ୍ଷ୍ମୀ ନାରାୟଣ ମହାନ୍ତି, ଜିଲ୍ଲା ରକ୍ତଭଣ୍ଡାର ଅଧିକାରୀ ଡାକ୍ତର ବସନ୍ତ କୁମାର ଉପାଧ୍ୟାୟ ପ୍ରମୁଖ ମିଳିତ ଭାବେ ଏହି ଶିବିରକୁ ଉଦ୍‌ଘାଟନ କରିବା ସହିତ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରତିବର୍ଷ ଏଚପିସିଏଲର ପ୍ରତିଷ୍ଠା ଦିବସ ଅବସରରେ ଜଗନ୍ନାଥ ସର୍ଭିସ୍ ଷ୍ଟେସନ୍ ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିର ଅନୁଷ୍ଠିତ ହେଇଥିଲା। ଜରୁରୀ ସମୟରେ ରକ୍ତଦାନ ଦ୍ୱାରା ଜଣେ ବ୍ୟକ୍ତିର ଅମୂଲ୍ୟ ଜୀବନ ବଂଚି ପାରୁଛି। ତେଣୁ ଏହିଭଳି ଶିବିର ମାଧ୍ୟମରେ ରକ୍ତଦାନ ପାଇଁ ସବୁବର୍ଗର ଲୋକ ଆଗେଇ ଆସିବା ପାଇଁ ଜଗନ୍ନାଥ ସର୍ଭିସ୍ ଷ୍ଟେସନ୍‌ର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ମହାନ୍ତି କହିଥିଲେ। ସେହିପରି ଆବଶ୍ୟକ ପରିମାଣରେ ପେଟ୍ରୋଲ, ଡିଜେଲ ସାଙ୍ଗକୁ ଇନ୍ଧନ ବ୍ୟବହାର କରିବା ସହ ପରିବେଶ ସୁରକ୍ଷା ପାଇଁ ଗଛ ଲଗାଇବା ପାଇଁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ରକ୍ତଦାନ ଶିବିର ପରେ ବରୁଣସିଂ ପଞ୍ଚାୟତର ନୀଳଗିରି ରୋଡ୍ ଦାଶରଥି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା।

# ବନ୍ୟାପାଣି ଆସିବା ପୂର୍ବରୁ ନଦୀ କୂଳେ କୂଳେ ବିପୁଳ ବାଲି ଗଚ୍ଛିତ

ଜଳେଶ୍ୱର, ୧୫।୭ (ସମିସ)



ସୁବର୍ଣ୍ଣରେଖା ନଦୀରେ ବନ୍ୟାପାଣି ଆସିବା ପୂର୍ବରୁ ଉପକୂଳ ଗ୍ରାମ ଗୁଡିକରେ କୋଟିକୋଟି ଟଙ୍କାର ଚୋରା ବାଲି ଗଚ୍ଛିତ ରଖିଲେଣି ଚୋରା ବାଲି ମାଫିଆ ମାନେ। ନଦୀକୂଳ ଗ୍ରାମ ଗୁଡିକର ବିଭିନ୍ନ ନିଜସ୍ୱ ଜମି ଓ ସରକାରୀ ଜମିରେ ପାହାଡ ଭଳି ଦେଖାଯାଉଥିବା ବାଲିର ସ୍ତୂପ ନିର୍ମାଣ କରାଯାଇ ଚୋରା ବାଲି ଗଚ୍ଛିତ ରହିଥିବା ଦେଖିବାକୁ ମିଳିଛି। ନଦୀରେ ବନ୍ୟାପାଣି ଆସିବା ପୂର୍ବରୁ ବାଲି ଗଚ୍ଛିତ କରାଯାଇ ନଦୀରେ ପାଣି ହୋଇଗଲେ ଚଢା ଦାମରେ ଏହି ବାଲି ବିକ୍ରୟ କରାଯିବା ପାଇଁ ଏବେଠୁ ବାଲି ରଖାଯାଉଛି। ଖଣି ବିଭାଗ, ତହସିଲ ପ୍ରଶାସନ, ପରିବେଶ ବିଭାଗ ଓ ପୋଲିସର ସହଯୋଗରେ ଏହି ବାଲି ଚୋରା ଚାଲାଣ ଚାଲିଥିବା ବେଳେ ଗ୍ରାମ କମିଟି, ଜନପ୍ରତିନିଧି, ନେତା ମାନଙ୍କର ପକେଟ ଗରମ କରି ବାଲି ମାଫିଆ ମାନେ ମାଲେ ମାଲ ହେଉଥିବା ବେଳେ ସରକାର କୋଟିକୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି ଏବଂ ନଦୀକୂଳ ଗ୍ରାମବାସୀ ବନ୍ୟା ବିପଦକୁ ନେଇ ଆଶଙ୍କାରେ ଦିନ କଟାଉଛନ୍ତି। ସରକାରଙ୍କ ତରଫରୁ ଦିଆଯାଇଥିବା ଖାଦାନ ଗୁଡିକର ସରକାରୀ ଲିଜର ସମୟ ସରିଥିବା ବେଳେ ଏବେବି ବାଲି ଉତ୍ତୋଳନ ଚାଲିଛି। ଆଷାଢ଼ ମାସ ସରିବାକୁ ବସିଥିବା ବେଳେ ସୁବର୍ଣ୍ଣରେଖା ନଦୀରେ ବନ୍ୟାପାଣି ଆସିନାହିଁ। ନଦୀ ଶୁଖିଲା ପଡିଥିବାରୁ ବାଲି ମାଫିଆ ମାନଙ୍କୁ ବାଲି ଉତ୍ତୋଳନ ପାଇଁ ସୁଯୋଗ ଆଣିଦେଇଛି। ଜଳେଶ୍ୱର ବ୍ଲକର ରାଜନଗର, ମାକିଡିଆ, କୁଅଁରପୁରଠାରୁ ରାୟାରାମଚନ୍ଦ୍ରପୁର, ଜମାଳପୁର, କୋଟସାହି, ପଶ୍ଚିମବାଡ, ରେଳା, କଣ୍ଟାପାଳ ପର୍ଯ୍ୟନ୍ତ ଏବଂ ନଦୀର ଅପରପାଶ୍ୱର୍ରେ ରାଜଘାଟ, ବସ୍ତା ବ୍ଲକର କାଦରାୟା, ଆମ୍ବକୁତୁଚି, ମଧୁପୁରା ଓ ବାଲିଆପାଳ ବ୍ଲକ ପର୍ଯ୍ୟନ୍ତ ନଦୀର ଦୁଇପାଶ୍ୱର୍ରେ ବାଲିର ସ୍ତୂପ ଛିଡାହୋଇଛି। ଯାହା ଜଣାଯାଏ ୫୦୦କୋଟି ଟଙ୍କାର ଚୋରା ବାଲି ଗଚ୍ଛିତ ରଖିଛନ୍ତି ବାଲି ମାଫିଆ ମାନେ। ଏ ବିଷୟରେ ଜଳେଶ୍ୱର ତହସିଲଦାରଙ୍କ ମତାମତ ନେବାରୁ ଏହା ଖଣି ବିଭାଗର ବୋଲି କହି ନିଜ ମୁଣ୍ଡରୁ ଦୋଷ ଛଡାଉଥିବା ବେଳେ ଜିଲ୍ଲା ଖଣି ବିଭାଗର ଡିଡିଏମ କହିଛନ୍ତି ଯେ ସୂଚନା ମିଳିଲେ ଏବିଷୟରେ ତଦନ୍ତ କରିବେ ବୋଲି ମତାମତ ଦେଇଛନ୍ତି। ମାତ୍ର ଜଳେଶ୍ୱର ଖଣି ବିଭାଗ ଛୋଟ ମୋଟ ବାଲି ଟ୍ରାକ୍ଟର ଗୁଡିକୁ ଜବତ କରି ନିଜର ବାହାବା ନେଉଥିବା ବେଳେ ସମସ୍ତଙ୍କର ସହଯୋଗରେ ସୁବର୍ଣ୍ଣରେଖାର ନଦୀ ବାଲି ଲୁଟ ଚାଲିଛି। ଏହି ଅଂଚଳ ଗୁଡିକରେ ଚଢାଉ ହେଲେ କୋଟିକୋଟି ଟଙ୍କାର ରାଜସ୍ୱ ସରକାରଙ୍କ ରାଜକୋଷକୁ ଆସିପାରନ୍ତା ବୋଲି ନଦୀକୂଳର ବାସିନ୍ଦା ମାନେ ମତାମତ ଦେଇଛନ୍ତି।

**ମାଫିଆ ମାଲେମାଲ, ସରକାର ହରାଉଛନ୍ତି କୋଟି କୋଟିର ରାଜସ୍ୱ**

## ଅଧକ୍ଷାଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା




ଭଦ୍ରକ,୧୫।୭(ସମିସ): ଉତ୍ତରବାହିନୀସ୍ଥିତ ସାଳନ୍ଦୀ ଡିଗ୍ରୀ ମହାବିଦ୍ୟାଳୟରେ ବରିଷ୍ଠ ଅଧକ୍ଷା ରାଜଶ୍ରୀ ନାୟକଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ଅଚ୍ୟୁତାନନ୍ଦ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଯୁକ୍ତ ୨ କଲେଜର ଅଧ୍ୟକ୍ଷ ସଚ୍ଚିଦାନନ୍ଦ ପାଣିଗ୍ରାହୀ ଅତିଥି ଭାବରେ ଯୋଗଦେଇଥିଲେ। ଅବସରପ୍ରାପ୍ତ ଅଧ୍ୟାପକ ଶୁଭକାନ୍ତ କୁଅଁର ଅନ୍ୟତମ ଅତିଥି ଭାବରେ ଯୋଗଦେଇଥିଲେ। ଯୁକ୍ତ ୩ କଲେଜର ଅଧକ୍ଷା ରାଜଶ୍ରୀ ନାୟକ ଜଣେ ଆଦର୍ଶ ଓ ଛାତ୍ରବତ୍ସଳ ଅଧ୍ୟାପିକା ଥିଲେ ବୋଲି ମତପ୍ରକାଶ ପାଇଥିଲା। ସେ ତାଙ୍କର ଦୀର୍ଘ ଅଧ୍ୟାପନା ସମୟ କାଳ ଭିତରେ ନିଜର କର୍ତ୍ତବ୍ୟ ପରାୟଣତା ଓ ସମୟାନୁବର୍ତ୍ତିତାର ପରିଚୟ ପ୍ରଦାନ କରିଛନ୍ତି। ଅଧ୍ୟାପିକା ଲିପିପୁଷ୍ପା ନାୟକ, ଶତୃଘ୍ନ ପତି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଏହି ସଭାରେ ଅଧ୍ୟାପକ ଶୁଭାଶିଷ ଭଟ୍ଟାଚାର୍ଯ୍ୟ, ଅଧ୍ୟାପକ ସୁଧିରଞ୍ଜନ ଦାସ, ସବିନା ଅଖ୍ତାର ଆଦି ସହାୟତା କରିଥିଲେ। ଅଧ୍ୟାପିକା ଜ୍ୟୋତିରାଣୀ ଖୁଣ୍ଟିଆ, ଅଧ୍ୟାପକ ଦେବେନ୍ଦ୍ର ପ୍ରସାଦ ସାହୁ ଓ ସ୍ମୃତିରଞ୍ଜନ ସ୍ୱାଇଁ ଆଦି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଦାୟୀ ଅଧକ୍ଷାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରି ସଭାର ପରିସମାପ୍ତି ଘଟିଥିଲା।

## ମେଗା ପାଇପ୍‌ରୁ ଅନବରତ ଝରୁଛି ପାଣି



ବାରିକପୁର,୧୫।୭(ସମିସ): ଭଣ୍ଡାରିପୋଖରୀ ବ୍ଲକ୍‌ର ବିଭିନ୍ନ ଅଞ୍ଚଳକୁ ପାଇପ୍ ଯୋଗେ ଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ମେଗା ପ୍ରକଳ୍ପ କାର୍ଯ୍ୟ କରୁଛି। ଆଖୁଆପଦାଠାରୁ ବିଭିନ୍ନ ସ୍ଥାନକୁ ପାଇପ୍ ଯୋଗେ ପାଣି ଯାଉଥିବାବେଳେ ଏହା କିନ୍ତୁ ଲୋକ ପାଉନାହାନ୍ତି। ଅନେକ ସ୍ଥାନରେ ମାଟି ତଳେ ଥିବା ପାଇପ୍ ଫାଟି ଅନବରତ ପାଣି ବୋହୁଥିବା ଅଭିଯୋଗ ହେଉଛି।

ସୂଚନା ମୁତାବକ, ଛତାବର ଟୋଲ୍ ପ୍ଲାଜା ବାମ ପାଶ୍ୱର୍ କାର୍ଯ୍ୟାଳୟକୁ ଲାଗି ମାଟି ତଳେ ଯାଇଥିବା ପାଇପ୍‌ରୁ ଅନବରତ ପାଣି ଝରୁଛି। ସେଠାରେ ଦୀର୍ଘ ଦିନ ହେବ ପାଇପ୍ ନଷ୍ଟ ହୋଇ ଯାଇଥିବାବେଳେ ସ୍ଥାନଟି ସଦାସର୍ବଦା ଜଳାର୍ଣ୍ଣବ ରହୁଛି। ଏପରିକି କାର୍ଯ୍ୟାଳୟ ଚତୁଃପାଶ୍ୱର୍ ପାଣି ଘେରି ଯାଉଥିବାବେଳେ ବର୍ଷା ହେଲେ ଜଳ ରାଜପଥ ଯାଏଁ ମାଡ଼ି ଆସୁଛି। ଉକ୍ତ ସ୍ଥାନରେ ପାଇପ୍ ମରାମତି ପାଇଁ ବିଭାଗୀୟ ଯନ୍ତ୍ରୀଙ୍କୁ ଅବଗତ କରାଯାଇଥିବା ବେଳେ ଏନେଇ କେହି ତତ୍ପରତା ପ୍ରକାଶ କରୁନାହାନ୍ତି। କେବଳ ଆଜିକାଲି କହି ମରାମତି ସକାଶେ ସମୟ ଗଡ଼ାଇ ଚାଲିଛନ୍ତି। କହିବାକୁ ଗଲେ ମେଗା ପ୍ରକଳ୍ପ ବ୍ଲକ୍ ଅଞ୍ଚଳରେ ଫେଲ୍ ମାରିଥିବାବେଳେ କେବଳ ଏହା ଦ୍ୱାରା ଲୋକମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି।

## ରାଜପଥ କଡ଼ରେ ବଢ଼ିଚାଲିଛି ଜବରଦଖଲ



ବାରିକପୁର,୧୫।୭(ସମିସ): ଭଣ୍ଡାରିପୋଖରୀ ଥାନା ୧୬ନଂ ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ବେଆଇନ ଜବରଦଖଲ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ବର୍ଷା ଦିନେ ଘୋର୍ ଡ୍ରେନେଜ୍ ସମସ୍ୟା ସୃଷ୍ଟି ହୋଇ ବ୍ୟାପକ ଚାଷ ଜମି ନଷ୍ଟ ହେଉଛି। ସୂଚନା ମୁତାବକ, ବିଷ୍ଣୁପୁର କେନାଲ ଛକଠାରୁ ବହୁଦରଡ଼ା ପଞ୍ଚାୟତ କାର୍ଯ୍ୟାଳୟ ଯାଏଁ ବେଆଇନ ଭାବେ ଅନେକ ସ୍ଥାନରେ ଜବରଦଖଲ ହୋଇଥିବା ଅଭିଯୋଗ ହୋଇଛି। ରାଜପଥ ପାଶ୍ୱର୍ ନୟନଯୋରୀ ଓ ଅନ୍ୟାନ୍ୟ ସ୍ଥାନରେ କିଛି ଲୋକ ମାଟି ପକାଇ ଜଳ ନିଷ୍କାସନ ପଥକୁ ଅବରୋଧ କରୁଛନ୍ତି। ସୁଦୂର ଅଣ୍ଡେଇପଲ୍ଲୀଠାରୁ ବିଷ୍ଣୁପୁର ଯାଏଁ ରହିଥିବା ଚାଷ ଜମିଗୁଡ଼ିକ ଏଥିପାଇଁ ପ୍ରଭାବିତ ହେଉଛି। ଥରେ ଯଦି ଅଞ୍ଚଳରେ ମଧ୍ୟମରୁ ବଡ଼ଧରଣର ବର୍ଷା ହେଉଛି ତାହେଲେ ଅନେକ ଦିନ ଧରି ଚାଷ ଜମିଗୁଡ଼ିକରେ ପାଣି ଜମି ରହୁଛି। ଯେଉଁଥିପାଇଁ ଖରିଫ୍ ଧାନ ଚାଷ ବିଶେଷ ଭାବେ କ୍ଷତିଗ୍ରସ୍ତ ହେଉଛି। ଶହଶହ ହେକ୍ଟର ଚାଷ ଜମି ବର୍ଷା ପାଣିରେ ବୁଡ଼ି ରହୁଥିବାବେଳେ ଏଥିପାଇଁ ଚାଷୀମାନେ ଘୋର୍ କ୍ଷତି ସହୁଛନ୍ତି। ଏହା ଉପରେ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବା ସହିତ ଜବରଦଖଲ ଉଚ୍ଛେଦ ପାଇଁ ପ୍ରାକ୍ତନ ସରପଞ୍ଚ ବିଦ୍ୟାଧର ସେଠୀ, ଚାଷୀ ସୁବାସ ରାଉତ, ମଦନ ମହାପାତ୍ର, ପୀତବାସ ନାୟକ, ଜୟରାମ ବେହେରା, କାର୍ତ୍ତିକ ପାତ୍ର, ଅନନ୍ତ ସାହୁ, ମଦନ ମହାପାତ୍ର, ଭାସ୍କର ମହାପାତ୍ର, ସୁବାସ ଭୋଇ, ସୁଧାକର ମହାପାତ୍ର ପ୍ରମୁଖ ଦାବି କରିଛନ୍ତି।

**ଜଳ ନିଷ୍କାସନ ପଥ ବନ୍ଦ**

# ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହେଲେ ବିଧବା ମହିଳା

ବନ୍ତ/ଆଗରପଡ଼ା,୧୫।୭(ସମିସ)





ଭଦ୍ରକ ଜିଲ୍ଲା ବନ୍ତ ଥାନା ଅନ୍ତର୍ଗତ ପାନପଦୀ ଗ୍ରାମରେ ଜଳ ନିଷ୍କାସନ ପଥ ବନ୍ଦକୁ କେନ୍ଦ୍ର କରି ଏକ ଘଟଣା ସାମ୍ନାକୁ ଆସିଛି। ଗ୍ରାମର ଜଣେ ଅସହାୟ ବିଧବା ମହିଳାଙ୍କ ନିଜସ୍ୱ ଜମିକୁ ଜଳମଗ୍ନ କରିବା ସହ ଜଳ ନିଷ୍କାସନ ପଥକୁ ବନ୍ଦ କରି ଦିଆଯାଇଥିବା ନେଇ ବନ୍ତ ଥାନାରେ ଏକ ଲିଖିତ ଅଭିଯୋଗ ହୋଇଛି। ବନ୍ତ ତହସିଲ୍‌ସ୍ତରରେ ମାମଲା ବିଚାରାଧୀନ ଥିବା ସତ୍ତ୍ୱେ କିଛି ପ୍ରଭାବଶାଳୀ ବ୍ୟକ୍ତି ଗଣ୍ଡଗୋଳ କରିବା ସହ କ୍ଷତି ଘଟାଉଥିବା ଅଭିଯୋଗ ହୋଇଛି।

ଅଭିଯୋଗ ଅନୁଯାୟୀ, ପାନପଦୀ ଗ୍ରାମର ସ୍ୱର୍ଗତ ସୁଦର୍ଶନ ବାରିକଙ୍କ ପତ୍ନୀ କାମିନୀ ବାରିକ ନିଜର ବ୍ୟକ୍ତିଗତ ଜାଗାରେ ପୂର୍ବରୁ ଗ୍ରାମର କିଛି ଲୋକ ବେଆଇନ ଭାବେ ଜେସିବି ଲଗାଇ ଏକ ନାଳ ଖୋଳିଥିଲେ। ଏହାକୁ ନେଇ ଗତ ଫେବୃଆରୀ ମାସ ୨୭ ତାରିଖରେ ଥାନାରେ ଏକ ବୈଠକ ହୋଇଥିଲା। ଯେଉଁଠାରେ ତହସିଲ୍ ମାଧ୍ୟମରେ ସମସ୍ୟାର ସମାଧାନ ହେବା ପର୍ଯ୍ୟନ୍ତ କେହି କାହାର ଜାଗା ଖୋଳିବେ ନାହିଁ କିମ୍ବା ଜଳ ନିଷ୍କାସନ ସ୍ରୋତକୁ ଅବରୋଧ କରିବେ ନାହିଁ ବୋଲି ନିଷ୍ପତ୍ତି ହୋଇଥିଲା। ମାତ୍ର ବନ୍ତ ତହସିଲ୍‌ରେ ମାମଲା ଚାଲିଥିବା ସମୟରେ, ଚଳିତ ଲଗାଣ ବର୍ଷାର ସୁଯୋଗ ନେଇ ଗ୍ରାମର ତପନ ସାହୁ, ଅନିଲ ସାହୁ, ମାୟାଧର ସାହୁ, ଶିବସୁନ୍ଦର ବାରିକ, ବାମଦେବ ବାରିକ, ପ୍ରହ୍ଲାଦ ସାହୁ, ଧନେଶ୍ୱର ବେହେରା ଓ ଶେଷଦେବ ସାହୁ ପ୍ରମୁଖ ଆକ୍ରୋଶମୂଳକ ଭାବେ ପାଣି ନିଷ୍କାସନ ପାଇଁ ଥିବା ଜିରିଣା ଆଡ଼ି ରାସ୍ତାର ପାନପଦୀ ବାଳିକା ବିଦ୍ୟାଳୟ ସମ୍ମୁଖରେ ଥିବା ହୋମ୍ ପାଇପ୍ ମୁହଁକୁ ମାଟି ପକାଇ ବନ୍ଦ କରିଦେଇଛନ୍ତି। ଏହି କାରଣରୁ ମହିଳାଙ୍କ ଚାଷ ଜମିରେ ପରିବା ଚାଷ ଏବଂ ପୋଖରୀ ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଯାଇଛି। ପୋଖରୀରେ ଛଡ଼ାଯାଇଥିବା ପ୍ରାୟ ୩୦ ହଜାର ଟଙ୍କାର ମାଛ ଯାଆଁଳ ନଷ୍ଟ ହେବା ସହ ଜମିରେ ଥିବା ଶତାଧିକ ମୂଲ୍ୟବାନ ଆକାଶିଆ, ଆମ୍ବ, ନଡ଼ିଆ ଓ ଶାଗୁଆନ ଗଛ ସମେତ ଲାଗିଥିବା ପନିପରିବା ଫସଲ ନଷ୍ଟ ହେବାକୁ ବସିଲାଣି। ଅଭିଯୋଗକାରୀ କାମିନୀ ବାରିକ ଜଣେ ବିଧବା ମହିଳା ହୋଇଥିବାରୁ ଏଭଳି ମାନସିକ ଚାପ ସହ କ୍ଷତି ସହି ନ ପାରି ଶେଷରେ ବନ୍ତ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସେ ଦୋଷୀମାନଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ତୁରନ୍ତ ଅବରୋଧ ହଟାଇବା ଏବଂ କ୍ଷତିପୂରଣ ପ୍ରଦାନ କରିବାକୁ ନିବେଦନ କରିଛନ୍ତି। ପୁଲିସ ଏହି ଏତଲା ଗ୍ରହଣ କରି ଘଟଣାର ତଦନ୍ତ ଆରମ୍ଭ କରୁଥିବା ଜଣାପଡ଼ିଛି। ଏ ବିଷୟରେ ବନ୍ତ ଥାନାଧିକାରୀ ସୁପ୍ରକାଶ ମହାନ୍ତିଙ୍କୁ ପଚାରିବାରୁ ଏଥିପ୍ରତି ଦୃଷ୍ଟି ଦେବା ପାଇଁ କହିଛନ୍ତି। ଏହା ସହିତ ସୁଭା ବାରିକ, ମନୁ ବେହେରା, ହରିହର ବାରିକ, ପ୍ରିୟନାଥ ବାରିକ, ପ୍ରମୋଦ ବାରିକ, ରବୀନ୍ଦ୍ର ବାରିକ, କାର୍ତ୍ତିକ ବାରିକ, ସୁରେନ୍ଦ୍ର ବାରିକ, ପ୍ରହ୍ଲାଦ ବାରିକ, ଭାବଗ୍ରାହୀ ବାରିକ, ଗୁଣବନ୍ଧୁ ବାରିକ, ତ୍ରିଲୋଚନ ବାରିକ, ସୁବାସ ବାରିକ, ହୃଷି ସାହୁ, ପଦ୍ମନାଭ ସାହୁ, ଧରଣୀ ବାରିକ, ଲୋକନାଥ ବାରିକଙ୍କ ସମେତ ଶତାଧିକ ଚାଷୀଙ୍କ ଧାନ କ୍ଷେତରେ ତଳି ନଷ୍ଟ ହୋଇଥିବାବେଳେ ଆଣ୍ଠୁଏ ପାଣି ଜମି ରହିଥିବା ଦେଖିବାକୁ ମିଳିଛି। ତୁରନ୍ତ ସରକାରୀ ଜାଗାରେ ଥିବା ହୋମ୍ ପାଇପ୍ ଜଳ ନିଷ୍କାସନ ପଥକୁ ଖୋଲିବା ପାଇଁ ଦାବି କରିଛନ୍ତି।

● ରଥଯାତ୍ରାରେ ଭଦ୍ରକ ଶିଳ୍ପୀଙ୍କ ଚମତ୍କାରିତା

## ତୁଳସୀ ଓ ଶାଳ କାଠରେ ତିଆରି କଲେ ୪ ସେମିର ତିନି ରଥ



ଅସୁରାଳି,୧୫।୭(ସମିସ): ବିଶ୍ୱପ୍ରସିଦ୍ଧ ପବିତ୍ର ଘୋଷଯାତ୍ରା ଅବସରରେ ସାରା ଓଡ଼ିଶା ଚଳଚଞ୍ଚଳ ଥିବାବେଳେ, ନିଜର ଅପୂର୍ବ କଳାଚାତୁରୀ ପ୍ରଦର୍ଶନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ଭଦ୍ରକ ଚୁଡ଼ାକୁଟି ଅଞ୍ଚଳର ବିଶିଷ୍ଟ ଶିଳ୍ପୀ ଗୋପାଳ ସାମଲ। ସେ ଅତି ନିଖୁଣ ଭାବେ ମାତ୍ର ୪ ସେଣ୍ଟିମିଟର ଉଚ୍ଚତା ବିଶିଷ୍ଟ ପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ କ୍ଷୁଦ୍ରତମ ତିନି ରଥ ନିର୍ମାଣ କରି ନିଜ ଭକ୍ତିଭାବ ଓ କଳା ପ୍ରତିଭାର ପରିଚୟ ଦେଇଛନ୍ତି। ଏହି ଅବସରରେ ଶିଳ୍ପୀ ଶ୍ରୀ ସାମଲ ସମସ୍ତ ଶ୍ରଦ୍ଧାଳୁ ଓ ଜନସାଧାରଣଙ୍କୁ ପବିତ୍ର ରଥଯାତ୍ରାର ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଏହି ସୂକ୍ଷ୍ମ କଳାକୃତି ନିର୍ମାଣ ପଛରେ ଶିଳ୍ପୀଙ୍କ କଠିନ ପରିଶ୍ରମ ଓ ନିଷ୍ଠା ରହିଛି। ଏହି କ୍ଷୁଦ୍ର ରଥ ନିର୍ମାଣ ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି, ରଥଗୁଡ଼ିକର ନିର୍ମାଣ ପାଇଁ ଅତି ପବିତ୍ର ମନେକରାଯାଉଥିବା ତୁଳସୀ କାଠ ଏବଂ ମଜଭୁତ ଶାଳ କାଠର ବ୍ୟବହାର କରାଯାଇଛି। ଅତି ସୂକ୍ଷ୍ମ କାମ ହୋଇଥିବାରୁ ଏହାକୁ ସମ୍ପୂର୍ଣ୍ଣ କରିବା ପାଇଁ ତାଙ୍କୁ ଲଗାତାର ଦୁଇ ଦିନ ସମୟ ଲାଗିଥିଲା। ତିନୋଟିଯାକ ରଥର ଉଚ୍ଚତା ମାତ୍ର ୪ ସେଣ୍ଟିମିଟର। ଯାହାକୁ ଦେଖିଲେ ଶିଳ୍ପୀଙ୍କ ହାତର ନିପୁଣତା ସହଜରେ ବାରିହୋଇପଡ଼େ। ରଥଯାତ୍ରାର ପବିତ୍ର ମାହୋଲ ମଧ୍ୟରେ ଗୋପାଳଙ୍କ ଦ୍ୱାରା ନିର୍ମିତ ଏହି କ୍ଷୁଦ୍ର ରଥ ତ୍ରୟକୁ ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ମଧ୍ୟରେ ବେଶ୍ ଉତ୍ସାହ ପ୍ରକାଶ ପାଇଛି। ତୁଳସୀ ଓ ଶାଳ କାଠର ସୁଗନ୍ଧ ଏବଂ ରଥର ସୁନ୍ଦର ରୂପରେଖ ସମସ୍ତଙ୍କୁ ବିମୋହିତ କରୁଛି। ଜଣେ ଶିଳ୍ପୀ ଭାବେ ତାଙ୍କର ଏହି ନିଆରା ପ୍ରୟାସକୁ ଭଦ୍ରକର ବୁଦ୍ଧିଜୀବୀ ଓ କଳାପ୍ରେମୀମାନେ ବେଶ୍ ପ୍ରଶଂସା କରିଛନ୍ତି।

## ଆଜି ରଥଯାତ୍ରା; ଉତ୍ସବମୁଖର ବଳଦେବଜୀଉ ପୀଠ

ବାରିକପୁର,୧୫।୭(ସମିସ): ଗୁରୁବାର ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା। ପବିତ୍ର ଧାମ ଶ୍ରୀକ୍ଷେତ୍ର ପୁରୀଠାରୁ ଆରମ୍ଭ କରି ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଥିବା ଜଗନ୍ନାଥ ପୀଠଗୁଡ଼ିକ ଚଳଚଞ୍ଚଳ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକ୍‌ର ମଞ୍ଜୁରୀସ୍ଥିତ ପ୍ରସିଦ୍ଧ ବଳଦେବଜୀଉ ପୀଠ ଉତ୍ସବମୁଖର ହୋଇଉଠିଛି। ଜିଲ୍ଲାର ଏହା ସର୍ବପୁରାତନ ଜଗନ୍ନାଥ ପୀଠ ହୋଇଥିବା ବେଳେ ଏଠାରେ ବାର ମାସରେ ତେର ପର୍ବ ଆୟୋଜନ ହୋଇଥାଏ। ତନ୍ମଧ୍ୟରୁ ଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ଅନ୍ୟତମ। ସର୍ବ ପୁରାତନ ୫୦୦ ବର୍ଷର ଐତିହ୍ୟ ପୀଠଟି ଯଦିଓ ଏଯାଏଁ ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ କରିପାରିନାହିଁ; ତଥାପି ପ୍ରତ୍ୟେକ ବର୍ଷ ଏଠାରେ ଧୂମ୍‌ଧାମ୍‌ରେ ରଥଯାତ୍ରା ପାଳିତ ହୋଇଥାଏ। ମନ୍ଦିର ଟ୍ରଷ୍ଟ ପକ୍ଷରୁ ଶ୍ରୀକ୍ଷେତ୍ର ରୀତିନୀତି ଅନୁଯାୟୀ ଉତ୍ସବ ଆୟୋଜନ ହୋଇଥାଏ। ସକାଳୁ ରାତି ଯାଏଁ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ପ୍ରତ୍ୟେକ ବର୍ଷ ଦେଖିବାକୁ ମିଳିଥାଏ। ଚଳିତ ବର୍ଷ ମଧ୍ୟ ହଜାର ହଜାର ଭକ୍ତ ରଥ ଟାଣିବାକୁ ଆସିବେ ବୋଲି ସୂଚନା ମିଳିଛି। ଏଥିପାଇଁ ଟ୍ରଷ୍ଟ ଓ ପୁଲିସ ପ୍ରଶାସନ ପକ୍ଷରୁ ସମସ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଉକ୍ତ ପୁରାତନ ପୀଠକୁ ଛାଡ଼ିଦେଲେ ବ୍ଲକ୍‌ର ବୟାବନାପୁର, ଏକବୋଲା, ସୋଲପରା ସମେତ ଅନ୍ୟାନ୍ୟ ସ୍ଥାନରେ ରଥଯାତ୍ରା ପାଇଁ ପ୍ରସ୍ତୁତି ଶେଷ ହୋଇଛି।

## ରାସ୍ତା ନିର୍ମାଣ କାର୍ଯ୍ୟର ମାନ ହ୍ରାସ ପାଉଛି

ବାରିକପୁର,୧୫।୭(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଛତାବରଠାରୁ ପଡ଼ୋଶୀ ଯାଜପୁର ଜିଲ୍ଲାକୁ ସଂଯୋଗ କରୁଥିବା ବଳିଘାଇ ବୈତରଣୀ ସେତୁ ଯାଏଁ ନିର୍ମାଣାଧୀନ ରାସ୍ତାର ମାନ ଦିନକୁ ଦିନ ହ୍ରାସ ପାଉଛି। ଭଦ୍ରକ ପୂର୍ତ୍ତ ବିଭାଗ ପକ୍ଷରୁ ଜନୈକ ପଶ୍ଚିମବଙ୍ଗର ଠିକା ସଂସ୍ଥା ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଦାୟିତ୍ୱରେ ରହିଛି। ପାଖାପାଖି ୫ବର୍ଷ ଧରି ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ଏହା ଏଯାଏଁ ଶେଷ ହୋଇନାହିଁ। ଇତିମଧ୍ୟରେ ନିର୍ମାଣ କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା କିଛି ଯନ୍ତ୍ରୀଙ୍କ ଅବସର ହୋଇଥିବାବେଳେ ଆଉ କିଛି ବଦଳି ହୋଇ ଗଲେଣି। ତଥାପି ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହୋଇନାହିଁ। ରାସ୍ତାଟିର ଦୈର୍ଘ୍ୟ ୮ କି.ମି. ହୋଇଥିବାବେଳେ ପ୍ରାରମ୍ଭିକ ପର୍ଯ୍ୟାୟରେ ଏଥିପାଇଁ ୪୦ କୋଟିରୁ ଅଧିକ ବ୍ୟୟବରାଦ ହୋଇଥିଲା। ୪ ଲାଇନ୍ ବିଶିଷ୍ଟ ରାସ୍ତା ନିର୍ମାଣ କାର୍ଯ୍ୟ ପାଇଁ ଠିକା ସଂସ୍ଥାକୁ ୨ରୁ ୩ ବର୍ଷ ସମୟ ଦିଆଯାଇଥିଲେ ମଧ୍ୟ କାମ କିନ୍ତୁ ଧିମା ଗତିରେ ଚାଲିଛି। ଅଦ୍ୟାବଧି କାର୍ଯ୍ୟ ଯଦିଓ ୭୦ ଭାଗ ଶେଷ ହୋଇଛି କିନ୍ତୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ। ପ୍ରଥମେ ରାସ୍ତାରେ ଯେଉଁ କଂକ୍ରିଟ ନିର୍ମାଣ ହୋଇଥିଲା ସେଗୁଡ଼ିକ ଏବେ ଭଗ୍ନ ଅବସ୍ଥାରେ ପହଞ୍ଚିଛି। ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ହେଉଥିବା ମାଟି, ମୋରମ୍, ମେଣ୍ଟାଲ, ଡଷ୍ଟର ଆନୁପାତିକ ମିଶ୍ରଣ ସଠିକ୍ ହେଉ ନ ଥିବା ବେଳେ ଭାଇବ୍ରେଟର ରୋଲିଂ ମଧ୍ୟ ଠିକ୍ ଢଙ୍ଗରେ ହେଉନାହିଁ। ଫଳରେ କିଛି ଜାଗାରେ ରାସ୍ତା ଦବିଯାଇ କଂକ୍ରିଟ ଫାଟୁଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। ଏହାଛଡ଼ା ରାସ୍ତା ସୁରକ୍ଷା ପ୍ରାଚୀର ଓ ପୋଲ୍ ୱାଇଙ୍ଗ୍ ୱାଲ୍ ନିର୍ମାଣ ପରେ ସେଠାରେ ବାଲି କିମ୍ବା ଡଷ୍ଟ ପରିବର୍ତ୍ତେ ଅବ୍ୟବହୃତ ସାମଗ୍ରୀ ବ୍ୟବହାର ହେଉଛି। କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ରାସ୍ତା ସମ୍ପୂର୍ଣ୍ଣ ନୂତନ ନିର୍ମାଣ ପାଇଁ ବ୍ୟବସ୍ଥା ରହିଥିଲେ ମଧ୍ୟ ଖରାପ ସାମଗ୍ରୀ ବ୍ୟବହାର ଯୋଗୁଁ ଏହାର ମାନ କମୁଥିବା କୁହାଯାଇଛି। ନିର୍ମାଣ କାର୍ଯ୍ୟ ବେଳେ ବିଭାଗୀୟ ଅଧିକାରୀମାନଙ୍କ ଘନଘନ ତଦାରଖ ହେଉ ନ ଥିବାରୁ ଠିକା ସଂସ୍ଥା ମନମୁଖୀ ଭାବେ ରାସ୍ତା ନିର୍ମାଣ କାମ କରୁଥିବା ଅଭିଯୋଗ ହୋଇଛି। ତେଣୁ ଏହା ଉପରେ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି।



## ଉତ୍କଳମଣି ଗୋପବନ୍ଧୁଙ୍କୁ 'ଭାରତ ରତ୍ନ' ପ୍ରଦାନ ଦାବି



ଚାନ୍ଦବାଲି,୧୫।୭(ସମିସ): ଚାନ୍ଦବାଲି ପାଠକ ମଞ୍ଚ ପରିବାର ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୮ତମ ଶ୍ରାଦ୍ଧୋତ୍ସବ ଅବସରରେ ବରିଷ୍ଠ ନାଗରିକ ପରିଷଦ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ନିତ୍ୟ ପ୍ରକାଶ ବେହେରାଙ୍କ ପରିଚାଳନାରେ ଆୟୋଜିତ ଏହି ସଭାରେ ଶିକ୍ଷାବିତ୍ ଅମୂଲ୍ୟ କୁମାର ରାଉତ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଚାନ୍ଦବାଲି ବିଡିଓ ସଞ୍ଜୀବ କୁମାର ମହାପାତ୍ର, ମୁଖ୍ୟବକ୍ତା ଭାବେ ଚାନ୍ଦବାଲି ଓକିଲ ସଂଘର ସଭାପତି ଉପେନ୍ଦ୍ର କୁମାର ରାଉଳ, ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ପ୍ରଫୁଲ୍ଲ କୁମାର ଦାସ ଓ ବଣିକ ସଂଘର ସଭାପତି ଗୋପିରାମ ଅଗ୍ରୱାଲ ଯୋଗଦେଇ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଆଦର୍ଶ, ସମାଜସେବା, ଶିକ୍ଷା, ସାମ୍ବାଦିକତା ଏବଂ ଜାତି ଗଠନରେ ତାଙ୍କର ଅବିସ୍ମରଣୀୟ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଅତିଥିମାନେ ଗୋପବନ୍ଧୁ ଦାସଙ୍କୁ ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ "ଭାରତ ରତ୍ନ" ପ୍ରଦାନ କରିବା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଥିଲେ। ଏହି ଅବସରରେ ୨୦୦୮ରୁ ନିୟମିତ ଭାବେ "ସମାଜ" ଖବରକାଗଜ ପାଠ କରିବା ସହ ପୁରୁଣା ସଂଖ୍ୟାଗୁଡ଼ିକୁ ସଂରକ୍ଷଣ କରିଆସୁଥିବା ଚାନ୍ଦବାଲିର ଜିତେନ୍ଦ୍ର ଦାସଙ୍କୁ "ଶ୍ରେଷ୍ଠ ସମାଜ ପାଠକ" ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ଚାନ୍ଦବାଲିର ବୁଦ୍ଧିଜୀବୀ, ଶିକ୍ଷାବିତ୍, ସମାଜସେବୀ, ସାମ୍ବାଦିକ, ଆଇନଜୀବୀ ଓ ପାଠକ ମଞ୍ଚର ସଦସ୍ୟମାନେ ଯୋଗଦେଇ ଉତ୍କଳମଣିଙ୍କ ଜୀବନାଦର୍ଶକୁ ଅନୁସରଣ କରି ସମାଜସେବା ଓ ମାନବକଲ୍ୟାଣ କାର୍ଯ୍ୟରେ ନିଜକୁ ନିୟୋଜିତ କରିବାକୁ ଆହ୍ୱାନ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାନ୍ତ ଦାସ, ସୁଶାନ୍ତ ବିଶ୍ୱାଳ, ମାଧବାନନ୍ଦ ଓଝା, ବିରେନ ସାହୁ, ତ୍ରିଲୋଚନ ଦାସ, ଦିଲ୍ଲୀପ ରାଉତ, ସୌଦାମିନୀ ଜେନା, ବିଶ୍ୱନାଥ ସୂତାର, ବିଳାଶ ନାୟକ, ଶାନ୍ତିଭୂଷଣ ବିଶ୍ୱାଳ, ଅଶୋକ ଦାସ, କିଷାନ ପାତ୍ର, ଅଭୟ ବଳ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଚାନ୍ଦବାଲି ପାଠକ ମଞ୍ଚର ସଦସ୍ୟ ଅଭୟ ସାମଲ ଧନ୍ୟବାଦ ଜଣାଇଥିଲେ।

## ଲଣ୍ଡନରେ ଓଡ଼ିଆ ଚଳଚ୍ଚିତ୍ର 'ବରବଧୂ' ପ୍ରଦର୍ଶନ

ବନ୍ତ/ଆଗରପଡ଼ା,୧୫।୭(ସମିସ): ଲଣ୍ଡନରେ ପ୍ରବାସୀ ଓଡ଼ିଆଙ୍କ ପାଇଁ ପ୍ରଦର୍ଶିତ ହେଲା ଓଡ଼ିଆ ଚଳଚ୍ଚିତ୍ର 'ବରବଧୂ'। ୟୁନାଇଟେଡ୍ କିଙ୍ଗଡମ୍ ଏବଂ ଆୟରଲ୍ୟାଣ୍ଡରେ ବସବାସ କରୁଥିବା ଓଡ଼ିଆମାନେ ଏକାଠି ହୋଇ ଏହି ଚଳଚ୍ଚିତ୍ରକୁ ଉପଭୋଗ କରିଥିଲେ। ଏଥିରେ ବନ୍ତସ୍ଥିତ ଟିଲୋ ଅଞ୍ଚଳର ବ୍ୟକ୍ତିବିଶେଷ ମଧ୍ୟ ସାମିଲ୍ ହୋଇଥିଲେ। ଏହି ସ୍ୱତନ୍ତ୍ର ସ୍କ୍ରିନିଂର ଆୟୋଜନ କନେକ୍ଟ ଭାୟା ମିଡିଆର ନିର୍ଦ୍ଦେଶକ ତରୁଣ ଦାସଙ୍କ ନେତୃତ୍ୱରେ କରାଯାଇଥିଲା। ପ୍ରବାସୀ ଓଡ଼ିଆଙ୍କୁ ଓଡ଼ିଆ ସିନେମା, ଭାଷା ଓ ସଂସ୍କୃତି ସହ ଯୋଡ଼ି ରଖିବା ଉଦ୍ଦେଶ୍ୟରେ ଏହି ପ୍ରୟାସ କରାଯାଇଥିଲା। ଲଣ୍ଡନର ବିଭିନ୍ନ ସ୍ଥାନରୁ ଆସିଥିବା ବହୁ ପ୍ରବାସୀ ଓଡ଼ିଆ ପରିବାର ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଚଳଚ୍ଚିତ୍ରକୁ ପ୍ରଶଂସା କରିଥିଲେ। ଚଳଚ୍ଚିତ୍ର ପ୍ରଦର୍ଶନ ସହ ପ୍ରବାସୀ ଓଡ଼ିଆମାନଙ୍କ ମଧ୍ୟରେ ଏକ ଆନ୍ତରିକ ମିଳନର ପରିବେଶ ମଧ୍ୟ ସୃଷ୍ଟି ହୋଇଥିଲା। ଏହି ଅବସରରେ କନେକ୍ଟ ଭାୟା ମିଡିଆର ନିର୍ଦ୍ଦେଶକ ତରୁଣ ଦାସ କହିଥିଲେ ଯେ, ବିଦେଶରେ ରହୁଥିବା ଓଡ଼ିଆମାନଙ୍କୁ ନିଜ ମାଟି, ଭାଷା, ସଂସ୍କୃତି ଏବଂ ଓଡ଼ିଆ ସିନେମା ସହ ଯୋଡ଼ି ରଖିବା ହିଁ କନେକ୍ଟ ଭାୟା ମିଡିଆର ମୂଳ ଉଦ୍ଦେଶ୍ୟ। ଆଗାମୀ ଦିନରେ ମଧ୍ୟ ଅଧିକ ଓଡ଼ିଆ ଚଳଚ୍ଚିତ୍ରର ସ୍କ୍ରିନିଂ, ଓଡ଼ିଶାର ପର୍ବପର୍ବାଣୀ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯିବ। ଯୁକ୍ତରାଜ୍ୟ ଓ ଆୟରଲ୍ୟାଣ୍ଡ ଦେଶରେ ଓଡ଼ିଆ ସିନେମା ପ୍ରତି ବଢୁଥିବା ଆଗ୍ରହ ଏବଂ ଏଭଳି ସାଂସ୍କୃତିକ ପଦକ୍ଷେପ ପ୍ରବାସୀ ଓଡ଼ିଆ ସମାଜକୁ ଆହୁରି ଏକତ୍ରିତ କରିବାରେ ସହାୟକ ହେଉଛି।

**ଆସ୍ଥା ନାଁରେ ରାଜନୀତି; ଦାନ ନାଁରେ ଲୁଟ୍**

## ଶ୍ରଦ୍ଧାଳୁଙ୍କ ବିଶ୍ୱାସରେ ବିଷ ଦେଇଛି ରାମ ମନ୍ଦିର ଟ୍ରଷ୍ଟ: କଂଗ୍ରେସ

ଭଦ୍ରକ,୧୫।୭(ସମିସ)




କୋଟି କୋଟି ହିନ୍ଦୁଙ୍କ ଆସ୍ଥା ଓ ବିଶ୍ୱାସର ପ୍ରତୀକ ପ୍ରଭୁ ଶ୍ରୀରାମ। ଦୀର୍ଘ ବର୍ଷର ଦୁର୍ବାର ଆନ୍ଦୋଳନ, ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ବଳିଦାନ ଓ ସେମାନଙ୍କ ଦାନ ଅର୍ଥରେ ଉତ୍ତରପ୍ରଦେଶ ଅଯୋଧ୍ୟାରେ ନିର୍ମିତ ହୋଇଛି ପ୍ରଭୁଙ୍କ ମନ୍ଦିର। କିନ୍ତୁ ଶ୍ରଦ୍ଧାଳୁଙ୍କ ଆସ୍ଥା ଓ ବିଶ୍ୱାସରେ ବିଷ ଦେଇ ରାମ ମନ୍ଦିର ଟ୍ରଷ୍ଟ ଶତାଧିକ କୋଟି ଦାନ ଟଙ୍କା ଲୁଟ୍ କରିଛି। ଯାହାକି ଶ୍ରଦ୍ଧାଳୁଙ୍କୁ ଅଶେଷ ଦୁଃଖ ଦେଇଛି। ତେଣୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ତତ୍ତ୍ୱାବଧାନରେ ନ୍ୟାୟିକ ତଦନ୍ତ କରାଯାଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି।

ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଅଧ୍ୟକ୍ଷତା କରି ଜିଲ୍ଲା କଂଗ୍ରେସ ସଭାପତି ନଳିନୀକାନ୍ତ ମହାନ୍ତି କହିଛନ୍ତି ଯେ, ରାମ ମନ୍ଦିର ଟ୍ରଷ୍ଟ ଗଠନ, ଏହାର ପ୍ରମୁଖଙ୍କୁ ନିଯୁକ୍ତି କ୍ଷେତ୍ରରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପ୍ରମୁଖ ଭୂମିକା ନେଇଥିଲା। କିନ୍ତୁ ଏବେ ଏହି ମନ୍ଦିରକୁ ଦାନ ଦେଇଥିବା ଶ୍ରଦ୍ଧାଳୁଙ୍କ ଅର୍ଥକୁ ଟ୍ରଷ୍ଟର କେତେକ ପ୍ରଭାବଶାଳୀ ସଦସ୍ୟ ଲୁଟ୍ କରିଥିବା ନଜରକୁ ଆସିଛି। ଦୋଷ ଲୁଚାଇବାକୁ ଯାଇ ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାୟ ଓ ଟ୍ରଷ୍ଟି ଅନିଲ ମିଶ୍ରଙ୍କ ଇସ୍ତଫା ଏହି ଅଭିଯୋଗର ସତ୍ୟତାକୁ ପ୍ରମାଣିତ କରିଛି। ଏହା ଏକ ଆର୍ଥିକ ଦୁର୍ନୀତି ନୁହେଁ ବରଂ କୋଟି କୋଟି ରାମଭକ୍ତଙ୍କ ଆସ୍ଥା, ବିଶ୍ୱାସ ଓ ଭାବନା ପ୍ରତି ଗୁରୁତର ବିଶ୍ୱାସଘାତକତା। ଏ କ୍ଷେତ୍ରରେ ପ୍ରଧାନମନ୍ତ୍ରୀଙ୍କ ନିରବତା ଦେଶବାସୀଙ୍କୁ ଚକିତ କରିଛି। ଗତ ଜାନୁଆରୀ ୨୦୨୪ରେ ଶ୍ରୀରାମ ଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବରେ ୧୧୩ କୋଟି ଟଙ୍କା ବ୍ୟୟ କରାଯାଇଥିଲା। ୨୫ ନଭେମ୍ବରରେ ୧୦ କୋଟି ଟଙ୍କା ବ୍ୟୟରେ ପତାକା ଉତ୍ତୋଳନ ଉତ୍ସବର ଆୟୋଜନ କରାଯାଇଥିଲା। ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି ବିଜେପି-ଆର୍‌ଏସ୍‌ଏସ୍ ପରିସଂସ୍ଥାନ ଭଗବାନ ରାମଙ୍କ ନାମରେ ମିଳିଥିବା ଦାନକୁ ବି ଛାଡ଼ିନାହାନ୍ତି। ଯେତେବେଳେ ସମ୍ପୂର୍ଣ୍ଣ ଟ୍ରଷ୍ଟ କାଠଗଡ଼ାରେ ଛିଡ଼ା ହୋଇଛି, କାର୍ଯ୍ୟାନୁଷ୍ଠାନ କେବଳ କନିଷ୍ଠ କର୍ମଚାରୀଙ୍କ ମଧ୍ୟରେ କାହିଁକି ସୀମିତ ରହିଛି ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି। ଟ୍ରଷ୍ଟ ଗଠନ ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ଭୂମିକା, ଚମ୍ପତ ରାୟ, ଅନିଲ ମିଶ୍ର ଓ ଦୁର୍ନୀତିରେ ସମ୍ପୃକ୍ତ ଅନ୍ୟ କର୍ମଚାରୀଙ୍କ ବିରୋଧରେ ମାମଲା ରୁଜୁ କରି ସେମାନଙ୍କୁ ଗିରଫ କରିବା, ସର୍ବୋଚ୍ଚ ନ୍ୟାୟାଳୟଙ୍କ ତତ୍ତ୍ୱାବଧାନରେ ନ୍ୟାୟିକ ତଦନ୍ତ, ଏବେର ଟ୍ରଷ୍ଟକୁ ଭଙ୍ଗ କରିବା, ରାମ ମନ୍ଦିର ସହ ଜଡ଼ିତ ସମସ୍ତ ଦାନ, ଭେଟି, ଜମି କାରବାର କାର୍ଯ୍ୟକ୍ରମ ଓ ବ୍ୟୟର ସ୍ୱାଧୀନ ଫୋରେନ୍‌ସିକ୍ ଅଡିଟ୍ କରାଯାଇ ଏହାକୁ ସାର୍ବଜନୀନ କରିବାକୁ ଦଳ ପକ୍ଷରୁ ଦାବି କରାଯାଇ ଶ୍ରଦ୍ଧାଳୁଙ୍କ ବିଶ୍ୱାସରେ ବିଷ ଦେଇଥିବା ବ୍ୟକ୍ତିବିଶେଷଙ୍କୁ ନ୍ୟାୟର ପରିରଭୁକ୍ତ କରିବାକୁ ସେ ଦାବି କରିଛନ୍ତି। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, ପ୍ରାକ୍ତନ ବିଧାୟକ ପଞ୍ଚାନନ ମଣ୍ଡଳ, ଦେବରୂପ ମହାନ୍ତି, ରାଜ୍ୟ ଏସ୍‌ସି ସେଲ ସାଧାରଣ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ଯେନା, ମହିଳା ସଭାପତି ଅମିତାବାଳା ଆଚାର୍ଯ୍ୟ, ଅବ୍‌ଦୁଲ ମୋକିତ୍ ଖାନ୍, ଯୁବ ସଭାପତି ବଳରାମ ରାଉତ, ପୀତବାସ ଧଳ, ସୁଭାଶିଷ ମଲ୍ଲିକ, ଶର୍ମିଷ୍ଠା ପଣ୍ଡା, ବିଜୟ ବାରିକ, ରଞ୍ଜନ ଯେନା, ଇଲ୍ଲିୟାସ ଅଲି ଖାନ, ଏନାମୁଲ ହକ୍ ପ୍ରମୁଖ ଉପସ୍ଥିତ ଥିଲେ।

## ଗୋପୀନାଥପୁର ପଞ୍ଚାୟତ ବିଜେଡିର ସାଂଗଠନିକ ବୈଠକ

ବନ୍ତ/ଆଗରପଡ଼ା,୧୫।୭(ସମିସ): ବନ୍ତ ବ୍ଲକ୍ ୧୪ନଂ ଜୋନ୍ ଆଗରପଡ଼ା ଅନ୍ତର୍ଗତ ଗୋପୀନାଥପୁର ପଞ୍ଚାୟତ ବିଜେଡି ପକ୍ଷରୁ ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ଅଶୋକ ଦାସଙ୍କ ଆବାହକତ୍ୱରେ ଆୟୋଜିତ ଏହି ବୈଠକରେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ଭଦ୍ରକ ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ଜିଲ୍ଲା ବିଜେଡି ଉପସଭାପତି ପ୍ରଶାନ୍ତ ଦାଶ, ବିଧାୟକଙ୍କ ବ୍ଲକ୍ ପ୍ରତିନିଧି ଲାଲା ସ୍ୱାଇଁ, ବ୍ଲକ୍ ବିଜେଡି ସଭାପତି ଲକ୍ଷ୍ମୀକାନ୍ତ ନାୟକ, ଯୁବ ବିଜେଡି ସଭାପତି ସତ୍ୟସାଧନ ବେଜ, ଜିଲ୍ଲା ଯୁବ ବିଜେଡି ଉପସଭାପତି ପ୍ରଦ୍ୟୁମ୍ନ ପୁହାଣ, ପୁରୁଷଣ୍ଡି ସରପଞ୍ଚ ପ୍ରକାଶ ବିଶ୍ୱାଳ, ବଡ଼ମହିଁଷ ଗୋଠ ସରପଞ୍ଚଙ୍କ ପ୍ରତିନିଧି ଦୀପକ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଆଗାମୀ ଦିନରେ ଦଳକୁ ପଞ୍ଚାୟତସ୍ତରରେ ଅଧିକରୁ ଅଧିକ ସକ୍ରିୟ କରିବା, ୱାର୍ଡସ୍ତରରେ ଦଳର ଭିତ୍ତିଭୂମି ମଜଭୁତ କରିବା ଓ ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ କରାଯିବା ସହ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ଅବସରରେ ଏକ ପଞ୍ଚାୟତସ୍ତରୀୟ କମିଟି ଗଠନ କରାଯାଇଥିଲା। ସର୍ବସମ୍ମତି କ୍ରମେ ପୂର୍ଣ୍ଣଚନ୍ଦ୍ର ନାୟକଙ୍କୁ ପଞ୍ଚାୟତ ସଭାପତି ଭାବେ ମନୋନୀତ କରାଯାଇଥିବା ବେଳେ ଉପସଭାପତି ଭାବେ ଲକ୍ଷ୍ମୀଧର ଯେନା, କୈଳାସ ଯେନା, ଯୁବ ସଭାପତି ଭାବେ ଅଜୟ ଯେନା, ଛାତ୍ର ସଭାପତି ଭାବେ ଅଶୋକ ମହାନ୍ତି, ସମ୍ପାଦକ ଭାବେ ନରହରି ବେହେରା, ସହ ସମ୍ପାଦକ ଭାବେ ଗୟାଧର ଜେନା ପ୍ରମୁଖ ମନୋନୀତ ହୋଇଥିଲେ। ଉପଦେଷ୍ଟା ଭାବେ ଦିଲ୍ଲୀପ ଦାସ, ରବୀନ୍ଦ୍ର ଆଇଚ, ରଞ୍ଜନ ଦାସ, ଗୋବିନ୍ଦ ସେଠୀ, ନରେନ୍ଦ୍ର ନାୟକ, ଅବିନାଶ ପଣ୍ଡା, କୈଳାସ ଦାସ, ବିଶ୍ୱନାଥ ଜେନା ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା। ଏହି ବୈଠକରେ ୩ଶହରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ ଉପସ୍ଥିତ ଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ଉତ୍କଳେ ନେତାର ନାହିଁ ପ୍ରୟୋଜନ
ଉତ୍କଳର ନେତା ସ୍ୱୟଂ ନାରାୟଣ।
-ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ

## ଉତ୍କଳର ନେତା ସ୍ୱୟଂ ନାରାୟଣ

କୋଟି ଓଡ଼ିଆର ସର୍ବମାନ୍ୟ ଓ ସର୍ବଶ୍ରେଷ୍ଠ ନେତା, ଓଡ଼ିଶାର ସର୍ବକାଳୀନ ପ୍ରଜାବତ୍ସଳ ରାଜାଧିରାଜ ଆଜି ଯେତେବେଳେ ରାଜ୍ୟବାସୀଙ୍କ ହାରିଗୁହାରି ଶୁଣିବାକୁ, ଦୁଃଖଦୁର୍ଦ୍ଦଶା ସ୍ୱୟଂ ପ୍ରତ୍ୟକ୍ଷ କରିବାକୁ ବଡ଼ଦାଣ୍ଡ ବା ରାଜଦାଣ୍ଡକୁ ଆସିବାର କଷ୍ଟ କରିଛନ୍ତି, ପ୍ରଜା ବା 'ଗଣ'ର ପ୍ରତିନିଧି ଭାବରେ ଅଭିଯୋଗ ଓ ବିନମ୍ର ଦାବି ଉପସ୍ଥାପନ କରିବା ଆମର କର୍ତ୍ତବ୍ୟ ବୋଲି ମନେ କରୁଛୁ। ଏଥିସହିତ କିଛି ଜରୁରୀ ଓ ସମ୍ବେଦନଶୀଳ ପ୍ରସଙ୍ଗରେ ହସ୍ତକ୍ଷେପ କରି ତୁରନ୍ତ ନ୍ୟାୟ ପ୍ରଦାନ ପାଇଁ କୃତାଞ୍ଜଳି ହସ୍ତେ ଭକ୍ତିପୂତ ଆବେଦନ କରୁଛୁ।

ହେ ଧର୍ମରକ୍ଷକ ନ୍ୟାୟପ୍ରିୟ ତ୍ରାଣକର୍ତ୍ତା! ଆଜି ରାମରାଜ୍ୟରେ ରାବଣାଚାର ବଢ଼ିଚାଲିଛି। ସୁନାହରିଣ ରୂପୀ ମରିଚୀମାନଙ୍କ ମାୟାଜାଲ ବିସ୍ତାରିତ ହେଉଛି। ଭ୍ରମିତ ପ୍ରଜାଙ୍କ ଧର୍ମ ଅର୍ଥରେ ଦାନ-ଅର୍ଥକୁ ଛଦ୍ମବେଶୀ ସାଧୁମାନେ ଅପହରଣ କରିନେଉଛନ୍ତି। ଗରିବ କୃଷକର ଜମିକୁ ଶିଳ୍ପପତିମାନେ ବଳପୂର୍ବକ ଜବରଦଖଲ କରଚାଲିଛନ୍ତି। ଗୋବର୍ଦ୍ଧନକୁ ଟେକି ଧରି ଆପଣ ଦିନେ ପ୍ରକୃତି ପୂଜନର ବାର୍ତ୍ତା ଦେଇଥିଲେ। ଆଜି ପ୍ରକୃତିର ପ୍ରତୀକ ପାହାଡ଼ ପର୍ବତ ନଦୀ ଜଙ୍ଗଲ ବିଧ୍ୱଂସମୁଖୀ। ମହେନ୍ଦ୍ରଗିରି, ଗନ୍ଧମାର୍ଦ୍ଦନ ପରି ଆହୁରି ଅନେକ ପବିତ୍ର ଐତିହ୍ୟ ସମ୍ପନ୍ନ ପୁରାଣ ପ୍ରସିଦ୍ଧ ପର୍ବତ ଉପରେ ସ୍ୱାର୍ଥାନ୍ୱେଷୀ ଶିଳ୍ପପତିଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି। ଆପଣଙ୍କୁ ତ୍ରେତୟାରେ ଆତିଥେୟ ଦେଇଥିବା କଳିଯୁଗରେ ନୀଳକନ୍ଦରର ନିଭୃତ ପର୍ବତଗୁମ୍ଫାରେ ପୂଜା କରୁଥିବା ବନବାସୀଙ୍କ ବଂଶଧରମାନେ ଶିଳ୍ପପତି-ସରକାରୀ ମଧୁଚନ୍ଦ୍ରିକାରେ ବିସ୍ଥାପିତ ହେଉଛନ୍ତି। ଅନ୍ୟାୟ ବିରୋଧରେ ଉଠୁଥିବା ସ୍ୱର, ପ୍ରତିବାଦ ଓ ଆପତ୍ତିକୁ ପୁଲିସ ବଳ ପ୍ରୟୋଗରେ ନିରବ କରିଦିଆଯାଉଛି। ଆଜି ବିକାଶ ଦାନବର ପରାଭବରେ ପାରାବାର ପ୍ରଦୂଷିତ। ନଦୀ, ପୁଷ୍କରିଣୀ ବିଷାକ୍ତ। ଇନ୍ଦ୍ର ରୁଷ୍ଟ। ବର୍ଷାର ଅଭାବରେ ଚାଷୀକୁଳ ତ୍ରସ୍ତ।

ହେ ସଂସାରର ତ୍ରାଣକର୍ତ୍ତା! ଅସହାୟର ସହାୟ! ନିରାଶ୍ରୟର ରକ୍ଷାକର୍ତ୍ତା! ଆପଣ ଦିନେ କୋଟିବସ୍ତ୍ର ଦେଇ ଦ୍ରୌପଦୀଙ୍କୁ ଦୁଃଶାସନର ମନ୍ଦବୁଦ୍ଧି କବଳରୁ ରକ୍ଷା କରିଥିଲେ। ଆଜି ଶହଶହ ଦୁଃଶାସନର ଦୌରାତ୍ମ୍ୟରେ ନାରୀ ସମାଜ ପୀଡ଼ିତ, ତ୍ରସ୍ତ। ରାଜରାସ୍ତା ନିଶାଖୋରଙ୍କ ଦ୍ୱାରା କବଳିତ ଓ ଅସୁରକ୍ଷିତ। ଗରିବ ନ୍ୟାଯ୍ୟ ଅଧିକାରରୁ ବଞ୍ଚିତ। ନିଜ ଜନ୍ମଦାତା ଓ ଜନ୍ମିତ ସନ୍ତାନର ପରିଚୟ ପାଇଁ ସାଧାରଣ ଜନତାକୁ ଆଜି ସଂଘର୍ଷ କରିବାକୁ ପଡୁଛି। କୋର୍ଟକଚେରି ଧାଇଁ ଧାଇଁ ସର୍ବସ୍ୱାନ୍ତ ହେଉଛି। ବିନା ଉତ୍କୋଚରେ ନା ତ ଭତ୍ତା ମିଳୁଛି ନା ସରକାରୀ ଦଲିଲ୍। ଏପରିକି ଋଣ କରିବା ପାଇଁ ମଧ୍ୟ ହାତଗୁଞ୍ଜା ଦେବାକୁ ପଡୁଛି। ଟଙ୍କା ନ ଦେଲେ ଡାକ୍ତରମାନେ ଔଷଧ ଲେଖୁନାହାନ୍ତି। କୋଟି କୋଟି ଟଙ୍କାରେ ସରକାରୀ ଚାକିରି ବିକ୍ରି ହେଉଛି। ମେଧାବୀମାନଙ୍କର ଶ୍ରମ ଓ ଦକ୍ଷତା ବିଭାଗୀୟ କାର୍ଯ୍ୟାଳୟରେ ନିଲାମ୍ ହେଉଛି। ଧୃତରାଷ୍ଟ୍ର ସୁଲଭ ନିର୍ବିକାର ଶାସନରେ ଏଭଳି ଦୁର୍ଯ୍ୟୋଧନ-ଦୁଃଶାସନମାନଙ୍କର ତାଡ଼ନା ଆଉ କେତେଦିନ ପ୍ରଜାମାନେ ସହିଚାଲିଥିବେ? ପ୍ରତିକାର କରିବା ପାଇଁ ଆଜି ନିଃସ୍ୱ ନିଃସହାୟ ଜନତାର ଗୁହାରୀ ଶୁଣିବା ହୁଅନ୍ତୁ ପ୍ରଭୁ!

ହେ ଗର୍ବଗଞ୍ଜନ ହରି! ଆପଣଙ୍କ ଲକ୍ଷ୍ୟ-ଅଲକ୍ଷ୍ୟରେ ସୁଉଚ୍ଚ ତୋରଣ/ଫଳକମାନ ଦାତାର ଦର୍ପ ଓ ଅହଂକାରର ପ୍ରତୀକ ସାଜିଛନ୍ତି। ଦାତାର ଦାନପଣରେ ଧନାଢ଼୍ୟର ଗର୍ବ ବାରି ହୋଇପଡୁଛି। ଦର୍ପିତ ପ୍ରତିଯୋଗିତାରେ ଭକ୍ତଶ୍ରେଷ୍ଠ ବୋଲାଇବାର ଲାଳସାକୁ ଅର୍ଥବଳରେ ଚରିତାର୍ଥ କରାଯାଉଛି। ଆପଣଙ୍କ ରାଜ୍ୟରେ ବ୍ୟକ୍ତିପୂଜନର କଳୁଷିତ ଓ ଅବାଞ୍ଛିତ ପରମ୍ପରା ପରିପୁଷ୍ଟ ହେଉଛି। ଯେଉଁମାନେ ଆପଣଙ୍କ ନାମରେ ଭୋଟ ମାଗି ଶାସନ କ୍ଷମତାକୁ ଆସିଛନ୍ତି ସେମାନେ ଆପଣ ଓ ଭକ୍ତମାନଙ୍କ ମଧ୍ୟରେ ଆଜି ଅର୍ଗଳି ହୋଇଛନ୍ତି। ଧନୀ-ଗରିବର ଭେଦଭାବଶୂନ୍ୟ ଆପଣଙ୍କ ଶ୍ରୀମନ୍ଦିରର ଚାରିଦ୍ୱାରରେ ଉତ୍କୋଚ-ରାକ୍ଷସର ରାଜତ୍ୱ ଚାଲିଛି। ଧନର ପରିମାଣ ନିର୍ଣ୍ଣୟ କରୁଛି କିଏ ଭକ୍ତର ସ୍ୱୀକୃତି ଓ ଅନୁମତି ପାଇବ। ଦର୍ଶନାର୍ଥୀ ଦେଉଥିବା ଟଙ୍କା ଅନୁଯାୟୀ ଆପଣଙ୍କ ଦରବାରରେ ପ୍ରଭୁ-ଭକ୍ତଙ୍କ ଦୂରତ୍ୱ ଓ ନିବିଡ଼ତା ସ୍ଥିର ହେଉଛି। ଗରିବ ଅସହାୟ ପାଇଁ ଆପଣଙ୍କୁ ହାରିଗୁହାରି କରିବା ସାତସପନ ହୋଇଯାଇଛି।

ହେ ସ୍ୱରାଟରାଟ ଚକ୍ରବର୍ତ୍ତୀ! ଦିନେ ଆଗଙ୍ଗାଗୋଦାବରୀ ବିଜିତ ସମ୍ରାଟ କପିଳେନ୍ଦ୍ର ଦେବ ନିଜକୁ ଆପଣଙ୍କ ରାଉତ ଭାବେ ଘୋଷଣା କରିଥିଲେ। ଆଜି କିନ୍ତୁ ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତରେ ସ୍ୱୈରଚାରର ରାଜସୂୟ ଯଜ୍ଞ ଚାଲିଛି। ଏହି ଯଜ୍ଞରେ ବଳି ପଡ଼ିବା ପାଇଁ ଯୂପକାଠ ନିକଟରେ ଅପେକ୍ଷା କରି ରହିଛନ୍ତି କୋଟିକୋଟି ସାଧାରଣ ଜନତା। କିଏ କାହାର ସ୍ୱପ୍ନକୁ ବଳି ଦେଉଛି ତ କିଏ ନିଜ କଷ୍ଟାର୍ଜିତ ସମ୍ପତ୍ତିକୁ। ପୁଣି କିଏ ନିଜ ମାନ, ସମ୍ମାନ, ମର୍ଯ୍ୟାଦାକୁ ବଳି ଦେଉଛି। ପୁଣି କିଏ ଲୋକଲଜ୍ଜାରେ ନିରବରେ ଧର୍ମକୁ ସାକ୍ଷୀ ରଖି ସହିଚାଲିଛି ଅତ୍ୟାଚାର, ଅବହେଳାର ଯାତନା। ଲୋକେ ଶିକ୍ଷିତ ହେଲେ ସଚେତନ ହେବେ। ସଚେତନ ହେଲେ ରାଜସୂୟ ଯଜ୍ଞ ପାଇଁ ବଳି ଉପକରଣ ହେବାକୁ ରାଜି ହେବେ ନାହିଁ। ତେଣୁ ଶିକ୍ଷାବ୍ୟବସ୍ଥା ଆଜି ଷଡ଼ଯନ୍ତ୍ରରେ ବିପର୍ଯ୍ୟସ୍ତ। ବ୍ୟବସ୍ଥାର ଚକ୍ରବ୍ୟୂହର ପ୍ରସ୍ଥାନ ପଥରେ ଜୟଦ୍ରଥ ଭଳି ନୀତିଭ୍ରଷ୍ଟ ଓ ଦୁରାଚାରୀମାନେ ଜଗି ବସିଛନ୍ତି। ସେମାନଙ୍କ ଷଡ଼ଯନ୍ତ୍ରରେ ନିହତ ହେବା ଅପେକ୍ଷା ହଜାର ହଜାର ଯୁବକଯୁବତୀ ଆତ୍ମହତ୍ୟା କରିବାକୁ ଉଚିତ ମଣୁଛନ୍ତି। ପୁଣି ଅଧର୍ମ-ଅନ୍ୟାୟର ପଶାପାଲି ଖେଳରେ ସର୍ବସ୍ୱ ହରାଇ ଲକ୍ଷ ଲକ୍ଷ ଓଡ଼ିଆ ବନବାସ ବା ଦେଶାନ୍ତର ବା ପ୍ରବାସୀ ଦାଦନ ହେବାକୁ ବାଧ୍ୟ ହେଉଛନ୍ତି। ଖୁଦକଣିକା ପାଇଁ ମାଆ ନିଜ ପିଲାକୁ ବିକ୍ରି କରୁଛି; ସ୍ୱାମୀ ସ୍ତ୍ରୀକୁ ବନ୍ଧା ପକଉଛି।

ହେ ବିଶ୍ୱଗୁରୁ! ଆପଣ ଦିନେ ଯୁଦ୍ଧଭୂମିରୁ ଶାନ୍ତି, ସହାବସ୍ଥାନ, କର୍ମ, ଧର୍ମ ଓ ମାନବବାଦର ବାର୍ତ୍ତା ଦେଇଥିଲେ। ଆଜି କିନ୍ତୁ ସ୍ୱାର୍ଥ ହିଁ ଧର୍ମ ହୋଇଛି। ଉଗରମାନେ ଚାଟୁକାର ସାଜିଛନ୍ତି। ଉପଦେଷ୍ଟାମାନେ ତୋଷାମଦକାରୀ ହେବାକୁ ଉଚିତ ମଣୁଛନ୍ତି। ସମ୍ବିଧାନ ଓ ଗଣତନ୍ତ୍ରର ଦ୍ୱାରପାଳମାନେ ପାରିଷଦ ପଦର ଲୋଭରେ ବିକ୍ରି ହେଉଛନ୍ତି। ଦୁର୍ନୀତିର ସିଂହାସନ ଉପରୁ ନୀତି ନିର୍ଦ୍ଧାରକମାନେ ନିଷ୍ପତ୍ତି ନେଉଛନ୍ତି। ଏଭଳି ପରିସ୍ଥିତିରେ ଆପଣ ହିଁ ଏକମାତ୍ର ଆଶା ଓ ଭରସା। ଏବେ ନିଃସହାୟ-ସର୍ବେ ହୋଇଣ ଏକମୁଖ ବୋଲନ୍ତି ନାରାୟଣ ରଖ। ସେମାନଙ୍କ ପ୍ରାର୍ଥନା ଶୁଣିବା ହୁଅନ୍ତୁ ଏବଂ ବିହିତ ବିଧାନ କରନ୍ତୁ। ଆପଣ ହିଁ ଉତ୍କଳ ଓ ଉତ୍କଳୀୟଙ୍କ ସର୍ବମୟ ହର୍ତ୍ତା-କର୍ତ୍ତା-ବିଧାତା। 'ଉତ୍କଳେ ନେତା ନାହିଁ ପ୍ରୟୋଜନ, ଉତ୍କଳର ନେତା ସ୍ୱୟଂ ନାରାୟଣ।' - ଉତ୍କଳମଣିଙ୍କର ଏହି ଅନ୍ତର୍ବେଦନାକୁ ସ୍ୱୟଂସିଦ୍ଧ କରନ୍ତୁ।

ଜୟ ଜଗନ୍ନାଥ

## ଘୋଷଯାତ୍ରାର ଉଦ୍‌ଘୋଷଣା

ଚାରଣ ବସନ୍ତ ପଣ୍ଡା

ପାଦ ନ ଥାଇ ସବୁଆଡ଼େ ଯାଉଥିବା, ଆଖି ନ ଥାଇ ସବୁ ଦେଖୁଥିବା, କାନ ନ ଥାଇ ସବୁ ଶୁଣୁଥିବା, ପାଟି ନ ଥାଇ କଥା କହୁଥିବା, ଜିଭ ନ ଥାଇ ସବୁ ରସ ଆସ୍ୱାଦନ କରୁଥିବା, ହାତ ନ ଥାଇ ସବୁ ଦେଉଥିବା, ରୂପ ନ ଥାଇ ସବୁ ରୂପକୁ ବୁଝାଉଥିବା ଏ ଠାକୁର ବଡ଼ ବିଚିତ୍ର। ତା' ଠାରୁ ବଡ଼ ବିଚିତ୍ର ସେ ଜାତି, ଯିଏ ମଦନଠାରୁ ସୁନ୍ଦର କରି ଅରୂପରେ ରୂପକୁ ଲେଖି ଗଢ଼ିଛି ତା'କୁ। କାଳିଆ କଳାଶ୍ରୀମୁଖ ସକଳ ସୌନ୍ଦର୍ଯ୍ୟର ବିମୋହକ। ଏଠି ସବୁ ବିଚିତ୍ର। ଧୂଳି ଠାରୁ ଲହରୀ ଯାଏଁ। ଏଥିପାଇଁ ସେ ଜଗତ ଯାକର ନାଥ ଜଗନ୍ନାଥ। ଯାହାଙ୍କ କଥା ପଡ଼ିଲେ ଆତ୍ମୀୟତା ଆସେ। ଯାହାଙ୍କ କଥା ବିଚାର କଲେ ସହୋଦର ପରି ପ୍ରତେ ହୁଏ। ସୁଖ-ଦୁଃଖ କିଛି କହିବି ଭାବିଲେ ବାଲ୍ୟବନ୍ଧୁ ପରି ବୋଧହୁଏ। ତେଣୁ ଭ୍ରାତୃତ୍ୱ, ସାଖ୍ୟ, ଆତ୍ମ-ଆତ୍ମୀୟତାର ଏକ ପାରାବାର ହିଁ ଜଗନ୍ନାଥ, ଯାହାର ପ୍ରତୀକ ଏ ଘୋଷଯାତ୍ରା।

ଆଷାଢ଼ ଶୁକ୍ଳ ଦ୍ୱିତୀୟା ପୁଷ୍ୟା ନକ୍ଷତ୍ରର ସଂଯୋଗରେ ଅନୁଷ୍ଠିତ ହୁଏ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ପୃଥିବୀର କୋଣେ ଅନୁକୋଣେ ରଥଯାତ୍ରା ଅନୁଷ୍ଠିତ ହେଉଥିଲେ ମଧ୍ୟ ଶ୍ରୀପୁରୁଷୋତ୍ତମ କଟକରେ ଶ୍ରୀପୁରୁଷୋତ୍ତମଙ୍କୁ କେନ୍ଦ୍ର କରି ଅନୁଷ୍ଠିତ ଯାତ୍ରା ହିଁ ଘୋଷଯାତ୍ରା, ଶ୍ରେଷ୍ଠଯାତ୍ରା। ଯେଉଁଠି ବିଭିନ୍ନତା ମଧ୍ୟରେ ଅଭିନ୍ନତା, ବହୁଧା ମଧ୍ୟରେ ଏକତ୍ୱ। ଦାରୁର ଠାକୁର ସିଏ। ଦାରୁରେ ଗଢ଼ା ଶରୀର। ବୃକ୍ଷରୁ ବୃଷ୍ଟି। ବୃଷ୍ଟିରୁ ଅନ୍ନ। ଅନ୍ନରୁ ଜୀବନ। ତେଣୁ ଏ ମହାନ ବାର୍ତ୍ତାର ପ୍ରଚାର ପାଇଁ ବୋଧହୁଏ ଏ ଘୋଷ ଯାତ୍ରା। ପୃଥିବୀର କୋଣେ ଅନୁକୋଣେ ଭାଷା, ବର୍ଣ୍ଣ, ଜାତି, ଧର୍ମ, ସଂପ୍ରଦାୟ ଭେଦରେ ଯେତେ ଅଧିବାସୀ ଅଛନ୍ତି ସମସ୍ତଙ୍କ ହୃଦୟରେ ତାଙ୍କର ସତ୍ତା ରହିଛି। କାରଣ ସକଳ ଘଟେ ନାରାୟଣ। ବୋଧହୁଏ ଏହି ଦିବ୍ୟ ଭାବନାର ବାର୍ତ୍ତାକୁ ସୁଦୂର ପ୍ରସାରୀ କରି ଦିବ୍ୟଜ୍ଞାନର ଭାବକୁ ପ୍ରକଟିତ କରିବା ପାଇଁ ଏ ଘୋଷଯାତ୍ରା। ଯହିଁରେ ପ୍ରଚାରିତ ହେଉଛି ସମନ୍ୱୟ, ସମତା, ସର୍ବୋପରି ମାନବବାଦ। ଜଗନ୍ନାଥ ଚତୁର୍ଦ୍ଧା ବିଭକ୍ତ। ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ସୁଦର୍ଶନ। ରଙ୍ଗ ଭେଦରେ ଚାରି। କୃଷ୍ଣ, ଶ୍ୱେତ, ହରିଦ୍ରା, ଲୋହିତ। ସମଗ୍ର ପୃଥିବୀରେ ଏହି ଚାରିପ୍ରକାରର ମାନବ ଦେଖିବାକୁ ମିଳିଥା'ନ୍ତି। ମନେହୁଏ



ସକଳ ସୃଷ୍ଟିର ମାନବ ସମାଜର ପ୍ରତିନିଧିତ୍ୱ ଏହିଠାରେ ହିଁ କେଉଁ ପ୍ରାଚୀନ କାଳରୁ ସମ୍ଭବ ହୋଇଛି। ପୁରୁଷ ଓ ନାରୀ ଭଗବାନଙ୍କ ଅନବଦ୍ୟ ସୃଷ୍ଟି। ତା' ମଧ୍ୟରେ ମଧୁରରୁ ମଧୁରତା ଭାଇଭଉଣୀର ସମ୍ପର୍କ, ଯାହାକି ପୁରୁଷୋତ୍ତମ ଚେତନାରେ ସ୍ତରସ୍ତର ହୋଇ ଉନ୍ମୋଚିତ ହୋଇଛି। ବୋଧହୁଏ ଏହି ଚେତନାର ପରିପ୍ରକାଶ ପାଇଁ ଏ ଘୋଷଯାତ୍ରା।

ଆଜି ଯେତେବେଳେ ବିଶ୍ୱର କୋଣଅନୁକୋଣରୁ ସମନ୍ୱୟର ଉଦ୍‌ଘୋଷଣା ବଜ୍ରଗମ୍ଭୀର କଣ୍ଠରେ ହେଉଛି, ମାନବବାଦର ପ୍ରତିଷ୍ଠା ପାଇଁ ସମସ୍ତେ ଚେଷ୍ଟିତ, କେଉଁ ପୂରାକାଳରୁ ଘୋଷଯାତ୍ରାର ପ୍ରତିଟି କ୍ଷଣରେ ଏହାର ଘଟିଛି ଶୁଭ ଉନ୍ମୋଚନ। କାରଣ ଏ ଯାତ୍ରାରେ ନାହିଁ ଉଚ୍ଚ-ନୀଚ, ବଡ଼-ସାନ, ଧନୀ-ଦରିଦ୍ର, ରାଜା-ପ୍ରଜାର ଭେଦଭାବ। ବରଂ ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ଭେଦରେ ଶ୍ରୀଜଗନ୍ନାଥ ସଂସ୍କୃତି ସମସ୍ତଙ୍କୁ ଦେଇଛି ସମାନ ଅଧିକାର। ସେଇଥିପାଇଁ ଏ ଘୋଷଯାତ୍ରା। ଏତେ ଆଡ଼ମ୍ବର। ଏତେ ସାଜସଜ୍ଜା। ସମ୍ରାଟ ହୋଇ ସାଧାରଣ ଲୋକଙ୍କ କଥା (ପ୍ରଜାଙ୍କ କଥା) ସ୍ୱଚକ୍ଷୁରେ ଦେଖି, ହାନି-ଲାଭ, ଭଲ-ମନ୍ଦ, ଦୁଃଖ-ସୁଖରେ ସମଭାବ ପ୍ରକାଶ କରିବା ହିଁ ମହତ ପଣିଆ। ତେଣୁ ରକ୍ଷକ ହେବାକୁ ହେଲେ ବଡ଼ଦେଉଳର ମୋହକୁ, ରତ୍ନ ସିଂହାସନର ଲୋଭକୁ, କମଳାଙ୍କ ଅଙ୍କ, କନକ ପଲଙ୍କ, ଛତିଶା ନିଯୋଗର ସେବାକୁ ପରିତ୍ୟାଗ କରିବାକୁ ହୁଏ। ଓହ୍ଲାଇବାକୁ ହୁଏ ରାଜରାସ୍ତାକୁ। ଧୂଳିଧୂସରିତ ମାଟିକୁ। ତା' ହେଲେ ଯାଇ ପ୍ରକଟିତ ହେବ ଆତ୍ମ-ଆତ୍ମୀୟତାର ଭାବ। ତୁ ମୋର ମୁଁ ତୋର ଭାବ। ଆଶ୍ରୟଦାତା ଓ ଆଶ୍ରିତ ମଧ୍ୟରେ ପ୍ରେମ ଭାବ। ଭକ୍ତ ଓ ଭାକ୍ତିକ ମଧ୍ୟରେ ସମତ୍ୱ। ଦାସ ଓ ପ୍ରଭୁ ମଧ୍ୟରେ ସ୍ନେହ। ଏହି ଏକାତ୍ମୀଭୂତର ପରିପ୍ରଚାର ପାଇଁ ଏ ଘୋଷଯାତ୍ରା। ପୃଥିବୀରେ ଅନ୍ୟ କୌଣସି ଦେବତା ମଧ୍ୟରେ ଏପରି ଭାବ ଦେଖିଛ କି? ଯେଣୁ ସେ ଜଣର ନୁହେଁ ଗଣର। ଗୋଷ୍ଠୀର ନୁହେଁ ସମଷ୍ଟିର।

ବଡ଼ଦାଣ୍ଡର ପୂତ-ପବିତ୍ର ଧୂଳିକୁ ତିନି ରଥର ବୟାଳିସି ଚକରେ ମାଡ଼ି ଆଗକୁ ଗଡ଼ିଚାଲେ ଏ ଜାତିର ନନ୍ଦିଘୋଷ। ପ୍ରଗତିର ଚକ। ଶ୍ରଦ୍ଧା ଓ ବିଶ୍ୱାସକୁ ମୂଳ କରି, ସମନ୍ୱୟ ଭାବନା ଓ ସମବେତ ଉଦ୍ୟମକୁ ଧ୍ୟେୟ କରି, ଛିନ୍ନ-ଭିନ୍ନ କରି ସଂକୀର୍ଣ୍ଣ ଜାତିଭେଦର ବାଧା ବନ୍ଧନକୁ। ଚକାଆଖିରେ ସ୍ୱନେତ୍ର ପଖାଳି ଜଗତ ହୁଏ ଆତ୍ମବିଭୋର। 'ରଥେତୁ ବାମନଂ ଦୃଷ୍ଟ୍ୱା ପୁନଃ ଜନ୍ମ ନ ବିଦ୍ୟତେ'। ଏକା ବେଳକେ କୈବଲ୍ୟ ପ୍ରାପ୍ତି। ଆତ୍ମାନନ୍ଦ ବ୍ରହ୍ମାନନ୍ଦରେ ପରିଣତ ହୋଇଯାଏ। ସେଇଥିପାଇଁ ଏ ଘୋଷଯାତ୍ରା।

କରପଲ୍ଲବରେ ଥାଏ ପାଞ୍ଚୋଟି ଅଙ୍ଗୁଳି। ଏହି ପାଞ୍ଚୋଟି ଅଙ୍ଗୁଳି ମଧ୍ୟରେ ବୃଦ୍ଧାଙ୍ଗୁଳି ହିଁ ସୃଷ୍ଟି କରିଥାଏ ସମନ୍ୱୟ। ଏହି ବୃଦ୍ଧାଙ୍ଗୁଳି ଯେତେବେଳେ ତର୍ଜନୀ ସହିତ ମିଳିତ ହୁଏ ତାହା 'ଯୋଗ'କୁ ବୁଝାଏ। ମଧ୍ୟମା ସହିତ ମିଳିତ ହେଲେ 'ଧ୍ୟାନ' କୁ ବୁଝାଏ। ଅନାମିକା ସହିତ ମିଳିତ ହେଲେ 'ବ୍ୟାଖ୍ୟାନ'କୁ ବୁଝାଏ। କନିଷ୍ଠା ସହିତ ମିଳିତ ହେଲେ 'ପ୍ରେମ'କୁ ବୁଝାଏ। ପୁରୁଷୋତ୍ତମ ଚେତନାରେ ଏହି ଯୋଗ, ଧ୍ୟାନ, ବ୍ୟାଖ୍ୟାନ, ପ୍ରେମ, ଜଳରେ ଚନ୍ଦ୍ର ପରି ପ୍ରତିବିମ୍ବିତ। ବୋଧହୁଏ ତା'ର ପ୍ରଚାର ପାଇଁ ଏ ଘୋଷଯାତ୍ରା।

ବୈଶାଖ ମାସ ଶୁକ୍ଳପକ୍ଷ ଅଷ୍ଟମୀରେ ନୀଳାଦ୍ରିରେ ମହତୋ ଉଦୟ ହେଲା। ସରିଗଲା ପ୍ରତିଷ୍ଠା କର୍ମ। ରତ୍ନସିଂହାସନ ମଣ୍ଡନ କଲେ ନୀଳାଚଳ ଶିଖାମଣେ। କୃପା କଟାକ୍ଷପାତରେ ଚତୁର୍ଦ୍ଦଶ ଭୁବନକୁ ପ୍ରେମମୟ କଲେ ନୀଳାଦ୍ରିକେଶରୀ। ସେତେବେଳେ ବଦ୍ଧକର ହୋଇ କୃପାପ୍ରାର୍ଥୀ ହୋଇଥିଲେ ତାଙ୍କରି ପ୍ରତିଷ୍ଠାପକ। ମାଗିଲେ, 'ପ୍ରଭୁ! ମୋତେ ନିର୍ବଂଶ କର।' ସତରେ କ'ଣ ଏପରି କିଏ ଯାଚଞ୍ଚା କରେ? ରଙ୍ଗାଧରେ ମନ୍ଦ ମନ୍ଦ ହସୁଥିଲେ ମହାପ୍ରଭୁ। ତଥାପି ଭକ୍ତର ଉକ୍ତିକୁ ସ୍ୱୀକାର କଲେ ଭାବଗ୍ରାହୀ। 'ତଥାସ୍ତୁ' କଲେ। କ'ଣ ଏହାର ରହସ୍ୟ? ଏହାକୁ କୁହାଯାଏ ସମତା। ଏହାକୁ କୁହାଯାଏ ସମନ୍ୱୟ। ଏହାକୁ କୁହାଯାଏ ବିଶ୍ୱ ଭାବନା। ଏ ଦେଉଳ ଜଣର ନ ବୋଲାଇ ବୋଲାଉ ଗଣର। ପ୍ରତିପାଦିତ ହେଉ ମାନବ ପ୍ରେମ। ତାହାର ପରିପ୍ରଚାର ପାଇଁ ଏ ଘୋଷଯାତ୍ରା।

ପବିତ୍ର ବଡ଼ଦାଣ୍ଡରେ ରଥାରୂଢ଼ ଜଗନ୍ନାଥଙ୍କୁ ଦର୍ଶନ କରିବାର ଆଶାକୁ ପ୍ରତିହତ କରି ନ ପାରି ମାନବବାଦର ଶୃଙ୍ଖଳରେ ଆବଦ୍ଧ ହେବା ପାଇଁ ଆଜିର ଏ ବିରାଟ ସମାବେଶ। ସମସ୍ତେ ଆଜି ନତମସ୍ତକ ସେହି ମହାଚେତନା ତଳେ। ସମସ୍ତେ ନତମସ୍ତକ ସେହି ବିରାଟଭୂମା ସମ୍ମୁଖରେ। କୋଟିକଣ୍ଠରୁ ନିନାଦିତ ହେଉଛି ତାଙ୍କରି ମହାମନ୍ତ୍ର - ବସୁଧୈବ କୁଟୁମ୍ବକମ୍'। ଏପରି ମହାମନ୍ତ୍ରରେ ଶିକ୍ଷିତ ଓ ଦୀକ୍ଷିତ ନ ହେଲେ ଆଜିର ସମାଜକୁ ବିଚ୍ଛିନ୍ନତା ପରି ଭୟାବହ ବିଭେଦତା ଧ୍ୱଂସ କରିଦେବ। କିନ୍ତୁ ଦୁଃଖର ସହିତ କହିବାକୁ ପଡୁଛି, ପବିତ୍ର ଘୋଷଯାତ୍ରାରେ ଏହାର ଉଦ୍‌ଘୋଷଣା କେଉଁ ସ୍ମରଣାତୀତ କାଳରୁ ହେଉଥିଲେ ମଧ୍ୟ ତାହା ଆଜି ମୂଳତଃ କାର୍ଯ୍ୟରେ ପରିଣତ ହୋଇପାରି ନାହିଁ। ଆଜି ମଧ୍ୟ ସଭିଙ୍କ ଭିତରେ ହୀନମନ୍ୟତା, ବିଭେଦତା, ସଙ୍କୀର୍ଣ୍ଣତା ଭାବ ଜମାଟ ବାନ୍ଧି ହୋଇରହିଛି। ତଥାପି ସମୟ ଅଛି। ଆସନ୍ତୁ ଆଜିର ଏ ପବିତ୍ର କ୍ଷଣରେ ଦେହରୂପୀ ରଥରେ ସେହି ମହାପ୍ରଭୁଙ୍କୁ ଆରୂଢ଼ କରାଇ ରଥଚକର ଘୋରଘର୍ଘର ନାଦରେ ମନରୁ ସମସ୍ତ ଦୁଃଭାବନାକୁ ପରିହାର କରି ପରିପ୍ରଚାର କରିବା ତାଙ୍କରି ତତ୍ତ୍ୱାନୁତତ୍ତ୍ୱକୁ - ଅହଂକାର ତ୍ୟାଗ, ମୈତ୍ରୀ ଭାବନା, ଗୋଷ୍ଠୀ ସମନ୍ୱୟ, ଜାତିଗତ ଉଦାରତା, ସାମ୍ୟ ଭାବନା। ସେଇଥିପାଇଁ ଏ ଘୋଷଯାତ୍ରା।

ଜୟ ଜଗନ୍ନାଥ, ଜୟ ଉତ୍କଳ
ନୟାଗଡ଼, ମୋ: ୯୨୩୭୦୯୫୨୪୯

## ତୋ ମାୟା ତୋତେ ଅଗୋଚର!

ଅଧ୍ୟାପକ ଅଶୋକ ମହାରଣା

ଭକ୍ତ କୁହନ୍ତି ମାୟାର ନଟବର ନାଟୁଆ ଜଗନ୍ନାଥ। ଶୈଶବରୁ ହିଁ ନାଟୁଆର ନାଟରେ ସାରା ବିଶ୍ୱ ବିମୋହିତ। କି ଲୀଳା ପ୍ରଭୁ ତୁମର। କି ଲୀଳା, କି ମାୟା। ବୁଝିବା କଷ୍ଟ। କଳା କଳା ଆଖିଦିଟାକୁ ବୁଝିବା କ'ଣ ଛାର ମଣିଷ ପକ୍ଷରେ ସମ୍ଭବ! ସେଇଥିପାଇଁ କିଏ କହେ ନାଟୁଆ ତ କିଏ କହେ ମାୟାର ଠାକୁର ନଟନାଗର। ସତରେ ତୁମେ ଲୀଳାମୟ, ପତିତଜନର ତ୍ରାଣକର୍ତ୍ତା, ଭକ୍ତର ଭକ୍ତିରେ ବନ୍ଧା, ଭାବମୟ, ଲୀଳାମୟ ଜଗତରନାଥ କୋଟିପ୍ରାଣର ଦେବତା। ସତରେ କାଳିଆ! କ'ଣ ଅଛି ସେ ଚକା ଚକା ଦୁଇ ନୟନରେ ଯେ ସମଗ୍ର ବିଶ୍ୱ ପରମ ପ୍ରେମରେ ପାଗଳ! କ'ଣ ଅଛି ସେ ବାଇଶି ପାହାଚରେ ଯେ ଗଡ଼ିଯିବାକୁ ମନ। କ'ଣ ଅଛି ସେ ଦାଣ୍ଡରେ ଯେ ଧୂଳି ବୋଲି ହେବାକୁ ମନ। କ'ଣ ଅଛି ଅବଢ଼ାରେ ନିତି ପାଇବାକୁ ମନ। ମୃତ୍ୟୁ ଶେଯରେ କାହିଁକି ଖୋଜା ହୁଏ ନିର୍ମାଲ୍ୟ? କ'ଣ ଅଛି ସେ ପତିତପାବନ ବାନାରେ ବାରମ୍ବାର ଦେଖୀବାକୁ ମନ। ସହସ୍ର ଗୋପୀଙ୍କୁ ମାୟାରେ ବାନ୍ଧି ଯେ ଜଗତକୁ ବାନ୍ଧିପାରେ ତା'କୁ ବୁଝିବା ବଡ଼ କଷ୍ଟ।

କଥାଟିଏ ମନେପଡ଼ିଗଲା। ଦେବର୍ଷୀ ନାରଦ ପ୍ରଭୁଙ୍କର ବଡ଼ ଭକ୍ତ ଏବଂ ବିଷ୍ଣୁଙ୍କ ପାଖରେ ରହିଥିବାରୁ ମନରେ ଗର୍ବ ତ ରହିବା ସ୍ୱାଭାବିକ। ଏମିତି ଦିନେ ନାରଦ ମୁନି ପ୍ରଭୁଙ୍କୁ ପଚାରିଲେ - 'ପ୍ରଭୁ! ସମସ୍ତେ କୁହନ୍ତି ଆପଣ ମାୟାଧର। ମୋତେ ଟିକେ ମାୟାର ଶକ୍ତି ପ୍ରଦର୍ଶନ କରାନ୍ତୁ ଏହା କି ପ୍ରକାର ଅଦ୍ଭୁତ ଶକ୍ତି।' ପ୍ରଭୁ ସ୍ମିତ ହସି



କହିଲେ - 'ପ୍ରବଳ ଗରମ। ଚାଲିବା କଷ୍ଟ। ଶୋଷରେ କଣ୍ଠରୋଧ ହୋଇଯାଉଛି। ଜଳର ବ୍ୟବସ୍ଥା ଟିକେ ହୁଅନ୍ତା ନି!' ପ୍ରଭୁଙ୍କ ସେବାଲାଗି ନାରଦ ତତ୍ପର। ପାଣି ଖୋଜି ଖୋଜି ଗୋଟେ ଗ୍ରାମରେ ପହଞ୍ଚିଲେ। ଗୋଟଏ ଘର ଦ୍ୱାର ସମ୍ମୁଖରେ ଅପରୂପା ହାସ୍ୟମୟୀ, ଲାସ୍ୟମୟୀ ଅପୂର୍ବ ସୁନ୍ଦରୀ କନ୍ୟାକୁ ଦେଖି ନାରଦ ମୋହିତ ହୋଇଗଲେ। ପାଣି ଆଣିବେ କ'ଣ ସେହି କନ୍ୟାର ପ୍ରେମରେ ପଡ଼ି ବିବାହ କଲେ। ଏବେ ପୂରା ସଂସାରୀ ପାଲଟି ଗଲେ ଦେବର୍ଷୀ ନାରଦ। କୁଆଡ଼େ ଓ କ'ଣ ପାଇଁ ଆସିଥିଲେ ସବୁକିଛି ଭୁଲିଗଲେ। ଏମିତିକି ପ୍ରଭୁଙ୍କ କଥା ବି ଭୁଲିଗଲେ। ଏମିତି ବର୍ଷବର୍ଷ ବିତିଗଲା, ପିଲାଛୁଆ ସଂସାରରେ ଛନ୍ଦି ହୋଇଗଲେ ଦେବର୍ଷୀ।। ଦିନେ ନଦୀରେ ପ୍ରବଳ ବନ୍ୟା ଆସିଲା। ଗାଁଗଣ୍ଡା, ଧନସମ୍ପଦ, ଗାଇଗୋରୁ, ଆତ୍ମୀୟ ସ୍ୱଜନ ସମସ୍ତେ ଭାସିଗଲେ କେବଳ ନାରଦଙ୍କୁ ଛାଡ଼ି। ବିଚିତ୍ର ପ୍ରଭୁଙ୍କ ମାୟା! ନାରଦ ମୁନିଙ୍କୁ ଚତୁର୍ଦ୍ଦିଗ ଅନ୍ଧକାର ଦେଖାଗଲା। କାତର ହୋଇ ପ୍ରଭୁଙ୍କୁ ସ୍ମରଣ କଲେ। କିଛି ସମୟ ମଧ୍ୟରେ ବନ୍ୟା ଅପସରି ଗଲା। ସୂର୍ଯ୍ୟର ସୁନେଲି ଆଭା ଚତୁର୍ଦ୍ଦିଗରେ ବିଛାଡ଼ି ହୋଇପଡ଼ିଲା। ନାରଦଙ୍କ ସମ୍ମୁଖରେ ଦଣ୍ଡାୟମାନ ସ୍ୱୟଂ ନାରାୟଣ। ପଚାରିଲେ 'ମୁନିବର! ପାଣି କାହିଁ?' ନାରଦଙ୍କୁ ବୁଝିବାକୁ ବିଳମ୍ବ ହେଲାନାହିଁ। ଯେ ସବୁ ଥିଲା ସେହି ପ୍ରଭୁଙ୍କର ମାୟା। ଆମେ ତ ଛାର ମାନବ। କାଳିଆର ମାୟା ବୁଝିବା କାହୁଁ?

ଗଙ୍ଗାନଦୀ ପାରହେବା ପାଇଁ ନିଷାଦରାଜ ଗୁହକ ନାବିକକୁ ଯେତେ ଡାକିଲେ ସେ କର୍ଣ୍ଣପାତ କଲାନାହିଁ। ପ୍ରଭୁ ନଦୀ ପାର ହେବେ। ନାବିକ ଜାଣିଥିଲା ପ୍ରଭୁଙ୍କ ସ୍ପର୍ଶରେ ପଥର ଯଦି ନାରୀ ପାଲଟି ଯାଉଛି ତା'ର ନାଆର ଅବସ୍ଥା କ'ଣ ହେବ। ନାଆ ଯଦି ନାରୀରେ ପରିଣତ ହୋଇଯାଆନ୍ତି ପରିବାର ଭରଣପୋଷଣ କରିବ କିପରି? ସେଥିପାଇଁ ନାବିକ ମନରେ ଆଶଙ୍କା ନେଇ ନାଆଟିକୁ ଆଣିବାକୁ ମନା କରୁଥିଲା। ଶେଷରେ ନାବିକ କହିଲା- 'ହେ ନାଥ! ତୁମର ଚରଣକମଳ ଧୋଇ ନାଆରେ ଚଢ଼ାଇବି। ମୁଁ ଆପଣଙ୍କ ଠାରୁ କୌଣସି ପାଉଣା ନେବି ନାହିଁ।' ଯାହାଙ୍କର ନାମ ଥରେ ମାତ୍ର ସ୍ମରଣ କଲେ ମନୁଷ୍ୟ ଅପାର ଭବସଂସାରରୁ ମୁକ୍ତି ପାଇଥାଏ, ଯିଏ ବାମନ ରୂପରେ ସମଗ୍ର ବିଶ୍ୱକୁ ତିନି ପାଦଠାରୁ ବି ଛୋଟ କରିଦେଲେ ସେହି ପ୍ରଭୁ କେଉଟକୁ ଗଙ୍ଗା ପାର କରିବା ପାଇଁ ନେହୁରା ହେଉଛନ୍ତି। ଧନ୍ୟ ପ୍ରଭୁ ତୁମର ମହିମା, ଧନ୍ୟ ତୁମାର ମାୟା।

ଭକ୍ତଙ୍କୁ ଦର୍ଶନ ଦେଲେ। ନିଜେ ବି ଝୁଲିଝୁଲି ମାଉସୀଘର, ଜନ୍ମବେଦୀକୁ ଗଲେ। ଧନ୍ୟ ସେ ଲୀଳା। ଭକ୍ତ ସାଲବେଗ ହୁଅନ୍ତୁ କି ଦାସିଆ ବାଉରି। ବନ୍ଧୁ ମହାନ୍ତି କଥା କୁହନ୍ତୁ କି ଘୋର ବନସ୍ତରେ ମୃଗୁଣୀ। ଅଥଳ ଜଳରେ ହାତୀ କଥା କୁହନ୍ତୁ କି ଅଜାମିଳଙ୍କ କଥା। ବାଲି ରଥ କଥା କୁହନ୍ତୁ କି ରଘୁ ଅରକ୍ଷିତଙ୍କ କଥା। କାଞ୍ଚି ଅଭିଯାନର ମାଣିକ ଗଉଡୁଣୀ କଥା ହେଉକି କଳାଧଳା ଘୋଡ଼ା ଚଢ଼ି ଜୟଯାତ୍ରାର ଜତ୍ର ଉଡ଼ାଇବାକୁ ହେଉ। ସବୁ ତାଙ୍କର ମାୟା। ମନୁଷ୍ୟ ଅଳିକ ମାତ୍ର। ମହାଭାରତ ଯୁଦ୍ଧର ଦ୍ରୌପଦୀ ବସ୍ତ୍ରହରଣ ବେଳେ କୋଟିବସ୍ତ୍ର ପ୍ରଦାନ କରି ଲଜ୍ଜା ନିବାରଣ କରିବା ସବୁ ସେହି କୃଷ୍ଣଙ୍କ ମାୟା। ଯାହା ହେଉଛି ତାଙ୍କରି ଇଚ୍ଛାରେ। କେବଳ ସମର୍ପଣ ଏବଂ ଭକ୍ତି ହିଁ ଏକମାତ୍ର ଆୟୁଧ। ଜଗତର ନାଥଙ୍କୁ ଛଳିଆ କହିଲେ ଠିକ୍, ମାୟାବୀ କହିଲେ ବି ଠିକ୍। କପଟିଆ କହିଲେ ମଧ୍ୟ ଠିକ୍! ସର୍ବଦା ବୁଝିନେବାକୁ ହେବ 'କରି କରାଉ ଥାଇ ତୁହି ତୋ ବିନୁ ଅନ୍ୟଗତି ନାହିଁ।' ହେ କାଳିଆ ଠାକୁର! ସବୁ ଯଦି ତୋରି ଲୀଳା, ସବୁ ଯଦି ତୋରି ମାୟା, ତୋ ମାୟା ତୋତେ ଅଗୋଚର। ତେବେ ଏ ଜଗତଜନର ମଙ୍ଗଳ ପାଇଁ କୋଟି ଆଶୀର୍ବାଦ ହିଁ ଏକମାତ୍ର କାମନା। ପ୍ରଭୁ ସମସ୍ତଙ୍କୁ ଶୁଭାର୍ଶୀବାଦ ପ୍ରଦାନ କରନ୍ତୁ

ସିମିନଇ(ଢେଙ୍କାନାଳ) ମୋ: ୯୪୩୭୨୯୦୧୮୧

## ସେ ଯେ କମ୍ଭୁ କଟକର ରାଜା

### ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ

ଡ. କିଶୋର ମହାନ୍ତି

ଚାରିଧାମ ଭିତରେ ଅନ୍ୟତମ ତୀର୍ଥଧାମ ହେଉଛି ପୁରୀ ଧାମ। ପୁରୁଷୋତ୍ତମ ଧାମ, ଶଙ୍ଖକ୍ଷେତ୍ର ଓ ଶ୍ରୀକ୍ଷେତ୍ର। ଏହା ପ୍ରଭୁଙ୍କର ନିତ୍ୟଲୀଳା ସ୍ଥଳୀ। ଭାରତର ଉତ୍ତର ଦିଗରେ ବଦ୍ରିନାଥ-ସ୍ନାନପୀଠ, ପଶ୍ଚିମରେ ଦ୍ୱାରିକା-ବେଶଭୂଷା ପୀଠ, ଦକ୍ଷିଣରେ ରାମେଶ୍ୱର-ଶୟନପୀଠ ଓ ପୂର୍ବରେ ପୁରୁଷୋତ୍ତମ-ଭୋଜନପୀଠ ରୂପେ ବିରାଜିତ। ସ୍କନ୍ଦପୁରାଣରେ ଉଲ୍ଲେଖ ଅନୁଯାୟୀ-ସ୍ୱୟଂ ଭଗବାନ ଏହି କ୍ଷେତ୍ରରେ ଦଶାବତାର ହୋଇଥିଲେ। ଜଗନ୍ନାଥ ଧାମରେ ଜାତି ଭେଦ ନାହିଁ। ବିଶ୍ୱର ସକଳ ଧର୍ମ ଶାସ୍ତ୍ରର ସାରତତ୍ତ୍ୱ ଶ୍ରୀଜଗନ୍ନାଥ ସଂସ୍କୃତିରେ ଅନୁଭବନୀୟ। କିନ୍ତୁ ଏହି ସଂସ୍କୃତି କୌଣସି ଧର୍ମଧାରାରେ ସୀମାବଦ୍ଧ ନୁହେଁ। ଏଥିରେ କୌଣସି ଆଞ୍ଚଳିକତାର ସଂକୀର୍ଣ୍ଣତା ନାହିଁ।

ବ୍ରହ୍ମ ପୁରାଣ ମତରେ ଏହି ପରମ ରମଣୀୟ କ୍ଷେତ୍ରଟି ଥିଲା ଚତୁର୍ବର୍ଣ୍ଣ ଓ ଚତୁରାଶ୍ରମମାନଙ୍କର ପ୍ରିୟତମ ବିଜୟ ଭୂଇଁ, ଯେଉଁଠାରେ ଚଉବର୍ଗ ଫଳଦାତା ଚଉବାହା ବିରାଜିତ, ସେଠାରେ ଚତୁବର୍ଗ ଫଳପ୍ରାପ୍ତି ହୋଇଥାଏ। ଶ୍ରୀକ୍ଷେତ୍ରର ମହତ୍ତ୍ୱ ହେଉଛି ସର୍ବଗୁଣ, ସର୍ବଧର୍ମ, ସର୍ବବିଦ୍ୟା ଚର୍ଚ୍ଚାର ପବିତ୍ର ଭୂଇଁ। ଏଠାରେ ଗୃହସ୍ଥ, ବ୍ରହ୍ମଚାରୀ, ବାନପ୍ରସ୍ଥୀ ସକଳ ମଣିଷର ସମାନ ଅଧିକାର।

ପ୍ରଭୁଙ୍କର ଦର୍ଶନାଭିଳାଷ ନେଇ ଏଠିକି ଆସିଲେ ଶଙ୍କର, ନିମ୍ବାର୍କ, ରାମାନୁଜ, ମାଧ୍ୱାଚାର୍ଯ୍ୟ ଆଉ ଚୈତନ୍ୟ ପ୍ରମୁଖ କେତେ ଭକ୍ତ କେତେ ସନ୍ଥ, କେତେ ବିଦ୍ୱାନ, ଦାର୍ଶନିକ, ପଣ୍ଡିତ, ତାନ୍ତ୍ରିକ, ନାୟିକ ଓ ମୀମାଂସିକ। ଏଠାରେ ସନ୍ଥମାନେ ଜଗତନାଥଙ୍କର ଅପାର ମହିମା, ନିତ୍ୟଲୀଳା ଦର୍ଶନ ନିମନ୍ତେ ମଠ ସ୍ଥାପନ କରି ଅବସ୍ଥାନ କଲେ। ମଠ ସହ ମନ୍ଦିର ଯୋଡ଼ି ହୋଇଗଲା। ଜଗନ୍ନାଥଙ୍କ ଦର୍ଶନ କେବଳ ସେମାନଙ୍କ ଲକ୍ଷ୍ୟ ନଥିଲା। ସେମାନେ ସେଠାରେ ରହି ତତ୍ତ୍ୱ ସମ୍ବନ୍ଧରେ ଅଧିକ ଗବେଷଣା ଓ ପ୍ରଚାରରେ ଲାଗିପଡ଼ିଲେ। ମଠ ଥିଲା ଧର୍ମ ଆଲୋଚନା, ଜଗନ୍ନାଥ ସଂସ୍କୃତି ଧର୍ମ ସଂପର୍କୀୟ ଏକ ସ୍ୱତନ୍ତ୍ର ଗବେଷଣା ଗାର। ଭଜନ, କୀର୍ତ୍ତନରେ ମୁଖରିତ ହୋଇଉଠୁଥିଲା ମଠଗୁଡ଼ିକ।



କେତେକ ଧର୍ମସମ୍ପ୍ରଦାୟ ସହିତ କେତେକ ରାଜ୍ୟର ରାଜାମାନେ ମଧ୍ୟ ଶ୍ରୀକ୍ଷେତ୍ରରେ ଅବସ୍ଥାନ ନିମନ୍ତେ ମଠ ନିର୍ମାଣ କରିଥିଲେ। ସେମାନେ ଦରିଦ୍ର ନାରାୟଣଙ୍କ ସେବାରେ ମନୋନିବେଶ କଲେ। ମଠର ବ୍ୟୟ ଭାର ନିମନ୍ତେ କେତେକ ରାଜ୍ୟର ରାଜା ଆକୁଣ୍ଠଚିତ୍ତରେ ଭୂମି ଓ ଅର୍ଥ ଦାନ କଲେ। ମଠଗୁଡ଼ିକ ତେଣୁ କରି ଶିକ୍ଷା ପ୍ରସାରଣ କ୍ଷେତ୍ର, ସଂସ୍କୃତିର ସଂବାହନ ଭୂମି ଏବଂ ଧର୍ମ ଚର୍ଚ୍ଚାର ପ୍ରମୁଖ କେନ୍ଦ୍ର ପାଲଟିଗଲା।

ପ୍ରତ୍ୟେକ ମଠରେ ସଂପୃକ୍ତ ସଂପ୍ରଦାୟର ଇଷ୍ଟଦେବ ଉପାସିତ ହେଲେ। ସେମାନଙ୍କର ପୂଜାର୍ଚ୍ଚନା, ସ୍ନାନମାର୍ଜନା, ଭୋଗଧୂପ ଯାନିଯାତ୍ରାର ବ୍ୟୟ ଭାର ଭୂ-ସଂପତ୍ତିରୁ ଭରଣା କରାଗଲା। କେତେକ ମଠର ନିଜସ୍ୱ ଚଳଣୀ ମନ୍ଦିରର ଦିନଚର୍ଯ୍ୟା ସହ ସଂପର୍କ ରକ୍ଷା କଲେ। କେତେକ ମଠରୁ ସଞ୍ଜଧୂପ ମନ୍ଦିରକୁ ଯାଏ। ଜୀଉଙ୍କର ମେଲଣ, ଝୁଲଣ ପ୍ରଭୃତି ଅନେକ ଯାନିଯାତ୍ରା ମଠମାନଙ୍କରେ ନିଷ୍ଠା ଓ ଶ୍ରଦ୍ଧାର ସହିତ ପାଳିତ ହୋଇଥାଏ। ପୂଜା, ଉପାସନା, ଶାସ୍ତ୍ରଚର୍ଚ୍ଚା, ପୁରାଣ ପାଠ, ସଂକୀର୍ତ୍ତନ, ପ୍ରବଚନ ପ୍ରଭୃତି ସଂପାଦିତ ହୁଏ।

ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାରେ ମଠର ଭୂମିକା ଅନସ୍ୱୀକାର୍ଯ୍ୟ। ପ୍ରତିବର୍ଷ ରଥଯାତ୍ରା ପୂର୍ବରୁ ରାଘବ ଦାସ ମଠ ପ୍ରଭୁଙ୍କର ଟାହିଆ ଦେଇଥା'ନ୍ତି। ଚୈତନ୍ୟ ମଠ ତରଫରୁ ଖଜା ଓ ମଗଜଲଡୁ ଏବଂ ଆଚାର୍ଯ୍ୟ ଶଙ୍କରଙ୍କର ପ୍ରତିଷ୍ଠିତ ଗୋବର୍ଦ୍ଧନ ମଠରୁ ତୁଳସୀମାଳ ପ୍ରେରିତ ହୋଇଥାଏ। ପ୍ରତ୍ୟେକ ମଠ ପ୍ରଭୁଙ୍କ ନିମିତ୍ତ ଫୁଲ, ତୁଳସୀ, ଦୟଣା, ଟାହିଆ, ଚାନ୍ଦୁଆ, ପାଟବସ୍ତ୍ର, ଭୋଗ, ଧୂପ ପ୍ରଭୃତି ଯୋଗାଇ ଦେଇଥା'ନ୍ତି। ମଠକୁ ଛାଡ଼ି ଶ୍ରୀମନ୍ଦିରର ଐତିହ୍ୟ ସଂପର୍କରେ ଆଲୋଚନା କରିବା ନିରର୍ଥକ। ଏବେ ସୁଦ୍ଧା ଗ୍ରାମାଞ୍ଚଳରେ ମଠବାଡ଼ି ତିଷ୍ଠି ରହିଛି ଏ ମାଟିରେ ଆଧ୍ୟାତ୍ମିକତାର ପବିତ୍ର ବାତାବରଣ ସୃଷ୍ଟି କରିବା ପାଇଁ।

କଟକ, ମୋ: ୯୪୩୭୭୨୮୯୭୫

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# କୁଖ୍ୟାତ ଅପରାଧୀ ବିଦେଶୀ ମହଲା ଗିରଫ

ବଲାଙ୍ଗିର,୧୫।୭(ସମିସ): ବଲାଙ୍ଗିର ସହରରେ ଅପରାଧ ନିୟନ୍ତ୍ରଣ ପାଇଁ ଚାଲିଥିବା ପାଟ୍ରୋଲିଂ ସମୟରେ ଲକ୍ଷ୍ମୀପୋର ଥାନା ପୁଲିସ ଜଣେ କୁଖ୍ୟାତ ଅପରାଧୀକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛି ଲକ୍ଷ୍ମୀପୋର ଥାନା ଅଧୀନ ଚଟିଆପାଲି ଅଞ୍ଚଳର ବିଦେଶୀ ମହଲା (୫୦)। ବଲାଙ୍ଗିର ସଦାଇପାଲି ରାସ୍ତାର ସରକାରୀ ଆଇଟିଆଇ ନିକଟରୁ ପୁଲିସ ତାକୁ କାବୁ କରିଛି। ତା' ନିକଟରୁ ଏକ ବେଆଇନ ପିସ୍ତଲ ଓ ଦୁଇ ରାଉଣ୍ଡ ଗୁଳି ଜବତ କରାଯାଇଛି। ମଙ୍ଗଳବାର ରାତିରେ ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ସନ୍ଦେହଜନକ ଭାବେ ବୁଲୁଥିବା ବିଦେଶୀକୁ ଅଟକାଇ ଯାଞ୍ଚ କରାଯାଇଥିଲା। ତଲାସି ବେଳେ ତା' ନିକଟରୁ ବେଆଇନ ପିସ୍ତଲ ସହ ଦୁଇ ରାଉଣ୍ଡ ଗୁଳି ମିଳିଥିଲା। ପରେ ପୁଲିସ ଅଭିଯୁକ୍ତକୁ ଥାନାକୁ ନେଇ ପଚରାଉଚରା କରିଥିଲା। ପୁଲିସ ସୂଚନା ଅନୁଯାୟୀ, ବିଦେଶୀ ବିରୋଧରେ ବିଭିନ୍ନ ଥାନାରେ ୫ଟି ଆପରାଧିକ ମାମଲା ରହିଛି।

# ପଢ଼ା ବହିରେ ହଜାର ହଜାର ତ୍ରୁଟି: ବିଜେପିକୁ ଘେରିଲା ବିଜେଡି

ଭୁବନେଶ୍ୱର,୧୫।୭(ସମିସ): ପ୍ରଥମରୁ ଅଷ୍ଟମ ଶ୍ରେଣୀର ବହିରେ ବ୍ୟାପକ ତ୍ରୁଟି ହେବାକୁ ନେଇ ସରକାର କ୍ରାଇମବ୍ରାଞ୍ଚକୁ ତଦନ୍ତ କରିବାକୁ ଦେଇଥିବା ବେଳେ ବିଜେପି ପକ୍ଷାନ୍ତରେ ବହିରେ ତ୍ରୁଟି ଥିବା କଥା ସ୍ୱୀକାର କରିଛି। ଏହି ଘଟଣା ପ୍ରାୟ ଏକମାସ ହୋଇ ଯାଇଥିବା ବେଳେ ବିଜେପି ପକ୍ଷରୁ ପ୍ରଥମ ଥର ପାଇଁ ଆଜି ପ୍ରତିକ୍ରିୟାରେ ପ୍ରକାଶିତ ବହିରେ ତ୍ରୁଟି ଥିବା କଥା ସ୍ୱୀକାର କରାଯାଇଛି । ବିଜେପିର ଏହି ପ୍ରତିକ୍ରିୟା ଉପରେ ବିଜୁ ଜନତା ଦଳ ବିଜେପି ଓ ରାଜ୍ୟ ସରକାରକୁ ଘେରିଛି। ତ୍ରୁଟିଶୂନ୍ୟ ବହି ଛାତ୍ରଛାତ୍ରୀମାନଙ୍କୁ କେବେ ପ୍ରଦାନ କରାଯିବ ତାର ସ୍ପଷ୍ଟୀକରଣ ଦେବାକୁ ଦାବି କରିଛି ବିଜେଡି।



- ତ୍ରୁଟିଶୂନ୍ୟ ବହି ଛାତ୍ରଛାତ୍ରୀ ମାନଙ୍କୁ କେବେ ପ୍ରଦାନ କରାଯିବ ତାର ସ୍ପଷ୍ଟୀକରଣ ଦିଅ
- କେବଳ ବାବୁଙ୍କୁ ନୁହେଁ, କୋର କମିଟିର ସଦସ୍ୟଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯାଉ
- ରାଜ୍ୟ ବାହାରର ସଂସ୍ଥାକୁ ବହି ମୁଦ୍ରଣ କାର୍ଯ୍ୟ ପ୍ରଦାନ ରହସ୍ୟ ଉନ୍ମୋଚନ କରାଯାଉ

ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ଲେନିନ ମହାନ୍ତି କହିଛନ୍ତି ଯେ ପିଲାମାନଙ୍କ ବହିରେ ବ୍ୟାପକ ତ୍ରୁଟି ଥିବା କଥାକୁ ବିଜେପି ପ୍ରବକ୍ତା ବିଳମ୍ବରେ ହେଲେ ମଧ୍ୟ ସ୍ୱୀକାର କରିଥିବାରୁ ଆମେ ତାଙ୍କୁ ସାଧୁବାଦ ଦେଉଛୁ । କିନ୍ତୁ ତ୍ରୁଟି ସଂଶୋଧନ କରି ନୂତନ ପୁସ୍ତକ ପିଲା ମାନଙ୍କୁ କେବେ ପ୍ରଦାନ କରାଯିବ, ସେନେଇ ପ୍ରବକ୍ତା କୌଣସି ସୂଚନା ଦେଇ ନାହାନ୍ତି। ତେଣୁ ପିଲା ମାନଙ୍କୁ କେବେ ତ୍ରୁଟିଶୂନ୍ୟ ବହି ଯୋଗାଇ ଦିଆଯିବ ତାର ସୂଚନା ତୁରନ୍ତ ପ୍ରବକ୍ତା ଦିଅନ୍ତୁ ବୋଲି ଡ.ମହାନ୍ତି ଦାବି କରିଛନ୍ତି। ବିଜେପି ପ୍ରବକ୍ତା ତାଙ୍କ ବକ୍ତବ୍ୟରେ କହିଛନ୍ତି ଯେ କ୍ରାଇମବ୍ରାଞ୍ଚକୁ ତଦନ୍ତ ଭାର ଦିଆଯାଇଛି ଓ ଏଥିରେ ସମ୍ପୃକ୍ତ ବାବୁ ମାନଙ୍କୁ ଛଡ଼ାଯିବ ନାହିଁ । ଏଠାରେ ପ୍ରଶ୍ନ ଉଠୁଛି ଯେ କେବଳ ବାବୁ ମାନେ କାହିଁକି, ଏଥିପାଇଁ ଦାୟୀ ଅଣ ବାବୁ ତଥା କୋର କମିଟି ସଦସ୍ୟଙ୍କୁ କାହିଁକି ତଦନ୍ତ ପରିସରଭୁକ୍ତ କରାଯିବନାହିଁ। ସେହିପରି ବହି ଓଡ଼ିଶାରେ ନା ଓଡ଼ିଶା ବାହାରେ ପ୍ରିଣ୍ଟ କରାଯାଇଛି ତାର ମଧ୍ୟ ସ୍ପଷ୍ଟୀକରଣ ଦେବା ଆବଶ୍ୟକ ରହିଛି। ଯଦି ଏହା ଓଡିଶା ବାହାରେ ପ୍ରିଣ୍ଟ କରାଯାଇଛି, ତାହେଲେ ପ୍ରଶ୍ନ ଉଠୁଛି ଯେ ଓଡ଼ିଶାରେ କଣ ପ୍ରିଣ୍ଟିଂ ବ୍ୟବସ୍ଥା ନଥିଲା କି? ରାଜ୍ୟ ସରକାରଙ୍କ ପ୍ରିଣ୍ଟିଂ ହାଉସରେ ପ୍ରିଣ୍ଟ ନ କରି ରାଜ୍ୟ ବାହାରର ଯଥା ଏକ ଗୁଜୁରାଟି ସଂସ୍ଥାକୁ ପ୍ରଦାନ କରିବା କାହା ନିର୍ଦ୍ଦେଶରେ ହୋଇଥିଲା, ତାହା ମଧ୍ୟ ଅନୁସନ୍ଧାନ ସାପେକ୍ଷ। ବିଜେପି ବିରୋଧୀ ଦଳରେ ଥିବା ସମୟରେ ସମସ୍ତ ପ୍ରସଙ୍ଗରେ ସିବିଆଇ ତଦନ୍ତ ପାଇଁ ଦାବି କରୁଥିଲା। କିନ୍ତୁ ଏବେ ସିବିଆଇ ଅପେକ୍ଷା କ୍ରାଇମବ୍ରାଞ୍ଚ ତଦନ୍ତ ଉପରେ ଅଧିକ ଭରସା କରୁଛନ୍ତି। କିନ୍ତୁ ପ୍ରଶ୍ନ ଉଠୁଛି ଯେ ଗତ ଦୁଇ ବର୍ଷରେ ବିଭିନ୍ନ ପ୍ରସଙ୍ଗରେ ରାଜ୍ୟ ସରକାର ଦେଇଥିବା ତଦନ୍ତ ନିର୍ଦ୍ଦେଶ ମଧ୍ୟରୁ କୌଣସି ଗୋଟିଏ ମାମଲାରେ ଏପର୍ଯ୍ୟନ୍ତ ରିପୋର୍ଟ ଆସିପାରି ନାହିଁ ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି।

# ବ୍ରାହ୍ମଣୀଗାଁରେ ମୃଦୁ ଭୂମିକମ୍ପ

ବ୍ରାହ୍ମଣୀଗାଁ, ୧୫।୭(ସମିସ): ଦାରିଙ୍ଗବାଡ଼ି ବ୍ଲକ ସ୍ଥିତ ବ୍ରାହ୍ମଣୀଗାଁ ସହରରେ ଗତ ରାତ୍ରି ସମୟ ୧୦ ଟାରୁ ୧୦ ଟା ୫ ମିନିଟ ମଧ୍ୟରେ ପ୍ରାୟ ୪ ସେକେଣ୍ଡ ପାଇଁ ମୃଦୁ ଭୂମିକମ୍ପ ଅନୁଭୂତ ହୋଇଥିଲା। ଏହି ସମୟରେ ଘଡ଼ଘଡ଼ି ଶବ୍ଦ ପରି ପ୍ରଚଣ୍ଡ ଶବ୍ଦ ମଧ୍ୟ ଶୁଣା ଯାଇଥିଲା। ଘର ଭିତରେ ଥିବା ଲୋକମାନେ ପ୍ରଚଣ୍ଡ ଶବ୍ଦ ଶୁଣି ଭୟଭୀତ ହୋଇଯାଇଥିଲେ।

## ଅବଶିଷ୍ଟାଂଶ

### ଆଜି ଶ୍ରୀଗୁଣ୍ଡିଚା...

ବୁଧବାର ଭୋର୍ ୪ଟା ୩୫ରେ ବନକଲାଗି ନିମନ୍ତେ ଦତ୍ତମହାପାତ୍ର ସେବକ ପ୍ରବେଶ କରିଥିଲେ। ଭିତରେ କମାଣ୍ଡରଙ୍କ ସହ ଦତ୍ତମହାପାତ୍ରଙ୍କ ବିବାଦ ଯୋଗୁଁ ଏହି ନୀତି ବିଳମ୍ବ ହୋଇଥିଲା। ବିବାଦର ସମାଧାନ ପରେ ସକାଳ ୯ ଟାରେ ସରିଥିଲା ବନକଲାଗି। ସେହିଠାରୁ ନୀତି ବିଳମ୍ବରେ ଚାଲିଥିଲା। ସକାଳ ୯ଟା ୨୫ରେ ମଙ୍ଗଳ ଆଳତି, ପୂର୍ବାହ୍ଣ ୧୦ଟା ୫ଟାରେ ଅବକାଶ ପୂଜା ବଢ଼ି ଅନ୍ୟାନ୍ୟ ନୀତି ଚାଲିଥିଲା। ମଧ୍ୟାହ୍ନ ୧୨ଟା ୪୫ରେ ସକାଳ ଧୂପ ଶେଷ ହେବା ପରେ ଅପରାହ୍ଣ ୧ଟା ୧୦ରେ ମହାପ୍ରଭୁଙ୍କ ଆଜ୍ଞାମାଳ ବିଜେ ହୋଇଥିଲା। ତିନିବାଡ଼ରୁ ତିନିଜଣ ପୂଜାପଣ୍ଡା ସାମନ୍ତ ଆଜ୍ଞାମାଳ ଆଣି ଘଣ୍ଟ, ଘଣ୍ଟି, କାହାଳୀ ଶୋଭାଯାତ୍ରାରେ ବଡ଼ଦାଣ୍ଡକୁ ବାହାରିଥିଲେ। ୧ଟା ୨୦ରେ ଆଜ୍ଞାମାଳ ରଥଖଳାରେ ପହଞ୍ଚିଥିଲା। ପ୍ରଥମେ ବଡ଼ଠାକୁର, ପରେ ଶ୍ରୀଜଗନ୍ନାଥ ଓ ଶେଷରେ ଦେବୀ ସୁଭଦ୍ରାଙ୍କ ରଥରେ ଆଜ୍ଞାମାଳ ବିଜେ ହୋଇଥିଲା। ମହାପ୍ରଭୁଙ୍କ ଆଜ୍ଞା ପାଇବା ପରେ ରଥରେ ଦଉଡ଼ି ଲଗାଯାଇ ସବୁ ଚକରେ ତେଲ ଦିଆଯାଇଥିଲା। ରଥଟଣା ପାଇଁ ବିଜେ କାହାଳୀ ବାଜିବା ପରେ ସିଂହଦ୍ୱାର ଅଭିମୁଖେ ଗଡ଼ିଥିଲା ତିନିରଥ। ରଥ ଟାଣିଥିଲେ ସୁରକ୍ଷା କର୍ମୀ ଓ ସେବାୟତ। ପରମ୍ପରା ଅନୁଯାୟୀ, ପ୍ରଥମେ ନନ୍ଦିଘୋଷ, ପରେ ଦେବଦଳନ ଏବଂ ଶେଷରେ ତାଳଧ୍ୱଜ ରଥ ସିଂହଦ୍ୱାରରେ ଲାଗିଥିଲା। ଅପରାହ୍ଣ ସାଢ଼େ ୪ଟା ସୁଦ୍ଧା ତିନିରଥ ସିଂହଦ୍ୱାର ସମ୍ମୁଖରେ ପହଞ୍ଚି ଯାଇଥିଲା। ଏହାପରେ ତିନିରଥକୁ ଫୁଲରେ ସଜ୍ଜିତ କରାଯାଇଥିବା ବେଳେ ଚାର ବନ୍ଧାଯାଇ ରଥ ଉପରକୁ ସାରଥୀଙ୍କୁ ନିଆଯାଇଥିଲା।

ଶ୍ରୀମନ୍ଦିରରେ ଚତୁର୍ଦ୍ଧାବିଗ୍ରହଙ୍କ ପହୁଡ଼ ଆଳତି ସରିବା ପରେ ଶ୍ରୀମୁଖ ଖଣ୍ଡୁଆ ନୀତି ଓ ଏହାପରେ ଦଇତାପତି ସେବକମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସୁରକ୍ଷା ଲାଗି ବାହୁଟକଣ୍ଠ ଏବଂ ସେନାପଟା କରିବା ଲାଗି ନୀତି ନିର୍ଘଣ୍ଟ ହୋଇଛି। ଗୁରୁବାର ସକାଳ ୬ଟାରେ ମଙ୍ଗଳ ଆଳତି ହେବ। ସକାଳ ୯ଟାରେ ରଥ ପ୍ରତିଷ୍ଠା ପରେ ମଙ୍ଗଳାର୍ପଣ ହୋଇ ସାଢ଼େ ୯ଟାରେ ପହଣ୍ଡି ଆରମ୍ଭ ହେବ। ମଧ୍ୟାହ୍ନ ସାଢ଼େ ୧୨ଟା ସୁଦ୍ଧା ପହଣ୍ଡି ଶେଷ କରାଯାଇ ଅପରାହ୍ଣ ୧ଟାରେ ରଥକୁ ରାମକୃଷ୍ଣ, ମଦନମୋହନ ବିଜେ ହେବେ। ଅପରାହ୍ଣ ୨ଟାରୁ ୩ଟା ମଧ୍ୟରେ ଛେରାପହଁରା ନୀତି ବଢ଼ି ୪ଟା ସୁଦ୍ଧା ରଥ ଟାଣିବା ଲାଗି ନୀତି ନିର୍ଘଣ୍ଟ ପ୍ରସ୍ତୁତ ହୋଇଛି। ଅନ୍ୟପକ୍ଷରେ ମହାପ୍ରଭୁଙ୍କ ଘୋଷଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ କରିବା ଲାଗି ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। କଡ଼ା ସୁରକ୍ଷା ବଳୟରେ ରହିଛି ପୁରୀ। ରଥଯାତ୍ରାରେ ୧୩ ହଜାର ପୁଲିସ କର୍ମଚାରୀ ମୁତୟନ ଥିବାବେଳେ ୧୯ ଜଣ ବରିଷ୍ଠ ଆଇପିଏସ୍ ଅଧିକାରୀ ସୁରକ୍ଷା ବ୍ୟବସ୍ଥାର ପରିଚାଳନା କରୁଛନ୍ତି। ସମୁଦ୍ର ପଥରେ ମେରାଇନ୍ ପୁଲିସ ଏବଂ କୋଷ୍ଟଗାର୍ଡ କଡ଼ା ନଜର ରଖିଛନ୍ତି। ଓଡ଼ିଶା ପୁଲିସ ସହିତ ବିଏସ୍ଏଫ୍, ସିଆର୍‌ପିଏଫ୍, ଏନ୍‌ଏସ୍‌ଜି, ରାପିଡ୍ ଆକ୍ସନ ଫୋର୍ସ, ଓଡ଼ିଶା ପୁଲିସର ଏସ୍‌ଟିୟୁ କମାଣ୍ଡୋ, ଡଗ୍ ସ୍କ୍ୱାଡ୍ ଏବଂ ବୋମା ନିଷ୍କ୍ରିୟକାରୀ ଦଳ ମଧ୍ୟ ସୁରକ୍ଷା ଦାୟିତ୍ୱରେ ରହିଛନ୍ତି। ଆକାଶ ମାର୍ଗରୁ ଡ୍ରୋନ୍ ଦ୍ୱାରା ସମ୍ପୂର୍ଣ୍ଣ ପୁରୀ ସହର ଉପରେ ନଜର ରହିଛି। ମୋଟ୍ ୪୭୦ଟି ସିସିଟିଭି କ୍ୟାମେରା ଦ୍ୱାରା ସମ୍ପୂର୍ଣ୍ଣ ପୁରୀ ସହର ଏବଂ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ଉପରେ କଡ଼ା ନଜର ରଖିଛି।

### ୧୭ ପର୍ଯ୍ୟନ୍ତ...

ବଢ଼ିବା ଆକଳନ କରାଯାଉଛି। ଅନ୍ୟପଟେ ଗୁରୁବାର ରଥଯାତ୍ରାରେ ଓଡ଼ିଶାର ଅଧିକାଂଶ ଜିଲ୍ଲାରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ କେନ୍ଦ୍ରାପଡ଼ା, କଟକ ଓ ଜଗତସିଂହପୁର ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ପ୍ରବଳ ବର୍ଷା ପାଇଁ ପୁରୀ, ଖୋରଧା, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କନ୍ଧମାଳ, ବୌଦ୍ଧ, ଢେଙ୍କାନାଳ, ଯାଜପୁର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ, ଦେବଗଡ଼, ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

ଗତ ୨୪ ଘଣ୍ଟାରେ ଲଘୁଚାପ ପ୍ରଭାବରେ ପୁରୀ ସହରରେ ଅତି ପ୍ରବଳ ବର୍ଷା ରେକର୍ଡ ହୋଇଛି। ଆଜି ସକାଳ ୫ଟା ୩୦ରୁ ସକାଳ ୮ଟା ୩୦ ମଧ୍ୟରେ ପାଖାପାଖି ୬୧ମିମି ବର୍ଷା ରେକର୍ଡ ହୋଇ ଥିବାବେଳେ ଗତ ୨୪ ଘଣ୍ଟାରେ ୧୪୩.୮ ମିମି ବର୍ଷା ରେକର୍ଡ ହୋଇଛି। ଏହା ବ୍ୟତୀତ ଭଦ୍ରକରେ ୧୨୩ ମିମି ବର୍ଷା ହୋଇଥିବା ବେଳେ ଚାନ୍ଦବାଲିରେ ୬୦, ବାଲେଶ୍ୱରରେ ୩୦, ଭୁବନେଶ୍ୱରରେ ୨୬, ବାରିପଦାରେ ୪୦, ଯାଜପୁର ୯୦ ଓ କେନ୍ଦ୍ରାପଡ଼ାରେ ୭୨ ମିମି ବର୍ଷା ରେକର୍ଡ ହୋଇଛି। ବର୍ଷା ସ୍ଥିତି ୧୭ ତାରିଖ ଯାଏଁ ଜାରି ରହିବ। ଓଡିଶା ଉପକୂଳରେ ମେଘୁଆ ପାଗ ସହ ୪୫ରୁ ୫୦ କିମି ପବନ ସର୍ବାଧିକ ୬୦ କିମି ପବନ ବହିବାର ସମ୍ଭାବନାକୁ ନେଇ ସମୁଦ୍ର ଆଶାନ୍ତ ରହିବ। ଏହାକୁ ଦୃଷ୍ଟିରେ ରଖି ୧୮ ତାରିଖ ଯାଏଁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି। ଜୁନ ୧ରୁ ଏଯାବତ ୩୫୪.୭ ମିମି ହୋଇଥିବା ବେଳେ ସ୍ୱାଭାବିକ ବର୍ଷା ରହିଛି ୩୪୫.୫ ତୁଳନାରେ ବର୍ଷାର ପରିମାଣ ୪ ପ୍ରତିଶତ ଅଧିକ ରହିଛି। ଅନ୍ୟପଟେ ଗତ ୨୪ ଘଣ୍ଟା ମଧ୍ୟରେ ୧୩ଟି ଜିଲ୍ଲାରେ ବର୍ଷା ହୋଇଥିବା ବେଳେ କେନ୍ଦ୍ରାପଡା ରାଜନଗରରେ ସର୍ବାଧିକ ୧୫୫ ମିମି ବର୍ଷା ରେକର୍ଡ କରାଯାଇଛି।

### ବାବୁ ଅଫିସର...

ଉପ-ନିର୍ଦ୍ଦେଶକ ଶୁଭ୍ରଜିତ୍ ନାୟକ ରହିଛନ୍ତି। ମାତ୍ର ସମ୍ପୃକ୍ତ ବାବୁ ନିଜ ପତ୍ନୀଙ୍କ ନାମରେ ଏକ ଯୋଗାଣ ସଂସ୍ଥା ପଞ୍ଜିକରଣ କରି ନିଜ ପୁତ୍ରଙ୍କ ନାମରେ ସଂସ୍ଥାର ନାମକରଣ କରି ମୁଦ୍ରଣ ସାମଗ୍ରୀ ଯୋଗାଉଛନ୍ତି। କ୍ଷମତାରେ ଥିବାରୁ ତଞ୍ଚକତା କରି ଦୀର୍ଘ ବର୍ଷରୁ ଏପରି ବ୍ୟବସାୟ କରୁଥିବା ତାଙ୍କ ବିରୋଧରେ ଅଭିଯୋଗ ହୋଇଛି। କେବଳ ଏତିକି ନୁହେଁ, ବାବୁଙ୍କ ଜଣେ ସମ୍ପର୍କିୟ କଟକର ସରକାରୀ ପ୍ରେସ୍‌ରେ ଝାଡୁଦାର ଥିବାବେଳେ ସେ ସଚିବାଳୟରେ କିରାଣି କାର୍ଯ୍ୟ କରୁଛନ୍ତି। ଫଳରେ ବାଣିଜ୍ୟ ବିଭାଗର ସଚିବଙ୍କ ଭୂମିକା ମଧ୍ୟ ସନ୍ଦେହଘେରକୁ ଆସିଛି।

ଟେକ୍ସଟ୍ ବୁକ୍ ପ୍ରେସ୍‌ର ଦାୟିତ୍ୱରେ ଥିବା ଶୁଭ୍ରଜିତ ନାୟକଙ୍କ ଆଉ ଏକ ପ୍ରମୁଖ କାର୍ଯ୍ୟ ହେଲା ବହି ଛପା ହେବା ପୂର୍ବରୁ ବା ସେହି ସମୟରେ ପ୍ରୁଫ୍ କରେକସନ୍ କରିବା। ଅର୍ଥାତ୍ କୌଣସି ତ୍ରୁଟି ରହିଛି ନା ନାହିଁ ତାହା ପରଖିବା ସହ, ତ୍ରୁଟି ଥିଲେ ତାକୁ ସୁଧାରିବା ତାଙ୍କର ପ୍ରମୁଖ ଦାୟିତ୍ୱ। ମାତ୍ର ଉଭୟ ପ୍ରେସ୍ ଦାୟିତ୍ୱରେ ଥିବା ଏହି ବାବୁ ସଠିକ୍ ଭାବେ କାର୍ଯ୍ୟ ସମ୍ପାଦନ କରି ନାହାନ୍ତି। ସମ୍ପ୍ରତି ପୁସ୍ତକ ତ୍ରୁଟି ପାଇଁ ଦାୟିତ୍ୱରେ ଅବହେଳା କରିଥିବା ଅଧିକାରୀଙ୍କୁ କ୍ରାଇମବ୍ରାଞ୍ଚ ତଦନ୍ତ ପରିସରଭୁକ୍ତ କରିଥିବାବେଳେ ଏହି ବାବୁଙ୍କୁ କାହିଁକି ଅନୁକମ୍ପା ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗୋଟିଏ ବିଭାଗର ଅଧିକାରୀ ହୋଇ ଦୁଇଟି ବିଭାଗରେ କିପରି କାର୍ଯ୍ୟ କରୁଛନ୍ତି, ନିଜେ ଅଧିକାରୀ ହୋଇ ପତ୍ନୀଙ୍କ ନାମରେ କିପରି ବେପାର କରୁଛନ୍ତି ତାହାର ତଦନ୍ତ କରାଯିବା ସହ ପାଠ୍ୟପୁସ୍ତକ ମୁଦ୍ରଣ ଦାୟିତ୍ୱରେ ଅବହେଳା ପାଇଁ ତାଙ୍କୁ କ୍ରାଇବ୍ରାଞ୍ଚ ତଦନ୍ତ ପରିସରଭୁକ୍ତ କରିବାକୁ ଦାବି ହୋଇଛି।

### ବଢ଼ିବ ରାଜ୍ୟର...

ଦୁଇଟି ରେଳ ଲାଇନ୍‌ର ଉନ୍ନତିକରଣ ଦ୍ୱାରା ଟ୍ରେନ ଚଳାଚଳ ଯଥେଷ୍ଟ ଉନ୍ନତ ହେବ। ଏହାଫଳରେ ଭାରତୀୟ ରେଳବାଇର ପରିଚାଳନାଗତ ଦକ୍ଷତା ଏବଂ ସେବା କ୍ଷମତା ବୃଦ୍ଧି ପାଇବ। ଏହି ମଲ୍ଟି-ଟ୍ରାକିଂ ପ୍ରସ୍ତାବ ଟ୍ରେନ୍ ଚଳାଚଳକୁ ସୁବ୍ୟବସ୍ଥିତ କରିବା ଏବଂ ଭିଡ଼ ହ୍ରାସ କରିବାରେ ସାହାଯ୍ୟ କରିବ। ପ୍ରଧାନମନ୍ତ୍ରୀ ଗତି ଶକ୍ତି ଜାତୀୟ ମାଷ୍ଟର ପ୍ଲାନର ଅଂଶବିଶେଷ ଭାବେ ଏହି ପ୍ରକଳ୍ପଗୁଡ଼ିକର ପରିକଳ୍ପନା କରାଯାଇଛି। ସମନ୍ୱିତ ଯୋଜନା ପ୍ରସ୍ତୁତି ଏବଂ ଅଂଶୀଦାରଙ୍କ ବିଚାରବିମର୍ଶ ମାଧ୍ୟମରେ ବହୁମୁଖି ଯୋଗାଯୋଗ ଏବଂ ଲଜିଷ୍ଟିକ୍ସ ଦକ୍ଷତା ବୃଦ୍ଧି କରିବା ଏହାର ଲକ୍ଷ୍ୟ । ଏହି ପ୍ରକଳ୍ପଗୁଡ଼ିକ ଦ୍ୱାରା ଯାତ୍ରୀ, ସାମଗ୍ରୀ ଏବଂ ସେବାର ସୁଗମ ପରିବହନ ସୁନିଶ୍ଚିତ ହେବ। ଏହି ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକ କୋଇଲା, ଲୁହାପଥର, ଡୋଲୋମାଇଟ୍, ଚୂନପଥର, ଜିପସମ୍ ଇତ୍ୟାଦି ସାମଗ୍ରୀ ପରିବହନ ପାଇଁ ଅତ୍ୟାବଶ୍ୟକ ମାର୍ଗରେ ଆସୁଛି । କାମ ସରିବା ପରେ, ଏହି ପ୍ରକଳ୍ପଗୁଡ଼ିକ ପ୍ରତିବର୍ଷ ୪୪ ନିୟୁତ ଟନ୍ ଅତିରିକ୍ତ ମାଲ ପରିବହନ କ୍ଷମତା ପ୍ରଦାନ କରିବ।

**AFFIDAVIT**

By virtue of an affidavit sworn before the Executive Magistrate, Dharamgarh, Kalahandi.I, Dayanidhi Patra, S/o Biramani Patra, resident of Village Dengaguda, P.S. Koksara, District Kalahandi, Odisha, have changed the name of my minor daughter from Debashree Patra to Debishree Patra (new name ). Henceforth, she shall be known as **Debishree Patra** for all purposes.

Dayanidhi Patra

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 1011, dated: 30-06-2026 I, KANCHANA GANDA, W/o - Late. Narayan Ganda, Permanent Resident of Village - Badakusumi, Po-Pujariguda, Ps- Nabarangpur, Dist- Nabarangpur, Odisha, Pin - 764059, declare that I have changed the name of my Daughter from DEEPAMONI GANDA to DEEPAMONI PATRA. Henceforth, She shall be known as **DEEPAMONI PATRA** for all purposes.

Sd/- Kanchana Ganda

**AFFIDAVIT**

I, Radhika Agrawal, W/o-Mohan Kumar Agrawal, D/o-Sajan Kumar Agrawal resident of Ward no.18, Bhatli Chowk, Shiv Mandir Pada, Bargarh, Po./Ps./ Tah/Dist.- Bargarh, Odisha, PIN- 768028 state vide affidavit no. 357 dated 15.07.2026 that, I have changed my name from **Karishma Agrawal** to **Radhika Agrawal**. Henceforth I will be known as **Radhika Agrawal** for all future purposes.

**AFFIDAVIT**

I, Shruti Raghuwanshi, aged about 39 years, W/o- Akhileshvar Singh resident of Quarter No 5, Type-A,VIP Colony, CRP, Nayapalli, Bhubaneswar, 751015, declared by this Affidavit No.836/2026 Dated.14.07.2026, That now onwards I shall be known as **SHRUTI SINGH** that for all future purposes.

GOVERNMENT OF ODISHA

**OFFICE OF THE SUPERINTENDING ENGINEER, BOUDH (R&B) DIVISION, BOUDH**

34001/483/2627

Phone: 06841-296119, Email: eeboudhrb@gmail.com

**INVITATIONS FOR BIDS (IFB)**

**e-Procurement Notice**

Letter No.: 3291, Dated: 10.07.2026

BID IDENTIFICATION No.: SE (R&B)-BDH 04/2026-27

| | | |
|---|---|---|
| 1 | Number of work | 03 (Three) Nos. of EI work (Single cover) |
| 2 | Estimated cost | As per the column No. 3 of the table |
| 3 | Period of completion | As per the column No. 8 of the table |
| 4 | Date & time of availability of Bid documents in the portal | From **17.07.2026, 10:00 AM** to **24.07.2026, 05:00 PM** |
| 5 | Last date/time for seeking of Tender clarification | **24.07.2026 up to 01:00 PM** |
| 6 | Last date/time for receipt of bids in the portal | **Up to 05:00 PM on 24.07.2026** |
| 7 | Date & time of opening of Tender/Bid | **27.07.2026 at 11:30 AM** |
| 8 | Name and address of the officer inviting bid | **Superintending Engineer, Boudh (R&B) Division, Boudh** |

**A.** Other details can be seen from detailed notice.
**B.** Inviting tenders are available on the website: www.tendersorissa.gov.in
**C.** Corrigendum, if any, shall only be published on the website: www.tendersorissa.gov.in

OIPR-34001/34134/1/26-27/0008

**Superintending Engineer**
Boudh (R&B) Division, Boudh

**WORKS DEPARTMENT** 34001/494/2627

**OFFICE OF THE SUPERINTENDING ENGINEER, BHADRAK (R&B) DIVISION**

**e-mail:** bhadrakrnbdivision@gmail.com

**Government of Odisha "e" Procurement Notice**

**Bid Identification No. SE (R&B) BDK-10/2026-27**

**No. 6380 / dt. 10-07-2026**

**Nature of work:** Civil & EI & PH Work
**Number of works:** 8 (Eight) Nos.
**Amount put to Tender:** Rs. 5.52 to 62.32 Lakhs
**Class of Contractor:** B, C & D & HT or MV with Authorised Dealer of OEM / Original Equipment Manufacturer / Manufacturer Company
**Date & Time of availability of bid document in the portal:** 21.07.2026 at 11.00 AM
**Last Date / Time of receipt of bid in the portal:** 31.07.2026 up to 05.00 PM
**Date of opening of bid:** 01.08.2026 at 11.30 AM
**Name & address of the Office inviting bid:** Superintending Engineer, Bhadrak (R&B) Division.
The bidders have to participate in **ONLINE** bidding only.
Further details can be seen from the e-procurement portal http://tendersodisha.gov.in.
All future corrigendum will be available on **ONLINE** mode only.

**Superintending Engineer**
**Bhadrak (R&B) Division**

OIPR-34001/34079/1/26-27/0004

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 1010, dated: 30-06-2026 I, KANCHANA GANDA, W/o - Late. Narayan Ganda, Permanent Resident of Village - Badakusumi, Po-Pujariguda, Ps- Nabarangpur, Dist- Nabarangpur, Odisha, Pin - 764059, declare that I have changed the name of my Daughter from ANSUPA GANDA to ANSUPA PATRA. Henceforth, She shall be known as **ANSUPA PATRA** for all purposes.

Sd/- Kanchana Ganda

**AFFIDAVIT**

By virtue of an affidavit sworn before the Executive Magistrate, Kodinga, Vide no - 2033/2026, dated: 02-07-2026 I, GOBARDHAN MAJHI, S/o - Balaram Majhi, Permanent Resident of Village - Chikalpadar, Po- Kottagam, Ps- Kodinga, Dist- Nabarangpur, Odisha, Pin - 764075, declare that I have changed the name of my Son from RAJINDRA MAJHI to RAJESH MAJHI. Henceforth, he shall be known as **RAJESH MAJHI** for all purposes.

Sd/- Gobardhan Majhi

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no- 1012, dated. 30.06.2026 I, KANCHANA PATRA, Wife of- Narayan Ganda, Permanent Resident of Village- Badakusumi, Po.- Pujariguda, Ps.- Nabarangpur, Dist- Nabarangpur, Odisha,Pin - 764059, declare that I have changed my name from KANCHANA GANDA to KANCHANA PATRA. Henceforth, I shall be known as **KANCHANA PATRA** for all purposes.

Sd/- Kanchana Patra

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 732, dated: 08-07-2026 I, BIBEKANANDA HARIJAN, S/o - Krushna Chandra Harijan, Permanent Resident of Village - Sanakumuli, Po- Badakumuli, Ps- Papadahandi, Dist- Nabarangpur, Odisha, Pin - 764059, declare that I have changed the name of my Son from JEET HARIJAN to PRUTHBI RAJ HARIJAN. Henceforth, he shall be known as **PRUTHBI RAJ HARIJAN** for all purposes.

Sd/- Bibekananda Harijan

**ପଶ୍ଚିମ ରେଳବାଇ - ରତଲାମ ମଣ୍ଡଳ**

**ଇ-ଟେଣ୍ଡର ବିଜ୍ଞପ୍ତି**

W/623/NIT/1, ତାରିଖ: 13.07.2026 । କ୍ରମିକ ସଂଖ୍ୟା: 1 । ଇ-ଟେଣ୍ଡର ନଂ.: RTM-2026-27-60 । କାର୍ଯ୍ୟର ନାମ: ରତଲାମ ମଣ୍ଡଳର ଦାହୋଦ, MGN, COR, ଉଜ୍ଜୟିନ (UJN), SEH, ଇନ୍ଦୋର (IND) ଏବଂ DADN ସମେତ 7ଟି ଷ୍ଟେସନରେ ଥିବା ଜିଆରପି ଥାନା/ବ୍ୟାରାକର ଉନ୍ନତିକରଣ ଓ ମରାମତି କାର୍ଯ୍ୟ । ଆନୁମାନିକ ପରିମାଣ: ଟେଣ୍ଡର କାର୍ଯ୍ୟସୂଚୀ ଅନୁଯାୟୀ । ଆନୁମାନିକ ମୂଲ୍ୟ: Rs. 52,45,620.57 । ବଯ଼ାନା ରାଶି (EMD): Rs. 1,04,900.00 । ଟେଣ୍ଡର ଫର୍ମ ମୂଲ୍ୟ: ନିଃଶୁଳ୍କ । କାର୍ଯ୍ୟ ସମାପ୍ତି ଅବଧି: 12 ମାସ । ୱେବସାଇଟରେ ଅପଲୋଡ଼ ତାରିଖ: 13.07.2026 । ଟେଣ୍ଡର ଖୋଲିବା ତାରିଖ: 05.08.2026 । କ୍ରମିକ ସଂଖ୍ୟା: 2 । ଇ-ଟେଣ୍ଡର ନଂ.: RTM-2026-27-61 । କାର୍ଯ୍ୟର ନାମ: (1) ଚାନ୍ଦେରିଆ-ରତଲାମ ସେକ୍ସନର ଚିତ୍ତୌଡ଼ଗଡ଼, ନିମ୍ବାହେରା ଏବଂ ଶମ୍ଭୁପୁରା ଷ୍ଟେସନରେ ସମସ୍ତ ଆନୁଷଙ୍ଗିକ ସୁବିଧା ସହିତ ମେସିନ ସାଇଡିଂ ନିର୍ମାଣ । (2) ରତଲାମ-ଖଣ୍ଡୱା ସେକ୍ସନର ନୈାଗାଁ, ବରନଗର ଏବଂ ପାଲିଆ ଷ୍ଟେସନରେ ସମସ୍ତ ଆନୁଷଙ୍ଗିକ ସୁବିଧା ସହିତ ମେସିନ ସାଇଡିଂ ନିର୍ମାଣ । (3) ଚାନ୍ଦେରିଆ-ରତଲାମ-ଖଣ୍ଡୱା ସେକ୍ସନରେ SSE (P/W) NMH, JAO, BNG, DADN ଓ KNW ଅଧୀନରେ ମୋଟ 11.0 TKM କ୍ୟାଜୁଆଲ ରେଳ ନବୀକରଣ କାର୍ଯ୍ୟ । ଆନୁମାନିକ ପରିମାଣ: ଟେଣ୍ଡର କାର୍ଯ୍ୟସୂଚୀ ଅନୁଯାୟୀ । ଆନୁମାନିକ ମୂଲ୍ୟ: Rs. 10,50,91,357.46 । ବଯ଼ାନା ରାଶି: Rs. 21,01,800.00 । ଟେଣ୍ଡର ଫର୍ମ ମୂଲ୍ୟ: ନିଃଶୁଳ୍କ । କାର୍ଯ୍ୟ ସମାପ୍ତି ଅବଧି: 18 ମାସ । ୱେବସାଇଟରେ ଅପଲୋଡ଼ ତାରିଖ: 13.07.2026 । ଟେଣ୍ଡର ଖୋଲିବା ତାରିଖ: 05.08.2026 । କ୍ରମିକ ସଂଖ୍ୟା: 3 । ଇ-ଟେଣ୍ଡର ନଂ.: RTM-2026-27-71 । କାର୍ଯ୍ୟର ନାମ: (1) ରତଲାମ ମଣ୍ଡଳରେ ପଏଣ୍ଟସମ୍ୟାନ/ଟ୍ରାଫିକ ଆସିଷ୍ଟାଣ୍ଟଙ୍କ ପାଇଁ ବିଦ୍ୟୁତ କାର୍ଯ୍ୟ ସମେତ HUT ନିର୍ମାଣ । (2) ରତଲାମ ମଣ୍ଡଳର 68ଟି ଷ୍ଟେସନରେ (ଦିବ୍ୟାଙ୍ଗଜନ ସୁବିଧା) ପ୍ଲାଟଫର୍ମ ଧାରରେ ପେଣ୍ଟିଂ ଏବଂ ଗଠନାତ୍ମକ ଉପାଦାନଗୁଡ଼ିକରେ ବିପରୀତ ରଙ୍ଗ ଯୋଜନା ପ୍ରଦାନ । ଆନୁମାନିକ ପରିମାଣ: ଟେଣ୍ଡର କାର୍ଯ୍ୟସୂଚୀ ଅନୁଯାୟୀ । ଆନୁମାନିକ ମୂଲ୍ୟ: Rs. 5,81,45,063.08 । ବଯ଼ାନା ରାଶି: Rs. 11,62,900.00 । ଟେଣ୍ଡର ଫର୍ମ ମୂଲ୍ୟ: ନିଃଶୁଳ୍କ । କାର୍ଯ୍ୟ ସମାପ୍ତି ଅବଧି: 15 ମାସ । ୱେବସାଇଟରେ ଅପଲୋଡ଼ ତାରିଖ: 13.07.2026 । ଟେଣ୍ଡର ଖୋଲିବା ତାରିଖ: 12.08.2026 । କ୍ରମିକ ସଂଖ୍ୟା: 4 । ଇ-ଟେଣ୍ଡର ନଂ.: RTM-2026-27-72 । କାର୍ଯ୍ୟର ନାମ: ଚାନ୍ଦେରିଆ ଷ୍ଟେସନର ପ୍ଲାଟଫର୍ମ ନଂ. 2 ଓ 3କୁ ଉଚ୍ଚ ସ୍ତର (High Level) କରିବା କାର୍ଯ୍ୟ । ଆନୁମାନିକ ପରିମାଣ: ଟେଣ୍ଡର କାର୍ଯ୍ୟସୂଚୀ ଅନୁଯାୟୀ । ଆନୁମାନିକ ମୂଲ୍ୟ: Rs. 5,16,24,710.24 । ବଯ଼ାନା ରାଶି: Rs. 10,32,500.00 । ଟେଣ୍ଡର ଫର୍ମ ମୂଲ୍ୟ: ନିଃଶୁଳ୍କ । କାର୍ଯ୍ୟ ସମାପ୍ତି ଅବଧି: 15 ମାସ । ୱେବସାଇଟରେ ଅପଲୋଡ଼ ତାରିଖ: 13.07.2026 । ଟେଣ୍ଡର ଖୋଲିବା ତାରିଖ: 12.08.2026 । ବିସ୍ତୃତ ଟେଣ୍ଡର ବିଜ୍ଞପ୍ତି, ଯୋଗ୍ୟତା ମାନଦଣ୍ଡ ଏବଂ ସର୍ତ୍ତାବଳୀ www.ireps.gov.in ୱେବସାଇଟରେ ଉପଲବ୍ଧ ।

SNP-156

Like us on: facebook.com/WesternRly | Follow us on : x.com/WesternRly

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no- 1007, dated. 30.06.2026 I, MANJULA PATRA, Wife of- Nilambar Ganda & Daughter of- Arjuna Kumajhariaa, Permanent Resident of Village- Badakusumi, Po.- Pujariguda, Ps.- Nabarangpur, Dist- Nabarangpur, Odisha,Pin - 764063, declare that I have changed my name from MANJULA GANDA to MANJULA PATRA. Henceforth, I shall be known as **MANJULA PATRA** for all purposes.

Sd/- Manjula Patra

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no- 1009, dated. 30.06.2026 I, NILAMBAR PATRA, Son of- Tankadhar Ganda, Permanent Resident of Village- Badakusumi, Po.- Pujariguda, Ps.- Nabarangpur, Dist- Nabarangpur, Odisha,Pin - 764063, declare that I have changed my name from NILAMBAR GANDA to NILAMBAR PATRA. Henceforth, I shall be known as **NILAMBAR PATRA** for all purposes.

Sd/- Nilambar Patra

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no- 699, dated. 29.06.2026 I, PITABAS PATRA, Son of- Tankadhar Ganda, Permanent Resident of Village- Badakusumi, Po.- Pujariguda, Ps.- Nabarangpur, Dist- Nabarangpur, Odisha,Pin - 764059, declare that I have changed my name from PITABAS GANDA to PITABAS PATRA. Henceforth, I shall be known as **PITABAS PATRA** for all purposes.

Sd/- Pitabas Patra

**AFFIDAVIT**

By virtue of an affidavit no 10819 the Executive Magistrate Jajpur on dtd- 01/11/2025. I Renubala Samal, D/O-Krutibas Mohanty, permanent resident of At-Diatikiri, Po-Talabandha,p.s-Alakund, Dist- Jajpur, Block-Binjharpur, Odisha, pin-755004. declared that I have changed my name from RENUPRABHA SAMAL (Old Name) to RENUBALA SAMAL(New Name), Henceforth she shall be known as **RENUBALA SAMAL** for all future purposes.

RENUBALA SAMAL

**BRAHMAPUR MUNICIPAL CORPORATION**

Office of the Commissioner

Brahmapur, Odisha – 760001

**No.:** 12108 , **Date:** 14/07/26

13001/1187/2627

**QUOTATION CALL NOTICE**

**FOR**

**Design, Manufacturing, Supply, Installation and Commissioning of FRP (Fibre Reinforced Plastic) Life-Size Statues of Former Prime Minister Lal Bahadur Shastri (8'-0" Height Each) including 03 (Three) Years Comprehensive Maintenance.**

The Commissioner, Brahmapur Municipal Corporation (BeMC), invites sealed quotations from reputed and experienced agencies/firms for the design, manufacturing, supply, installation and commissioning of FRP (Fibre Reinforced Plastic) life-size statues of the following eminent personality, including all materials, transportation, installation, finishing and 03 (Three) years comprehensive maintenance, in accordance with the terms and conditions specified in the quotation document.

| Sl. No. | Name of Personality | Height |
|---|---|---|
| 1 | Former Prime Minister Lal Bahadur Shastri | 8'-0" |

Interested agencies/firms fulfilling the prescribed eligibility criteria may download the quotation document from www.berhampur.gov.in from **11:30 A.M.** on **15/07/2026 to 05:00 P.M.** on **29/07/2026.**

The last date and time for submission of quotations shall be **03:30 P.M.** on **30/07/2026.**

The quotations shall be opened at **11:00 A.M.** on **31/07/2026** in the **OSWAN Hall, Brahmapur Municipal Corporation, Near Ramalingam Tank Road, Gandhi Nagar, Brahmapur, Odisha – 760001.**

Any addendum, corrigendum, clarification or cancellation relating to this quotation shall be published only on www.berhampur.gov.in. Agencies are advised to visit the website regularly for updates.

The Commissioner, Brahmapur Municipal Corporation reserves the right to accept or reject any or all quotations, wholly or partly, or to cancel the quotation process at any stage without assigning any reason thereof. The decision of the Commissioner shall be final and binding.

**Commissioner**
Brahmapur Municipal Corporation

OIPR-13001/13035/1/26-27/0011

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no- 929, dated. 10.06.2026 I, RISPA HARIJAN, Daughter of- Chandra Harijan, Permanent Resident of Village- Kanheimunda, Po.-Bejuguda, Ps.- Tentulikhunti, Dist- Nabarangpur, Odisha,Pin - 764070, declare that I have changed my name from RISWA HARIJAN to RISPA HARIJAN. Henceforth, I shall be known as **RISPA HARIJAN** for all purposes.

Sd/- Rispa Harijan

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 1008, dated: 30-06-2026 I, NILAMBAR GANDA, S/o - Tankadhar Ganda, Permanent Resident of Village - Badakusumi, Po- Pujariguda, Ps- Nabarangpur, Dist- Nabarangpur, Odisha, Pin - 764063, declare that I have changed the name of my Daughter from SUHANA SHANAM GANDA to SUHANA SHANAM PATRA. Henceforth, She shall be known as **SUHANA SHANAM PATRA** for all purposes.

Sd/- Nilambar Ganda

**AFFIDAVIT**

By virtue of an affidavit sworn before the Executive Magistrate, Kodinga, Vide no - 2015/26, dated: 02-07-2026 I, SUTAM BHATRA, S/o - Lakhmu Bhatra, Permanent Resident of Village - Bhaludangri, Po- Jhadkusumi, Ps- Kodinga, Dist- Nabarangpur, Odisha, Pin - 764075, declare that I have changed the name of my Son from DEBANANDA BHATRA to DEVA BHATRA. Henceforth, he shall be known as **DEVA BHATRA** for all purposes.

Sd/- Sutam Bhatra

**AFFIDAVIT**

I, L. Jyothi Babu & L. Sharada. At-E/103-B, Railway colony, Bhaskarganj-A, Near Hanuman Mandir, Po/Dist- Balasore, State-Odisha. Declare by this affidavit **No- 3293, Dtd-02/05/2026**, that now onwards we shall be known as **LANKA JYOTHI BABU & LANKA SHARADA** all for all future purposes.

**AFFIDAVIT**

(Above 18 years of Age)

By virtue of an affidavit sworn before The Executive Magistrate, Khariar, Nuapada, dated- 10.07.2026. I, **Aniket Panda** (new name), S/o- Mrutyunjaya Panda, Address At-Kuligaon, P.O.- Badamaheswar, P.S.- Khariar, Tahasil- Khariar, Dist.- Nuapada, Odisha declare that I have changed my name from **Slok Ranjan Panda** (old name) to **Aniket Panda** (new name). Henceforth, I shall be known as **Aniket Panda** (new name) for all purposes.

**Aniket Panda**

**LOST**

ମୁଁ ବବିତା ବିଶ୍ୱାଳ, ସ୍ୱାମୀ- ଏରଶ୍ମିରଞ୍ଜନ ବିଶ୍ୱାଳ, ଗ୍ରାମ- କାଶୀପୁର, ପୋ- ସୁଜନପୁର, ଥାନା- ଯାଜପୁର ସଦର, ଜିଲ୍ଲା- ଯାଜପୁର, ମୋର ସବୁ କାଗଜପତ୍ର ବରି ଜେରକ୍ସ ଦୋକାନକୁ ଗଲାବେଳେ ବାଟରେ ମୋର କରିଥିବା କବଲା ଭିତରୁ ଗୋଟିଏ କବଲା ଯାହାର ନଂ- **10801100751** ତା- **10/06/2026** ର ହଜିବା ତାରିଖ- **01/05/2026** ରେ । ଯଦି କେହି ସହୃଦୟ ବ୍ୟକ୍ତି ମୋର ଏହି କବଲା ପାଇବେ ଉକ୍ତ ମୋବାଇଲ ନଂ- **9777779257 & 9114320991** ରେ ଯୋଗାଯୋଗ କରିବାକୁ ଅନୁରୋଧ ।

**AFFIDAVIT**

I, Biswomber Sahoo, aged about 64 years, S/o- Bhrabarbar Sahoo, resident of At/Po- Haripur, Ps- Nirakarpur, Dist- Khurda, Odisha, Pin- 752021, do hereby declare by this affidavit No. 1401, dtd- 15.07.2026, that now onwards I shall be known as **BISWAMBAR SAHOO** for all future purposes.

**AFFIDAVIT**

I, Shyam Sunder Poddar, aged about 85 years, S/o- Mahadev Lal Poddar, resident of At- Puruna Station Road, Ps- Plantsite, Rourkela Dist- Sundargar, Odisha, Pin- 769001, do hereby declare by this affidavit No. 1402, dtd- 15/07/2026, that now onwards I shall be known as **SHYAM SUNDAR PODDAR** for all future purposes.

# ସତର୍କ ସଙ୍କେତ ଉପରେ ଜଳକା, ପାଣି ଘେରରେ ୭ ପଞ୍ଚାୟତ

ବାଲେଶ୍ୱର ସଦର/ବସ୍ତା ବ୍ଲକ, ୧୫।୭ (ସମିସ)



ଚଳିତ ବର୍ଷ ଦ୍ୱିତୀୟ ଥର ପାଇଁ ଜଳକା ନଦୀ ସତର୍କ ସଙ୍କେତ ଉପରେ ପ୍ରବାହିତ ହେଉଛି। ଯାହା ଫଳରେ ବସ୍ତା ବ୍ଲକର ଏକାଧିକ ପଞ୍ଚାୟତ ପାଣି ଘେର ଭିତରେ ରହିଥିବା ବେଳେ ଅନେକ ଚାଷଜମି ଜଳମଗ୍ନ ହୋଇଛି। ଯାହା ଫଳରେ ବସ୍ତାରେ ପ୍ରଥମ ବନ୍ୟାର ଆଶଙ୍କା ଦେଖା ଦେଇଛି। ଜଳକା ନଦୀର ମଥାନୀଠାରେ ବିପଦ ସଂକେତ ୬.୫୦ ମିଟର ଥିବା ବେଳେ ଗତକାଲି ଠାରୁ ଏହାର ଜଳସ୍ତର କ୍ରମାଗତ ଭାବେ ବଢ଼ି ଆଜି ଆଜି ମଧ୍ୟାହ୍ନରେ ଏହା ସର୍ବାଧିକ ୬.୪୬ମିଟରରେ ପହଞ୍ଚିଥିଲା। ମାତ୍ର ସନ୍ଧ୍ୟା ସୁଦ୍ଧା ଏହା କମିଯାଇ ୬.୪୨ ରେ ପହଞ୍ଚିବା ସହିତ ସତର୍କ ସଙ୍କେତ ୬.୦ ରୁ ବହୁ ଉପରେ ପ୍ରବାହିତ ହେଉଛି। ଲଘୁଚାପ ଜନିତ ଲଗାଣ ବର୍ଷା ପ୍ରଭାବରେ ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ଯୋଗୁଁ ଏହି ନଦୀର ଜଳସ୍ତର ବଢ଼ିବାକୁ ଲାଗିଛି। ଏଣୁ ବନ୍ୟା ଆଶଂକା କରି ନଦୀକୂଳବାସୀ ଭୟଭୀତ ହୋଇଛନ୍ତି। ଗତ ତିନିଦିନ ଧରି ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଦେଇ ପ୍ରବାହିତ ହେଉଥିବା ଜଳକା ନଦୀର ଜଳସ୍ତର ବୃଦ୍ଧିପାଇଛି। ଗତ ଦୁଇଦିନ ଧରି ଏହି ନଦୀର ଜଳସ୍ତର ସତର୍କ ସଂକେତ ଉପରେ ରହିଥିବା ବେଳେ ଏବଂ ଉପର ମୁଣ୍ଡ ମୟୂରଭଞ୍ଜ ଜିଲ୍ଲାର ସୁଳିଆପଦା, ମୋରଡା, ତିଡ୍ରା, ରାସଗୋବିନ୍ଦପୁର ଅଞ୍ଚଳରେ ବର୍ଷା କାରଣରୁ ନଦୀର ଜଳସ୍ତର ବଢ଼ିବାରେ ଲାଗିଥିବାରୁ ଜଳକା ନଦୀର ବନ୍ୟା ଆଶଙ୍କା ଦେଖା ଦେଇଛି। ନଦୀର ଜଳସ୍ତର ଅଧିକ ବୃଦ୍ଧିପାଇଲେ ବସ୍ତା ବ୍ଲକ ସମେତ ସଦର ବ୍ଲକର ଅନେକ ପଞ୍ଚାୟତ ପ୍ରଭାବିତ ହେବାର ସମ୍ଭାବନା ଦେଖାଦେଇଛି। ବର୍ତ୍ତମାନ ଏହି ନଦୀ ନିକଟସ୍ଥ ବାସୁ ଚକୁରୀ, ମଥାନୀ, ଦୁଧହଂଶା, ବାହାର୍ଦ୍ଦା, କୁଡ଼ିଆ, ରସଲପୁର ଓ ଶ୍ରୀରାମପୁର ପଞ୍ଚାୟତର କେତେକ ଅଞ୍ଚଳ ଓ ଅନେକ ପରିମାଣର ଚାଷଜମି ସବୁ ପାଣିଘେର ଭିତରେ ରହିଥିବା ଦେଖିବାକୁ ମିଳିଛି।

## ଭକ୍ତିକ୍ଷେତ୍ରରେ ଶ୍ରୀଜୀଉଙ୍କ ନବଯୌବନ ଦର୍ଶନ

କାଳିପଦା, ୧୫।୭ (ସମିସ): ଜାଳିଆପାଳ ବ୍ଲକ ମାଷ୍ଟାଡ଼ା ବଜାରସ୍ଥିତ ଭକ୍ତିକ୍ଷେତ୍ରରେ ଚକ୍ରରାଜ ସୁଦର୍ଶନ, ବଳଭଦ୍ର, ଦେବୀ ସୁଭଦ୍ରା, ଶ୍ରୀଜଗନ୍ନାଥ ପ୍ରମୁଖ ଶ୍ରୀଜୀଉ ମାନଙ୍କର ନେତ୍ରୋତ୍ସବ ନବ ଯୌବନ ଦର୍ଶନ ଅନୁଷ୍ଠିତ ହୋଇଛି। ଏଥିପାଇଁ ପ୍ରାତଃରୁ ମନ୍ଦିର ସମେତ ଜାଉ ମାନଙ୍କର ସମସ୍ତ ନୀତିକାନ୍ତି ସମ୍ପନ୍ନ ହୋଇଛି। ଦେବସ୍ନାନ ପୂର୍ଣ୍ଣିମା ପରଠୁ ଶ୍ରୀ ଜାଉମାନେ ଅଣସର ଘରେ ରହି ପୂଜା ପାଉଥିଲେ। ଜାଉ ମାନଙ୍କର ନବ ଯୌବନ ଦର୍ଶନ କରିବା ପାଇଁ ଭକ୍ତମାନଙ୍କ ଗହଳି ପରି ଲକ୍ଷିତ ହୋଇଛି। ସନ୍ଧ୍ୟା ଆଳତୀ ରେ ମଧ୍ୟ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ



ହୋଇଥିଲା। ରଥ ଖଳାରେ ତାଳଧ୍ୱଜ, ଦେବ ଦଳନ, ନନ୍ଦିଘୋଷ ତିନି ରଥକୁ ପବିତ୍ର କରାଯାଇ ପ୍ରତିଷ୍ଠା କରାଯାଇଛି। ମନ୍ଦିରର ମୁଖ୍ୟ ପୂଜକ ମାଧବାନନ୍ଦ ପାଣିଗ୍ରାହୀ, ରାଜଗୁରୁ ଶୁକଦେବ ପାଣିଗ୍ରାହୀ, ଶ୍ରୀଜଗନ୍ନାଥ ଜାଉ ସେବକ ନିଯୋଗ ସଭାପତି ଗୋପାଳକୃଷ୍ଣ ପାତ୍ର, ସମ୍ପାଦକ ସନାତନ ପାତ୍ର ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ବଜ୍ରପାତରେ ଚାଷୀ ମୃତ

ସିମୁଳିଆ,୧୫।୭ (ସମିସ): କଳାଶୁଣୀ ଗ୍ରାମର ଜୈନିକ ଚାଷୀଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି। ସିମୁଳିଆ ଥାନା ଅନ୍ତର୍ଗତ ଈଶ୍ୱରପୁର ପଞ୍ଚାୟତର ଭରତ ଦାସଙ୍କ ପୁଅ ପ୍ରଶାନ୍ତ କୁମାର ଦାସ (୩୮) ନିଜ ବିଲରେ ଧାନ କାମ କରୁଥିଲେ। ହଠାତ ପ୍ରବଳ ବର୍ଷା ହେବା ସହ ବଜ୍ରପାତ ହୋଇଥିଲା। ବଜ୍ରପାତରେ ପ୍ରଶାନ୍ତ ସେହିଠାରେ ଟଳି ପଡ଼ିଥିଲେ। ପାଖ ବିଲରେ ଅନ୍ୟ ଏକ ଚାଷୀ ଦେଖି ଘର ଲୋକଙ୍କୁ ଖବର ଦେଇଥିଲେ। ଖବର ପାଇ ପରିବାର ଲୋକେ ତାକୁ ସେଠାରୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଭଦ୍ରକ ମେଡିକାଲରେ ଭର୍ତ୍ତି କରିଥିଲେ। ମାତ୍ର କାର୍ଯ୍ୟରତ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ।

## ଦୁର୍ଘଟଣାରେ ଯୁବକ ମୃତ

ରାଜଘାଟ, ୧୫।୭ (ସମିସ): ଜାତୀୟ ରାଜପଥ ୧୬ ଉପରେ ଗତକାଲି ବିଳମ୍ବିତ ରାତିରେ ଗାଡି ଧକ୍କାରେ ଜଣେ ଅଜଣା ଯୁବକଙ୍କର ମୃତ୍ୟୁ ହୋଇଛି। ବସ୍ତା ଥାନା ଅଧୀନ ସନ୍ତୋଷପୁର ଛକ ନିକଟ ଜାତୀୟ ରାଜପଥ ଉପରେ ରାତି ପ୍ରାୟ ୧ଟା ସମୟରେ ଜଣେ ଯୁବକ ରାସ୍ତା ପାର ହେଉଥିଲେ। ସେହି ସମୟରେ ଜଳେଶ୍ୱର ପଟୁ ଆସୁଥିବା ଏକ ଅଜଣା ଦ୍ରୁତଗାମୀ ଗାଡି ତାଙ୍କୁ ଜୋର୍‌ରେ ଧକ୍କା ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଧକ୍କାର ତୀବ୍ରତା ଏତେ ଅଧିକ ଥିଲା ଯେ ଯୁବକ ଜଣକ ରାସ୍ତା ଉପରେ ତଳେ ପଡି ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ। ତାଙ୍କ ମୁଣ୍ଡ ଓ ଶରୀର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଥିଲା। ଖବର ପାଇ ଜାତୀୟ ରାଜପଥ ପହରା ପୁଲିସ ଓ ବସ୍ତା ପୁଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତ ଯୁବକଙ୍କ ବୟସ ପ୍ରାୟ ୩୫ରୁ ୪୦ ବର୍ଷ ହେବ।

## ପାଲାଗାୟକ କାର୍ତ୍ତିକ ଚନ୍ଦ୍ର ରଥଙ୍କ ସ୍ମୃତିସଭା

ରେମୁଣା, ୧୫।୭ (ସମିସ): ଓଡ଼ିଆ ପାଲା ଜଗତର ସୁନାମ ଧନ୍ୟ ପାଲାଗାୟକ, ସୁସାହିତ୍ୟିକ, ଅନୁଷ୍ଠାନପ୍ରେମୀ, ବାଗ୍ମୀ ସ୍ୱର୍ଗତ କାର୍ତ୍ତିକ ଚନ୍ଦ୍ର ରଥଙ୍କ ୧୬ ତମ ଶ୍ରାଦ୍ଧବାର୍ଷିକୀ ପରିପ୍ରେକ୍ଷୀରେ ଏକ ସ୍ମୃତିସଭା ତାଙ୍କ ବାସଭବନ ଦୁର୍ଗାଦେବୀ ନିକଟସ୍ଥ କୁଡ଼ିଆ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକ ଡ଼. ଭାଗବତ ପ୍ରସାଦ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ରାଜ୍ୟପାଳ ଓ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ମିଶ୍ର, ପ୍ରାଣ କୃଷ୍ଣ ବାରିକ, ନିତ୍ୟାନନ୍ଦ ମହାନ୍ତି, ବେଣୁଧର ପରିଡା, ପୂର୍ଣଚନ୍ଦ୍ର ମାହାର୍ଣ୍ଣା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ରଥଙ୍କ କଳା ଓ ସାହିତ୍ୟ ଜଗତର ଅବଦାନକୁ ସ୍ମୃତି ଚାରଣ କରିଥିଲେ। ଶୁଭମ ଶେଖର ମାହାର୍ଣ୍ଣା ଅତିଥି ପରିଚୟ, ସ୍ୱର୍ଗତ ରଥଙ୍କ ଧର୍ମପତ୍ନୀ ବିମଳା ରଥ ଉପସ୍ଥିତ କଳାକାର ଓ ଅତିଥିଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବଲ୍ଲରୀ ରଥ, ସ୍ୱର୍ଣ୍ଣଲତା ଶତପଥୀ, ରାଜଲକ୍ଷ୍ମୀ ନନ୍ଦଗୋସ୍ୱାମୀ, ପ୍ରତାପ ମିଶ୍ର, ରୁବି ଶତପଥୀ, ଗଙ୍ଗାଧର ମାହାର୍ଣ୍ଣା, ସୁଶୀଳା ଦଳେଇ ପ୍ରମୁଖ ପରିଚାଳନା କରିଥିଲେ।

## କାଜୁଗଛ ନ ଲଗାଇ ଅର୍ଥ ଆତ୍ମସାତ୍ ଅଭିଯୋଗ

ଜଳେଶ୍ୱର, ୧୫।୭ (ସମିସ) : କାଜୁ ଜଂଗଲ ସୃଷ୍ଟି କରିବା ଲାଗି ୨୦୨୫-୨୬ ମସିହାରେ ରାଇବଣିଆର ଖୁଆଡ, ଶ୍ୟାମନଗର ପଂଚାୟତର ପ୍ରାୟ ୪୫ଜଣ ଲୋକଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିଲା। ହେଲେ ଏହାର ବିକଳ ଦୃଶ୍ୟ ଖୁଲାସା କରିଛି ଆର୍‌ଟିଆଇ ତଥ୍ୟ। ଘଟଣାରୁ ପ୍ରକାଶ, ମହୁଡୁମା ଗାଁର ସୁଶାନ୍ତ ସେଠୀଙ୍କ ଆର୍‌ଟିଆଇ ତଥ୍ୟ ଅନୁଯାଇ ୨୦୨୫-୨୬ ମସିହାରେ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା କାର୍ଯ୍ୟାଳୟ ପକ୍ଷରୁ ଏମ୍‌ଜିଏନ୍‌ଆର୍‌ଜିଏ ଯୋଜନାରେ ପ୍ରାୟ ୪୫ଜଣ ଲୋକଙ୍କୁ କାଜୁ ଜଂଗଲ ସୃଷ୍ଟିକରିବାକୁ ୪୦ଲକ୍ଷରୁ ଅଧିକ ଟଙ୍କା ପ୍ରଦାନ କରାଯାଇଛି। ହେଲେ ପ୍ରଦତ୍ତ ପ୍ଲଟରେ ଗୋଟିଏ ବି କାଜୁଗଛ ଲାଗିନଥିବା ଦେଖିବାକୁ ମିଳୁଛି। ବିଭାଗୀୟ ଅଧିକାରୀ, ଓଭରସିୟର କ୍ଷେତ୍ର ପରିଦର୍ଶନ ନ କରି ସରକାରୀ ଅର୍ଥ ପ୍ରଦାନ କରିବା ସହିତ ଯୋଜନାକୁ ବାଟବଣା କରୁଥିବା ଜଣାଯାଇଛି। ଏ ସଂପର୍କରେ ସୁଶାନ୍ତ ସେଠୀ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ବନ ସଚେତନତା କାର୍ଯ୍ୟକ୍ରମ

ନୀଳଗିରା, ୧୫।୭ (ସମିସ): ଯୁବ ପରିବେଶବିତ୍ କମଳଲୋଚନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ନୀଳଗିରି ମହାବିଦ୍ୟାଳୟରେ ବନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ମହିଳା ୟୁନିଟ କିରଣବାଳା ସେଠୀ ବୃକ୍ଷ ସଂରକ୍ଷଣର ଗୁରୁତ୍ୱ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଗ୍ରନ୍ଥାଗାର ସହାୟକ କମଳଲୋଚନ ପଣ୍ଡା ସବୁଜ ସ୍ୱପ୍ନ, ସବୁଜ ସଂକଳ୍ପର ମହତ୍ତ୍ୱ ଦିଗରେ ଆଲୋକପାତ କରିଥିଲେ। ସ୍ୱାଧୀନ ସାମଲ, ଲକ୍ଷ୍ମୀକାନ୍ତ ପରିଡ଼ା, ଜଗଦୀଶ ଦାସ, ଜ୍ୟୋତିରଞ୍ଜନ କବାଟ, ହରପ୍ରିୟା ଜେନା, ପ୍ରିୟଦର୍ଶିନୀ ପ୍ରଧାନ, ସଞ୍ଜୟ ଦାସ, ଲକ୍ଷ୍ମୀନାରାୟଣ ମିଶ୍ର ପ୍ରମୁଖ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ କର୍ମଶାଳା

ବାଲେଶ୍ୱର,୧୫।୭ (ସମିସ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଅଡିଟୋରିୟମ ହଲରେ ସଂଶୋଧିତ ବ୍ୟୟ ମାନଦଣ୍ଡ, ପ୍ରଥମ ପର୍ଯ୍ୟାୟ ଓଜନ ଉତ୍ସବ ଏବଂ ରକେଟ୍ ଲର୍ଣ୍ଣିଂ ମାଧ୍ୟମରେ ପ୍ରାରମ୍ଭିକ ଶୈଶବ ଯତ୍ନ ଓ ଶିକ୍ଷା ହସ୍ତକ୍ଷେପର କାର୍ଯ୍ୟାନ୍‌ୱୟନ ସମ୍ପର୍କିତ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ପୋଷଣ, ଶିଶୁଙ୍କ ସଠିକ୍ ଅଭିବୃଦ୍ଧି ମାପନ, ଗୁଣା,କ ପ୍ରାକ୍-ଶୈଶବ ଶିକ୍ଷା ଏବଂ ରକେଟ୍ ଲର୍ଣ୍ଣିଂର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ସମସ୍ତ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କୁ ସମନ୍ୱୟ ରକ୍ଷା କରି ସରକାରଙ୍କ ଯୋଜନାଗୁଡ଼ିକର ସଫଳ ରୂପାୟନ ପାଇଁ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ ହେମନ୍ତ କୁମାର ସିଂହ, ଉପଜିଲ୍ଲାପାଳ ବାଲେଶ୍ୱର ଶିବ ମାଲବୀୟ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ସୂର୍ଯ୍ୟ ପ୍ରକାଶ ରାଉତରାୟ, ଜିଲ୍ଲା ଶିକ୍ଷା ଅଧିକାରୀ ଡ଼ଃ ବସନ୍ତ କୁମାର ନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜ୍ୟୋତ୍ସ୍ନା ମହାନ୍ତି ଏବଂ ରକେଟ୍ ଲର୍ଣ୍ଣିଂର ରିସୋର୍ସପର୍ସନ ଉପସ୍ଥିତ ରହିଥିଲେ। ଜିଲ୍ଲାର ସମସ୍ତ ଡିଏସ୍‌ଡବ୍ଲ୍ୟୁଓ କର୍ମଚାରୀ, ସିଡିପିଓ, ଲେଡି ସୁପରଭାଇଜର ଓ ବ୍ଲକ୍ କୋ-ଅର୍ଡିନେଟର (ପୋଷଣ) ଅଂଶଗ୍ରହଣ କରିଥିଲେ।

## ବିଶ୍ୱ ଯୁବ ଦକ୍ଷତା ଦିବସ

କାଳିପଦା, ୧୫।୭ (ସମିସ): ଜାମଶୂଳୀସ୍ଥିତ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ପକ୍ଷରୁ ବୁଧବାର ବିଶ୍ୱ ଯୁବ ଦକ୍ଷତା ଦିବସ ପାଳିତ ହୋଇ ଯାଇଛି। ଏହି ଅବସରରେ କଲେଜ ସମ୍ମିଳନୀ କକ୍ଷରେ ଗୃହରେ ଏକ ସଭା ଅନୁଷ୍ଠିତ ହୋଇ ଥିଲା। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଧ୍ୟାପକ ଦିବ୍ୟେନ୍ଦୁ ଗିରି ଅଧ୍ୟକ୍ଷତା କରି ଏହି ଦିବସର ମହତ୍ୱ ସମ୍ପର୍କରେ କହିଥିଲେ। ଅତିଥିଭାବେ ଉଦ୍ଭିଦ ବିଜ୍ଞାନ ମୁଖ୍ୟ ପ୍ରଧ୍ୟାପକ ଡ଼ଃ ଶିବ ନାରାୟଣ ମହାପାତ୍ର, ପଦାର୍ଥ ବିଜ୍ଞାନ ବିଭାଗ ଅଧ୍ୟାପକ ପ୍ରଭାତ ରଞ୍ଜନ ଦାସ, ଏନ ଏସ ଏସ ପୁରୁଷ ୟୁନିଟ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ନଗେନ୍ଦ୍ର ନାଥ ପାତ୍ର ପ୍ରମୁଖ ଯୋଗ ଦେଇ ଉଦବୋଧନ ପ୍ରଦାନ କରିଥିଲେ। ଅଧ୍ୟାପକ ଆଶୁତୋଷ ଯତି ପ୍ରାକ ସୂଚନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

## ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ 'ସ୍ୱାବଲମ୍ବୀ ଓଡ଼ିଶା' ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ



ବାଲେଶ୍ୱର,୧୫।୭ (ସମିସ): ଉଦ୍ୟୋଗିତା, ନବସୃଜନ ଏବଂ ନବଉଦ୍ୟମ ସଂସ୍କୃତିର ବିକାଶକୁ ଅଧିକ ଗତିଶୀଳ କରିବା ଉଦ୍ଦେଶ୍ୟରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ ଭୁବନେଶ୍ୱର ସ୍ଥିତ "ସ୍ୱାବଲମ୍ବୀ ଓଡ଼ିଶା' ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ବୁଝାମଣାପତ୍ର ଅନୁଯାୟୀ ବିଶ୍ୱବିଦ୍ୟାଳୟରେ ଏକ ସଶକ୍ତ ନବଉଦ୍ୟମ ପ୍ରୋତ୍ସାହନ ପରିବେଶ ଗଠନ ଓ ସୁଦୃଢ଼ୀକରଣ ପାଇଁ ନବଉଦ୍ୟମ ସମ୍ମିଳନୀ, ପରାମର୍ଶଦାତା କାର୍ଯ୍ୟକ୍ରମ, ଦକ୍ଷତା ଓ କ୍ଷମତା ବିକାଶ କର୍ମଶାଳା, ସଂଯୋଗ କାର୍ଯ୍ୟକ୍ରମ ଏବଂ ଶିଳ୍ପ ଶିକ୍ଷାନୁଷ୍ଠାନ ସହଯୋଗ ଆଦି ବିବିଧ କାର୍ଯ୍ୟକ୍ରମର ଆୟୋଜନ କରାଯିବ। ଏହି ସହଯୋଗ ଅଧୀନରେ "ସ୍ୱାବଲମ୍ବୀ ଓଡ଼ିଶା' ବିଶ୍ୱବିଦ୍ୟାଳୟର ନବଉଦ୍ୟମ ପ୍ରୋତ୍ସାହନ କେନ୍ଦ୍ରକୁ ରଣନୀତିଗତ ଓ ପରିଚାଳନାଗତ ସହାୟତା ପ୍ରଦାନ କରିବ। ଅନ୍ୟପକ୍ଷରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆବଶ୍ୟକ ଭିତ୍ତିଭୂମି, ପ୍ରତିଷ୍ଠାନଗତ ସହଯୋଗ ଯୋଗାଇ ଛାତ୍ରଛାତ୍ରୀ, ଗବେଷକ ଓ ଅଧ୍ୟାପକମାନଙ୍କ ମଧ୍ୟରେ ଉଦ୍ୟୋଗିତା ମନୋଭାବର ବିକାଶକୁ ପ୍ରୋତ୍ସାହନ ଦିଆଯିବ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୁଳସଚିବ କୁକୁମୀନା ଦାସ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା, ଏଫ୍.ଏମ୍.ୟୁ-ଟି.ବି.ଆଇ. ସଂଯୋଜକ ପ୍ରଫେସର ପଙ୍କଜ କୁମାର ପାରହୀ, ମୁଖ୍ୟ ପରିଚାଳନା ଅଧିକାରୀ ସୁନେନ୍ଦୁ ନାୟକ ଏବଂ "ସ୍ୱାବଲମ୍ବୀ ଓଡ଼ିଶା'ର ଅଧ୍ୟକ୍ଷ ସଦାଶିବ ମିଶ୍ରଙ୍କ ନେତୃତ୍ୱରେ ପରିଚାଳନା ପରିଷଦର ସଦସ୍ୟ ଜୟନ୍ତ କୁମାର ଦାସ, ସି.ଏ ରାଜେଶ କୁମାର ପଟ୍ଟନାୟକ ଓ ସ୍ନିଗ୍ଧ ସ୍ୱରୂପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୁଝାମଣାପତ୍ରର ସହଯୋଗ ମାଧ୍ୟମରେ ବିଶ୍ୱବିଦ୍ୟାଳୟରେ ନବସୃଜନ ଓ ନବଉଦ୍ୟମର ଏକ ସକ୍ରିୟ ପରିବେଶ ସୃଷ୍ଟି ହେବା ସହ ଛାତ୍ରଛାତ୍ରୀଙ୍କ ଅଭିନବ ଚିନ୍ତାଧାରାକୁ ସଫଳ ଉଦ୍ୟମରେ ପରିଣତ କରିବାରେ ନୂତନ ସୁଯୋଗ ସୃଷ୍ଟି ହେବ ବୋଲି ଆଶା କରାଯାଇଛି।

## ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧୋତ୍ସବ



ବାଲିଆପାଳ,୧୫।୭ (ସମିସ) : ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ, ସମାଜ ସଂସ୍କାରକ, ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ବନବିଦ୍ୟାଳୟର ପ୍ରତିଷ୍ଠାତା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୮ତମ ଶ୍ରାଦ୍ଧୋତ୍ସବ ଆଜି ବାଲିଆପାଳ ବ୍ଲକ ପକ୍ଷରୁ ସ୍ଥାନୀୟ ବାଲିଆପାଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଡିଓ ରାଧା ରଞ୍ଜନ ଦାଶ ମୁଖ୍ୟଅତିଥି, ମିଡ଼ିଆ ଫୋରମ ସଭାପତି ସାମ୍ବାଦିକ ପ୍ରତାପ କୁମାର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶ୍ରାଦ୍ଧୋତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବରେ ପଞ୍ଚାୟତ ସମିତିର ଉପାଧ୍ୟକ୍ଷ ରାଜେଶ ଚୌଧୁରୀ ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବରେ ମଧୁପୁରା ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ଲମ୍ବୋଦର ମହାନା, ବିଦ୍ୟାଳୟର ଭାରାପ୍ରାପ୍ତ ପ୍ରଧାନ ଶିକ୍ଷକ ମନୋଜ କୁମାର ସାହୁ , ଶିକ୍ଷୟିତ୍ରୀ ପ୍ରଜ୍ଞା ମହାପାତ୍ର, ରାଧାରାଣୀ ବିଶ୍ୱାଳ, ସନ୍ଧ୍ୟାରାଣୀ ଗିରି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସାମ୍ବାଦିକ ଉମାକାନ୍ତ ନାୟକ, ରାଜଶ୍ରୀ ପାଣିଗ୍ରାହୀ ଓ ପ୍ରଦୀପ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଚନ୍ଦନ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ସୌମ୍ୟାଶ୍ରୀଙ୍କୁ ଯୁବ-ଛାତ୍ର ବିଜେଡିର ଶ୍ରଦ୍ଧାଞ୍ଜଳି ଅର୍ପଣ



ବାଲେଶ୍ୱର,୧୫।୭ (ସମିସ): ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସ୍ୱର୍ଗତା ସୌମ୍ୟାଶ୍ରୀ ବିଶିଙ୍କ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ବାଲେଶ୍ୱର ଯୁବ-ଛାତ୍ର ଜନତା ଦଳ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ ସଭା ସ୍ଥାନୀୟ ଗାନ୍ଧୀସ୍ମୃତି ଭବନ ସଭାଗୃହରେ ଆୟୋଜିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲା ବିଜେଡି ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ପୌରହିତ୍ୟ ତଥା ବାଲେଶ୍ୱର ସଦରର ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ରାଜ୍ୟ ଛାତ୍ର ବିଜେଡି ସଭାନେତ୍ରୀ ଇପ୍ସିତା ସାହୁ, ପୂର୍ବତନ ନୀଳଗିରି ବିଧାୟକ ସୁକାନ୍ତ ନାୟକ, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଗିରିଶ ଚନ୍ଦ୍ର ଦାସ, ନୀଳଗିରି ଚେୟାରମ୍ୟାନ ଶୁଭଲକ୍ଷ୍ମୀ ମାଝୀ, ରାଜ୍ୟ ଯୁବ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ରାଜ୍ୟ ଛାତ୍ର କାର୍ଯ୍ୟକାରୀ ସଭାପତି ବାବୁ ଖାନ, ରାଜ୍ୟ ଉପ ସଭାପତି ସ୍ନେହାଶିଷ ଜେନା ଓ ତବରେଜ ଖାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସୌମ୍ୟାଶ୍ରୀଙ୍କ ସ୍ମୃତି ଚାରଣ କରିଥିବା ବେଳେ ପୂର୍ବତନ କାଉନସିଲର ବିଶ୍ୱଜିତ ମହାପାତ୍ର ଓ ଛାତ୍ରନେତା ହରେକୃଷ୍ଣ ପ୍ରଧାନ ବକ୍ତବ୍ୟ ରଖିଥିଲେ। ଗୋଟିଏ ବର୍ଷ ବିତିଥିଲେ ମଧ ସରକାର ନ୍ୟାୟ ଦେବାରେ ବିଫଳ ହୋଇଛି। ବିଜେପିର ଛାତ୍ର ସଂଗଠନ ଏବିଭିପିର ଛାତ୍ର କର୍ମକର୍ତ୍ତା ଓ ନେତୃତ୍ୱମାନେ ଏହି ଘଟଣାରେ ସିଧାସଳଖ ସାମିଲ ଥିବାରୁ ବର୍ତ୍ତମାନ ସୁଦ୍ଧା କ୍ରାଇମବ୍ରାଞ୍ଚ ଚୂଡ଼ାନ୍ତ ଚାର୍ଟସିଟ ଦେଉନଥିବା ଏବଂ ସରକାର ସୌମ୍ୟାଶ୍ରୀକୁ ନ୍ୟାୟ ପ୍ରଦାନ କରୁନଥିବା ସମସ୍ତେ ବକ୍ତବ୍ୟରେ କହିଛନ୍ତି। ନିଜେ ମୁଖ୍ୟମନ୍ତ୍ରୀ ଗୃହ ବିଭାଗ ଦାୟିତ୍ୱରେ ଥିବା ସତ୍ତ୍ୱେ ସେ ନିଜ ଦଳର ନେତାଙ୍କୁ ବଞ୍ଚାଇବାକୁ ପ୍ରଚେଷ୍ଟା କରୁଥିବା ଅଭିଯୋଗ କରି ନ୍ୟାୟ ଦାବି କରିଛନ୍ତି। ଜିଲ୍ଲା ସାଧାରଣ ସମ୍ପାଦକ ରଞ୍ଜନ ବାଗ ସଭା ସଂଯୋଜନା, ରଞ୍ଜିତ ଜେନା ଶ୍ରଦ୍ଧାଞ୍ଜଳି ସଂଗୀତ ଗାନ କରିଥିବା ବେଳେ ଟାଉନ ବିଜେଡି ସଭାପତି ମନୋଜ କୁମାର ରାଉତ ଧନ୍ୟବାଦ ଦେଇଥିଲେ। ସେହିପରି ବସ୍ତା ନିର୍ବାଚନମଣ୍ଡଳୀ ସଂଯୋଜକ ମହାଦେବ ଦାସ, ଯୁବନେତା ସେକ ଅନସର ଅଲ୍ଲୀ, ଯୁବନେତା ଭରତ ଭୂଷଣ ଦାସ, ଉମାଶଙ୍କର ତିଆଡ଼ି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଦୁର୍ଘଟଣାରେ ଦୁଇ ବାଇକ୍ ଆରୋହୀ ଗୁରୁତର

ସୋର, ୧୫।୭ (ସମିସ): ସୋର ଥାନା ବ୍ରାହ୍ମଣସାହି ପେଟ୍ରୋଲ ପମ୍ପ ନିକଟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଦୁଇ ବାଇକ୍ ଆରୋହି ଗୁରୁତର ଆହତ ହୋଇ ପ୍ରଥମେ ସୋର ଏବଂ ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ ହୋଇଛନ୍ତି। ସରଶଙ୍ଖ ଗ୍ରାମର ଚିରଞ୍ଜିବୀ ଖିଲାର(୨୦) ସନ୍ଧ୍ୟାରେ ନିଜ ବାଇକରେ ପେଟ୍ରୋଲ ପକାଇବା ପାଇଁ ଏଠାରେ ଥିବା ପେଟ୍ରୋଲ ପମ୍ପ କୁ ଆସିଥିଲେ। ବାଇକରେ ପେଟ୍ରୋଲ ପକାଇ ଘରକୁ ଫେରିବା ସମୟରେ ବିପରୀତ ଦିଗରୁ ବାଇକରେ ଆସୁଥିବା ଜିତେନ୍ଦ୍ର ଶର୍ମାଙ୍କ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ପରେ ଉଭୟ ବାଇକ୍ ଆରୋହିଙ୍କୁ ଗୁରୁତ୍ତର ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ଉଭୟଙ୍କୁ ବାଲେଶ୍ୱର ସ୍ଥାନାନ୍ତରିତ କରିଛନ୍ତି।

## ଭିନ୍ନକ୍ଷମ ଚିହ୍ନଟ ଶିବିର

ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୧୫।୭ (ସମିସ): ଓଡିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ଦ୍ୱାରା ଆୟୋଜିତ ଜଳେଶ୍ୱର ମ୍ୟୁନିସିପାଲିଟି ପକ୍ଷରୁ ପଂଚଦଶ ପର୍ଯ୍ୟାୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଅଭିଯାନ ଶିବିର ପୌର ପରିଷଦ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଲଗାଣ ବର୍ଷା ଲାଗି ରହିଥିବାରୁ ବିଭିନ୍ନ ୱାର୍ଡରୁ ଭିନ୍ନକ୍ଷମ ଲୋକମାନଙ୍କ ଆସିବାରେ ବାଧା ସୃଷ୍ଟି କରିଥିଲା। ଫଳରେ କମ ସଂଖ୍ୟକ ଲୋକ ଆସିଥିବାର ଦେଖିବାକୁ ମିଳିଥିଲା। ଜଳେଶ୍ୱରର ୧୭ଟି ୱାର୍ଡରୁ ଲୋକମାନେ ଆସି ଶିବିରରେ ଯୋଗ ଦେଇଥିବା ବେଳେ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଶିବିର ଚାଲିଥିଲା। ଏହି ଚିହ୍ନଟ ଶିବିରରେ ମାନସିକ ଅନଗ୍ରସର, ଦୃଷ୍ଟି ବାଧିତ, ଅସ୍ଥି, ଶଲ୍ୟ, ରକ୍ତହିନତା, ସ୍ନାୟୁ ଆଘାତ ଜନିତ ଭିନ୍ନକ୍ଷମ ହିତାଧିକାରୀଙ୍କୁ ଚିହ୍ନଟ କରିବା ପାଇଁ ବିଭିନ୍ନ ବିଭାଗର ବିଶଷଜ୍ଞ ମାନେ ଯୋଗଦେଇ ଚିହ୍ନଟ କାର୍ଯ୍ୟ ସମ୍ପନ୍ନ କରିଥିବା ବେଳେ କର୍ଣ୍ଣ, ନାସା, ଗଳା ଓ ଅନ୍ୟ ବିଭାଗର କୌଣସୀ ଡାକ୍ତର ଆସି ନଥିଲେ। ଏହି ଶିବିରକୁ ପୌରଧ୍ୟକ୍ଷ ପ୍ରଦୀପ କୁମାର ପ୍ରଧାନ ଯୋଗଦେଇ ଉଦ୍‌ଘାଟନ କରିଥିବା ବେଳେ କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂ ଓ ବିଭିନ୍ନ ୱାର୍ଡର କାଉନସିଲର ମାନେ ଯୋଗଦେଇଥିଲେ। ଏହି ଚିହ୍ନଟ ଶିବିରରେ ଭିନ୍ନକ୍ଷମ ହିତାଧିକାରୀ ମାନଙ୍କୁ ଚିହ୍ନଟ କରି ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ମୋଟ ୯୭ଜଣ ଭିନ୍ନକ୍ଷମ ହିତାଧିକାରୀ ଏହି ଶିବିରରେ ଯୋଗଦେଇ ନାମ ପଂଜିକରଣ କରିଥିବା ବେଳେ ବିଶେଷଜ୍ଞ ମାନଙ୍କ ଦ୍ୱାରା ପରୀକ୍ଷା କରାଯାଇଥିଲା।

## ଜବରଦଖଲରେ ନୟନଯୋରି, ଗ୍ରାମବାସୀଙ୍କ ଆନ୍ଦୋଳନ ଚେତାବନୀ

ରାଜଘାଟ, ୧୫।୭ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ତହସିଲ ଅନ୍ତର୍ଗତ ଅମର୍ଦାରୋଡ ଇନ୍ଦିରାଛକ ରାସ୍ତା ପାଶ୍ୱର୍ରେ ଥିବା ନୟନଯୋରିକୁ କିଛି ମୁଷ୍ଟିମେୟ ବ୍ୟକ୍ତି ବାଲି ବ୍ୟବସାୟ ପାଇଁ ମାଟି ପକାଇ ଅବରୋଧ କରିଛନ୍ତି। ଯାହା ଫଳରେ ପାଣି ନିଷ୍କାସନ ହୋଇ ନପାରି ଗ୍ରାମ ରାସ୍ତା ସମେତ ଘରେ ପାଣି ପଶିବା ସମ୍ଭାବନା ଥିବାରୁ ମାଟି ପକାଇବାକୁ ବିରୋଧ କରି ବସ୍ତା ତହସିଲଦାରଙ୍କୁ ଜଣାଇଥିଲେ। ମାତ୍ର ତହସିଲ କର୍ମଚାରୀ ଏଥିପ୍ରତି ଦୃଷ୍ଟି ଦେଇ ନଥିଲେ। ଏବେ ବର୍ଷାଋତୁ ହୋଇଥିବାରୁ ଲଘୁଚାପ ବର୍ଷା ହେଉଥିବାରୁ ପାଣି ନିଷ୍କାସନ ହୋଇ ନପାରି ଚାଷଜମି ଏବଂ ରାସ୍ତା ଉପରେ ପାଣି ଜମି ରହିଛି ଯାହା ଫଳରେ ଚାଷ ନଷ୍ଟ ହେବା ସହିତ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହେଉଛି। ଯଦି ଅଧିକ ବର୍ଷା ହୁଏ ତାହାହେଲେ ଘରେ ମଧ୍ୟ ପାଣି ପସିବାର ଆଶଙ୍କା କରି ପ୍ରତିବାଦ କରିଛନ୍ତି ଉକ୍ତ ଦୁଇ ଗ୍ରାମବାସୀ। ଯଦି ନୟନ ଯୋରିରୁ ମାଟି ନିଷ୍କାସନ କରା ନଯାଏ ତାହାହେଲେ ଆଗାମୀ ଦିନରେ ଇନ୍ଦିରା ଛକ ବାରିପଦା ରାସ୍ତା ଅବରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି ଗ୍ରାମବାସୀ।

## ବାଲିଆପାଳରେ ବଢୁଛି ମିଥ୍ୟା ବିଲ୍ ଅଭିଯୋଗ | ପାଇଖାନା ମରାମତି ନାମରେ ଅର୍ଥ ଲୁଟ୍

ବାଲିଆପାଳ, ୧୫।୭ (ସମିସ)

ବାଲିଆପାଳ ବ୍ଲକରେ ସରକାରୀ ଅର୍ଥର ଦୁରୁପଯୋଗ ଓ ମିଥ୍ୟା ବିଲ ମାଧ୍ୟମରେ ଅର୍ଥ ଉଠାଣ ଘଟଣାକୁ ନେଇ ପୁଣିଥରେ ପ୍ରଶ୍ନ ଉଠିଛି। ପୂର୍ବରୁ ବିଭିନ୍ନ ଗ୍ରାମ ପଞ୍ଚାୟତରେ ଏପରି ଅଭିଯୋଗ ସାମ୍ନାକୁ ଆସିଥିଲେ ମଧ୍ୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ନ ହେବାରୁ ଏଭଳି ଘଟଣା ବଢୁଥିବା ଅଭିଯୋଗ ହେଉଛି।

ବାଲିଆପାଳ ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତରେ ସରକାରୀ ଅର୍ଥର ଅନିୟମିତ ବ୍ୟବହାର ନେଇ ପୂର୍ବରୁ ମଧ୍ୟ ଅନେକ ଅଭିଯୋଗ ହୋଇଛି। ବଣିଆଡିହା ପଞ୍ଚାୟତରେ ନାଳ ନଥାଇ ସଫେଇ ନାମରେ ଅର୍ଥ ଉଠାଣ, ମୃତ ବ୍ୟକ୍ତିଙ୍କ ନାମରେ ଭତ୍ତା ପ୍ରଦାନ, କୁଣ୍ଡୁଳି ପଞ୍ଚାୟତରେ ଭିନ୍ନକ୍ଷମଙ୍କ ଭତ୍ତା ହଡ଼ପ ଏବଂ ନୂଆଗାଁ ପଞ୍ଚାୟତରେ ୨୨ ବର୍ଷିଆ ମହିଳାଙ୍କୁ ୩୫୦୦/- ଟଙ୍କିଆ ଭତ୍ତା ପ୍ରଦାନ, ଅଯୋଗ୍ୟ ବ୍ୟକ୍ତିଙ୍କୁ ଭତ୍ତା ପ୍ରଦାନ ଭଳି ଘଟଣାକୁ ନେଇ ସାମାଜିକ କର୍ମୀ ରାଜକିଶୋର ପାତ୍ର ଓଡ଼ିଶାର ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଏବଂ ବାଲେଶ୍ୱର ଜିଲ୍ଲାପାଳଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ। କିନ୍ତୁ ଅଭିଯୋଗ ସତ୍ତ୍ୱେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କଠୋର ପଦକ୍ଷେପ ଗ୍ରହଣ ନ ହେବା ଏବଂ ସରକାରୀ ଅର୍ଥ ଆଦାୟ ନ ହେବାରୁ ଦୁର୍ନୀତିକୁ ପ୍ରଶ୍ରୟ ମିଳୁଥିବା ଅଭିଯୋଗ ହେଉଛି। ଏହି କ୍ରମରେ ବାଲିକୁଟି ଗ୍ରାମ ପଞ୍ଚାୟତର ଛତା ଗ୍ରାମର ପଦ୍ମ ପୋଖରୀ ନିକଟରେ ଥିବା ଏକ ଗୋଷ୍ଠୀ ଶୌଚାଳୟର ମରାମତି ନାମରେ ୨୧ ମେ ୨୦୨୬ ତାରିଖରେ ପଞ୍ଚାୟତ ପାଣ୍ଠିରୁ ୨୭,୦୦୦



ଟଙ୍କା ବିଲ କରାଯାଇଥିବା ସୂଚନା ଭାରତ ସରକାରଙ୍କ ଇ-ଗ୍ରାମସ୍ୱରାଜ ପୋର୍ଟାଲରେ ଉପଲବ୍ଧ ଭାଉଚରରୁ ଜଣାପଡ଼ିଛି। ତେବେ ସ୍ଥାନୀୟ ପୂର୍ବତନ ସମିତି ସଭ୍ୟ ପ୍ରିୟନାଥ ମୁର୍ମୁ ଏବଂ ଅଞ୍ଚଳବାସୀଙ୍କ କହିବା ଅନୁସାରେ, ଗତ ପାଞ୍ଚ ବର୍ଷ ଧରି ସେହି ଶୌଚାଳୟରେ କୌଣସି ମରାମତି କାର୍ଯ୍ୟ ହୋଇନାହିଁ। ଯଦି ପ୍ରକୃତରେ କାମ ହୋଇନଥାଏ, ତେବେ କିପରି ମରାମତି ନାମରେ ୨୭ ହଜାର ଟଙ୍କା ବିଲ କରାଗଲା, ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଏହି ଘଟଣା ସମ୍ପର୍କରେ ତତ୍କାଳୀନ ଗ୍ରାମ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସନ୍ୟାସୀ ବଡୁଙ୍କୁ ପଚାରିବାରୁ ସେ କହିଥିବା ଅନୁଯାୟୀ, ସେ କାର୍ଯ୍ୟସ୍ଥଳ ପରିଦର୍ଶନ ନ କରି ମରାମତି କାର୍ଯ୍ୟର ଦାୟିତ୍ୱରେ ଥିବା ସରପଞ୍ଚ ଯଶୋଦାମଣି ଧଳଙ୍କ ସ୍ୱାମୀଙ୍କ କଥାକୁ ବିଶ୍ୱାସ କରି ବିଲ ପାସ୍ କରିଥିଲେ। ପରେ ମରାମତି କାର୍ଯ୍ୟ ହୋଇନଥିବା କଥା ଶୁଣି ସେ ନିଜେ ଆଶ୍ଚର୍ଯ୍ୟ ପ୍ରକାଶ କରିଥିବା କହିଛନ୍ତି। ସାମାଜିକ କର୍ମୀ ରାଜକିଶୋର ପାତ୍ର, ଅଜୟ କୁମାର ଜେନା ଏବଂ ପୂର୍ବତନ ସମିତି ସଭ୍ୟ ପ୍ରିୟନାଥ ମୁର୍ମୁଙ୍କ ଅଭିଯୋଗ ଅନୁଯାୟୀ, ଦୁର୍ନୀତି ସମ୍ପର୍କରେ ବାରମ୍ବାର ପ୍ରମାଣ ସହ ପ୍ରଶାସନକୁ ଅବଗତ କରାଯାଉଥିଲେ ମଧ୍ୟ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆବଶ୍ୟକ ପଦକ୍ଷେପ ନିଆଯାଉ ନାହିଁ। ଫଳରେ ଏପରି ଅନିୟମିତତା ଦିନକୁ ଦିନ ବୃଦ୍ଧି ପାଉଥିବା ସେମାନେ ଦାବି କରିଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ମଧ୍ୟ ଉଦବେଗ ପ୍ରକାଶ ପାଇଛି। ବର୍ତ୍ତମାନ ଦେଖିବାକୁ ବାକି ରହିଲା, ଏହି ଅଭିଯୋଗର ତଦନ୍ତ କରି ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ନେଉଛି, ନା ପୂର୍ବବତ୍ ଘଟଣା ପରି ଏହା ମଧ୍ୟ ଅଣଦେଖା ହୋଇ ରହିଯାଉଛି।

## ଗଣଶିକ୍ଷା ବିଭାଗର ଆନ୍ତରିକତାର ଅଭାବ

# ଖତ ଖାଉଛି କମ୍ପ୍ୟୁଟର ଲ୍ୟାବ୍; ସ୍କୁଲରେ ଇ-ଶିକ୍ଷା ଅଚଳ

ଭଦ୍ରକ,୧୫।୭ (ସମିସ)



କେନ୍ଦ୍ର ସରକାରଙ୍କ ପକ୍ଷରୁ 'ଆଇସିଟି' (ଇନ୍‌ଫର୍ମେସନ ଆଣ୍ଡ କମ୍ୟୁନିକେସନ ଟେକ୍ନୋଲୋଜି) ଯୋଜନାରେ ୨୦୧୩ ମସିହାରେ ହାଇସ୍କୁଲସ୍ତରରେ ଆରମ୍ଭ ହୋଇଥିବା କମ୍ପ୍ୟୁଟର ଶିକ୍ଷା ଏବେ ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି। ରାଜ୍ୟରେ ୪ହଜାର ବିଦ୍ୟାଳୟରେ ଆଇସିଟି ଯୋଜନାରେ ନିର୍ମିତ ହୋଇଥିବା କମ୍ପ୍ୟୁଟର ଲ୍ୟାବ୍ ଏବେ ଖତ ଖାଉଛି। ଏହି ଯୋଜନା ଅଚଳ ହୋଇପଡ଼ିବା ପରେ ବିଦ୍ୟାଳୟରେ କୌଣସି କମ୍ପ୍ୟୁଟର ଶିକ୍ଷକ ନ ଥିବାରୁ କଳା ଓ ବିଜ୍ଞାନ ଶିକ୍ଷକ ଉକ୍ତ ଲ୍ୟାବ୍‌ରେ କାମ କରିପାରୁ ନାହାନ୍ତି। ଫଳରେ ବହୁ କମ୍ପ୍ୟୁଟର ଅଚଳ ହୋଇ ପଡ଼ିଥିବାବେଳେ ଅନେକ ସ୍କୁଲରେ କମ୍ପ୍ୟୁଟରଗୁଡ଼ିକ ଭାଙ୍ଗିରୁଜି ଗଲାଣି। ରାଜ୍ୟ ସରକାରଙ୍କ ପକ୍ଷରୁ ୨ୟ ପର୍ଯ୍ୟାୟରେ ୨୦୧୬ ମସିହାରେ ୨୦୦୦ ଇ-ବିଦ୍ୟାଳୟ ଯୋଜନା କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ଏଥିପାଇଁ ଓଡ଼ିଶା ମାଧ୍ୟମିକ ଶିକ୍ଷା ଅଭିଯାନ ପକ୍ଷରୁ ୨୦୦୦ ଇ-ବିଦ୍ୟାଳୟ ପାଇଁ କମ୍ପ୍ୟୁଟର ଶିକ୍ଷା ଯୋଜନା ପାଇଁ ପ୍ରସ୍ତୁତି ହୋଇଥିଲା। ହେଲେ ଗଣଶିକ୍ଷା ବିଭାଗର ଆନ୍ତରିକତା ଅଭାବରୁ ତାହା ଏପର୍ଯ୍ୟନ୍ତ ଠିକ୍ ଭାବରେ କାର୍ଯ୍ୟକାରୀ ହୋଇପାରୁନାହିଁ। ଫଳରେ ସରକାରଙ୍କ ଘୋଷଣା ଅନୁଯାୟୀ, ସ୍କୁଲ ପିଲାଙ୍କୁ ଇ-ବିଦ୍ୟାଳୟ ଯୋଜନାର ସୁଫଳ ମିଳୁନି। ଉକ୍ତ ଯୋଜନା ପ୍ରତି ନୂତନ ସରକାରଙ୍କ ନଜର କେବେ ପଡ଼ିବ ତାକୁ ନେଇ ପ୍ରଶ୍ନ ଉଠିଛି। ଇ-କମ୍ପ୍ୟୁଟର ଶିକ୍ଷା ଉପରେ ଅଧିକ ପ୍ରୋତ୍ସାହନ ଦିଆଯିବ ବୋଲି ସରକାରଙ୍କ ଘୋଷଣା କେବଳ ଘୋଷଣାରେ ରହୁଛି। ବାସ୍ତବରେ ଏହା କାର୍ଯ୍ୟକାରୀ ହୋଇପାରୁନାହିଁ। କମ୍ପ୍ୟୁଟର ଶିକ୍ଷାର ଏଭଳି ଅବସ୍ଥା ପାଇଁ ଅନେକ ଛାତ୍ରଛାତ୍ରୀ ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି। ଅନ୍‌ଲାଇନ୍ ସେବାରେ ନିଜର ପାରଦର୍ଶିତା ପ୍ରଦର୍ଶନ କରିବା ପାଇଁ ଆଶା ବାନ୍ଧିଥିବା ପିଲାଙ୍କ ପାଇଁ ଏହା ଏବେ ସପ୍ନ ପାଲଟିଛି। ତେଣୁ ଓଡ଼ିଶା କେବେ ଡିଜିଟାଲ ହେବ ଓ ପ୍ରତ୍ୟେକ ଲୋକ ଘରେ ବସି କିପରି ଭାବରେ ଅନ୍‌ଲାଇନ୍ ସେବା ପାଇପାରିବେ ସେନେଇ ବୁଦ୍ଧିଜୀବୀ ମହଲ ପ୍ରଶ୍ନ କରିଛନ୍ତି।

ଆଇସିଟି ଯୋଜନାରେ ରାଜ୍ୟ ସରକାର ୨୦୧୩ରେ ରାଜ୍ୟର ୪ହଜାର ହାଇସ୍କୁଲରେ କମ୍ପ୍ୟୁଟର ଶିକ୍ଷାର ଅଭିଯାନ ଆରମ୍ଭ କରିଥିଲେ। ଏଥିପାଇଁ ୮୦୦ କୋଟି ଟଙ୍କା ବ୍ୟୟ ଅଟକଳ ପ୍ରସ୍ତୁତ ହୋଇଥିଲା। ଏଥିରେ ୭୫ ଭାଗ କେନ୍ଦ୍ରର ଓ ୨୫ ଭାଗ ରାଜ୍ୟର ଅବଦାନ ରହିବା ସହ ଅଭିଯାନକୁ ସଫଳ କରାଯିବାର ଲକ୍ଷ୍ୟ ରଖାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ୨୦୧୪ ଫେବୃଆରୀ ମାସରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉକ୍ତ ଯୋଜନାର ଶୁଭାରମ୍ଭ କରିଥିଲେ। ଉକ୍ତ ଯୋଜନା ମାଧ୍ୟମରେ ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନେ କମ୍ପ୍ୟୁଟର ଶିକ୍ଷାରେ ନିଜର ପାରଦର୍ଶିତା ପ୍ରଦର୍ଶନ କରିବା ଏହାର ମୁଖ୍ୟ ଲକ୍ଷ୍ୟ ଥିଲା। ସେଥିପାଇଁ ଆଇଏଲ୍‌ଏଫ୍‌ଏସ୍ ଓ ଟିସିଆଇଏଲ୍ ସଂସ୍ଥାକୁ ଶିକ୍ଷକ ନିଯୁକ୍ତି ଦାୟିତ୍ୱ ଦିଆଯାଇଥିବା ବେଳେ ଓଜେସିଏଲ୍‌କୁ ଶିକ୍ଷକମାନଙ୍କୁ ତାଲିମ ଦେବା ସହ 'ଇ-କମ୍ପ୍ୟୁଟର' ଶିକ୍ଷାର ତଦାରଖ ଦାୟିତ୍ୱ ଦିଆଯାଇଥିଲା। ହେଲେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଇସିଟିର ୫ ବର୍ଷିଆ ଅବଧି ଶେଷ ହେବା ପରେ ଉକ୍ତ ଯୋଜନା ଏବେ ବନ୍ଦ ହୋଇଯାଇଛି। ରାଜ୍ୟ ସରକାର ୨୦୧୬ରେ ଇ-ବିଦ୍ୟାଳୟ ଯୋଜନା ପ୍ରଣୟନ ପାଇଁ ଉଦ୍ୟମ କରିଥିଲେ ମଧ୍ୟ ତାହା ଫାଇଲ୍‌ରେ ବନ୍ଧା ହୋଇ ରହିଯାଇଛି। ଗଣଶିକ୍ଷା ବିଭାଗ ପକ୍ଷରୁ ପିଲାମାନଙ୍କ ବିଭିନ୍ନ କାର୍ଯ୍ୟକ୍ରମକୁ ଡିଜିଟାଲ ମାଧ୍ୟମରେ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ଏ ନେଇ ଶିକ୍ଷକମାନଙ୍କ ଅଭିଜ୍ଞତା ଓ ଜ୍ଞାନ କମ୍ ଥିବାରୁ ସେମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଥିବା ପରିଲକ୍ଷିତ ହୋଇଛି। ଏନେଇ ମୁଖ୍ୟମନ୍ତ୍ରୀ ଓ ଗଣଶିକ୍ଷା ବିଭାଗ ତୁରନ୍ତ ସ୍କୁଲମାନଙ୍କରେ ସଠିକ୍ ଭାବେ 'ଇ-କମ୍ପ୍ୟୁଟର' ଶିକ୍ଷା ବ୍ୟବସ୍ଥା ଆରମ୍ଭ କରିବାକୁ ଦାବି ହେଉଛି।

## ଜିଲ୍ଲାରେ ୨୪ ଘଣ୍ଟାରେ ହାରାହାରି ୪୩.୭୪ ମିମି ବର୍ଷା

ଭଦ୍ରକ,୧୫।୭ (ସମିସ): ଭଦ୍ରକ ଜିଲ୍ଲାରେ ଗତ ମଙ୍ଗଳବାର ସକାଳ ୮ଟା ୩୦ରୁ ବୁଧବାର ସକାଳ ୮ଟା ୩୦ ପର୍ଯ୍ୟନ୍ତ ୨୪ ଘଣ୍ଟା ମଧ୍ୟରେ ମୋଟ୍ ୩୦୬.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଜିଲ୍ଲାର ହାରାହାରି ବର୍ଷା ପରିମାଣ ୪୩.୭୪ ମିଲିମିଟର ରହିଛି। ଜିଲ୍ଲା ଜରୁରୀକାଳୀନ ପରିଚାଳନା କେନ୍ଦ୍ର ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁଯାୟୀ, ଭଦ୍ରକ ବ୍ଲକ୍‌ରେ ସର୍ବାଧିକ ୧୦୨.୨ ମିଲିମିଟର ବର୍ଷା ରେକର୍ଡ ହୋଇଛି। ଏହା ପଛକୁ ଭଣ୍ଡାରିପୋଖରୀରେ ୫୧ ମି.ମି., ଧାମନଗରରେ ୪୦ ମି.ମି., ବନ୍ତ ଓ ତିହିଡ଼ିରେ ୩୯ ମି.ମି. ଲେଖାଏଁ, ଚାନ୍ଦବାଲିରେ ୧୯ ମି.ମି. ଏବଂ ବାସୁଦେବପୁରରେ ୧୬ ମି.ମି. ବର୍ଷା ହୋଇଛି।

## ନିଶା ନିବାରଣ ସଚେତନତା ଅଭିଯାନ




ବନ୍ତ/ଆଗରପଡ଼ା,୧୫।୭ (ସମିସ): ବନ୍ତ ବ୍ଲକ୍ ଅନ୍ତର୍ଗତ ରାମକୃଷ୍ଣପୁର ପଞ୍ଚାୟତ ପରିସରରେ ସୋମବାର ଏକ ବ୍ୟାପକ ନିଶା ନିବାରଣ ଓ ସଚେତନତା ଅଭିଯାନ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ସମାଜରୁ ନିଶା ଭଳି କୁଅଭ୍ୟାସକୁ ଦୂର କରି ଏକ ସୁସ୍ଥ ଓ ଆଦର୍ଶ ପଞ୍ଚାୟତ ଗଠନ କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସରପଞ୍ଚ ହିରେନ୍ଦ୍ର ଖିଲାରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ କେନ୍ଦୁଆପଦା ଫାଣ୍ଡିଅଧିକାରୀ ଅଭିମନ୍ୟୁ ଦାସ, ରାମପୁର ସରପଞ୍ଚ ଗିରିଧାରୀ ସାହୁ, ପ୍ରାକ୍ତନ ଜିଲ୍ଲା ପରିଷଦ ସଦସ୍ୟା ଉନ୍ନତିବାଳା ଦାସ, ରାମକୃଷ୍ଣପୁର ଏମ୍‌ବିକେ ପ୍ରଜ୍ଞା ପରମିତା ନାୟକ, ରାମପୁର ଏମ୍‌ବିକେ ମିନତୀ ତିଆଡ଼ି, ସିଆର୍‌ପି କମଳା ଜେନା, ସମିତିସଭ୍ୟା ଜେମାମଣି ସେଠୀ, ମନୋରଞ୍ଜନ ମହାନ୍ତି, ଆନନ୍ଦ ଚରଣ ସାହୁ, ନବ କିଶୋର ବଳ, ସ୍ଥାନୀୟ ବୁଦ୍ଧିଜୀବୀ, ସାମାଜିକ କର୍ମୀ ପ୍ରମୁଖ ଯୋଗଦେଇଥିଲେ। ବକ୍ତାମାନେ ନିଶା ସେବନ ଦ୍ୱାରା ଯୁବପିଢ଼ି କିଭଳି ପଥଭ୍ରଷ୍ଟ ହେଉଛନ୍ତି ଏବଂ ଏହା ଦ୍ୱାରା ପରିବାର ଉଜୁଡ଼ି ଯାଉଛି ସେ ବିଷୟରେ ଆଲୋକପାତ କରିଥିଲେ। ଅତିଥିମାନେ ନିଶା ଦ୍ୱାରା ଶରୀର ଓ ମାନସିକ ସ୍ଥିତି ଉପରେ ପଡୁଥିବା ମାରାତ୍ମକ ପ୍ରଭାବ ବିଷୟରେ ଗ୍ରାମବାସୀଙ୍କୁ ବୁଝାଇଥିଲେ। ଏହି ଅଭିଯାନରେ ପଞ୍ଚାୟତର ଶତାଧିକ ମହିଳା, ଯୁବକ ଓ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ସାମିଲ୍ ହୋଇଥିଲେ। ଗ୍ରାମ ପଞ୍ଚାୟତ ଅଫିସ ନିକଟରୁ ବାହାରି ଗ୍ରାମର ପ୍ରମୁଖ ଛକଗୁଡ଼ିକରେ ହାତରେ ପ୍ଲାକାର୍ଡ ଧରି "ନିଶା ବର୍ଜନ କରନ୍ତୁ, ଜୀବନ ବଞ୍ଚାନ୍ତୁ' ଭଳି ବିଭିନ୍ନ ସ୍ଲୋଗାନ ଦେଇ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ଶେଷରେ ଉପସ୍ଥିତ ସମସ୍ତ ଗ୍ରାମବାସୀ ନିଜେ ନିଶାଦ୍ରବ୍ୟଠାରୁ ଦୂରେଇ ରହିବା ସହ ଅନ୍ୟମାନଙ୍କୁ ଏଥିପାଇଁ ପ୍ରେରିତ କରିବାକୁ ଶପଥପାଠ କରିଥିଲେ। ପଞ୍ଚାୟତକୁ ସମ୍ପୂର୍ଣ୍ଣ 'ନିଶାମୁକ୍ତ' କରିବା ପାଇଁ ଏଭଳି ପ୍ରୟାସକୁ ସ୍ଥାନୀୟ ଅଞ୍ଚଳରେ ବେଶ୍ ପ୍ରଶଂସା କରାଯାଇଛି।

## ପ୍ରଶାସନିକ ଅବହେଳାର ଶିକାର କାଳୀମନ୍ଦିର-କନ୍ଧା ରାସ୍ତା



ଚାନ୍ଦବାଲି,୧୫।୭ (ସମିସ): କାଳୀମନ୍ଦିରଠାରୁ କନ୍ଧା ରାସ୍ତାର ଖୁବ୍‌ଶୀଘ୍ର ନିର୍ମାଣ ଦାବି କରି ରାସ୍ତାକୁ ଓହ୍ଲାଇଛି ଚାନ୍ଦବାଲି ଆମ୍ ଆଦ୍‌ମୀ ପାର୍ଟି। ଜନ ଆନ୍ଦୋଳନ ପଦଯାତ୍ରା ଓ ପ୍ରତିବାଦ ସଭା କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲ୍‌ଦାରଙ୍କୁ ଦେଇଛନ୍ତି ଦାବିପତ୍ର। ରାସ୍ତା ପାଲଟିଛି ମରଣଯନ୍ତା। ଆହତ ହେଲେଣି ଅନେକ। ଦୁର୍ଘଟଣାର ଶିକାର ହୋଇ ଅନେକ ଗୁରୁତର ହେଲେଣି। ହେଲେ ନିଦ ଭାଙ୍ଗୁନି ପ୍ରଶାସନର। ଦିନେ ନୁହେଁ କି ଦୁଇ ଦିନ ଦୀର୍ଘ ୪ ବର୍ଷ ହେଲା ଚାଲିଛି ରାସ୍ତା କାମ। ତାହା କେବଳ କାଗଜକଲମରେ। ଏମିତି ଏକ ରାସ୍ତା ଯାହା ଉପରେ ନିର୍ଭର କରନ୍ତି ଚାନ୍ଦବାଲି ଏନ୍‌ଏସି ସମେତ ୨/୪ଟି ପଞ୍ଚାୟତ ଓ ନଦୀ ପାର୍ ହୋଇ ଆସୁଥିବା ଧାମରା ଅଞ୍ଚଳର ଅଧିବାସୀ।

ପ୍ରତ୍ୟେକ ଦିନ ସକାଳୁ ରାତି ପର୍ଯ୍ୟନ୍ତ ହାଟ ବଜାର କରିବା, ଚାନ୍ଦବାଲି ମେଡିକାଲ ହେଉ ବା ସରକାରୀ କାମ ପାଇଁ ଶହଶହ ସଂଖ୍ୟାରେ ଲୋକଙ୍କର ଚଳପ୍ରଚଳ ଲାଗି ରହିଥାଏ। କେବଳ ସେତିକି ନୁହେଁ, ମୁଖ୍ୟତଃ ଏହି ରାସ୍ତା ଉପରେ ନିର୍ଭର କରୁଥିବା ବିଭିନ୍ନ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ରାସ୍ତାର ନିର୍ମାଣ ଖୁବ୍‌ଶୀଘ୍ର ଶେଷ କରିବା ନେଇ ଅଞ୍ଚଳବାସୀଙ୍କ ଦ୍ୱାରା ଅନେକଥର ସ୍ଥାନୀୟ ପ୍ରଶାସନଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ଯେତେ ଦାବି କଲେ ବି ହେଉନି କାମ। ମଙ୍ଗଳବାର ଚାନ୍ଦବାଲି ଆମ୍ ଆଦ୍‌ମୀ ପାର୍ଟିର ସଂଯୋଜକ ଆଶିଷ ବେହେରାଙ୍କ ନେତୃତ୍ୱରେ ଭଦ୍ରକ ଜିଲ୍ଲା ଆପ୍‌ର ଜିଲ୍ଲା କୋଷାଧ୍ୟକ୍ଷ ନବକିଶୋର ସିଂ ଦଳୀୟ କର୍ମୀଙ୍କ ସମେତ ସ୍ଥାନୀୟ ବାସିନ୍ଦା ହରିପୁର ମଠ ନିକଟରୁ ଏକ ଜନଆନ୍ଦୋଳନ ପଦଯାତ୍ରାରେ କାଳୀମନ୍ଦିର ଦେଇ ସହର ପରିକ୍ରମା କରିବା ପରେ ତହସିଲ୍ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ପ୍ରଶାସନକୁ ଦାୟୀ କରି ଓ ଠିକାଦାରଙ୍କ ମନାମାନୀ ବିରୋଧରେ ନାରାବାଜି କରି ତହସିଲ୍ କାର୍ଯ୍ୟାଳୟରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଆଶିଷ ବେହେରା, ଅଶୋକ ସାହୁ ଓ କର୍ମୀମାନେ ପ୍ରଶାସନିକ ଅବହେଳାକୁ ପ୍ରତିବାଦ କରିଥିଲେ। ତହସିଲ୍‌ଦାର କାର୍ଯ୍ୟାଳୟରେ ଅନୁପସ୍ଥିତ ଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ରକୁ ଅତିରିକ୍ତ ତହସିଲ୍‌ଦାର ଡଲିମଣି ଟୁଡୁଙ୍କୁ ଦେଇଥିଲେ। ଖୁବ୍‌ଶୀଘ୍ର ଏହାର ସମାଧାନ ପାଇଁ ଆଶାବ୍ୟକ୍ତ କରିଥିବାବେଳେ ଦାବି ପୂରଣ ନ ହେଲେ ହଜାର ହଜାର ସଂଖ୍ୟାରେ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନକୁ ଜୋର୍‌ଦାର୍ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ଧାମନଗର ମହାବିଦ୍ୟାଳୟରେ 'ଶକ୍ତିଶ୍ରୀ ସଶକ୍ତୀକରଣ କେନ୍ଦ୍ର' କର୍ମଶାଳା

ଦୋବଲ,୧୫।୭ (ସମିସ): ଧାମନଗର ମହାବିଦ୍ୟାଳୟ ପରିସରରେ 'ଶକ୍ତିଶ୍ରୀ ସଶକ୍ତୀକରଣ କେନ୍ଦ୍ର' ଆନୁକୂଲ୍ୟରେ ସ୍ୱତନ୍ତ୍ର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଜୟ କୁମାର ବେଜ ସଭାପତିତ୍ୱ କରି ଛାତ୍ରୀମାନଙ୍କୁ ସ୍ୱାବଲମ୍ବୀ ହେବା ସହ ନାରୀ ସଶକ୍ତୀକରଣ ଓ ନାରୀ ନେତୃତ୍ୱର ଆବଶ୍ୟକତା ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ଭାରତୀୟ ସେନାର ଅବସରପ୍ରାପ୍ତ ସୁବେଦାର ଗିରିଶ କୁମାର ଷଡ଼ଙ୍ଗୀ। ଭର୍ଚୁଆଲ ମାଧ୍ୟମରେ ଛାତ୍ରୀମାନଙ୍କୁ ସମ୍ବୋଧନ କରି କହିଥିଲେ ଯେ, ଆଜିର ସମୟରେ ଲିଡରସିପ୍ (ନେତୃତ୍ୱ) ଏବଂ କମ୍ୟୁନିକେସନ ଦକ୍ଷତା ଛାତ୍ରୀମାନଙ୍କ ଭବିଷ୍ୟତ ପାଇଁ ଅତ୍ୟନ୍ତ ଜରୁରୀ। ତାଙ୍କର ପ୍ରେରଣାଦାୟୀ ବକ୍ତବ୍ୟ ଉପସ୍ଥିତ ସମସ୍ତ ଛାତ୍ରୀଙ୍କୁ ନୂତନ ଦିଗ୍‌ଦର୍ଶନ ଦେଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଅର୍ଥନୀତି ବିଭାଗର ଅଧ୍ୟାପିକା ତଥା ଶକ୍ତିଶ୍ରୀ ସଶକ୍ତୀକରଣ କେନ୍ଦ୍ରର ସଂଯୋଜିକା ଅମିତା ଦାସ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ଦର୍ଶନ ଶାସ୍ତ୍ରର ଅଧ୍ୟାପିକା କଲ୍ୟାଣୀ ଦାସ ଏହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଓ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ।




## ନିତ୍ୟାନନ୍ଦ ପାଠାଗାରରେ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧଦିବସ



ଧାମନଗର,୧୫।୭ (ସମିସ)

ଧାମନଗରସ୍ଥିତ ଶିକ୍ଷାବିତ୍ ନିତ୍ୟାନନ୍ଦ ପାଠାଗାର ପରିସରରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୯୮ତମ ଶ୍ରାଦ୍ଧଦିବସ ପାଳନ କରାଯାଇଛି। ପାଠାଗାରର ପରିଚାଳକ ରସାନନ୍ଦ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ନିରାକାର ଧଳ ଯୋଗଦେଇ ପ୍ରାରମ୍ଭରେ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ଧୂପ ଓ ପ୍ରଦୀପ ପ୍ରଜ୍ୱଳନ କରିଥିବାବେଳେ ପୂର୍ବତନ ଏବିଇଓ ରାମଚନ୍ଦ୍ର ସାହୁ ମାଲ୍ୟାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ପ୍ରଦୀପ କୁମାର ପତି, ରୁଦ୍ର ସାହୁ, ଗଙ୍ଗାଧର ସେଠୀ, ସାମ୍ବାଦିକ ସେକ୍ ଜାଫର ଅଲ୍ଲୀ, ଦୁର୍ଗାପ୍ରସାଦ ମହାପାତ୍ର, କୁମାରେଶ ଖିଲାର, ପୁରସ୍ତମ ମହାଲିକଙ୍କ ସମେତ ବହୁ ସମାଜସେବୀ, ବୁଦ୍ଧିଜୀବୀ, ଛାତ୍ର ପ୍ରମୁଖ ଯୋଗଦେଇ ଗୋପବନ୍ଧୁ ଦାସଙ୍କ ତ୍ୟାଗ, ଆଦର୍ଶ ଓ ଜୀବନି ଉପରେ ଆଲୋକପାତ କରାଯାଇଥିଲା। ଏଥିରେ ଯୋଗ ଦେଇଥିବା ସମସ୍ତଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଶେଷରେ ଶିକ୍ଷକ ମୃତ୍ୟୁଞ୍ଜୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବାସୁଦେବପୁରରେ ସ୍ଥାପନ ହେବ ଦୁଇ ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି



ବାସୁଦେବପୁର,୧୫।୭ (ସମିସ): ବାସୁଦେବପୁର ପୌରପାଳିକା ସଭାଗୃହରେ ଅଧ୍ୟକ୍ଷା ନିବେଦିତା ବେହେରାଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାସୁଦେବପୁର ତହସିଲ୍‌ଦାର ପ୍ରିୟବ୍ରତ ଦାସ, ପୌରପାଳିକାର ଉପାଧ୍ୟକ୍ଷ ଉତ୍ତମ କୁମାର ବାରିକ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧାଂଶୁ ଶେଖର ସ୍ୱାଇଁ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଭାରତ ବର୍ଷର ସ୍ୱାଧୀନତା ସଂଗ୍ରାମର ଭାରତଛାଡ଼ ଆନ୍ଦୋଳନରେ ରକ୍ତତୀର୍ଥ ଇରମଠାରେ ବ୍ରିଟିଶ୍ ଫୌଜ ଗୁଳିରେ ସହିଦ ହୋଇଥିବା ସର୍ବ କନିଷ୍ଠ ମହିଳା ସଂଗ୍ରାମୀ ପରି ବେୱା ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କ ମଧ୍ୟରେ ଦେଶ ପ୍ରେମ ଭାବନାର ଉଦ୍‌ଗୀରଣ ସୃଷ୍ଟି କରି କାଳଜୟୀ କବିତା ଶତ ସିଂହର ବଳ ଭରି ଦେଉଥିଲା। ରକ୍ତତୀର୍ଥ ଇରମ ମାଟିର ସୁଯୋଗ୍ୟ ସନ୍ତାନ ଚାରଣ କବି ବାଞ୍ଛାନିଧି ମହାନ୍ତିଙ୍କର ପ୍ରତିମୂର୍ତ୍ତିଟିକୁ ବାସୁଦେବପୁର କେଉଁ ସ୍ଥାନରେ ବସାଇବାକୁ ଆଲୋଚନା କରାଯାଇଥିଲା। ପୂଜ୍ୟପୂଜାକୁ ସମ୍ମାନ ଜଣାଇ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ଆର୍ଥିକ ଅନୁଦାନ ଯୋଗାଇ ଦିଆଯାଇଛି। ଆବଶ୍ୟକ ସରକାରୀ ସ୍ଥାନ ନିରୂପଣ କରି ରାଜସ୍ୱ ନିରୀକ୍ଷକ ରିପୋର୍ଟ ପ୍ରଦାନ କଲେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଏହି ଆଲୋଚନାରେ ଯୁବ ନେତା ଉଦୟ ନାରାୟଣ ମଲ୍ଲିକ, ଆଇନଜୀବୀ ନିରୋଦ କୁମାର ଦାଶ, ମଧୁସୂଦନ ପାଢ଼ୀ, ସାମ୍ବାଦିକ ଓ ବୁଦ୍ଧିଜୀବୀ ଯୋଗଦେଇ ମତାମତ ପ୍ରଦାନ କରିଥିଲେ।

## ପିଏମ୍‌ଶ୍ରୀ ଧାମନଗର ହାଇସ୍କୁଲର ନୂତନ ପରିଚାଳନା କମିଟି ଗଠିତ



ଧାମନଗ,୧୫।୭ (ସମିସ): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ପ୍ରତିଟି ବିଦ୍ୟାଳୟରେ ବିଦ୍ୟାଳୟ ପରିଚାଳନା କମିଟି ଗଠନ କରି ସମସ୍ତ କ୍ଷେତ୍ରରେ କମିଟିକୁ ଅନ୍ତର୍ଭୁକ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାର ସୁପରିଚାଳନା, ବିଦ୍ୟାଳୟ ପରିବେଶ ସଫାସୁତରା ରଖିବା ଏବଂ ବିଦ୍ୟାଳୟରେ ଉନ୍ନତି ସହ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଏସ୍‌ଏମ୍‌ସିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି ଆଧାରରେ ଧାମନଗର ଏନ୍‌ଏସି ଅନ୍ତର୍ଗତ ଶାମପୁରସ୍ଥିତ ବହୁ ପୁରାତନ ଶିକ୍ଷାନୁଷ୍ଠାନ ପିଏମ୍‌ଶ୍ରୀ ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ଅପରାହ୍ଣ ୨ଟାରେ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ସମୀର ଗୋସ୍ୱାମୀଙ୍କ ସଭାପତିତ୍ୱରେ ନୂତନ ପରିଚାଳନା କମିଟି ଗଠନ ନିମନ୍ତେ ନିର୍ବାଚିତ ୧୯ ଜଣ ସଭ୍ୟସଭ୍ୟା ଏବଂ ଅଫିସିଆଲି ମେମ୍ବର ୬ ସମୁଦାୟ ୨୫ ଜଣଙ୍କ ଉପସ୍ଥିତିରେ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବିଦ୍ୟାଳୟର ଶିକ୍ଷା ପରିଚାଳନା କମିଟିର ପ୍ରଥମ କରି ଜଣେ ମହିଳା ସଭାପତି ଭାବେ ରଶ୍ମିତା ମହାନ୍ତି ନିର୍ବାଚିତ ହୋଇଥିବାବେଳେ ଉପସଭାପତି ଭାବେ ସାଦୋ ବିବି ନିର୍ବାଚିତ ହୋଇଛନ୍ତି। କମିଟିର ନୂତନ ସଭାପତି ଓ ଉପସଭାପତିଙ୍କୁ ପ୍ରଧାନଶିକ୍ଷକ ସମୀର ଗୋସ୍ୱାମୀ, ସହକାରୀ ଶିକ୍ଷକ ଭାସ୍କର ଚନ୍ଦ୍ର ଦାସ, ପ୍ରମୋଦ ଦାସ, ଅଭିମନ୍ୟୁ ଶଙ୍ଖୁଆ, ପ୍ରାଣବନ୍ଧୁ ନାୟକ, ଶେଖ୍ ମହମ୍ମଦ ହନିଫ୍, ଶୁଭମ୍ ମଲ୍ଲିକ, ଶକ୍ତି ରଞ୍ଜନ ହୁମ, ସନାତନ ସାହୁ, ଶିକ୍ଷୟିତ୍ରୀ ତପସ୍ୱିନୀ ତ୍ରିପାଠୀ, ସସ୍ମିତା ଦାସ, ଲିପିକା ମହାନ୍ତି, ପୂର୍ଣ୍ଣିମା ଲେଙ୍କାଙ୍କ ସମେତ ନୂତନ କମିଟିର ସମସ୍ତ ସଭ୍ୟସଭ୍ୟା ଓ କର୍ମଚାରୀ ଉପସ୍ଥିତି ରହି ନବନିର୍ବାଚିତ ସଭାପତି ଓ ଉପସଭାପତିଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ତାଙ୍କ ସଫଳ କାର୍ଯ୍ୟକାଳ କାମନା କରିଛନ୍ତି। ଶେଷରେ ସହକାରୀ ଶିକ୍ଷକ ବଟକୃଷ୍ଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଧାମନଗର ବ୍ଲକ୍ ଅନ୍ତର୍ଗତ ରାଧାବଲ୍ଲଭପୁର ପଞ୍ଚାୟତ ଅଧୀନ ସରକାରୀ ଜାଗୁଲାଇ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନୂତନ ଶିକ୍ଷା ପରିଚାଳନା କମିଟି ଗଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁରେନ୍ଦ୍ର କୁମାର ସେଠୀଙ୍କ ସଭାପତିତ୍ୱରେ ବିଦ୍ୟାଳୟ ପରିସରରେ ୧୬ଜଣ ସଭ୍ୟସଭ୍ୟା ଏବଂ ଅଫିସିଆଲି ୪ ସମୁଦାୟ ୨୦ ଜଣଙ୍କ ଉପସ୍ଥିତିରେ ସଭାପତି ଭାବେ ମନୋଜ କୁମାର ସାହୁ ନିର୍ବାଚିତ ହୋଇଥିବାବେଳେ ଉପସଭାପତି ଭାବେ ଭାରତୀ ବାଳା ଦାସ ନିର୍ବାଚିତ ହୋଇଛନ୍ତି। ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ନୂତନ କମିଟିର ସଭ୍ୟସଭ୍ୟା ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ନବନିର୍ବାଚିତ ସଭାପତି, ଉପସଭାପତିଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ତାଙ୍କ ସଫଳ କାର୍ଯ୍ୟକାଳ କାମନା କରିଛନ୍ତି।

## ଗୋପବନ୍ଧୁ ସେବା ସଂଗଠନ ପକ୍ଷରୁ ବୃକ୍ଷରୋପଣ




ଭଦ୍ରକ,୧୫।୭ (ସମିସ): ଭଦ୍ରକ ଗୋପବନ୍ଧୁ ସେବା ସଂଗଠନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର, ଲୋକନାଥ ମନ୍ଦିର ନିକଟ ଓ ନେହେରୁ ଷ୍ଟାଡିୟମ ସମ୍ମୁଖରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ମୁଖ୍ୟ ଅତିଥି ଭାବେ ଓ ଆଇଏମ୍ ରାଜ୍ୟ ସଭାପତି ଡା. ହରେକୃଷ୍ଣ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପରିବେଶ ସୁରକ୍ଷା ଓ ବୃକ୍ଷରୋପଣର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ। ସଂଗଠନର ପରାମର୍ଶଦାତା ଦିଲ୍ଲୀପ ନାୟକ, ସୁବାସ ରାୟ, ସଭାପତି ସନ୍ତୋଷ କୁମାର ପତି, ସମ୍ପାଦକ ପ୍ରଶାନ୍ତ କୁମାର ସିଂହ, କୋଷାଧ୍ୟକ୍ଷ ଶ୍ରୀନିବାସ କରଙ୍କ ସମେତ ସଦସ୍ୟ ମଳୟ ସାମଲ, ସୌମ୍ୟରଞ୍ଜନ ପାଣିଗ୍ରାହୀ, ରଞ୍ଜନ ମହାପାତ୍ର, ଚନ୍ଦ୍ରଜିତ୍ ମହାନ୍ତି, ଲକ୍ଷ୍ମୀକାନ୍ତ ବାରିକ ଓ ସଂଗଠନର ଅନ୍ୟାନ୍ୟ ସଦସ୍ୟମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଚାରାରୋପଣ କରାଯିବା ସହିତ ପରିବେଶ ସୁରକ୍ଷା, ସବୁଜ ଭଦ୍ରକ ଗଠନ ଏବଂ ବୃକ୍ଷ ସଂରକ୍ଷଣ ପାଇଁ ସମସ୍ତଙ୍କୁ ସଚେତନ କରାଯାଇଥିଲା। ଶେଷରେ ସମସ୍ତ ଅତିଥି, ସଦସ୍ୟ ଓ ସ୍ୱେଚ୍ଛାସେବୀଙ୍କୁ ସଂଗଠନ ପକ୍ଷରୁ କୃତଜ୍ଞତା ଜଣାଯାଇଥିଲା।

## ଆଇନ ସଚେତନତା କାର୍ଯ୍ୟକ୍ରମ



ବାରିକପୁର,୧୫।୭ (ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ନାଆମୀ ମହାବିଦ୍ୟାଳୟଠାରେ ଶକ୍ତିଶ୍ରୀ କକ୍ଷ ଆନୁକୂଲ୍ୟରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷ ଅଶୋକ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ବିଚାରପତି ଗୟାଧର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ପୋକ୍ସ ଆଇନ ଓ ଘରୋଇ ହିଂସା ଆଇନ ସମ୍ପର୍କରେ ବିଷଦ୍ ଭାବେ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ଶକ୍ତିଶ୍ରୀ ସଂଯୋଜିକା ଅଧ୍ୟାପିକା ମନୋରମା ଖଣ୍ଡାଇ, ଡ. ରଘୁନାଥ ସାହୁ, ଡ. ଅଜୟ କୁମାର ପ୍ରଧାନ ପ୍ରମୁଖ ଏନେଇ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ। ସ୍ୱେଚ୍ଛାସେବୀ ତନୁଶ୍ରୀ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିବାବେଳେ ମହାବିଦ୍ୟାଳୟର ଛାତ୍ରୀମାନେ ଏଥିରେ ଅଂଶ ଗ୍ରହଣ କରିଥିଲେ।

## ■ ଆଖଣ୍ଡଳମଣି ପୀଠ ଅଞ୍ଚଳରେ ବଢ଼ିଲା ଷଣ୍ଢ ଉପଦ୍ରବ

# ଧାନତଳି ବଞ୍ଚାଇବାକୁ ବାଉଁଶ ପୋତି ତାରବାଡ଼ ଦେଉଛନ୍ତି ଚାଷୀ

ଆରଡ଼ି,୧୫।୭ (ସମିସ)

ଭଦ୍ରକ ଜିଲ୍ଲାର ପ୍ରସିଦ୍ଧ ବାବା ଆଖଣ୍ଡଳମଣି ପୀଠ ସମେତ ଏହାର ଆଖପାଖ ନାନ୍ଦପୁର, ସୁନ୍ଦରପୁର, ଓଲଗ ପଞ୍ଚାୟତଗୁଡ଼ିକରେ ବୁଲା ଷଣ୍ଢଙ୍କ ଉପଦ୍ରବ ଦିନକୁ ଦିନ ବଢ଼ି ଚାଲିଥିବାରୁ ଚାଷୀମାନଙ୍କ ମଧ୍ୟରେ ଚରମ ଅସନ୍ତୋଷ ପ୍ରକାଶ ପାଇଛି। ବିଶେଷକରି ଧାନ ବୁଣା ଓ ରୋପଣ ସମୟରେ ଷଣ୍ଢ ପଲ ଚାଷ ଜମିରେ ପଶି ଧାନତଳି ନଷ୍ଟ କରୁଥିବାରୁ ଚାଷୀମାନେ ଆର୍ଥିକ କ୍ଷତି ସହିବାକୁ ବାଧ୍ୟ ହେଉଛନ୍ତି। ଷଣ୍ଢଙ୍କ ଦୌରାତ୍ମ୍ୟରୁ ଫସଲକୁ ସୁରକ୍ଷା ଦେବା ପାଇଁ ଅନେକ ଚାଷୀ ନିଜ ଖର୍ଚ୍ଚରେ ଜମି ଚାରିପାଖରେ ବାଉଁଶ ପୋତି ତାରବାଡ଼ ଦେଉଛନ୍ତି। ଏଥିପାଇଁ ଅତିରିକ୍ତ ଅର୍ଥ ବ୍ୟୟ କରିବାକୁ ପଡୁଥିବାରୁ ଚାଷ ଖର୍ଚ୍ଚ ବଢ଼ିଯାଇଛି। ତଥାପି ଏହା ସ୍ଥାୟୀ ସମାଧାନ ନୁହେଁ ବୋଲି ଚାଷୀମାନେ କହିଛନ୍ତି। ରାତିଦିନ ଜମି ଜଗିବା ସହ ତାରବାଡ଼ ଦେଇ ଫସଲ ସୁରକ୍ଷା କରିବା ସେମାନଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ପାଲଟିଛି। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ଏହି ବୁଲା ଷଣ୍ଢମାନେ କେବଳ ଚାଷଜମି ନୁହେଁ, ରାସ୍ତାଘାଟ ଓ ବଜାର ଅଞ୍ଚଳରେ ମଧ୍ୟ ଉପଦ୍ରବ ସୃଷ୍ଟି କରୁଛନ୍ତି। ଅନେକ ସମୟରେ ରାସ୍ତାରେ ଦୌଡ଼ି ଲୋକଙ୍କୁ ଭୟଭୀତ କରିବା ସହ ଦୁର୍ଘଟଣାର ଆଶଙ୍କା ମଧ୍ୟ ସୃଷ୍ଟି କରୁଛନ୍ତି। ଏଭଳି ପରିସ୍ଥିତିରେ ଚାଷୀ ଓ ସାଧାରଣ ଲୋକଙ୍କ ସୁରକ୍ଷା ପ୍ରତି ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହେଉଛି। ଚାଷୀ ଓ ବୁଦ୍ଧିଜୀବୀମାନେ ଦୀର୍ଘଦିନ ଧରି ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଆଖଣ୍ଡଳମଣି ପୀଠ ଅଞ୍ଚଳରେ ଏକ ଗୋଶାଳା ପ୍ରତିଷ୍ଠା କରି ବୁଲା ଷଣ୍ଢମାନଙ୍କୁ ସେଠାରେ ରଖିବାକୁ ଦାବି କରୁଛନ୍ତି। ଏହାଦ୍ୱାରା ଗୋବଂଶର ସୁରକ୍ଷା ସହ ଚାଷୀଙ୍କ ଫସଲ ମଧ୍ୟ ରକ୍ଷା ପାଇବ ବୋଲି ସେମାନେ ମତ ପ୍ରକାଶ କରିଛନ୍ତି। ଏନେଇ ସ୍ଥାନୀୟ ପ୍ରଶାସନ ଓ ପଶୁ ସମ୍ପଦ ବିଭାଗ ତୁରନ୍ତ ପଦକ୍ଷେପ ଗ୍ରହଣ କରି ଗୋ-ଶାଳା ସ୍ଥାପନ, ବୁଲା ଷଣ୍ଢଙ୍କ ଉଚିତ୍ ପରିଚାଳନା ଏବଂ ଚାଷୀଙ୍କ ଫସଲ ସୁରକ୍ଷା ପାଇଁ ଦୀର୍ଘମିଆଦି ବ୍ୟବସ୍ଥା କରିବାକୁ ସମଗ୍ର ଅଞ୍ଚଳରେ ଦାବି ଜୋର୍ ଧରିଛି। ଯଦି ଶୀଘ୍ର ପଦକ୍ଷେପ ଗ୍ରହଣ କରା ନ ଯାଏ, ତେବେ ଆଗାମୀ ଦିନରେ ଚାଷୀଙ୍କ କ୍ଷତି ଆହୁରି ବଢ଼ିବା ସହ କୃଷି ଉତ୍ପାଦନ ଉପରେ ମଧ୍ୟ ଏହାର ପ୍ରଭାବ ପଡ଼ିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

### ଗୋ-ଶାଳା ନିର୍ମାଣ ପାଇଁ ଦାବି



## ଇରାନ ଉପରେ ୯୦ ମିନିଟ୍ ଧରି ବୋମାମାଡ଼

ତେହେରାନ, ୧୫।୭(ଏଜେନ୍ସି): ଆମେରିକା-ଇରାନ ମଧ୍ୟରେ ସାମରିକ ସଂଘର୍ଷ ମଧ୍ୟରେ ବୁଧବାର ଆମେରିକା ସେନା ଇରାନର ବିଭିନ୍ନ ସାମରିକ ଘାଟି ଉପରେ ୯୦ ମିନିଟ୍ ଧରି ପ୍ରଚଣ୍ଡ ବିମାନ ଆକ୍ରମଣ କରିଥିବା ସୂଚନା ମିଳିଛି। ଏହାପରେ ଆମେରିକା ପକ୍ଷରୁ ଇରାନ ଉପରେ ପୁଣି ଥରେ ନୌସେନା ଅବରୋଧ ଜାରି କରାଯାଇଛି। ଆମେରିକାର ସେଣ୍ଟ୍ରାଲ କମାଣ୍ଡ (ସେଣ୍ଟକମ୍) ଅନୁଯାୟୀ, ବୁଧବାର ଅପରାହ୍ଣରେ ଏହି ନୂତନ ପର୍ଯ୍ୟାୟ ଆକ୍ରମଣ ହୋଇଥିଲା। ଆମେରିକା ସେନା ବିଶେଷ କରି ଗ୍ରେଟର ଟୁନ୍‌ବ ଦ୍ୱୀପରେ ଥିବା ଇରାନର ଉପକୂଳ ପ୍ରତିରକ୍ଷା ବ୍ୟବସ୍ଥା ଏବଂ କ୍ରୁଜ୍ ମିସାଇଲ୍ ସଂରକ୍ଷଣ କେନ୍ଦ୍ରଗୁଡ଼ିକ ଉପରେ ନିର୍ଭୁଲ ଭାବେ ମିସାଇଲ ମାଡ଼ କରିଛି। ହର୍ମୁଜ ଦେଇ ଯାଉଥିବା ବାଣିଜ୍ୟିକ ଜାହାଜଗୁଡ଼ିକ ଉପରେ ଇରାନର ଆକ୍ରମଣ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଆମେରିକା ପକ୍ଷରୁ କୁହାଯାଇଛି। ଗତ ୪ ରାତି ଧରି ଆମେରିକା କ୍ରମାଗତ ଭାବେ ଇରାନ ଉପରେ ଆକ୍ରମଣ ଜାରି ରଖିଛି। ଏହି ଉତ୍ତେଜନା ପରେ ପୂର୍ବରୁ ସ୍ୱାକ୍ଷରିତ ହୋଇଥିବା ୧୪ ସୂତ୍ରୀ ଶାନ୍ତି ବୁଝାମଣା ଏବେ ପ୍ରଭାବହୀନ ହୋଇପଡ଼ିଛି। ଇରାନ ପକ୍ଷରୁ ଦାବି କରାଯାଇଛି ଯେ, ଆମେରିକାର ଏହି ଆକ୍ରମଣରେ ୩୦ ରୁ ଅଧିକ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଛି। ଅପରପକ୍ଷେ, ଇରାନର ରିଭୋଲ୍ୟୁସନାରୀ ଗାର୍ଡ (ଆଇଆର୍‌ଜିସି) କୁଏତ ଏବଂ ବାହାରିନରେ ଥିବା ଆମେରିକା ଘାଟିକୁ ଲକ୍ଷ୍ୟ କରି ମିସାଇଲ୍ ମାଡ଼ କରିଥିବା ସୂଚନା ମିଳିଛି।

## ପୁଲିସର ଅମାନୁଷିକତା: ସାହାଯ୍ୟ ପାଇଁ ଚିତ୍କାର କରୁକରୁ ଚାଲିଗଲା ପ୍ରାଣ

ଗାଜିଆବାଦ, ୧୫।୭(ଏଜେନ୍ସି): ଉତ୍ତରପ୍ରଦେଶର ଗାଜିଆବାଦରୁ ପୁଲିସର ଚରମ ଅବହେଳା ଓ ଅମାନୁଷିକତାର ଏକ ଦୁଃଖଦାୟକ ଖବର ସାମ୍ନାକୁ ଆସିଛି। ଜଣେ ୨୨ ବର୍ଷୀୟ ଯୁବକ ପୁଲିସ ବୁଥ୍ ସମ୍ମୁଖରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସାହାଯ୍ୟ ପାଇଁ ପ୍ରାୟ ୪୦ ମିନିଟ୍ ଧରି ନେହୁରା ହେବା ପରେ ଶେଷରେ ପ୍ରାଣ ହରାଇଛନ୍ତି। ଆଶ୍ଚର୍ଯ୍ୟର କଥା ହେଉଛି, ଯୁବକ ଜଣକ ଛଟପଟ ହେଉଥିବା ବେଳେ ବୁଥ୍‌ରେ ଥିବା ମହିଳା ପୁଲିସ କର୍ମଚାରୀମାନେ ଭୟରେ ନିଜକୁ ଭିତରେ ବନ୍ଦ କରି ରଖିଥିଲେ। ମୃତ ଯୁବକଙ୍କ ନାମ ରାଜକୁମାର ଏବଂ ସେ ଜଣେ ଗାଡ଼ି ମେକାନିକ ଭାବେ କାର୍ଯ୍ୟ କରୁଥିଲେ। ଅଟୋ ଚାଳକ ସହ ମାତ୍ର କୋଡ଼ିଏ ଟଙ୍କାର ଭଡ଼ାକୁ ନେଇ ବିବାଦ ହେବା ପରେ ସେ ସ୍ଥାନୀୟ ପୁଲିସ ବୁଥ୍‌କୁ ଯାଇଥିଲେ। ସେଠାରେ ଉତ୍ତେଜିତ ଅବସ୍ଥାରେ ବୁଥ୍‌ର କବାଟ ବାଡ଼େଇବା ବେଳେ କାଚ ଭାଙ୍ଗିଯାଇ ତାଙ୍କ ହାତରେ ଗଭୀର ଆଘାତ ଲାଗିଥିଲା। ପ୍ରଚୁର ରକ୍ତସ୍ରାବ ଯୋଗୁଁ ସେ ସେଠାରେ ରକ୍ତ ଭିତରେ ପଡ଼ି ରହିଥିଲେ ମଧ୍ୟ ପୁଲିସ ତାଙ୍କୁ ଡାକ୍ତରଖାନା ନେବାକୁ କୌଣସି ସାହାଯ୍ୟ କରିନଥିଲା। ପରବର୍ତ୍ତୀ ସମୟରେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲେ ହେଁ ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ଏହି ଘଟଣା ପରେ ମୃତକଙ୍କ ପରିବାର ଏବଂ ଗର୍ଭବତୀ ପତ୍ନୀ ଗଭୀର ଶୋକରେ ଭାଙ୍ଗି ପଡ଼ିଛନ୍ତି। ପୁଲିସର ଏଭଳି ଅମାନୁଷିକ ଆଚରଣକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଆକ୍ରୋଶ ପ୍ରକାଶ ପାଇଛି ଏବଂ ପରିବାର ପକ୍ଷରୁ ଦୋଷୀ ପୁଲିସ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ନ୍ୟାୟ ଦାବି କରାଯାଇଛି।

## ଇଭି ଗାଡ଼ି ଚାର୍ଜିଂ ବେଳେ ଅଗ୍ନିକାଣ୍ଡ; ୨ ମୃତ

ନୋଏଡା, ୧୫।୭(ଏଜେନ୍ସି): ଉତ୍ତର ପ୍ରଦେଶର ନୋଏଡାସ୍ଥିତ ମାମୁରା ଗ୍ରାମର ଏକ ଆବାସିକ ବିଲ୍ଡିଂରେ ବୁଧବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏକ ବୈଦ୍ୟୁତିକ ଗାଡ଼ି ଚାର୍ଜ ହେଉଥିବା ସମୟରେ ସ୍ପାର୍କ ହେବାରୁ ଏହି ନିଆଁ ଲାଗିଥିବା ପୁଲିସ୍ ସୂଚନା ଦେଇଛି। ଏହି ଦୁର୍ଘଟଣାରେ ଧୂଆଁ ଯୋଗୁଁ ଶ୍ୱାସକ୍ରିୟାରେ ସମସ୍ୟା ଦେଖାଦେବାରୁ ୨ ଜଣଙ୍କର ମୃତ୍ୟୁ ହୋଇଛି। ଗୌତମବୁଦ୍ଧ ନଗରର ଯୁଗ୍ମ ପୁଲିସ କମିଶନର ରାଜୀବ ନାରାୟଣଙ୍କ ସୂଚନା ଅନୁଯାୟୀ, ସେକ୍ଟର ୬୬ ଅନ୍ତର୍ଗତ ଏହି ଚାରି ମହଲା ବିଶିଷ୍ଟ ବିଲ୍ଡିଂର ଗ୍ରାଉଣ୍ଡ ଫ୍ଲୋରର ପାର୍କିଂରେ ପ୍ରଥମେ ନିଆଁ ଲାଗିଥିଲା। ଏହା ପରେ ନିଆଁ ପାର୍କିଂରେ ଥିବା ଅନ୍ୟ ପେଟ୍ରୋଲ ଗାଡ଼ିଗୁଡ଼ିକୁ ବ୍ୟାପିଯାଇଥିଲା ଏବଂ ସମଗ୍ର ବିଲ୍ଡିଂ ଧୂଆଁମୟ ହୋଇଯାଇଥିଲା। ଖବର ପାଇ ଦମକଳ ବାହିନୀର ୭ଟି ଗାଡ଼ି ଓ ଉଦ୍ଧାରକାରୀ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ପ୍ରାୟ ୫୦ଟି ପରିବାରକୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ତେବେ ପ୍ରବଳ ଧୂଆଁ ଯୋଗୁଁ ଅସୁସ୍ଥ ହୋଇପଡ଼ିଥିବା ୨ ଜଣଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ବେଳେ ସେଠାରେ ସେମାନଙ୍କର ମୃତ୍ୟୁ ହୋଇଛି। ଏହି ଘଟଣାରେ ପୁଲିସ ମାମଲା ରୁଜୁ କରି ବିଲ୍ଡିଂ ମାଲିକ ଓ ଲିଜ୍‌ଧାରୀଙ୍କୁ ଗିରଫ କରିଛି। ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହି ଦୁର୍ଘଟଣାକୁ ଗମ୍ଭୀରତାର ସହ ନେଇ ପ୍ରଭାବିତଙ୍କୁ ତୁରନ୍ତ ଚିକିତ୍ସା ଓ ସହାୟତା ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଦ୍ୟୁତିକ ଗାଡ଼ି ଚାର୍ଜିଂ ସମୟରେ ସୁରକ୍ଷା ବ୍ୟବସ୍ଥା ପ୍ରତି ଅବହେଳା ଯୋଗୁଁ ଏହି ଅଘଟଣ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ପୁଲିସ ଏବଂ ଅଗ୍ନିଶମ ବିଭାଗ ପକ୍ଷରୁ ଘଟଣାର ଅଧିକ ସେସବୁ ତଦନ୍ତ ଜାରି ରହିଛି।

## କେରଳରେ ୩୦ ଲକ୍ଷ ଟଙ୍କାର ନିଶା ଔଷଧ ସହ ଯୁବକ ଗିରଫ

ଥିରୁବନନ୍ତପୁରମ, ୧୫।୭(ଏଜେନ୍ସି): କେରଳର କୋଲ୍ଲାମ ଜିଲ୍ଲାରେ ଅବକାରୀ ବିଭାଗ ପକ୍ଷରୁ ଚାଲିଥିବା ଏକ ସ୍ୱତନ୍ତ୍ର ନିଶା ନିରୋଧୀ ଅଭିଯାନରେ ପ୍ରାୟ ୩୦ ଲକ୍ଷ ଟଙ୍କା ମୂଲ୍ୟର ୬, ୪୦୦ଟି ନିଶାଦାୟକ ପେନ୍‌କିଲର୍ ବଟିକା ଜବତ କରାଯାଇଛି। ଏହି ଘଟଣାରେ ପୋଲିସ ତିନ୍ଟୁ ଜାଭିୟର ନାମକ ଜଣେ ଯୁବକଙ୍କୁ ଗିରଫ କରିଛି। ରାଜ୍ୟରେ ନିଶା କାରବାର ବିରୋଧରେ କେରଳ ଅବକାରୀ ବିଭାଗ ପକ୍ଷରୁ ଆରମ୍ଭ କରାଯାଇଥିବା 'ଅପରେସନ୍ ଥଣ୍ଡର୍' ଅଧୀନରେ ଏହି ଚଢ଼ାଉ କରାଯାଇଥିଲା। ଜବତ କରାଯାଇଥିବା ବଟିକାଗୁଡ଼ିକ ମଧ୍ୟରେ ଥାଇଡଲ୍ ଏବଂ ନାଇଟ୍ରାଜେପାମ୍ ଭଳି ପ୍ରେସକ୍ରିପସନ୍ ଔଷଧ ରହିଛି, ଯାହା ଡାକ୍ତରଙ୍କ ବିନା ପରାମର୍ଶରେ ବିକ୍ରି କରିବା ସମ୍ପୂର୍ଣ୍ଣ ବେଆଇନ। ତଦନ୍ତକାରୀଙ୍କ ସୂଚନା ଅନୁସାରେ, ଅଭିଯୁକ୍ତ ବାହାର ରାଜ୍ୟରୁ ଶସ୍ତାରେ ଏହି ସବୁ ବଟିକା ଆଣି କେରଳରେ ଚଢ଼ା ଦରରେ ବିକ୍ରି କରୁଥିଲା। ଏହି ଘଟଣାରେ ଏକ ଆନ୍ତଃରାଜ୍ୟ ନିଶା କାରବାର ର୍‌ୟାକେଟ୍‌ର ସମ୍ପୃକ୍ତି ଥିବା ସନ୍ଦେହ କରି ଅବକାରୀ ବିଭାଗ ଅଧିକ ତଦନ୍ତ ଜାରି ରଖିଛି।

## ଇଡି ଭୟରେ ମମତାଙ୍କ ହାତ ଛାଡ଼ିଲେ ମଦନ ମିତ୍ର




କୋଲକାତା, ୧୫।୭(ଏଜେନ୍ସି): ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଅତି ବିଶ୍ୱସ୍ତ ତଥା ତୃଣମୂଳ କଂଗ୍ରେସର ବରିଷ୍ଠ ନେତା ମଦନ ମିତ୍ର ଆଜି ଦଳର ସମସ୍ତ ପଦବୀରୁ ଇସ୍ତଫା ଦେଇଛନ୍ତି। ସେ ବିଦ୍ରୋହୀ ଶିବିରରେ ସାମିଲ ହୋଇଛନ୍ତି। ଟିଏମସି ବିଧାୟକ ତଥା ପୂର୍ବତନ ପରିବହନ ମନ୍ତ୍ରୀ ମଦନ ମିତ୍ର ୧୯୯୮ ମସିହାରୁ ଦଳ ଗଠନ ବେଳଠାରୁ ମମତା ବାନାର୍ଜୀଙ୍କ ସହ ରହିଥିଲେ। ତେବେ ପୌରସଂସ୍ଥା ନିଯୁକ୍ତି ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ତାଙ୍କ ପରିବାରକୁ ସମନ କରାଯିବାର ଦିନକ ପରେ ସେ ଏହି ନିଷ୍ପତ୍ତି ନେଇଛନ୍ତି। ହାଜର ହେବା ଲାଗି ଇଡି ମଦନଙ୍କ ପତ୍ନୀ ଓ ଦୁଇ ପୁଅଙ୍କୁ ସମନ୍ କରିଥିଲେ।

ତେବେ ମଦନ ମିତ୍ର ଗଣମାଧ୍ୟମକୁ ସୂଚନା ଦେଇ ଦଳର ଏହି ଦୁର୍ଦ୍ଦଶା ପାଇଁ ମମତାଙ୍କ ପୁତୁରା ଅଭିଷେକ ବାନାର୍ଜୀଙ୍କୁ ସିଧାସଳଖ ଦାୟୀ କରିଛନ୍ତି। ଦଳ କେବଳ ଅଭିଷେକଙ୍କ ସ୍ୱାର୍ଥ ରକ୍ଷା ପାଇଁ କାମ କରୁଛି ବୋଲି ସେ ଅଭିଯୋଗ ଆଣିଛନ୍ତି।। ଇଡି ଠାରୁ ମଧ୍ୟ ଅଭି।।ଷେକ ଭୟଙ୍କର ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ ଯେ ନିର୍ବାଚନରେ ପରାଜୟ ପରେ ଦଳର ୮୦ ଜଣ ବି ଧା ୟ କ ଙ୍କ ମଧ୍ୟରୁ ପ୍ରାୟ ୬୦ ଜଣ ବିଦ୍ରୋହୀ ଦଳ ଗଠନ କରିଥିବା ବେଳେ ୨୦ ଜଣ ସାଂସଦ ଅନ୍ୟ ଦଳରେ ସାମିଲ ହୋଇ ଶାସକ ମେଣ୍ଟକୁ ସମର୍ଥନ କରିସାରିଛନ୍ତି।

ଏସଂପର୍କରେ ପ୍ରତିକ୍ରିୟା ପ୍ରକାଶ କରି ମମତା ବାନାର୍ଜୀ ଅଭିଯୋଗ କରିଛନ୍ତି ଯେ ଇଡି, ସିବିଆଇ ଏବଂ ପୁଲିସ ଭୟ ଦେଖାଇ ତାଙ୍କ ଦଳରେ ବିଭାଜନ ସୃଷ୍ଟି କରୁଛି ବିଜେପି। ଇଡି ଭୟରେ ମଦନ ଏଭଳି ନିଷ୍ପତ୍ତି ନେଇଥିବା ସେ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଏଭଳି ବିଭାଜନ କରି ବିଜେପି ଚାହୁଁଛି ତାଙ୍କୁ ହାର୍ଟ ଆଟାକ୍ ହେଉ। କିନ୍ତୁ ବିଜେପି ବିପର୍ଯ୍ୟୟ ଦେଖିବା ପର୍ଯ୍ୟନ୍ତ ସେ ବଞ୍ଚିରହିବେ। ପୁତୁରା ଅଭିଷେକଙ୍କ ସପକ୍ଷରେ ଯୁକ୍ତି କରି ସେ କହିଛନ୍ତି ଯେ କୌଣସି ଧମକ ଆଗରେ ମୁଣ୍ଡ ନୁଆଁଇ ସେ ପରିସ୍ଥିତିର ମୁକାବିଲା କରୁଛନ୍ତି। ଇଡି ଭୟରେ ତାଙ୍କୁ ଛାଡୁଥିବା ନେତାମାନଙ୍କ ପାଇଁ ଅଭିଷେକ କେବଳ ଏକ ବାହାନା। ଅଭିଷେକ କୌଣସି ଭୁଲ କରି ନାହାନ୍ତି ବୋଲି ମମତା କହିଛନ୍ତି।

## ବିଭାଜନ ଭୟ: ଏନ୍‌ଡିଏ ସହ ହାତ ମିଳାଇବେ ପାୱାର



ମୁମ୍ବାଇ, ୧୫।୭(ଏଜେନ୍ସି): ମହାରାଷ୍ଟ୍ର ରାଜନୀତିରେ ପୁଣି ଏକ ବଡ଼ ଧରଣର ସମୀକରଣ ବଦଳିବାକୁ ଯାଉଥିବା ଚର୍ଚ୍ଚା ହେଉଛି। ନ୍ୟାସନାଲିଷ୍ଟ କଂଗ୍ରେସ ପାର୍ଟି (ଏନ୍‌ସିପି, ଶରଦ ପାୱାର) କେନ୍ଦ୍ର ସରକାରଙ୍କ ବିବାଦୀୟ ସୀମା ନିର୍ଦ୍ଧାରଣ ବିଲ୍‌କୁ ସମର୍ଥନ କରିପାରେ ବୋଲି ସୂତ୍ରରୁ ସୂଚନା ମିଳିଛି। ଗତ ସଂସଦ ଅଧିବେଶନରେ ସମସ୍ତ ବିରୋଧୀ ଦଳ ଏକଜୁଟ ହୋଇ ଏହି ବିଲ୍ ବିରୋଧରେ ତାଙ୍କ ସାଂସଦ ଭୋଟ୍ ଦେଇଥିଲେ। ମିଳିଥିବା ସୂଚନା ଅନୁଯାୟୀ, ଶରଦ ପାୱାରଙ୍କ ଦଳର ବରିଷ୍ଠ ନେତାମାନେ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସଙ୍କ ସହ ଏକ ଗୁପ୍ତ ବୈଠକ କରିଛନ୍ତି। ଏହାପରେ ଦଳର ନୂତନ ଆଭିମୁଖ୍ୟକୁ ନେଇ ଚର୍ଚ୍ଚା ଜୋର ଧରିଛି। ତେବେ ଏହି ସମ୍ପର୍କରେ ସ୍ପଷ୍ଟୀକରଣ ଦେଇ ଶରଦ ପାୱାରଙ୍କ ଝିଅ ତଥା ସାଂସଦ ସୁପ୍ରିୟା ସୁଲେ କହିଛନ୍ତି ଯେ, ଯଦି କେନ୍ଦ୍ର ସରକାର ସମସ୍ତ ରାଜ୍ୟରେ ସମାନ ଭାବରେ ଶତକଡ଼ା ପଚାଶ ଭାଗ ସଂସଦୀୟ ଆସନ ବୃଦ୍ଧି କରିବାର ଗ୍ୟାରେଣ୍ଟି ଦିଅନ୍ତି, ତେବେ ତାଙ୍କ ଦଳ ଏହି ବିଲ୍‌କୁ ସମର୍ଥନ କରିବାକୁ ପ୍ରସ୍ତୁତ ଅଛି। ନିର୍ଭରଯୋଗ୍ୟ ସୂତ୍ରରୁ ପ୍ରକାଶ ଯେ ଗତକାଲି ରାତିରେ ଏନସିପିର ଦୁଇ ଗୋଷ୍ଠୀର ନେତା ମୁଖ୍ୟମନ୍ତ୍ରୀ ଫଡନାଭିସଙ୍କୁ ଭେଟି ଏସଂପର୍କରେ ଆଲୋଚନା କରିଛନ୍ତି। ଦୁଇ ଗୋଷ୍ଠୀ ଏକାଠି ହେବାକୁ ଯାଉଥିବା ନେଇ ମଧ୍ୟ ଏହି ଘଟଣା ପରେ ଚର୍ଚ୍ଚା ଜୋର ଧରିଛି। ଶରଦଙ୍କ ଗୋଷ୍ଠୀରେ ଲୋକସଭାର ୮ ଏବଂ ରାଜ୍ୟସଭାର ଦୁଇ ଜଣ ସାଂସଦ ଅଛନ୍ତି। ଉଦ୍ଧବ ସେନାର ଜଣେ ନେତା କହିଛନ୍ତି ଯେ ନିଜ ଦଳରେ ବିଭାଜନ ଭୟରେ ଶରଦ ପାୱାର ଏନଡିଏ ସହିତ ହାତ ମିଳାଇବାକୁ ଯାଉଛନ୍ତି।

ସୂଚନାଯୋଗ୍ୟ ଯେ ସମ୍ବିଧାନର ୧୩୧ତମ ସଂଶୋଧନ ବିଲ୍ ଗତ ଅପ୍ରେଲ ମାସରେ ଦୁଇ-ତୃତୀୟାଂଶ ବହୁମତ ନମିଳିବା କାରଣରୁ ଗୃହରେ କାଟ୍ ଖାଇଯାଇଥିଲା। ଆସନ୍ତା ୨୦ ତାରିଖରୁ ଆରମ୍ଭ ହେବାକୁ ଥିବା ସଂସଦର ମୌସୁମୀ ଅଧିବେଶନରେ ସରକାର ପୁନର୍ବାର ଏହି ଗୁରୁତ୍ୱପୂର୍ଣ୍ଣ ବିଲ୍ ଆଣିବାକୁ ଯାଉଛନ୍ତି।

## କୁଡାନ୍‌କୁଲମ୍ ଆଣବିକ କେନ୍ଦ୍ରରୁ ଗୁପ୍ତ ତଥ୍ୟ ଚୋରି



**ଡାର୍କ ୱେବ୍‌ରେ ୧୯ ହଜାରରୁ ଅଧିକ ଫାଇଲ୍ ଲିକ୍!**

ଚେନ୍ନାଇ, ୧୫।୭(ଏଜେନ୍ସି): ଭାରତର ସବୁଠାରୁ ବଡ଼ ଆଣବିକ ବିଦ୍ୟୁତ ପ୍ରକଳ୍ପ 'କୁଡାନକୁଲମ ଆଣବିକ ପାୱାର ପ୍ଲାଣ୍ଟ' ସହ ଜଡ଼ିତ ହଜାର ହଜାର ଗୁପ୍ତ ଫାଇଲ୍ ଚୋରି ହୋଇ ଡାର୍କ ୱେବ୍‌ରେ ପ୍ରକାଶ ପାଇଛି। ଏକ ଆନ୍ତର୍ଜାତୀୟ ସାଇବର ଅପରାଧୀ ଗୋଷ୍ଠୀ ଦ୍ୱାରା ଏହି ବଡ଼ ଧରଣର ଡାଟା ଲିକ୍ କରାଯାଇଥିବା ସୂଚନା ମିଳିଛି, ଯାହା ଦେଶର ସୁରକ୍ଷା ବ୍ୟବସ୍ଥା ପାଇଁ ଏକ ଚିନ୍ତାର ବିଷୟ ପାଲଟିଛି। ସୂତ୍ର ଅନୁଯାୟୀ, 'ୱାର୍ଲ୍ଡ ଲିକ୍ସ' ନାମକ ଏକ ରାନସମୱେର ଗୋଷ୍ଠୀ ଏହି ତଥ୍ୟଗୁଡ଼ିକୁ ଇଣ୍ଟରନେଟ୍‌ର ଗୋପନୀୟ ଦୁନିଆ ବା ଡାର୍କ ୱେବ୍‌ରେ ପୋଷ୍ଟ କରିଛି। ଲିକ୍ ହୋଇଥିବା ପ୍ରାୟ ୧୯, ୦୦୦ ଫାଇଲ୍ ମଧ୍ୟରେ ପ୍ରକଳ୍ପର କାର୍ଯ୍ୟକାରୀ ନକ୍ସା (ବ୍ଲୁ ପ୍ରିଣ୍ଟ୍), ଭେଣ୍ଟିଲେସନ୍ ଏବଂ କୁଲିଂ ସିଷ୍ଟମର ବିବରଣୀ, ନିୟନ୍ତ୍ରଣ କକ୍ଷର ଚିତ୍ର, ଯୋଗାଣକାରୀଙ୍କ ତାଲିକା ଏବଂ ଗୁରୁତ୍ୱପୂର୍ଣ୍ଣ ବୈଠକର ବିବରଣୀ ରହିଛି। ଏହି ପ୍ରକଳ୍ପର ଅନ୍ୟତମ ଠିକାଦାର ସଂସ୍ଥା ରିଲାଏନ୍ସ ଗ୍ରୁପ୍ ଏକ ତୃତୀୟ ପକ୍ଷ ଡାଟା ସେଣ୍ଟର ସର୍ଭରରୁ ତଥ୍ୟ ଚୋରି ହୋଇଥିବା କଥା ସ୍ୱୀକାର କରିଛି। ଭାରତୀୟ ସାଇବର ସୁରକ୍ଷା ସଂସ୍ଥା 'ସାର୍ଟ-ଇନ୍' ବର୍ତ୍ତମାନ ଏହି ଘଟଣାର ଗଭୀର ତଦନ୍ତ କରୁଛି। ତେବେ ପରମାଣୁ ରିଆକ୍ଟରର ମୁଖ୍ୟ ବୈଷୟିକ ପ୍ରଣାଳୀ ସୁରକ୍ଷିତ ଥିବା ଜଣାପଡ଼ିଛି। ସାଇବର ବିଶେଷଜ୍ଞଙ୍କ ଅନୁଯାୟୀ, ଏଭଳି ଗୋପନୀୟ ତଥ୍ୟ ପ୍ରକାଶ ପାଇବା ଦ୍ୱାରା ଶତ୍ରୁପକ୍ଷ ପ୍ରକଳ୍ପର ଦୁର୍ବଳତା ବିଷୟରେ ସହଜରେ ଜାଣିପାରିବେ। କୁଡାନକୁଲମ ଆଣବିକ ପ୍ରକଳ୍ପରେ ଏହା ଦ୍ୱିତୀୟ ସାଇବର ଆକ୍ରମଣ ହୋଇଥିବା ବେଳେ ଏହା ପୂର୍ବରୁ ୨୦୧୯ ମସିହାରେ ମଧ୍ୟ ଏଠାରେ ମାଲୱେର ଆକ୍ରମଣ ହୋଇଥିଲା। ସାଇବର ସୁରକ୍ଷା ମାମଲାରେ ଭାରତ ବିଶ୍ୱରେ ତୃତୀୟ ସ୍ଥାନରେ ରହିଥିବାରୁ, ଏହି ଘଟଣା ଦେଶର ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନଗୁଡ଼ିକର ଡିଜିଟାଲ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ଏକ ସତର୍କ ଘଣ୍ଟି ସଦୃଶ ହୋଇଛି।

## ୱାଙ୍ଗଚୁକ୍ ଗୁରୁତର; ସିଜେପିର ଗଣଅନଶନ



ନୂଆଦିଲ୍ଲୀ, ୧୫।୭(ଏଜେନ୍ସି): ଦେଶରେ ଚାଲିଥିବା ମେଡିକାଲ ପ୍ରବେଶିକା ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ବିବାଦକୁ ନେଇ ଆନ୍ଦୋଳନ ତେଜିବାରେ ଲାଗିଛି। ଏହି କ୍ରମରେ ଦିଲ୍ଲୀର ଯନ୍ତରମନ୍ତରଠାରେ ବିଗତ ପଚିଶ ଦିନ ଧରି ଧାରଣା ଦେଇଥିବା 'କକ୍ରୋଚ୍ ଜନତା ପାର୍ଟି' (ସିଜେପି) ଆସନ୍ତାକାଲି (୧୬ ତାରିଖ) ସାମୂହିକ ଗଣଅନଶନ ପାଇଁ ଆହ୍ୱାନ ଦେଇଛି। ପ୍ରସିଦ୍ଧ ଶିକ୍ଷାବିତ୍ ତଥା ସମାଜସେବୀ ସୋନମ ୱାଙ୍ଗଚୁକଙ୍କ ଆମରଣ ଅନଶନ ଆଜି ଅଠର ଦିନରେ ପହଞ୍ଚିଥିବା ବେଳେ ତାଙ୍କ ପ୍ରତି ସମର୍ଥନ ଜଣାଇ ଦଳ ଏହି ନିଷ୍ପତ୍ତି ନେଇଛି। ମେଡିକାଲ ପ୍ରବେଶିକା ପରୀକ୍ଷାରେ ହୋଇଥିବା ଅନିୟମିତତା ପ୍ରତିବାଦରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରି ମେ ମାସରୁ ଆରମ୍ଭ ହୋଇଥିବା ଏହି ବ୍ୟଙ୍ଗାତ୍ମକ ଆନ୍ଦୋଳନ ଏବେ ଏକ ବଡ଼ ରୂପ ନେଇଛି। ଗତ ଜୁନ୍ ୨୮ରୁ ସୋନମ ୱାଙ୍ଗଚୁକ ମଧ୍ୟ ଛାତ୍ରଛାତ୍ରୀମାନଙ୍କ ନ୍ୟାୟ ପାଇଁ ଏହି ଆନ୍ଦୋଳନରେ ସାମିଲ ହୋଇ ଅନଶନ ଜାରି ରଖିଛନ୍ତି। କକ୍ରୋଚ୍ ଜନତା ପାର୍ଟିର ପ୍ରତିଷ୍ଠାତା ଅଭିଜିତ ଦୀପ୍‌କେ ସୂଚନା ଦେଇଛନ୍ତି ଯେ, ସୋନମ ୱାଙ୍ଗଚୁକଙ୍କ ସ୍ୱାସ୍ଥ୍ୟାବସ୍ଥା ଗମ୍ଭୀର ହେବାରେ ଲାଗିଛି।

## ଇଥାନଲ ବିରୋଧୀ ଅଭିଯାନ
## ୪ ୟୁଟ୍ୟୁବରଙ୍କ ବିରୋଧରେ ଏଫ୍‌ଆଇଆର୍



ନାଗପୁର, ୧୫।୭(ଏଜେନ୍ସି): ଇଥାନଲ ମିଶ୍ରିତ ପେଟ୍ରୋଲକୁ ନେଇ କେନ୍ଦ୍ର ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରୀ ନିତିନ ଗଡ଼କରୀଙ୍କ ବିରୋଧରେ ଆପତ୍ତିଜନକ ଓ ବିଭ୍ରାନ୍ତିକର ଭିଡିଓ ପ୍ରସାରଣ କରିବା ଅଭିଯୋଗରେ ୪ ଜଣ ପ୍ରଭାବଶାଳୀ ସାମାଜିକ ଗଣମାଧ୍ୟମ ଇନଫ୍ଲୁଏନସରଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଏଥିମଧ୍ୟରେ ଜଣାଶୁଣା ୟୁଟ୍ୟୁବର୍ ତଥା ରାଜନେତା ମନୀଷ କଶ୍ୟପ ମଧ୍ୟ ସାମିଲ ଅଛନ୍ତି। ଭାରତୀୟ ଜନତା ପାର୍ଟିର ସାମାଜିକ ଗଣମାଧ୍ୟମ ଶାଖାର ନାଗପୁର ସହର ସଭାପତି ଶିଶିର ତ୍ରିପାଠୀଙ୍କ ଅଭିଯୋଗ ଆଧାରରେ ନାଗପୁର ସାଇବର ପୋଲିସ ଥାନାରେ ଏହି ମାମଲା ଦାୟର କରାଯାଇଛି। ମନୀଷ କଶ୍ୟପଙ୍କ ବ୍ୟତୀତ ହର୍ଷିତ ରାଠୀ, ଅଙ୍କଲେଶ ଇନଭାତୀ ଏବଂ ଏକ ଇନଷ୍ଟାଗ୍ରାମ ଆକାଉଣ୍ଟ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଅଭିଯୋଗ ଅନୁଯାୟୀ, ଗତ ଜୁଲାଇ ୩ ତାରିଖରେ ଅପଲୋଡ୍ ହୋଇଥିବା ଏକ ଭିଡିଓରେ ସରକାରଙ୍କ ଇଥାନଲ ମିଶ୍ରିତ ପେଟ୍ରୋଲ ନୀତିକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଭ୍ରମ ସୃଷ୍ଟି କରିବା ସହ ମନ୍ତ୍ରୀଙ୍କ ସମ୍ମାନ ହାନି କରିବାକୁ ଚେଷ୍ଟା କରାଯାଇଥିଲା। ଅନ୍ୟ ଅଭିଯୁକ୍ତମାନେ ମଧ୍ୟ ଗଡ଼କରୀଙ୍କ ବିରୋଧରେ ଅଶାଳୀନ ଭାଷା ପ୍ରୟୋଗ କରିଥିବା ଅଭିଯୋଗ ହୋଇଛି। ପୋଲିସ ଭାରତୀୟ ନ୍ୟାୟ ସଂହିତା ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ଆଇନର ବିଭିନ୍ନ ଧାରାରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଇଥାନଲ ମିଶ୍ରିତ ପେଟ୍ରୋଲ ବ୍ୟବହାର ଦ୍ୱାରା ପ୍ରଦୂଷଣ କମିବା ସହ ଚାଷୀଙ୍କ ଆୟ ବଢ଼ିବ ବୋଲି ସରକାର ଦାବି କରୁଥିବା ବେଳେ, ଗାଡ଼ିର ଯାନ୍ତ୍ରିକ ଦକ୍ଷତା ଉପରେ ଏହାର ପ୍ରଭାବକୁ ନେଇ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ଲାଗିରହିଛି। ଏହି ବିବାଦ ମଧ୍ୟରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଏବେ ସାମାଜିକ ଗଣମାଧ୍ୟମ ବ୍ୟବହାରକାରୀଙ୍କ ପାଇଁ ଏକ ବଡ଼ ସତର୍କବାଣୀ ସଦୃଶ ହୋଇଛି।




## ଅଶାନ୍ତ ପିଓକେ: ମହାଯାତ୍ରା ପୂର୍ବରୁ ସଂଘର୍ଷ; ୧୨ ମୃତ

ନୂଆଦିଲ୍ଲୀ, ୧୫।୭(ଏଜେନ୍ସି): ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ରେ ସରକାର ବିରୋଧୀ ଆନ୍ଦୋଳନ ଉଗ୍ର ରୂପ ଧାରଣ କରିଛି। ମୁଜାଫରାବାଦ୍ ଅଭିମୁଖେ ଜେଏଏସି ପକ୍ଷରୁ ଆୟୋଜିତ ହେବାକୁ ଥିବା ମହାଯାତ୍ରା ପୂର୍ବରୁ ସୁରକ୍ଷାବଳ ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ଭୟଙ୍କର ସଂଘର୍ଷ ଘଟିଛି। ଏହି ହିଂସାରେ ୧୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ସମଗ୍ର ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ପାକିସ୍ତାନ ପ୍ରଶାସନ ପକ୍ଷରୁ ଏହି ଆନ୍ଦୋଳନକୁ ଦବାଇବା ପାଇଁ ପ୍ରାୟ ୪, ୦୦୦ ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରାଯାଇଛି ଏବଂ ସୀମାନ୍ତ ସହରଗୁଡ଼ିକୁ ସମ୍ପୂର୍ଣ୍ଣ ସିଲ୍ କରିଦିଆଯାଇଛି। ସାମ୍ବାଦିକମାନଙ୍କ ପ୍ରବେଶ ଉପରେ କଟକଣା ଲଗାଯାଇ ସେଠାରେ ଅଘୋଷିତ ଗଣମାଧ୍ୟମ ବନ୍ଦ କରାଯାଇଛି। ମୃତକଙ୍କ ମଧ୍ୟରେ ୧୦ ଜଣ ସାଧାରଣ ନାଗରିକ ଏବଂ ୨ ଜଣ ସୁରକ୍ଷାକର୍ମୀ ସାମିଲ ଅଛନ୍ତି। ପିଓକେର ଜନସାଧାରଣ ଦୀର୍ଘ ଦିନ ଧରି ସେମାନଙ୍କର ମୌଳିକ ଅଧିକାର, ମୁଦ୍ରାସ୍ଫୀତି, ସୀମିତ ସୁବିଧା ଏବଂ ପାକିସ୍ତାନ ସରକାରଙ୍କ ଭେଦଭାବ ବିରୋଧରେ ସ୍ୱର ଉତ୍ତୋଳନ କରିଆସୁଛନ୍ତି। ଭାରତ ମଧ୍ୟ ପିଓକେରେ ଜନସାଧାରଣଙ୍କ ଉପରେ ହେଉଥିବା ଏଭଳି ଅତ୍ୟାଚାର ଓ ଶୋଷଣକୁ ଦୃଢ଼ ନିନ୍ଦା କରିଛି।









ପ୍ରସ୍ତୁତି ଶେଷ

# ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ପହଣ୍ଡି ଆଜି

## ଶୁକ୍ର ଓ ଶନିବାର ରଥଯାତ୍ରା

ବାରିପଦା,୧୫।୭(ସମିସ)



ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ଶ୍ରୀଶ୍ରୀ ହରିବଳଦେବଜିଉ ଜଗନ୍ନାଥ ମନ୍ଦିରରେ ବୁଧବାର ଉଭାଯାତ୍ରା ଅନୁଷ୍ଠିତ ହୋଇଛି। ଏଥିସହିତ ତିନିଦିଅଁଙ୍କ ରୂପାବେଶ ଦର୍ଶନ ମଧ୍ୟ ଅନୁଷ୍ଠିତ ହୋଇଛି। ବୁଧବାର ଉଭାଯାତ୍ରା ଅବକାଶ ନୀତି ପ୍ରାତଃ ୫ଟାରେ ଆରମ୍ଭ ହୋଇଥିଲା। ଖେଚୁଡ଼ି ଠା' ନୀତି ମଧ୍ୟାହ୍ନ ୧୨ଟାରେ ଅନୁଷ୍ଠିତ ହେବା ସହିତ ସନ୍ଧ୍ୟା ଆରତି ପରେ ତିନିଦିଅଁ ସୁଗନ୍ଧିତ ପୁଷ୍ପ, ତୁଳସୀ ଓ ସ୍ୱର୍ଣ୍ଣଅଳଙ୍କାର ସୁସଜ୍ଜିତ ହୋଇ ରୂପାବେଶରେ ସନ୍ଧ୍ୟା ୬ଟା ୩୦ମିନିଟରୁ ୧୦ଟା ୩୦ପର୍ଯ୍ୟନ୍ତ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଶେଷରେ ଠା' ନୀତି ସମ୍ପନ୍ନ ହେବା ପରେ ମହାପ୍ରଭୁଙ୍କ ପହଡ଼ ପଡ଼ିଥିଲା। ପରମ୍ପରା ଅନୁଯାୟୀ ଗୁରୁବାର ପହଣ୍ଡି ବିଜେ କାର୍ଯ୍ୟକ୍ରମ ରହିଛି। ପ୍ରାତଃ ୫ଟାରେ ଅବକାଶ ନୀତି ପରେ ସକାଳ ୬ଟା ୩୦ମିନିଟରୁ କଳସ ଓ ରଥ ପ୍ରତିଷ୍ଠା କାର୍ଯ୍ୟ ଆରମ୍ଭ ହେବ। ପୂର୍ବାହ୍ନ ୧୦ଟା ୩୦ରୁ ୧୧ଟା ୩୦ ମଧ୍ୟରେ ଶ୍ରୀଶ୍ରୀ ମା' ଅମ୍ବିକା ଠାକୁରାଣୀଙ୍କ ଦାସୀ ରଥ ପ୍ରଦକ୍ଷିଣ କରିବେ। ମଧ୍ୟାହ୍ନ ୧୨ଟାରେ ଦିନ ଖେଚୁଡ଼ି ଠା' ନୀତି, ଅପରାହ୍ନ ୨ଟାରୁ ୩ଟା ମଧ୍ୟରେ ଚକା ଛଡ଼ା, ୩.୩୦ରୁ ୪ଟା ମଧ୍ୟରେ ମହାରାଜାଙ୍କ ଛେରାପହଁରା, ଅପରାହ୍ଣ ୪ଟାରୁ ସନ୍ଧ୍ୟା ୭ଟା ମଧ୍ୟରେ ରଥକୁ ମହାପ୍ରଭୁଙ୍କ ଶ୍ରୀଗୁଣ୍ଡିଚା ପହଣ୍ଡି ବିଜେ ଅନୁଷ୍ଠିତ ହେବ। ଶୁକ୍ର ଓ ଶନିବାର ରଥଯାତ୍ରା ଅନୁଷ୍ଠିତ ହେବ।

ଅପରପକ୍ଷରେ ତିନି ରଥ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ତିନି ରଥରେ ପରମ୍ପରା ମୁତାବକ ସ୍ୱତନ୍ତ୍ର ରଙ୍ଗର ଚାନ୍ଦୁଆ କପଡ଼ା ଆବରଣ କାର୍ଯ୍ୟ ସରିଛି। ପିତୁଳାମାନଙ୍କୁ ସେମାନଙ୍କ ସ୍ଥାନରେ ଲଗା ଯାଇଥିବା ବେଳେ ସିଂହାସନ କାର୍ଯ୍ୟ ମଧ୍ୟ ଶେଷହୋଇଛି। ବଡ଼ଦାଣ୍ଡରେ ରଙ୍ଗରେ ଆକର୍ଷଣୀୟ ଚିତା ଅଙ୍କାଯାଇଛି। ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା, ଅତିରିକ୍ତ ଏସ୍‌ପି ଦୀପକ ଗୋଚ୍ଛାୟତ ଓ ଗୌତମ କିଷାନ ରଥଯାତ୍ରା ପ୍ରସ୍ତୁତି ନିରୀକ୍ଷଣ କରିବା ସହିତ ମହାରଣାମାନଙ୍କ ସହିତ କଥା ହୋଇଥିଲେ। ତତ୍‌ସହିତ ମନ୍ଦିର ସେବାୟତଙ୍କ ସହିତ ଆଲୋଚନାରେ ଶୃଙ୍ଖଳିତ ତଥା ସୁଚାରୁରୂପେ ରଥଯାତ୍ରା ସମାପନ ନେଇ ଗୁରୁତ୍ୱାରୋପ କରିଥିଲେ।

### ■ ଶେଷ ପର୍ଯ୍ୟାୟରେ ପ୍ରସ୍ତୁତି

ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ବାରିପଦା ସମେତ ଜିଲ୍ଲାର ଅନ୍ୟାନ୍ୟ ସ୍ଥାନ ମାନଙ୍କରେ ହେଉଥିବା ରଥଯାତ୍ରା ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଶାନ୍ତିଶୃଙ୍ଖଳାର ସହିତ କୋଭିଡ୍ ନିୟମ ପାଳନ ପୂର୍ବକ ରଥଯାତ୍ରା ସମ୍ପନ୍ନ ନେଇ ବ୍ୟବସ୍ଥା କରାଯିବ। ପରିମଳ, ଟ୍ରାଫିକ, ବିଶୁଦ୍ଧ ପାନୀୟଜଳ, ନିରବଚ୍ଛିନ ବିଦ୍ୟୁତ ସେବା, ସ୍ୱାସ୍ଥ୍ୟସେବା, ସାଂସ୍କୃତିକ କାର୍ଯ୍ୟକ୍ରମ, ତ୍ରିସ୍ତରୀୟ କର୍ଡନ ବ୍ୟବସ୍ଥା, ଧାରାବିବରଣୀ ଓ ଠାକୁରଙ୍କ ନୀତି ନିର୍ଦ୍ଧାରିତ ସମୟରେ ସମ୍ପନ୍ନ କରାଯିବ।

### ■ ସୁରକ୍ଷା ଓ ଶାନ୍ତିଶୃଙ୍ଖଳା ବ୍ୟବସ୍ଥା

ପୁଲିସ ପକ୍ଷରୁ ସୁରକ୍ଷା ଓ ଶାନ୍ତିଶୃଙ୍ଖଳା ପାଇଁ ୩ ଜଣ ଅତିରିକ୍ତ ଏସ୍‌ପି, ୭ଜଣ ଡିଏସ୍‌ପି, ୧୩ଜଣ ଇନିସପେକ୍ଟର, ୭୧ଜଣ ସବ୍‌ଇନିସପେକ୍ଟର ଓ ଅତିରିକ୍ତ ସବ୍‌ଇନିସପେକ୍ଟର, ୧୫ଜଣ ଟ୍ରାଫିକ କନେଷ୍ଟବଳ ଓ ୨୩୦ ହୋମଗାର୍ଡଙ୍କୁ ନିୟୋଜିତ କରାଯାଇଥିବା ବେଳେ ୨୮ ପ୍ଲାଟୁନ ଫୋର୍ସଙ୍କୁ ମୁତୟନ କରାଯାଇଛି। ମନ୍ଦିର, ମାଉସୀ ମା' ମନ୍ଦିର, ଦୋଳିପଡ଼ିଆ ଓ ବସଷ୍ଟାଣ୍ଡ ପାଖରେ ୪ଟି ସ୍ଥାନରେ ପୁଲିସ ଆଉଟ ପୋଷ୍ଟ ହୋଇଛି। ଏ ନେଇ ଗୁରୁବାର ଏକ ମକ୍ ଡ୍ରିଲ ଅନୁଷ୍ଠିତ ହେବ। ସୁଭଦ୍ରା ରଥ ଟଣା ସମୟରେ ବିଶୃଙ୍ଖଳିତ ଯୁବକ ଓ ସୁନା ଅଳଙ୍କାର, ମୋବାଇଲ ଛିନ୍‌ତାଇ ଅପରାଧୀଙ୍କ ପାଇଁ ମହିଳା ପୁଲିସ ସମେତ ସାଧା ପୋଷାକଧାରୀ ପୁଲିସ ମୁତୟନ ଉପରେ ଗୁରୁତ୍ୱ ଦିଆଯାଇଛି ବୋଲି ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲୀ ସୂଚନା ଦେଇଛନ୍ତି।

### ■ ଟ୍ରାଫିକ୍ କଟକଣା

୧୬ତାରିଖ ସକାଳ ୬ଟାରୁ ୭ତାରିଖ ମଧ୍ୟରାତ୍ର ପର୍ଯ୍ୟନ୍ତ ସହରରେ ଯାନବାହାନ ନିୟନ୍ତ୍ରଣ ଓ ପାର୍କିଂ ବ୍ୟବସ୍ଥାର କଟକଣା ନେଇ ପ୍ରେସ୍ ବିଜ୍ଞପ୍ତି ଜାରି କରାଯିବା ସାଙ୍ଗକୁ ବସ, ଟ୍ରକ, ଅଟୋ ଓ ଟ୍ୟାକ୍ସି ସଂଘକୁ ଅବଗତ କରାଯାଇଛି। ବାଲେଶ୍ୱର ଓ ଉଦଳା ପଟର ଯାନବାହାନ ସତ୍ୟସାଇ ଛକ, ଦାରଗାଡାହି ଗୋଲେଇ ଓ ପାଲବଣି ଗୋଲେଇ ଦେଇ ଯାତାୟତ କରିବାକୁ ନିର୍ଦ୍ଦେଶ ଥିବା ବେଳେ ଜଗନ୍ନାଥ ମନ୍ଦିରରୁ ଅମ୍ବିକା ମନ୍ଦିର ଛକ (ବଡ଼ଦାଣ୍ଡ) ଦେଇ କୌଣସି ଯାନବାହାନ ଏହି ସମୟରେ ଚଳାଚଳ କରିପାରିବେ ନାହିଁ। ନିର୍ଦ୍ଧାରିତ ସ୍ଥାନ ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ଗାଡ଼ି ପାର୍କିଂ ନିଷେଧ କୁହାଯାଇଛି। ୧୬, ୧୭, ୧୮ ଏବଂ ୨୪, ୨୫ ଓ ୨୬ ତାରିଖରେ ପହଣ୍ଡି ଓ ରଥଟଣା ହେବାର ଦୁଇଘଣ୍ଟା ପୂର୍ବରୁ କୌଣସି ସାଇକଲ, ରିକ୍ସା, ଟ୍ରଲିରିକ୍ସା ଓ ଅଟୋରିକ୍ସା ବଡ଼ଦାଣ୍ଡକୁ ଆସିବା ନିଷେଧ କରାଯାଇଛି। ତେବେ କର୍ତ୍ତବ୍ୟରତ ମାଜିଷ୍ଟ୍ରେଟ, ପୁଲିସ୍, ଦମକଳ, ଆମ୍ବୁଲାନ୍ସ ଏବଂ ଦେବୋତ୍ତର ବିଭାଗ ଗାଡ଼ି ପ୍ରତି ଏହି କଟକଣା ଲାଗୁ ହେବ ନାହିଁ ବୋଲି ଦର୍ଶାଯାଇଛି।





### ■ ବନ୍ଦ ରହିବ ମଦଦୋକାନ

ସେହିପରି ୧୭, ୧୮ ଏବଂ ୨୫ ଓ ୨୬ତାରିଖ ଦିନ ସହରର ସମସ୍ତ ବିଦେଶୀ ମଦଦୋକାନ ସକାଳ ୫ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ ରହିବ ବୋଲି ଅବକାରୀ ଏସ୍‌ପି ପ୍ରଶାନ୍ତ କୁଅଁର କହିଛନ୍ତି।

## ରଥଯାତ୍ରା ସରସ ସୁନ୍ଦର କରିବା ପାଇଁ ଆମେ ଯତ୍ନବାନ: ନଗରପାଳ

ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ବାରିପଦା ରଥଯାତ୍ରାକୁ ସୁପରିଚାଳନା କରିବା ପାଇଁ ବାରିପଦା ପୌରପାଳିକା ପକ୍ଷରୁ ଅଣ୍ଟା ଭିଡ଼ାଯାଇଛି। ଚଳିତ ବର୍ଷ ରଥଯାତ୍ରାକୁ ସରସ ଓ ସୁନ୍ଦର କରିବା ନେଇ ସଫେଇରୁ ଆରମ୍ଭ କରି ଆନୁଷଙ୍ଗିକ ବ୍ୟବସ୍ଥା ନେଇ ପୌରପାଳିକା ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ରଥଯାତ୍ରାକୁ ଆକର୍ଷଣୀୟ କରିବା ପାଇଁ ଜଗନ୍ନାଥ ମନ୍ଦିର ଠାରୁ ରାଧାମୋହନ ମନ୍ଦିର ପର୍ଯ୍ୟନ୍ତ ବଡଦାଣ୍ଡକୁ ପୌରପରିଷଦ ତରଫରୁ ଝୋଟି ଓ ଚାରୁକଳା କାର୍ଯ୍ୟ କରାଯାଇଛି। ଜନସମାଗମକୁ ଦୃଷ୍ଟିରେ ରଖି ବଡଦାଣ୍ଡ ତଥା ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଅସ୍ଥାୟୀ ଭାବେ ୪୦ଟି ସିସି ଟିଭି କ୍ୟାମେରା ପୌରପରିଷଦ ତରଫରୁ ଲଗାଯାଇଛି। ପୌରପାଳିକା ପକ୍ଷରୁ ୬ଲକ୍ଷ ଟଙ୍କା ବାରିପଦା ପୌରପାଳିକା ତରଫରୁ ବାରିପଦା ଦେବୋତ୍ତର ବିଭାଗଙ୍କୁ ଅନୁଦାନ ରୂପେ ପ୍ରଦାନ କରାଯାଇଛି। ପ୍ରତିଟି ବ୍ୟବସ୍ଥାର ତଦାରଖ କାର୍ଯ୍ୟ କିପରି ହେଉଛି ସେନେଇ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ନିଜେ ଅନୁଧ୍ୟାନ କରିଛନ୍ତି।

## ଘୋଷଯାତ୍ରା ଆଜି; ୯.୩୦ରେ ପହଣ୍ଡି ବିଜେ



**ଆନନ୍ଦପୁର, ୧୫।୭ (ସମିସ):** ଆନନ୍ଦପୁରର ଆରାଧ୍ୟ ଦେବତା ଶ୍ରୀ ଦଧିବାମନଜିଉଙ୍କ ରଥ ଯାତ୍ରା ପାଇଁ ସକାଳ ୯.୩୦ ମିନିଟରେ ପହଣ୍ଡିବିଜେ ଆରମ୍ଭ ହେବାକୁ ନୀତି ନିର୍ଘଣ୍ଟ ହୋଇଛି। ରାଜପୁରୋହିତ ଶରତ ମିଶ୍ରଙ୍କ ବେଦ ପାଠ ପରେ ପରିଛା ସୁଦର୍ଶନ ମିଶ୍ର ପୁଷ୍ପାଞ୍ଜଳି ଅର୍ପଣ କରିବା ପରେ ଆରତି କରାଯାଇଥିଲା। ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନାଙ୍କ ତତ୍ତ୍ୱାବଧାନରେ ପରିଚାଳକ ସୁରେନ୍ଦ୍ର ମିଶ୍ର ମନ୍ଦିର ପରିଚାଳନା କମିଟି ସଦସ୍ୟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଅନାଥଙ୍କ ଗହଣରେ ଜନ୍ମଦିନ ପାଳନ


**ତେଲକୋଇ, ୧୫।୭(ସମିସ):** ଚିତ୍ରକାର ଶିଳ୍ପୀ ଭାବେ ପରିଚିତ ଯୁବକ ସନ୍ତୋଷ କୁମାର ମହାନ୍ତ ଆକୁଳ ପଞ୍ଚାୟତ ବନବିହାରିପୁର ଗ୍ରାମରେ ସ୍ୱେଚ୍ଛାସେବୀ ସଂଗଠନ ରମାଦେବୀ ଗ୍ରାମ୍ୟ ସଂଗଠନ (ଆରଭିଜିଓ) ଠାରେ ଥିବା ଶତାଧିକ ଅନାଥ ଛାତ୍ରଛାତ୍ରୀଙ୍କ ଗହଣରେ ନିଜ ଜନ୍ମଦିନ ପାଳନ କରିଥିଲେ। ଶ୍ରୀ ମହାନ୍ତଙ୍କ ଗାଁ ସଲେଇକେନା ପଞ୍ଚାୟତ ଡିମିରିଆ ଗ୍ରାମରେ। ଜନ୍ମଦିନ ପାଳନ ଅବସରରେ ଛାତ୍ରଛାତ୍ରୀଙ୍କୁ କ୍ୟାରମ୍ ବୋର୍ଡ, ବ୍ୟାଡମିଣ୍ଟନ, ଫୁଟବଲ୍, କ୍ରିକେଟ ସାମଗ୍ରୀ, ହ୍ୟାଣ୍ଡବଲ୍ ଆଦି ସାମଗ୍ରୀ ବଣ୍ଟନ କରିଥିଲେ। ସେହିପରି କ୍ଷୁଦ୍ର ଚଳଚିତ୍ର ବଲ୍ଟି 'ସଭିଏଁ ପଢନ୍ତୁ ସଭିଏଁ ବଢନ୍ତୁ କାହାଣୀକୁ ପ୍ରଦର୍ଶିତ କରିଥିଲେ। କାହାଣୀକୁ ଶ୍ରୀ ମହାନ୍ତ ପ୍ରସ୍ତୁତ କରିଥିବା ବେଳେ ପ୍ରଯୋଜିକା ବନ୍ଦନା ମହାନ୍ତ ତଥା ଖ୍ୟାତିସମ୍ପନ୍ନ ନିର୍ଦ୍ଦେଶକ ଆର୍ଯ୍ୟନ୍ ରାୟଙ୍କ ସହ ତେଲକୋଇ ପ୍ରେସକ୍ଲବ ସଭାପତି କୈଳାସଚନ୍ଦ୍ର ପ୍ରଧାନ, ସାମ୍ବାଦିକ ବିରଞ୍ଚି ବେହେରା, ଆରଭିଜିଓ ସମ୍ପାଦକ ମନୋଜ ପରିଡ଼ା ସମେତ ଅନୁଷ୍ଠାନ କର୍ମକର୍ତ୍ତା ସାମିଲ ରହିଥିଲେ।















## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ । ଧନ ଆସିବା ବାଟ ଫିଟିବ । କ୍ୟାରିୟରରେ ବଡ଼ ଧରଣ ପରିବର୍ତ୍ତନ ହେବ । ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ ।

**ବୃଷ:** ପୈତୃକ ବ୍ୟବସାୟରେ ପରିବର୍ତ୍ତନ ଆଣିବେ । ଅବିବାହିତଙ୍କ ବିବାହ ସ୍ଥିର ହେବ । ସମୟ ପୂର୍ବରୁ କାର୍ଯ୍ୟ ସମାପନ କରିବେ । ଜୀବନରୁ ସମସ୍ତ ବାଧାବିଘ୍ନ ଦୂର ହେବ ।

**ମିଥୁନ:** ବ୍ୟବସାୟରେ ସଫଳତା ମିଳିବ । ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ । ଦାମ୍ପତ୍ୟ ଜୀବନରେ ମନୋମାଳିନ୍ୟ ଦେଖାଦେବ । ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ ହେବ ।

**କର୍କଟ :** ପରିଶ୍ରମର ଫଳ ମିଳିବ । ସନ୍ତାନ ସୁଖ ପ୍ରାପ୍ତ ହେବ । ବରିଷ୍ଠ ଅଧିକାରୀ ଆପଣଙ୍କ କାର୍ଯ୍ୟରେ ଖୁସି ହେବେ । ନୂଆ ଚାକିରିର ସୁଯୋଗ ଜୁଟିବ । ନୂଆ ବ୍ୟବସାୟର ଯୋଜନା କରିବେ ।

**ସିଂହ:** ଦିନଟି ଭଲରେ କଟିବ । ଚାକିରିରେ ପରିବର୍ତ୍ତନ ଆସିବ । ବ୍ୟବସାୟ ସମ୍ବନ୍ଧିତ ଦୂର ସ୍ଥାନକୁ ଯାତ୍ରା କରିବେ । କାର୍ଯ୍ୟକ୍ଷେତ୍ରରେ କିଛି ସମସ୍ୟା ଆସିବ । ପରୀକ୍ଷା ପାଇଁ କଠିନ ପରିଶ୍ରମ କରିବେ ।

**କନ୍ୟା:** ଘରକୁ ଅତିଥି ଆଗମନ କରିବେ । କୌଣସି ନୂଆ ଲୋକଙ୍କ ସହ ସାକ୍ଷାତ କରିପାରନ୍ତି । ବ୍ୟବସାୟରେ କ୍ଷତି ସହିପାରନ୍ତି । ଆର୍ଥିକ ସ୍ଥିତି ମଧ୍ୟମ ରହିବ । ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ ।

**ତୁଳା:** ବନ୍ଧୁଙ୍କ ସହ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି । ବାପାମାଆଙ୍କ ସହଯୋଗରେ କିଛି ନୂଆ ଦାୟିତ୍ୱ ଗ୍ରହଣ କରିବେ । ଉଧାର ଟଙ୍କା ଫେରିପାଇବେ । ଆୟ ଅନୁସାରେ ଖର୍ଚ୍ଚ ବଢ଼ିବ ।

**ବିଛା:** ନୂଆ ଚାକିରି ପାଇଁ ଉତ୍ସାହିତ ରହିବେ । ଛାତ୍ରଛାତ୍ରୀଙ୍କର ନୂଆ ବିଷୟ ପ୍ରତି ରୁଚି ବଢ଼ିବ । ବ୍ୟବସାୟରେ ଅର୍ଥ ନିବେଶ କରନ୍ତୁ ନାହିଁ । ପିଲାମାନଙ୍କ ସ୍ୱାସ୍ଥ୍ୟବସ୍ଥା ପାଇଁ ଅଭିଭାବକ ଚିନ୍ତାରେ ରହିବେ ।

**ଧନୁ:** ବ୍ୟାଙ୍କ ଓ ଆଇଟିରେ ସଫଳତା ମିଳିବ । ବ୍ୟବସାୟକୁ ନେଇ କୌଣସି ନୂଆ ସମସ୍ୟା ସୃଷ୍ଟି ହେବ । ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ । ଧାର୍ମିକ ସ୍ଥାନକୁ ଯାତ୍ରା କରିବେ ।

**ମକର:** ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ । ପୁରୁଣା ବନ୍ଧୁଙ୍କ ସହ ସମୟ ଅତିବାହିତ କରିପାରନ୍ତି । ବାଦବିବାଦଠାରୁ ଦୂରେଇ ରହିବେ । ନିଜଲୋକଙ୍କ ସହ ଅଯଥା ଯୁକ୍ତି ହୋଇପାରେ ।

**କୁମ୍ଭ:** ଉଚ୍ଚଶିକ୍ଷା ପାଇଁ ଉତ୍ତମ ସମୟ । ଧାର୍ମିକ କାର୍ଯ୍ୟରେ ସାମିଲ ହେବେ । ନୂଆ ପ୍ରୋଜେକ୍ଟରେ କାମ କରିବାର ସୁଯୋଗ ମିଳିବ । ଜାଗାବାଡ଼ି କିଣିବେ । କର୍ମଜୀବୀ ମହିଳାଙ୍କ ପାଇଁ ଦିନଟି ଭଲ ।

**ମୀନ:** ରାଜନୀତିରେ ସଫଳତା ମିଳିବ । ମନକୁ ଶାନ୍ତି ମିଳିବ । ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ । ଗୁପ୍ତ କଥା ଅନ୍ୟଙ୍କ ସହ ସେୟାର କରନ୍ତୁନି । ପରୀକ୍ଷାର୍ଥୀ କୃତକାର୍ଯ୍ୟ ହେବେ ।

## ଆଜିର ଇତିହାସ


- ୧୯୨୬- ନେସନ୍ୟାଲ୍ ଜିଓଗ୍ରାଫିକ୍ ଚ୍ୟାନେଲ୍ ପ୍ରଥମ ଥର ସମୁଦ୍ର ଭିତର ଦୃଶ୍ୟର ରଙ୍ଗିନ୍ ଫଟୋ ପ୍ରକାଶ କଲା ।
- ୧୯୫୧- ନେପାଳ ବ୍ରିଟେନ୍‌ଠାରୁ ସ୍ୱାଧୀନ ହେଲା ।
- ୧୯୬୮ - କିମ୍ବଦନ୍ତୀ ହକି ଖେଳାଳି ଧନରାଜ ପିଲେଙ୍କ ଜନ୍ମ ।
- ୨୦୦୬-ସଂଯୁକ୍ତ ରାଷ୍ଟ୍ର ସୁରକ୍ଷା ପରିଷଦରେ କୋରିଆ ଉପରେ ପ୍ରତିବନ୍ଧକ ଲଗାଇବା ପ୍ରସ୍ତାବ ପାରିତ ।
- ୨୦୧୫- ବୈଜ୍ଞାନିକମାନେ ପ୍ଲୁଟୋ ଗ୍ରହର କ୍ଲୋଜଅପ୍ ଫଟୋ ଜାରି କଲେ ।

# ଶ୍ରୀବିଗ୍ରହଙ୍କ ଘୋଷ ଯାତ୍ରା



ନୀଳାଚଳରେ ବିରାଜିତ ଦାରୁବ୍ରହ୍ମରୂପୀ ଚତୁର୍ଦ୍ଧା ବିଗ୍ରହଙ୍କ ପ୍ରସିଦ୍ଧ ଦ୍ୱାଦଶ ଯାତ୍ରା ମଧ୍ୟରୁ 'ଶ୍ରୀଗୁଣ୍ଡିଚା ଯାତ୍ରା' ବା 'ରଥ ମହୋତ୍ସବ' ହିଁ ସର୍ବଶ୍ରେଷ୍ଠ ବୋଲି 'ସ୍କନ୍ଦପୁରାଣ'ରେ ଉଲ୍ଲେଖ ଅଛି । ଆଷାଢ଼ ମାସ ଶୁକ୍ଳ ଦ୍ୱିତୀୟାଠାରୁ ଦଶମୀ ତିଥି ପର୍ଯ୍ୟନ୍ତ ନବଦିନ ବ୍ୟାପି ଏ ଯାତ୍ରା ମହାସମାରୋହରେ ପାଳିତ ହୋଇଥାଏ । ଏହାକୁ ଘୋଷଯାତ୍ରା, ଆଡ଼ପମଣ୍ଡପ ଯାତ୍ରା, ଦଶାବତାର ଯାତ୍ରା, ପତିତପାବନ ଯାତ୍ରା, ଗୁଣ୍ଡିଚା ଯାତ୍ରା ମଧ୍ୟ କୁହାଯାଏ । ଭାଇ, ଭଉଣୀଙ୍କୁ ସାଙ୍ଗରେ ଧରି ମହାପ୍ରଭୁ ଶ୍ରୀଜଗନ୍ନାଥ ନଅ ଦିନ ପାଇଁ ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରିଥାନ୍ତି । ରଥଯାତ୍ରା ଦିନ ଠାକୁରମାନଙ୍କର ମଙ୍ଗଳ ଆଳତି, ଅବକାଶ, ଖେଚେଡ଼ି ଭୋଗ, ମଙ୍ଗଳାର୍ପଣ ଆଦି ନୀତି ସରିଲା ପରେ ଯାଇ ଶ୍ରୀଜିଉମାନେ ପହଣ୍ଡି ବିଜେ କରିଥାଆନ୍ତି । ପ୍ରଥମେ ଶ୍ରୀସୁଦର୍ଶନ ତପ୍ରେ କ୍ରମାନ୍ୱୟରେ ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶେଷରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ପହଣ୍ଡି ବିଜେ ହୋଇଥାଏ । ସମସ୍ତ ବିଗ୍ରହ ଜଗମୋହନ ଦେଇ ସାତ ପାହାଚ ଉପରକୁ ବିଜେ ହେବା ପରେ ରାଘବଦାସ ମଠ ପ୍ରଦତ୍ତ ଫୁଲ ଟାହିଆ ପରିଧାନ କରିଥାନ୍ତି ଓ ପନ୍ତୀ ଭୋଗ ହୋଇଥାଏ । ଶ୍ରୀବିଗ୍ରହମାନେ ସାତ ପାହାଚରୁ ଭିତର ବେଢ଼ା, ଆନନ୍ଦ ବଜାର ଓ ବାଇଶି ପାହାଚ ଦେଇ ରଥ ଉପରକୁ ବିଜେ କରିଥାନ୍ତି । ଶ୍ରୀସୁଦର୍ଶନ ସୁଭଦ୍ରାଙ୍କ ରଥରେ ବିଜେ ହୋଇଥାନ୍ତି । ଏହାପରେ ମଦନମୋହନ ଶ୍ରୀଜଗନ୍ନାଥଙ୍କ ରଥକୁ ଓ ରାମକୃଷ୍ଣ ଶ୍ରୀବଳଭଦ୍ରଙ୍କ ରଥ ଉପରକୁ ପୁଷ୍ପାଳକ ମହାଜନଙ୍କ ହସ୍ତରେ ବିଜେ ହୋଇଥାନ୍ତି । ଏହାପରେ ଗଜପତି ମହାରାଜାଙ୍କ ଦ୍ୱାରା ଛେରାପହଁରା ନୀତି ଅନୁଷ୍ଠିତ ହେବା ପରେ ଯାଇ ରଥରୁ ଚାରମାର ଖୋଲାଯାଇଥାଏ । ଏଥିସହିତ ସାରଥୀ ଓ ଅଶ୍ୱରୁ ଦଉଡ଼ି କଢ଼ାଯାଇଥାଏ । କିଛି ସମୟର ବ୍ୟବଧାନ ପରେ ତିନି ରଥ ବଡ଼ ଦାଣ୍ଡରେ ଭକ୍ତ ଗହଣରେ ଝୁଲି ଝୁଲି ଆଗକୁ ଆଗକୁ ମାଡ଼ି ଚାଲିଥାଆନ୍ତି । ଏହାପରେ ଘଣ୍ଟଘଣ୍ଟା ବାଦ୍ୟରେ ବଡ଼ଦାଣ୍ଡରୁ ଗୁଣ୍ଡିଚା ରାଣୀଙ୍କ ମନ୍ଦିରରେ ପହଞ୍ଚିଥାନ୍ତି ଶ୍ରୀଜିଉ । ପବିତ୍ର ଘୋଷଯାତ୍ରା ଅବସରରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ଶ୍ରୀବିଗ୍ରହମାନେ ଯେଉଁ ସ୍ଥାନରେ ଏକ ସପ୍ତାହ ଧରି ଅବସ୍ଥାନ କରନ୍ତି, ତାହା ଆଡ଼ପମଣ୍ଡପ ନାମରେ ଜଣାଶୁଣା । କୁହାଯାଏ, ଭକ୍ତ ଭାବଗ୍ରାହୀଙ୍କୁ ନୀଳାଚଳରେ ଦଶବର୍ଷ ଦର୍ଶନ କଲେ ଯେଉଁ ଫଳ ମିଳେ, ଆଡ଼ପମଣ୍ଡପର ଗୋଟିଏ ଦିନ ଦର୍ଶନରେ ସେତିକି ପୁଣ୍ୟ ମିଳେ । ତେବେ ଗୁଣ୍ଡିଚା ମନ୍ଦିରଠାରେ ପହଞ୍ଚିବା ପରେ ଚାରି ଦାରୁଦେବତା ଓ ତିନି ଉତ୍ସବ ଦେବତା ଗୁଣ୍ଡିଚା ମନ୍ଦିରକୁ ଯାଇ ସେଠାରେ ପୂଜିତ ହେବାବେଳେ, ତିନି ଧ୍ୱଜଦେବତା ତିନି ରଥରେ ହିଁ ରହିଥାଆନ୍ତି । ସେତେବେଳେ ରଥରେ ପ୍ରତିଦିନ ସେମାନଙ୍କୁ ଭୋଗ ଲଗାଯାଇଥାଏ । ଗୁଣ୍ଡିଚା ମନ୍ଦିରରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନଙ୍କ ଦାରୁବିଗ୍ରହ ନିର୍ମାଣ କରାଯାଇଥିବାରୁ ଏହାକୁ ଶ୍ରୀଜିଉମାନଙ୍କ ଜନ୍ମସ୍ଥାନ ବୋଲି କୁହାଯାଇଥାଏ । ଠାକୁରମାନେ ଶ୍ରୀଗୁଣ୍ଡିଚା ମନ୍ଦିରରେ ଅବସ୍ଥାନ କରିଥିବାବେଳେ ହେରାପଞ୍ଚମୀ ଦିନ ମହାଲକ୍ଷ୍ମୀ ଠାକୁରାଣୀ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ଆସିଥାନ୍ତି । ତାପରଦିନ ରଥ ଉପରେ ଅଧରପଣା ନୀତି ଅନୁଷ୍ଠିତ ହୋଇଥାଏ । ଶ୍ରୀଗୁଣ୍ଡିଚା ଘରେ ସାତଦିନ ଧରି ଠାକୁରମାନେ ଅବସ୍ଥାନ କରି ପୁନଷ୍ଟ ଆଷାଢ଼ ଶୁକ୍ଳ ଦଶମୀରେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥାନ୍ତି । ଏକାଦଶୀ ତିଥିର ରାତ୍ରରେ ରଥସ୍ଥ ଠାକୁରମାନଙ୍କ ସୁନାବେଶ ଅନୁଷ୍ଠିତ ହୋଇଥାଏ । ପରିଶେଷରେ ନୀଳାଦ୍ରି ବିଜେ ଦିନ ଠାକୁରମାନେ ଗୋଟି ପହଣ୍ଡିରେ ଯାଇ ରତ୍ନ ସିଂହାସନରେ ବିଜେ କରିଥାନ୍ତି ।

# 'ବଟୱାରା ୧୯୪୭'ର ପୋଷ୍ଟର୍ ରିଲିଜ୍





ବଲିଉଡ୍‌ର ଆକ୍ସନ୍ ଷ୍ଟାର୍ ସନ୍ନି ଦେଓ୍ୱଲ ଏବେ ତାଙ୍କ ଆଗାମୀ ଚଳଚ୍ଚିତ୍ର 'ବଟୱାରା ୧୯୪୭'କୁ ନେଇ ଚର୍ଚ୍ଚାରେ ଅଛନ୍ତି । ପୂର୍ବରୁ ଏହାର ଟିଜର୍ ଜାରି ହୋଇଥିଲା । ଦର୍ଶକେ ଏହାକୁ ଖୁବ୍ ପସନ୍ଦ କରିଥିଲେ । ନିକଟରେ ଫିଲ୍ମ ନିର୍ମାତା ଏହାର ଏକ ପୋଷ୍ଟର୍ ଜାରି କରିଛନ୍ତି । ପୋଷ୍ଟର୍‌ରେ ୧୯୪୭ ଭାରତ ବିଭାଜନର ପୃଷ୍ଠଭୂମିରେ ଏକ ଜଳନ୍ତା ଦୀପ ସହ ଭଗବାନ ଶ୍ରୀକୃଷ୍ଣଙ୍କ ପ୍ରତିମା ଦେଖିବାକୁ ମିଳିଛି । ଏହା ହିଂସା ମଧ୍ୟରେ 'ଧର୍ମ' ଓ 'ମାନବିକତା'କୁ ଦର୍ଶାଉଛି । ଏହି ଚଳଚ୍ଚିତ୍ର ୧୯୪୭ ମସିହାରେ ଭାରତ ବିଭାଜନ ସମୟରେ ଘଟିଥିବା ସତ୍ୟ ଘଟଣାକୁ ବଡ଼ ପରଦାରେ ପ୍ରଦର୍ଶନ କରିବ । ଅମିର ଖାନ୍‌ଙ୍କ ପ୍ରଡକ୍ସନ ବ୍ୟାନରରେ ନିର୍ମିତ ହେଉଥିବା ଏହି ଐତିହାସିକ ଚଳଚ୍ଚିତ୍ରଟି ଘୃଣା ଏବଂ ହିଂସାର ସେହି ସମୟ ମଧ୍ୟରେ ଏଭଳି ଜଣେ ବ୍ୟକ୍ତିଙ୍କର ପ୍ରେରଣାଦାୟୀ ଓ ହୃଦୟସ୍ପର୍ଶୀ କାହାଣୀ ଦେଖାଇବ, ଯିଏ ଘୃଣା ଆଗରେ ହାର୍ ମାନିବା ବଦଳରେ ମାନବିକତାର ପଥ ବାଛିଥିଲେ । ଏଥିପାଇଁ ଫିଲ୍ମଟିକୁ ନେଇ ଦର୍ଶକଙ୍କ ମଧ୍ୟରେ ବେଶ୍ ଉତ୍ସାହ ରହିଛି । ଚଳଚ୍ଚିତ୍ରର ନୂଆ ପୋଷ୍ଟର୍ ସୋସିଆଲ ମିଡିଆରେ ସେୟାର କରିବା ସହିତ ନିର୍ମାତାମାନେ ଏକ ଦମଦାର କ୍ୟାପସନ୍ ଲେଖିଛନ୍ତି । ଏଥିରେ ଲେଖାହୋଇଛି- "ଯେତେବେଳେ ଦୁନିଆ ନିଜ ନିଜର ପକ୍ଷ ବାଛି ନେଇଥିଲା, ସେତେବେଳେ ସେ ଧର୍ମର ପଥ ବାଛିଥିଲା । ଏହି ବିଭାଜନ ଦିବସକୁ ୧୪ ଅଗଷ୍ଟରେ ସିନେମା ହଲ୍‌ରେ ଦେଖନ୍ତୁ #ବଟୱାରା ୧୯୪୭ ।" ଏହି ପୋଷ୍ଟର ଏବଂ ଏହାର ବାର୍ତ୍ତା ସିଧାସଳଖ ଦର୍ଶକଙ୍କ ହୃଦୟକୁ ଛୁଇଁଛି । ଏଥିରେ ସନ୍ନିଙ୍କ ସହ ଶବାନା ଆଜମୀ, ପ୍ରୀତି ଜିଣ୍ଟା, କରଣ ଦେଓ୍ୱଲ, ଅଲି ଫଜଲ, ଅଭିମନ୍ୟୁ ସିଂହ, ଖୁସି ହଜାରେ ଏବଂ କନିକା କପୁର ଆଦି ନଜର ଆସିବେ । ରାଜକୁମାର ସନ୍ତୋଷୀ ଏହାର ନିର୍ଦ୍ଦେଶନା ଦେଇଛନ୍ତି । ଅମିର ଖାନ୍ ଏବଂ ଅପର୍ଣ୍ଣା ପୁରୋହିତଙ୍କ ଦ୍ୱାରା ପ୍ରଯୋଜିତ 'ବଟୱାରା ୧୯୪୭' ଆସନ୍ତା ୧୪ ଅଗଷ୍ଟରେ ସିନେମାହଲ୍‌ରେ ମୁକ୍ତିଲାଭ କରିବ ।

# ବାର୍ଡ ନେଷ୍ଟ ସୁପ୍

## ମୂଲ୍ୟ ଆଠ ଲକ୍ଷ



ବିଶ୍ୱର ସବୁଠୁ ଦାମୀ ବ୍ୟଞ୍ଜନ ଭାବେ ବାର୍ଡ ନେଷ୍ଟ ସୁପ୍ ପରିଚିତ । ଏସୀୟ ଦେଶଗୁଡ଼ିକରେ ପ୍ରସିଦ୍ଧି ଲାଭ କରିଥିବା ଏହି ସୁପ୍ ସ୍ୱିଫ୍ଟଲେଟ ପକ୍ଷୀ ବସାରୁ ତିଆରି ହୋଇଥାଏ । ଲାଳରେ ତିଆରି ଏହି ବସା ଖୁବ୍ ବିରଳ ହୋଇଥିବାବେଳେ ଏହାକୁ ସଂଗ୍ରହ କରିବା ପ୍ରକ୍ରିୟା ମଧ୍ୟ ଖୁବ୍ କଷ୍ଟକର ହୋଇଥାଏ । ଅନ୍ତର୍ଜାତୀୟ ବଜାରରେ ଏହି ସୁପ୍‌ର ମୂଲ୍ୟ ୧.୬ରୁ ୮ ଲକ୍ଷ ହୋଇଥାଏ । ପବନ ସଂସ୍ପର୍ଶରେ ଆସି ସ୍ୱିଫ୍ଟଲେଟ ପକ୍ଷୀ ବସା ଏକ କଠିନ କପ୍ ଆକାରରେ ପରିଣତ ହୋଇଥାଏ । ପରବର୍ତ୍ତୀ ସମୟରେ ଏହାକୁ ସଂଗ୍ରହ କରାଯାଇଥାଏ । ଚୀନ୍, ହଂକଂ, ସିଙ୍ଗାପୁର, ଇଣ୍ଡୋନେସିଆ, ମାଲେସିଆ, ଥାଇଲ୍ୟାଣ୍ଡ ଏବଂ ଫିଲିପାଇନ୍ସ ସମେତ ଅନେକ ଏସୀୟ ଦେଶରେ ଏହି ସୁପ୍ ପ୍ରସ୍ତୁତ ହୋଇଥାଏ । ଅନେକ ଦେଶରେ ଏହାକୁ ନାମୀଦାମୀ ରେସ୍ତୋରାଁ, ବିବାହଭୋଜ ଏବଂ ପାରିବାରିକ ସମାବେଶରେ ବିଳାସତାର ପ୍ରତୀକ ଭାବେ ପରିବେଷଣ କରାଯାଏ । ଏହାକୁ ସଂଗ୍ରହ କରିବା ଖୁବ୍ କଠିନ । ଏହି ପକ୍ଷୀ ବିଶେଷକରି ଗୁମ୍ଫା, ପାହାଡ଼ ଏବଂ ସମୁଦ୍ର ମଧ୍ୟରେ ଥିବା ଚଟ୍ଟାଣଗୁଡ଼ିକରେ ବସା ନିର୍ମାଣ କରିଥାନ୍ତି । ଏଥିପାଇଁ ବସା ସଂଗ୍ରହକାରୀଙ୍କୁ ଅଧିକ ଉଚ୍ଚତା ଯାଏଁ ଚଢ଼ିବାକୁ ପଡ଼ିଥାଏ । ବର୍ଷ ବର୍ଷ ଧରି ଏହି ସୁପ୍ ଚୀନ୍ ଚିକିତ୍ସା ପଦ୍ଧତି ସହ ଯୋଡ଼ି ହୋଇ ରହିଛି । ଏଥିରେ ପ୍ରୋଟିନ୍, ଆମିନୋ ଏସିଡ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ ଭରପୂର ଥାଏ । ଏହା ଚର୍ମକୁ ସୁନ୍ଦର ରଖିବା ଏବଂ ରୋଗପ୍ରତିରୋଧକ ଶକ୍ତି ବଢ଼ାଇବାରେ ସାହାଯ୍ୟ କରେ । ଏଥିସହ ଏହା ବୟସ ବୃଦ୍ଧି ପ୍ରକ୍ରିୟାକୁ ମଧ୍ୟ ଧିମା କରିଥାଏ । ଏହା ଜେଲି ଭଳି ଲାଗେ ଏବଂ ଏଥିରେ କୌଣସି ପ୍ରାକୃତିକ ସ୍ୱାଦ ନ ଥାଏ । ଏହାକୁ ସୁପ୍ କିମ୍ବା ମିଠା ଭାବରେ ପ୍ରସ୍ତୁତ କରାଯାଏ ।

# ସୁଶ୍ରୀ

## ହଜିଯାଉଥିବା ସ୍ୱାଦ

# ଦହି ପୋଟଳ

**ଆବଶ୍ୟକ ସାମଗ୍ରୀ**

ପୋଟଳ – ୫୦୦ ଗ୍ରାମ୍, ଦହି – ଏକ କପ୍, ଗୋଟା ଗରମ ମସଲା, ଲଙ୍କାଗୁଣ୍ଡ – ଏକ ଚାମଚ, ହଳଦୀଗୁଣ୍ଡ – ଅଧା ଚାମଚ, ଅଦା ପେଷ୍ଟ – ଏକ ଚାମଚ, ଗରମ ମସଲା - ଏକ ଚାମଚ, କାଜୁ – ତିନି ଚାରୋଟି, ମେଥିପତ୍ର – ଅଳ୍ପ, ଚିନି – ଅଧା ଚାମଚ, ଜିରା ଗୁଣ୍ଡ – ଏକ ଚାମଚ, ଧନିଆ ଗୁଣ୍ଡ– ଏକ ଚାମଚ, ଲୁଣ –ସ୍ୱାଦ ଅନୁସାରେ, ତେଲ – ଆବଶ୍ୟକତା ଅନୁସାରେ ।

**ପ୍ରସ୍ତୁତି ପ୍ରଣାଳି**

ପୋଟଳକୁ ଛୁରୀରେ ମଝିରୁ ହାଲୁକା କାଟି ତେଲରେ ଛାଣନ୍ତୁ । ଏହାପରେ କଡ଼େଇରେ ତେଲ ଦେଇ ଗୋଟା ଗରମ ମସଲା, ଅଦାପେଷ୍ଟ ଦେଇ କଷନ୍ତୁ । ପରେ ଏକ ପାତ୍ରରେ କାଶ୍ମୀର ଲଙ୍କାଗୁଣ୍ଡ, ରାଗ ଲଙ୍କାଗୁଣ୍ଡ, ଜିରାଗୁଣ୍ଡ, କରିପାଉଡର ସମେତ ସ୍ୱାଦ ଅନୁସାରେ ଲୁଣ ଦେଇ ପାଣି ମିଶାଇ ଘୋଳ ପ୍ରସ୍ତୁତ କରି କଡ଼େଇରେ ଦିଅନ୍ତୁ । ଏହା କଷି ହୋଇଗଲେ ଏଥିରେ ଛଣାପୋଟଳ ଦେଇ କଷନ୍ତୁ । ଏହାପରେ ଏକ ଜାର୍‌ରେ ଦୁଇଚାମଚ ଦହି ନେଇ ସେଥିରେ କାଜୁ ଏବଂ କଞ୍ଚାଲଙ୍କା ଦେଇ ଗ୍ରାଇଣ୍ଡ କରନ୍ତୁ । ଏହାକୁ ପୋଟଳରେ ଦେଇ କିଛି ସମୟ କଷନ୍ତୁ । ଏହାପରେ ଅଳ୍ପପାଣି, ଚିନି, ମେଥିପତ୍ର ସମେତ ଗରମମସଲା ଦେଇ ଫୁଟାଇ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ଦହି ପୋଟଳ' ।



## ବର୍ଷାଦିନେ ଆଇବ୍ରୋ ଥ୍ରେଡିଙ୍ଗ୍, ୱାକ୍ସିଙ୍ଗ୍ କରୁଥିଲେ...



ଅନେକ ମହିଳା ଥ୍ରେଡିଙ୍ଗ୍ ଏବଂ ୱାକ୍ସିଙ୍ଗ୍ ପ୍ରକ୍ରିୟାରେ ଆଇବ୍ରୋସେପ୍ କରିଥାନ୍ତି । ହେଲେ ବର୍ଷାଦିନେ ତାପମାତ୍ରା, ଆର୍ଦ୍ରତା, ଝାଳ ଯୋଗୁଁ ତ୍ୱଚା ସଂକ୍ରମଣ ଆଶଙ୍କା ବଢ଼ିଯାଏ । ତେଣୁ ଏହି ଦିନେ ଆଇବ୍ରୋସେପ୍ କରୁଥିଲେ ଧ୍ୟାନ ଦିଅନ୍ତୁ ।

**ସଂକ୍ରମଣରୁ ସୁରକ୍ଷା**

- ସଫା, ସୁତୁରା ଏବଂ ଜଣାଶୁଣା ପାର୍ଲରରେ ଆଇବ୍ରୋସେପ୍ କରିବା ଭଲ ।
- ଆଇବ୍ରୋସେପ୍ ପୂର୍ବରୁ ଏବଂ ପରେ ବାରମ୍ବାର ଆଇବ୍ରୋକୁ ସ୍ପର୍ଶ କରନ୍ତୁ ନାହିଁ ।
- ଥ୍ରେଡିଙ୍ଗ୍, ୱାକ୍ସିଙ୍ଗ ପରେ ଭାରି ମେକ୍‌ଅପ୍ ଲଗାନ୍ତୁନି ।
- ତ୍ୱଚାକୁ ସଫା ସୁତୁରା ରଖିବା ନିହାତି ଜରୁରି ।

# ଆକର୍ଷଣୀୟ ନେକ୍ ଡିଜାଇନ୍



କୁର୍ତ୍ତୀକୁ ଆକର୍ଷଣୀୟ କରିବାକୁ ଚାହୁଁଥିଲେ, ରଙ୍ଗ, କପଡ଼ା ସମେତ ବେକ ଡିଜାଇନ୍ ଗୁରୁତ୍ୱ ହୋଇଥାଏ । ବେକ ଡିଜାଇନ୍ କୁର୍ତ୍ତୀର ସୁନ୍ଦରତାକୁ ଦ୍ୱିଗୁଣା କରିଥାଏ । ତେଣୁ ଅଫିସ୍, ପାର୍ଟି, ଫଙ୍କସନ୍‌କୁ ଯାଉଥିଲେ ସୁନ୍ଦର ନେକ୍ ଡିଜାଇନ୍ ପିନ୍ଧିପାରିବେ । ଏଥିହେତୁ କୁର୍ତ୍ତୀ ସିଲେଇ କରିବାକୁ ଚାହୁଁଥିଲେ ଭଳିକି ଭଳି ଡିଜାଇନ୍ କରିପାରିବେ ।

**କିହୋଲ୍ ନେକ୍**

ନିଆରା ଏବଂ ଷ୍ଟାଇଲିଶ୍ ଲୁକ୍ ଚାହୁଁଥିଲେ, କିହୋଲ ନେକ୍ ଡିଜାଇନ୍ ଭଲ ବିକଳ୍ପ ହୋଇଥାଏ । ଏଥିରେ ବେକ ଗୋଲାକାର ହୋଇଥିବାବେଳେ ତଳେ ଛୋଟ କଟ୍ ରଖିପାରିବେ । ଏହା କୁର୍ତ୍ତାକୁ ଆକର୍ଷଣୀୟ କରିଥାଏ । ଅବଶ୍ୟ ଚାହିଁଲେ, ଏଥିରେ ମୋତି ଏବଂ ମାଳି ଲଗାଇପାରିବେ । କଟନ, ରେୟନ ଏବଂ ଲେନିନ୍ କପଡ଼ାକୁ ଏହି ଡିଜାଇନ୍ ଭଲ ମାନିଥାଏ ।

**ଫ୍ରିଲ୍ ଭି –ନେକ୍**

ଭି-ନେକ୍‌ଲାଇନ୍ ସହ ହାଲୁକା ଫ୍ରିଲ୍ ବା କୁଞ୍ଚଦେଲେ, କୁର୍ତ୍ତୀର ଲୁକ୍ ଆହୁରୀ ଆକର୍ଷଣୀୟ ଦିଶିଥାଏ । ଏହା ଚେହେରାକୁ ଲମ୍ବା ଦେଖାଇବା ସହ ବ୍ୟକ୍ତିତ୍ୱକୁ ଆକର୍ଷଣୀୟ କରିଥାଏ । ହାଲୁକା ରଙ୍ଗ କୁର୍ତ୍ତୀରେ ଏହି ଡିଜାଇନ୍ ଖୁବ୍ ସୁନ୍ଦର ଦେଖାଯାଏ । ଏହାକୁ ପାର୍ଟି, ଫଙ୍କସନ୍ ଆଦିକୁ ପିନ୍ଧି ଯାଇପାରିବେ ।

**ସ୍କାଲପିଙ୍ଗ୍ ନେକ୍ ଡିଜାଇନ୍**

ସ୍କାଲପିଙ୍ଗ୍ ନେକଲାଇନ୍ ଖୁବ୍ ଟ୍ରେଣ୍ଡରେ ରହିଛି । ଏଥିରେ ଗୋଲ ବଲ୍ ଡିଜାଇନ୍ ଏବଂ ମଝିରେ ବଟନ୍ କୁର୍ତ୍ତୀକୁ ଆକର୍ଷଣୀୟ ଲୁକ୍ ଦେଇଥାଏ । ଏହା ଷ୍ଟାଇଲ୍ ଏବଂ ଡିଜାଇନର ସୁନ୍ଦର ସମନ୍ୱୟ ।

# ମହିଳାଙ୍କ ପସନ୍ଦ ଏକାକୀ ଜୀବନ

ବିବାହକୁ ମହିଳାଙ୍କ ସାମାଜିକ ଏବଂ ଆର୍ଥିକ ସୁରକ୍ଷା ବୋଲି କୁହାଯାଏ । ଏଥିପାଇଁ ବାପାମାଆ ଉପଯୁକ୍ତ ବୟସରେ ଝିଅ ବାହାଘର କରି ଦାୟିତ୍ୱରୁ ମୁକ୍ତ ହୋଇଥାନ୍ତି । ହେଲେ ଆଧୁନିକ ଯୁଗରେ ଏହାକୁ ନେଇ ଏବେ ଭିନ୍ନତା ପରିଲକ୍ଷିତ ହୋଇଛି । ଏବେର ମହିଳାମାନେ ବିବାହ ପରିବର୍ତ୍ତେ ଏକାକୀ ରହିବାକୁ ପସନ୍ଦ କରୁଛନ୍ତି । ସାମାଜିକ ଚାପ କିମ୍ବା ଘରଲୋକଙ୍କ ଇଚ୍ଛାରେ ଜୋର୍ ଜବରଦସ୍ତି ବିବାହ ବନ୍ଧନରେ ବାନ୍ଧି ନ ହୋଇ ସ୍ୱାଧୀନ ଭାବେ ନିଜ ଜୀବନର ନିଷ୍ପତ୍ତି ନିଜେ ନେବାକୁ ଚାହୁଁଛନ୍ତି । ତେବେ ମହିଳାମାନେ କାହିଁକି ଏକାକୀ ଜୀବନ ଉପରେ ଗୁରୁତ୍ୱ ଦେଉଛନ୍ତି, ଜାଣିବା ସେ ବିଷୟରେ...



**ସମ୍ପୂର୍ଣ୍ଣ ସ୍ୱାଧୀନତା**

ସମୟାନୁସାରେ ଏକାକୀ ରହିବା ଏବେ ଟ୍ରେଣ୍ଡରେ ପରିଣତ ହୋଇଛି । ମହିଳାମାନେ ବିବାହ ପରିବର୍ତ୍ତେ, ଏକାକୀ ରହିବାକୁ ପସନ୍ଦ କରୁଛନ୍ତି । ନିଜ ଇଚ୍ଛା ଅନୁଯାୟୀ କାର୍ଯ୍ୟ କରିବାରେ ଗୁରୁତ୍ୱ ଦେଉଛନ୍ତି । ଅନ୍ୟର ଅନୁମତି ନ ନେଇ କାର୍ଯ୍ୟ କରିବାକୁ ଚାହୁଁଛନ୍ତି । ଏକାକୀ ରହିଲେ ସ୍ୱାଧୀନ ଭାବେ ଯେଉଁଠାକୁ ଚାହିଁବେ ସେଠାକୁ ଯାଇପାରିବେ । ହେଲେ ବିବାହ ପରେ ଜିନିଷ ଜଟିଳ ହୋଇଯାଏ । କୌଣସି କାର୍ଯ୍ୟ କରିବା ପୂର୍ବରୁ ଅନିଚ୍ଛା ସତ୍ତ୍ୱେ ସ୍ୱାମୀଙ୍କ ମତାମତ ନେବାକୁ ପଡ଼ିଥାଏ । ଏପରିକି ବାହାରକୁ ଯିବାକୁ ହେଲେ ଅନୁମତି ନେବାକୁ ପଡ଼ିଥାଏ ।

**ଆର୍ଥିକ ଆତ୍ମନିର୍ଭର**

ଅତୀତରେ ମହିଳାଙ୍କୁ ଚାକିରି କରିବା ତଥା ଟଙ୍କା ରୋଜଗାର କରିବାର ଅନୁମତି ନ ଥିଲା । ହେଲେ ବର୍ତ୍ତମାନର ପରିବର୍ତ୍ତିତ ସମୟରେ ମହିଳାମାନେ ଚାକିରି କରି ନିଜେ ଆତ୍ମନିର୍ଭର ହେଉଛନ୍ତି । ନିଜେ ରୋଜଗାର କରିବା ସହ ଘରର ଖର୍ଚ୍ଚ ଏବଂ ଦାୟିତ୍ୱ ନିର୍ବାହ କରୁଛନ୍ତି । ଅନ୍ୟ ଆଗରେ ହାତ ନ ପାତି ନିଜ ସଉକ୍ ନିଜେ ପୂରଣ କରୁଛନ୍ତି । ତେଣୁ ସେମାନେ ଜୀବନରେ କୌଣସି ଦ୍ୱିତୀୟ ମଣିଷର ଆବଶ୍ୟକତା ଲୋଡ଼ୁ ନାହାନ୍ତି ।

**ପାରିବାରିକ ଅଶାନ୍ତି ଏବଂ ବିବାହ ବିଚ୍ଛେଦ**

ଏକାକୀ ଜୀବନର ବାଛିବାର ମୁଖ୍ୟ କାରଣ ହେଲା ବର୍ତ୍ତମାନର ପାରିପାର୍ଶ୍ୱିକ ସ୍ଥିତି । ଅନେକ ସମୟରେ ବିବାହ ସମ୍ପର୍କରେ କଳିଝଗଡ଼ା, ପାରିବାରିକ ଅଶାନ୍ତି, ବିବାହ ବିଚ୍ଛେଦ ଭଳି ଘଟଣାମାନ ଶୁଣିବାକୁ ମିଳିଥାଏ । ଏହା ଅଧିକାଂଶ ମହିଳାଙ୍କ ମାନସିକ ସ୍ଥିତିକୁ ପ୍ରଭାବିତ କରିଥାଏ । ତେଣୁ ଏସବୁ ଝାମେଲାରୁ ଦୂରେଇ ରହିବା ପାଇଁ ଅଧିକାଂଶ ମହିଳା ଏକାକୀ ଜୀବନ ପସନ୍ଦ କରୁଛନ୍ତି ।

**ନିଜକୁ ଭଲପାଇବା ଉତ୍ତମ ବିକଳ୍ପ**

ସଂସାର ଜଞ୍ଜାଳରେ ସାମିଲ ନ ହୋଇ ଏକାକୀ ରହି ନିଜକୁ ଭଲପାଇବା ଉତ୍ତମ ବିକଳ୍ପ । ଅବଶ୍ୟ ଏକାକୀ ରହିବା କିମ୍ବା ବିବାହ କରିବା ଭୁଲ ନିଷ୍ପତ୍ତି ନୁହେଁ । ଏହାସତ୍ତ୍ୱେ ଅନେକ ମହିଳା ଏକାକୀ ଜୀବନକୁ ପସନ୍ଦ କରୁଛନ୍ତି ।

# ଗହଣା ବାକ୍ସ କିଣିବା ପୂର୍ବରୁ ...

ଅଳଙ୍କାରକୁ ସୁରକ୍ଷିତ ଏବଂ ବ୍ୟବସ୍ଥିତ ରଖିବା ପାଇଁ ଅନେକ ଗହଣା ବାକ୍ସ କିଣିଥାନ୍ତି । ଏହା ଅଳଙ୍କାରକୁ ସଂଗୃହୀତ କରି ଧୂଳିରୁ ସୁରକ୍ଷା ଦିଏ । ବିଭିନ୍ନ ଡିଜାଇନର ଗହଣା ବାକ୍ସ ରହିଛି । ଏହା କିଣିବା ପୂର୍ବରୁ ଜାଣନ୍ତୁ ।

**ଆକାର ଏବଂ ଜାଗା**

ଗହଣା ବାକ୍ସ କିଣିବା ପୂର୍ବରୁ ଏହାର ଆକାର ଏବଂ କମ୍ପାର୍ଟ୍ ଉପରେ ଧ୍ୟାନ ଦେବା ଜରୁରି ।

**ଦୀର୍ଘସ୍ଥାୟୀ କାଠ ବାକ୍ସ**

ଗହଣା ବାକ୍ସର କ୍ୱାଲିଟି ମୁଖ୍ୟ ଭୂମିକା ନିର୍ବାହ କରିଥାଏ । ତେଣୁ କାଠ ବାକ୍ସ ଦୀର୍ଘସ୍ଥାୟୀ । ଏଥିରେ ଏକା ସାଥିରେ ଅନେକ ଜିନିଷ ରଖିହେବ ।

### ସେମିରେ କାମଦେଲାନି ଏମ୍‌ବାପେ-ଡେମ୍ବେଲେ-ଓଲିସେ-ବାର୍କୋଲାଙ୍କ ଯାଦୁ

# ୟୁରୋପୀୟ ଚାମ୍ପିଅନ ସ୍ପେନ୍‌ଠାରୁ ହାରିଲା ଫ୍ରାନ୍ସ





ଡଲାସ୍,୧୫।୭ (ଏଜେନ୍ସି): ଦୀର୍ଘ ୧୬ ବର୍ଷର ବ୍ୟବଧାନ ପରେ ୟୁରୋପୀୟ ଚାମ୍ପିଅନ ସ୍ପେନ୍ ଦ୍ୱିତୀୟଥର ଫିଫା ବିଶ୍ୱକପ୍ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ସ୍ଥାନୀୟ ଡଲାସ ଷ୍ଟାଡିୟମ୍‌ରେ ବୁଧବାର ରାତିରେ ଖେଳାଯାଇଥିବା ଏକତରଫା ପ୍ରଥମ ସେମିଫାଇନାଲ ମୁକାବିଲାରେ ଟାଇଟଲ ଫେବରାଇଟ୍ ଫ୍ରାନ୍ସକୁ ୨-୦ ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି ସ୍ପେନ୍। ବିଜୟୀ ଦଳ ପକ୍ଷରୁ ମିକେଲ ଓୟାରଜାବଲ ଓ ପେଡ୍ରୋ ପୋରୋ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ପରାଜୟ ସହ ବିଶ୍ୱର ପ୍ରଥମ ଦଳ ଭାବେ କ୍ରମାଗତ ତୃତୀୟ ଫାଇନାଲ ଖେଳିବାକୁ ଯାଉଥିବା ଫ୍ରାନ୍ସର ସ୍ୱପ୍ନ ଧୂଳିସାତ ହୋଇଯାଇଛି। ଏଥିସହ ଫ୍ରାନ୍ସ ବିପକ୍ଷରେ ସ୍ପେନ୍‌ର ପ୍ରାଧାନ୍ୟ ଅବ୍ୟାହତ ରହିଛି। ୨୦୧୦ରେ ପ୍ରଥମଥର ଚାମ୍ପିଅନ ହୋଇଥିବା ସ୍ପେନ୍ ରବିବାର ନ୍ୟୁଜର୍ସୀର ମେଟଲାଇଫ୍ ଷ୍ଟାଡିୟମ୍‌ରେ ଖେଳାଯିବାକୁ ଥିବା ଫାଇନାଲରେ ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନା କିମ୍ବା ଇଂଲଣ୍ଡ ସହ ମୁକାବିଲା ହେବ। ସେହିଭଳି ଏବେ କାଂସ୍ୟ ପଦକ ଲାଗି ଫ୍ରାନ୍ସ ଓ ଦ୍ୱିତୀୟ ସେମିଫାଇନାଲର ପରାଜିତ ଦଳ ମଧ୍ୟରେ ଶନିବାର ଲଢ଼େଇ ହେବ।

ଡଲାସ ଷ୍ଟାଡିୟମ୍‌ରେ ବିଶ୍ୱର ଦୁଇ ଶୀର୍ଷସ୍ଥାନିତ ଦଳ ମଧ୍ୟରେ ଯେପରି ହାଇପ୍ରୋଫାଇଲ ମୁକାବିଲା ହେବ ବୋଲି ଆଶା କରାଯାଉଥିଲା ତାହା ସମ୍ଭବ ହୋଇ ନ ଥିଲା। ଏହି ବିଶ୍ୱକପ୍‌ରେ ଫ୍ରାନ୍ସର କିଲିଆନ୍ ଏମବାପେ, ଓଉସ୍‌ମାନେ ଡେମ୍ବେଲେ, ମାଇକେଲ ଓଲିସେ ଓ ବ୍ରାଡ୍‌ଲୀ ବାର୍କୋଲାଙ୍କୁ ନେଇ ଗଠିତ ଫରୱାର୍ଡ ବାହିନୀକୁ ଅଟକାଇବା କଷ୍ଟକର ବୋଲି ବେଶ ପ୍ରଚାର କରାଯାଇଥିଲା। ସେହିଭଳି ୬ଟି ମ୍ୟାଚ୍‌ରେ ମାତ୍ର ଗୋଟିଏ ଗୋଲ ବରଣ କରିଥିବା ସ୍ପେନ୍‌ର ଶକ୍ତି ହେଲା ରକ୍ଷଣଭାଗ ବା ଡିଫେନ୍ସ। ଗତ ଦୁଇଟି ନକ୍‌ଆଉଟ ମୁକାବିଲାରେ ପର୍ତ୍ତୁଗାଲ ଓ ବେଲଜିୟମ୍‌ର ଶକ୍ତିଶାଳୀ ଫରୱାର୍ଡ ବାହିନୀର ମୁକାବିଲା କରି ସ୍ପେନ୍‌ର ଡିଫେନ୍ସ ଆହୁରି ଶକ୍ତିଶାଳୀ ହୋଇଥିବା ଏହି ମ୍ୟାଚ୍‌ରେ ପ୍ରମାଣିତ ହୋଇଥିଲା। ଏପରିକି ପ୍ରଥମାର୍ଦ୍ଧରେ ଫ୍ରାନ୍ସ ନିକଟରେ ୩୮ ଭାଗ ବଲ ନିୟନ୍ତ୍ରଣ ରହିଥିଲେ ମଧ୍ୟ ପ୍ରକୃତପକ୍ଷେ ସ୍ପେନ୍ ଗୋଲ ପୋଷ୍ଟ ଉପରେ ଗୋଟିଏ ହେଲେ ଆକ୍ରମଣ କରି ପାରି ନ ଥିଲା। ଅନ୍ୟପକ୍ଷରେ ଖେଳର ୨୧ତମ ମିନିଟ୍‌ରେ ଫ୍ରାନ୍ସ ଗୋଲ ଏରିଆରେ ଲାମିନେ ଜମାଲଙ୍କୁ ଡିଫେଣ୍ଡର ଲୁକାସ ଡିଗ୍ନେ ଫାଉଲ ମାରିବାରୁ ସ୍ପେନ୍‌କୁ ପେନାଲ୍ଟି କିକ୍ ସୁଯୋଗ ମିଳିଥିଲା। ଏଥିରେ ଅଭିଜ୍ଞ ଫରୱାର୍ଡ ଖେଳାଳି ମିକେଲ ଓୟାରଜାବଲ ସହଜରେ ଗୋଲ କରି ସ୍ପେନ୍‌କୁ ୧-୦ରେ ଅଗ୍ରଣୀ ଦେଇଥିଲେ। ଏହି ଗୋଲ କେବଳ ସ୍ପେନ୍‌କୁ ଅଗ୍ରଣୀ ଦେବା ସହ ଖେଳାଳିଙ୍କ ମନରେ ମ୍ୟାଚ୍ ଜିତିବାର ଆତ୍ମବିଶ୍ୱାସ ଭରିଦେଇଥିଲା। ଏହାପରେ ସ୍ପେନ୍ ଖେଳ ବଦଳିଯାଇଥିଲା ଓ ସେମାନେ ନିଜ ମଧ୍ୟରେ ଏତେ ସୁନ୍ଦର ସମନ୍ୱୟ ରକ୍ଷା କରି ଖେଳିଥିଲେ ଯେ, ବିଶ୍ୱା ଶକ୍ତିଶାଳୀ ଫରୱାର୍ଡ ଲାଇନ୍ ଥିଲେ ମଧ୍ୟ କିଛି କରି ପାରି ନ ଥିଲେ। ପ୍ରଥମାର୍ଦ୍ଧ ପରେ ସ୍ପେନ୍‌ର ଆକ୍ରମଣରେ ତୀବ୍ରତା ବୃଦ୍ଧି ପାଇଥିଲେ ମଧ୍ୟ ଫ୍ରାନ୍ସ ଲଙ୍ଗ ପାସ୍ ଓ ଆଟାକ ଉପରେ ଗୁରୁତ୍ୱ ଦେଇଥିଲେ। ଖେଳର ୫୭ତମ ମିନିଟ୍‌ରେ ସ୍ପେନ୍ ଫରୱାର୍ଡ ଖେଳାଳି ଆଲେକ୍ସ ବାଏନାଙ୍କ ସଟ୍‌କୁ ଅଟକାଇ ଦିଆଯାଇଥିଲା। ବଲ୍‌ଟି ଡାନି ଓଲମୋଙ୍କ ନିକଟକୁ ଯାଇଥିଲା ଓ ସେ ଏହାକୁ ପେଡ୍ରୋ ପୋରୋଙ୍କ ପାଖକୁ କ୍ରସ୍ ପାସ୍ ଦେଇଥିଲେ। ଡାହାଣପଟ କର୍ଣ୍ଣରୁ ପୋରୋଙ୍କ ସଟ୍ ଫ୍ରାନ୍ସ ଗୋଲ ପୋଷ୍ଟ ମଧ୍ୟକୁ ଚାଲିଯାଇଥିଲା। ଏହା ପରେ ସ୍ପେନ୍ ଖେଳାଳିମାନେ ମ୍ୟାଚ୍ ଜିତିଗଲା ଭଳି ଉତ୍ସବ ପାଳନ କରିଥିଲେ। ଦ୍ୱିତୀୟ ଗୋଲ ଫ୍ରାନ୍ସର ମନୋବଳ ଭାଙ୍ଗିଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ ସେମାନେ ୩ଟି ସୁଯୋଗ ପାଇଥିଲେ ମଧ୍ୟ ତାହାକୁ ଗୋଲରେ ପରିଣତ କରି ପାରି ନ ଥିଲେ। ସ୍ପେନ୍‌କୁ ମଧ୍ୟ ଆଉ ୨ଟି ସୁଯୋଗ ମିଳିଥିଲେ ମଧ୍ୟ ତାହାକୁ କାମରେ ଲାଗିପାରଲଗାଯାଇ ପାରି ନ ଥିଲା। ଲାମିନେ ଜମାଲଙ୍କ ଗୋଲ ଅଫ୍‌ସାଇଡ ହୋଇଯାଇଥିଲା। ଦ୍ୱିତୀୟ ହାଇଡ୍ରେସନ ବ୍ରେକ୍ ପରେ ଫ୍ରାନ୍ସ ଅସଲ ଖେଳ ଦେଖାଇଥିଲା। କିନ୍ତୁ ସେତେବେଳକୁ ବହୁତ ଡେରି ହୋଇଯାଇଥିଲା। ସ୍ପେନ୍‌ର ଗୋଲରକ୍ଷକ ୟୁନାଇ ସାଇମନ୍‌ଙ୍କୁ ଅତିକ୍ରମ କରିବା ମଧ୍ୟ ଫ୍ରାନ୍ସ ଆକ୍ରମଣକାରୀଙ୍କ ଲାଗି ସମ୍ଭବ ହୋଇ ପାରି ନ ଥିଲା। ଗତ ୩ଟି ମୁକାବିଲା ମଧ୍ୟରେ ସ୍ପେନ୍ ୨ଟିରେ ଜିତି ଫ୍ରାନ୍ସକୁ ପଛରେ ପକାଇଦେଇଥିଲା।

## ଏସିଆନ ଜୁନିଅର ଭଲିବଲ୍: କ୍ୱାର୍ଟରରେ ଭାରତ

ଭୁବନେଶ୍ୱର, ୧୫।୭ (ସମିସ): ଚାଇନାର ହାଇକୋଉଠାରେ ଚାଲିଥିବା ୧୮ ବର୍ଷରୁ କମ୍ ଏସିଆନ ଭଲିବଲ୍ ଚାମ୍ପିଅନସିପ୍‌ରେ ଭାରତ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଭାରତ ଏହାର ଅନ୍ତିମ ଗ୍ରୁପ୍ ମ୍ୟାଚରେ ୩-୨ (୧୬-୨୫, ୨୦-୨୫, ୨୫-୨୦, ୨୫-୨୩, ୧୫-୪) ସେଟରେ ଫିଲିପାଇନ୍ସକୁ ପରାସ୍ତ କରିଥିଲା। ଏହା ପୂର୍ବରୁ ଭାରତ ୩-୧ ଗୋଲରେ ବାହାରିନକୁ ହରାଇଥିଲା। ଏଥିସହ ଭାରତ ଗ୍ରୁପ୍-ବି'ରେ ଦ୍ୱିତୀୟ ସ୍ଥାନରେ ରହି ନକଆଉଟକୁ ଉନ୍ନୀତ ହୋଇଛି। ଉଲ୍ଲେଖଯୋଗ୍ୟ, ଭାରତୀୟ ଦଳରେ ଓଡ଼ିଶାର ଢେଙ୍କାନାଳର ସୌମ୍ୟ ରଞ୍ଜନ ସାମଲ ସ୍ଥାନ ପାଇଛନ୍ତି।










## ଫାଇନାଲରେ ହାଫ୍‌ଟାଇମ୍ ଶୋ' ଅଧଘଣ୍ଟା !

ଡଲାସ୍, ୧୫।୭ (ଏଜେନ୍ସି): ନ୍ୟୁଜର୍ସିର ମେଟଲାଇଫ ଷ୍ଟାଡିୟମ୍‌ରେ ରବିବାର ଖେଳାଯିବାକୁ ଥିବା ଫିଫା ବିଶ୍ୱକପ୍‌ର ଫାଇନାଲରେ ଉଦ୍‌ଯାପନୀ ସମାରୋହ ୨୦ରୁ ୩୦ ମିନିଟ ଯାଏ ଆୟୋଜିତ ହୋଇପାରେ ବୋଲି ରିପୋର୍ଟ ପ୍ରକାଶ ପାଇଛି। ଏହି ସମାରୋହ ପୂର୍ବରୁ ହେବ ବୋଲି ଫିଫା ପକ୍ଷରୁ ଘୋଷଣା କରାଯାଇଥିଲା। ଏହି ସମାରୋହ କୋଲ୍ଡପ୍ଲେ'ର କ୍ରିସ୍ ମାର୍ଟିନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଛି। ଏଥିରେ ବିଶ୍ୱପ୍ରସିଦ୍ଧ ସଙ୍ଗୀତଜ୍ଞ ସାକିରା, ମାଡୋନା, ଜଷ୍ଟିନ ବିଏବେର, ବୁର୍ଣ୍ଣା ବୟ ଓ ଗୁସ୍ତାଭୋ ଡୁଡାମେଲ ସଂଗୀତ ପରିବେଷଣ କରିବେ। ପିଏସ୍୨୨ କୋରସ୍ ଗ୍ରୁପ୍ ମଧ୍ୟ ଏଥିରେ ଭାଗ ନେବ। ଏବେ ଫୁଟବଲ ଖେଳର ନିୟମ ଅନୁଯାୟୀ ଏହି ସମାରୋହ ୧୫ ମିନିଟ୍ ହେବା କଥା। ରେଫରୀ ଯଦି ଅନୁମତି ଦିଅନ୍ତି ତେବେ ଏହାର ସମୟସୀମା ବୃଦ୍ଧି କରାଯାଇପାରେ। ପୂର୍ବରୁ ଫିଫା ଦ୍ୱାରା ଆୟୋଜିତ ୨୦୨୪ କୋପା ଆମେରିକା ଓ ୱାର୍ଲ୍ଡ କ୍ଲବ୍ ଫୁଟବଲ ଫାଇନାଲରେ ଏହି ସମାରୋହ ୨୦ ମିନିଟ୍ ଧରି ଚାଲିଥିଲା।


ଫାଇନାଲ୍‌ରେ ଟ୍ରଫିକୁ ପଡ଼ିଆକୁ ନେବା ପାଇଁ ସ୍ୱତନ୍ତ୍ର ଭାବେ ନିର୍ମିତ ଲୁଇସ୍ ଭୁଇଟନ୍ ଟ୍ରଙ୍କ

## ଲାମିନେ ଜମାଲ ତୃତୀୟ ସର୍ବକନିଷ୍ଠ

ଡଲାସ୍,୧୫।୭ (ଏଜେନ୍ସି): ସ୍ପେନ୍‌ର ଯୁବ ଫରୱାର୍ଡ ଖେଳାଳି ଲାମିନେ ଜମାଲ ଯଦି ଜୁଲାଇ ୧୯ ତାରିଖରେ ଫାଇନାଲ ଖେଳିବାକୁ ମେଟଲାଇଫ୍ ଷ୍ଟାଡିୟମର ପଡ଼ିଆକୁ ଓହ୍ଲାଇବେ ତେବେ ସେ ଫାଇନାଲର ଖେଳିବାରେ ତୃତୀୟ ସର୍ବକନିଷ୍ଠ ଖେଳାଳି ହେବେ। ପୂର୍ବରୁ ବ୍ରାଜିଲର ପେଲେ ସ୍ୱିଡେନ ବିପକ୍ଷ ୧୯୫୮ ଫାଇନାଲରେ ମାତ୍ର ୧୭ବର୍ଷ ୨୪୯ ଦିନରେ ଖେଳି ସର୍ବକନିଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ୧୯୮୨ରେ ସ୍ପେନ୍‌ର ଅନୁଷ୍ଠିତ ପଶ୍ଚିମ ଜର୍ମାନୀ ବିପକ୍ଷ ଫାଇନାଲରେ ଇଟାଲୀର ଜିଉସେପେ ବେରଗୋମୀ ୧୮ବର୍ଷ ୧୭୪ ଦିନରେ ଦ୍ୱିତୀୟ ସର୍ବକନିଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଜମାଲ ଫାଇନାଲ ଖେଳିବା ଦିନ ୧୯ବର୍ଷ ୬ ଦିନରେ ପଦାର୍ପଣ କରିବେ। ଫଳରେ ସେ କିଲିଆନ୍ ଏମ୍‌ବାପେଙ୍କୁ ହଟାଇ ଏହି ତାଲିକାରେ ତୃତୀୟ ସ୍ଥାନରେ ରହିବେ। ୨୦୧୮ ବିଶ୍ୱକପ୍ ଫାଇନାଲରେ ପଦାର୍ପଣ କରିବା ବେଳକୁ ୧୯ ବର୍ଷ ୨୦୭ ଦିନ ହୋଇଥିଲା।



## ଡେସଚାମ୍ପସଙ୍କ ଯୁଗର ଅବସାନ

### ଫ୍ରାନ୍ସ ଦଳର କୋଚ୍ ଦାୟିତ୍ୱ ନେବେ ଜିଦାନ!

ଡାଲାସ୍, ୧୫।୭ (ଏଜେନ୍ସି): ଚଳିତ ଫିଫା ବିଶ୍ୱକପ୍‌ର ପ୍ରଥମ ସେମିଫାଇନାଲ୍ ମ୍ୟାଚ୍‌ରେ ସ୍ପେନ୍‌ଠାରୁ ପରାସ୍ତ ହେବା ପରେ ଫ୍ରାନ୍ସ ଦଳର ମୁଖ୍ୟ ପ୍ରଶିକ୍ଷକ ଡିଡିଏର ଡେସଚାମ୍ପସ ନିଜ ପଦରୁ ଅବସର ଘୋଷଣା କରିଛନ୍ତି। ଏଥି ସହ ଫ୍ରାନ୍ସ ଫୁଟବଲ୍‌ରେ ତାଙ୍କର ୧୪ ବର୍ଷର ଏକ ସଫଳ ତଥା ଗୌରବମୟ ଅଧ୍ୟାୟର ଅନ୍ତ ଘଟିଛି। ଦଳର ପରବର୍ତ୍ତୀ ମୁଖ୍ୟ କୋଚ୍ ଭାବେ ଫ୍ରାନ୍ସର କିମ୍ବଦନ୍ତୀ ଖେଳାଳି ଜିନେଡାଇନ ଜିଡାନ ଦାୟିତ୍ୱ ନେବେ। ବିଶ୍ୱକପ୍ ସେମିଫାଇନାଲ ପରାଜୟ ପରେ ହିଁ ୫୭ ବର୍ଷୀୟ ଡେସଚାମ୍ପସ କୋଚ୍ ପଦ ଛାଡ଼ିବାକୁ ନିଷ୍ପତ୍ତି ନେଇଛନ୍ତି। ୨୦୧୨ ମସିହାରୁ ଫ୍ରାନ୍ସ ଦଳର ଦାୟିତ୍ୱ ସମ୍ଭାଳିଥିବା ଡେସଚାମ୍ପସ ଜଣେ ଖେଳାଳି (୧୯୯୮) ଓ ଜଣେ କୋଚ୍ (୨୦୧୮) ଭାବେ ବିଶ୍ୱକପ୍ ଜିତିବାର ବିରଳ ରେକର୍ଡର ଅଧିକାରୀ। ତାଙ୍କ ପ୍ରଶିକ୍ଷଣରେ ଫ୍ରାନ୍ସ ଦଳ ୨୦୧୮ ଓ ୨୦୨୨ରେ କ୍ରମାଗତ ଦୁଇଟି ବିଶ୍ୱକପ୍ ଫାଇନାଲ୍‌ରେ ପ୍ରବେଶ କରିଥିଲା। ଯେଉଁଥିରେ ଦଳ ୨୦୧୮ରେ ଚାମ୍ପିଅନ ଓ ୨୦୨୨ ରନର୍ସଅପ୍ ହୋଇଥିଲା। ଡେସଚାମ୍ପସଙ୍କ ତତ୍ତ୍ୱାବଧାନରେ ଫ୍ରାନ୍ସ ମୋଟ୍ ୧୮୪ ମ୍ୟାଚ୍ ଖେଳି ୧୨୦ଟି ବିଜୟ ହାସଲ କରିଛି। ସେହିଭଳି ୨୯ ମ୍ୟାଚରେ ପରାଜୟ ବରଣ କରିଥିବାବେଳେ ୩୫ଟି ଅମୀମାଂସିତ ରହିଛି। କୋଚ ଭାବେ ତାଙ୍କ ବିଜୟ ପ୍ରତିଶତ ୬୫.୨ ଥିଲା। ଫ୍ରାନ୍ସ ଦଳର ପୂର୍ବତନ ଷ୍ଟାର ଖେଳାଳି ଜିନେଡାଇନ ଜିଡାନ ଏବେ ଦଳର ଗୁରୁଦାୟିତ୍ୱ ସମ୍ଭାଳିବାକୁ ପ୍ରସ୍ତୁତ ଅଛନ୍ତି। ପୂର୍ବରୁ ସେ ଫ୍ରାନ୍ସ ଜାତୀୟ ଦଳର କୋଚ୍ ହେବା ପାଇଁ ଅନେକ ଥର ନିଜର ଇଚ୍ଛା ପ୍ରକାଶ କରିଥିଲେ।



# ବିଶ୍ୱକପ୍‌ରେ ସ୍ପେନ୍‌ର କୀର୍ତ୍ତିମାନ

## ୬ଟି ମ୍ୟାଚ୍‌ରେ ଗୋଲ୍‌ବରଣ ନ କରିବାରେ ପ୍ରଥମ ଦଳ

ଡଲାସ୍, ୧୫।୭ (ଏଜେନ୍ସି): ଏଠାରେ ବୁଧବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ସ୍ପେନ୍ ୨-୦ ଗୋଲରେ ଫ୍ରାନ୍ସକୁ ପରାସ୍ତ କରିଛି। ଫ୍ରାନ୍ସର ଶକ୍ତିଶାଳୀ ଫରୱାର୍ଡ ଲାଇନ୍ ଅପ୍ ଥିଲେ ମଧ୍ୟ ସ୍ପେନ୍ ବିପକ୍ଷରେ ଗୋଟିଏ ହେଲେ ଗୋଲ ସ୍କୋର କରି ପାରି ନ ଥିଲେ। ଫଳରେ ଗୋଟିଏ ବିଶ୍ୱକପ୍‌ର ୬ଟି ମ୍ୟାଚ୍‌ରେ ଗୋଲ୍ ବରଣ ନ କରିବାରେ ସ୍ପେନ୍ ବିଶ୍ୱର ପ୍ରଥମ ଦଳ ହୋଇଛି। ସ୍ପେନ୍‌ର ରକ୍ଷଣଭାଗ ଅତି ଦୃଢ଼ ଥିଲାବେଳେ ଏହି ବିଶ୍ୱକପ୍‌ରେ ଦଳ ୭ଟି ମ୍ୟାଚ୍‌ରେ ମାତ୍ର ଗୋଟିଏ ଗୋଲ ବରଣ ବେଲଜିୟମ ବିପକ୍ଷ କ୍ୱାର୍ଟର ଫାଇନାଲରେ ବରଣ କରିଥିଲା। ଲିଗ୍ ପର୍ଯ୍ୟାୟରେ ଦଳ କେପ୍ ଭର୍ଡେ ସହ ଗୋଲଶୂନ୍ୟ ଡ୍ର'ରୁ ଅଭିଯାନ ଆରମ୍ଭ କରିଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ସାଉଦି ଆରବକୁ ୪-୦ ଓ ତୃତୀୟ ମ୍ୟାଚ୍‌ରେ ଉରୁଗୁଏକୁ ୧-୦ ଗୋଲରେ ପରାସ୍ତ କରିଥିଲା। ରାଉଣ୍ଡ ଅଫ୍-୩୨ରେ ଅଷ୍ଟ୍ରିଆକୁ ୩-୦, ରାଉଣ୍ଡ ଅଫ୍ ୧୬ରେ ପର୍ତ୍ତୁଗାଲକୁ ୧-୦ ଗୋଲରେ ପରାସ୍ତ କରିଥିଲା। କ୍ୱାର୍ଟରଫାଇନାଲରେ ପ୍ରଥମ ଗୋଲ ବରଣ କରିବା ପରେ ୨-୧ରେ ବେଲଜିୟମକୁ ହରାଇଥିଲା। ଏବେ ସେମିଫାଇନାଲ୍‌ରେ ଫ୍ରାନ୍ସକୁ ୨-୦ ଗୋଲରେ ପରାସ୍ତ କରିବା ଫଳରେ ଦଳ ୬ଟି ମ୍ୟାଚ୍‌ରେ ଗୋଲ ବରଣ ନ କରିବାରେ ବିଶ୍ୱକପ୍ ଇତିହାସରେ ପ୍ରଥମ ଦଳ ହେବାର ସୌଭାଗ୍ୟ ଲାଭ କରିଛି।



## ୩୭ଟି ମ୍ୟାଚ୍‌ରେ ହାରିନି ସ୍ପେନ୍

ଡଲାସ୍,୧୫।୭ (ଏଜେନ୍ସି): ଏଠାରେ ବୁଧବାର ଖେଳାଯାଇଥିବା ୨୦୨୬ ଫିଫା ବିଶ୍ୱକପ୍ ସେମିଫାଇନାଲରେ ଫ୍ରାନ୍ସକୁ ୨-୦ ଗୋଲରେ ହରାଇଥିବା ସ୍ପେନ୍ କ୍ରମାଗତ ୩୭ଟି ଅନ୍ତର୍ଜାତୀୟ ମ୍ୟାଚ୍‌ରେ ପରାଜୟ ବରଣ କରିନାହିଁ। ୨୦୨୪ରୁ ଏଯାଏ ସ୍ପେନ୍ ଅପରାଜେୟ ରହିବା ସହ ଇଟାଲୀର ରେକର୍ଡ ସହ ସମକକ୍ଷ ହୋଇଛି। ଇଟାଲୀ ୨୦୧୮ରୁ ୨୦୨୧ ମଧ୍ୟରେ ଏହି ରେକର୍ଡ କରିଥିଲା। ଏହି ଦୁଇ ଦେଶ ପଛକୁ ଆର୍ଜେଣ୍ଟିନା ୩୬ ମ୍ୟାଚ୍‌ରେ ଅପରାଜେୟ ରହିଥିଲା। ଆଲଜେରିଆ, ସ୍ପେନ୍ (୨୦୦୭ରୁ ୨୦୦୯) ଓ ବ୍ରାଜିଲ କ୍ରମାଗତ ୩୫ଟି ଲେଖାଏଁ ମ୍ୟାଚ୍‌ରେ ଅପରାଜିତ ରହିବାର ରେକର୍ଡ କରିଛନ୍ତି। ସୂଚନାଯୋଗ୍ୟ ପେନାଲ୍ଟି ସୁଟ୍‌ଆଉଟରେ ଫଳାଫଳ ବାହାରିଥିବା ମ୍ୟାଚ୍‌କୁ ଡ୍ର ମ୍ୟାଚ୍ ଭାବେ ବିବେଚନା କରାଯାଇଥାଏ।






### ଜାପାନ ଓପନରେ ଭାରତ ପାଇଁ ନୈରାଶଜନକ ଦିବସ

## ଲକ୍ଷ୍ୟ, ଉନ୍ନତି, ଆୟୁଷ ହାରିଲେ

ଟୋକିଓ, ୧୫।୭ (ଏଜେନ୍ସି): ଚଳିତ ଜାପାନ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସ ବୁଧବାର ଭାରତ ପାଇଁ ନୈରାଶ୍ୟଜନକ ରହିଥିଲା। ଉଦୀୟମାନ ଖେଳାଳି ଲକ୍ଷ୍ୟ ସେନ, ଉନ୍ନତି ହୁଦା ଓ ଆୟୁଷ ସେଟ୍ଟୀ ପରାଜୟ ସହ ବିଦାୟ ନେଇଛନ୍ତି। ପୁରୁଷ ସିଙ୍ଗଲ୍ସ ରାଉଣ୍ଡ-୩୨ରେ ଲକ୍ଷ୍ୟ ୧୬-୨୧, ୧୪-୨୧ ସିଧାସଳଖ ଗେମରେ ଘରୋଇ ଖେଳାଳି କୋକି ୱାତାନାବେଙ୍କଠାରୁ ହାରିଯାଇଛନ୍ତି। ସେହିଭଳି ଆୟୁଷ ୧୯-୨୧, ୨୫-୨୩, ୧୫-୨୧ ଗେମରେ ଥାଇଲାଣ୍ଡର କୁନାଲାଭଟ ଭିତିଦର୍ଶନ ପରାସ୍ତ ହୋଇଥିଲେ। ଅପରପକ୍ଷରେ ଓଡ଼ିଶା ଓପନ୍‌ରେ ଦୁଇ ଦୁଇଥର ଟାଇଟଲ ଜିତିଥିବା ଉନ୍ନତି ଏଠାରେ କିନ୍ତୁ ପ୍ରଥମ ରାଉଣ୍ଡ ହର୍ଡଲ୍ସ ପାର୍ କରିପାରି ନ ଥିଲେ। ସେ ୨୧-୧୬, ୧୬-୨୧, ୧୫-୨୧ ଗେମରେ ଚାଇନିଜ ତାଇପେଇ'ର ହୁଆଙ୍ଗ ୟୁ-ସୁନଙ୍କଠାରୁ ହାରିଯାଇଥିଲେ। ପୂର୍ବରୁ ପ୍ରଥମ ଦିବସରେ ପିଭି ସିନ୍ଧୁ ଓ ମିକ୍ସଡ ଡବଲ୍ସରେ ଧ୍ରୁବ କପିଲା ଓ ତନିଶା କାଷ୍ଟ୍ରୋ ଯୋଡ଼ି ବିଜୟୀ ହୋଇ ପ୍ରି-କ୍ୱାର୍ଟରରେ ପହଞ୍ଚିବା ସହ ଭାରତର ଆଶା ଉଜ୍ଜୀବିତ ରଖିଛନ୍ତି।

## ପ୍ରଥମ ଟି-୨୦ରେ ଜିମ୍ବାୱେ ବିଜୟୀ

ବୁଲାୱାୟୋ,୧୫।୭(ଏଜେନ୍ସି): ଏଠାରେ ଗୁରୁବାର ଖେଳାଯାଇଥିବା ପ୍ରଥମ ଟି-୨୦ରେ ଜିମ୍ବାୱେ ବାଂଲାଦେଶକୁ ୩୨ ରନ୍‌ରେ ପରାସ୍ତ କରିଛି। ଏହା ଫଳରେ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଘରୋଇ ଦଳ ୧-୦ରେ ଆଗୁଆ ରହିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଜିମ୍ବାୱେ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୧୭୦ ରନ୍ କରିଥିଲା। ଦଳ ପକ୍ଷରୁ ବ୍ରିଆନ୍ ବେନ୍ନେଟ ସର୍ବାଧିକ ୪୪, ରିୟାନ୍ ବୁର୍ଲ ୩୦ ରନ୍ କରିଥିଲେ। ଚଳିତ ଗସ୍ତରେ ସବୁଠାରୁ ସଫଳତା ପାଇଥିବା ଫାଷ୍ଟ ବୋଲର ବାଂଲାଦେଶ ଲାଗି ସର୍ବାଧିକ ୪ଟି ୱିକେଟ ପାଇଥିଲେ। ଜବାବରେ ବାଂଲାଦେଶ ୧୯ ଓଭରରେ ୧୩୮ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ୟାସିର ଅଲୀ ସର୍ବାଧିକ ୫୪ରନ୍ କରିଥିଲେ। ଜିମ୍ବାୱେ ପକ୍ଷରୁ ରିଚାର୍ଡ ଏନ୍‌ଗାରଭା ଓ ବ୍ଲେସିଂ ମୁଜାରବାନି ୪ଟି ଲେଖାଏଁ ୱିକେଟ ଅକ୍ତିଆର କରି ଦଳକୁ ଜିତାଇଥିଲେ। ପୂର୍ବରୁ ଉଭୟ ଦେଶ ମଧ୍ୟରେ ଖେଳାଯାଇଥିବା ଏକମାତ୍ର ଟେଷ୍ଟକୁ ଏକ ଇନିଂସ ଓ ୫୮ ରନ୍‌ରେ ଜିତିଥିଲା। ଏହା ପରେ ଦିନିକିଆ ସିରିଜ୍‌କୁ ୨-୧ରେ ଜିତିନେଇ ବାଂଲାଦେଶ ଉପରେ ପ୍ରାଧାନ୍ୟ ବିସ୍ତାର କରିଛି।

## ଫାଓ ଲିଗ୍; ରାଧା ଗୋବିନ୍ଦ ଓ ସନରାଇଜ ବିଜୟୀ

ଭୁବନେଶ୍ୱର, ୧୫।୭ (ସମିସ): ଫୁଟବଲ୍ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ଚାଲିଥିବା ଫାଓ ଲିଗ୍‌ର ୧୪ତମ ଦିବସ ଖେଳ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଦୁଇଟି ଯାକ ମ୍ୟାଚରେ ଯଥାକ୍ରମେ ରାଧାଗୋବିନ୍ଦ କ୍ଲବ ଓ ସନରାଇଜ ଓଡ଼ିଶା ବିଜୟୀ ହୋଇଛି। ପ୍ରଥମ ମ୍ୟାଚରେ ରାଧା ଗୋବିନ୍ଦ କ୍ଲବ ୧-୦ ଗୋଲରେ ଚାଉଳିଆଗଞ୍ଜ କ୍ଲବକୁ ପରାସ୍ତ କରିଥିଲା। ବିଜୟୀ ଦଳ ପକ୍ଷରୁ ଶୁଭ ବାଗ ୪୭ତମ ମିନିଟରେ ଏକମାତ୍ର ଗୋଲଟି ଦେଇଥିଲେ। ସେହିଭଳି ସନରାଇଜ ଓ ରାଇଜିଂ ଷ୍ଟୁଡେଣ୍ଟ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଅରବିନ ଲାକ୍ରାଙ୍କ ଗୋଲ୍ ବଳରେ ସନରାଇଜ ବିଜୟଲାଭ କରିଥିଲା।

### ୨୦୨୭ ଦିନିକିଆ ବିଶ୍ୱକପ୍ ଫର୍ମାଟରେ ପରିବର୍ତ୍ତନ

# ପ୍ରଥମଥର ସୁପର ସିରିଜ୍ ଓ ସୁପର ୭

ଦୁବାଇ,୧୫।୭(ଏଜେନ୍ସି): ଦିନିକିଆ ବିଶ୍ୱକପ୍‌ରେ ଏକତରଫା ମୁକାବିଲାକୁ ଏଡାଇବା ଓ ପ୍ରତିଦ୍ୱନ୍ଦ୍ୱିତାର ମାନ ବଢ଼ାଇବା ଲାଗି ୨୦୨୭ ସଂସ୍କରଣର ଫର୍ମାଟରେ ପରିବର୍ତ୍ତନ କରାଯାଇଛି। ପୂର୍ବରୁ ୨୦୨୩ ଓ ୨୦୧୯ ରେ ୧୦ଟି ଲେଖାଏଁ ଦଳ ଅଂଶଗ୍ରହଣ କରିଥିଲେ। ଏଥର ଅର୍ଥାତ୍ ଦକ୍ଷିଣ ଆଫ୍ରିକାରେ ଖେଳାଯିବାକୁ ଥିବା ୨୦୨୭ରେ ୧୪ଟି ଦଳ ଅଂଶଗ୍ରହଣ କରିବାକୁ ପୂର୍ବରୁ ଆଇସିସି ସ୍ଥିର କରିଥିଲା। ଏବେ ଏହି ୧୪ଟି ଦଳ ମଧ୍ୟରେ ୨୦୨୭ ବିଶ୍ୱକପ୍ ଏକ ଭିନ୍ନ ଫର୍ମାଟରେ ଖେଳାଯିବ। ଏଥିରେ ସୁପର ସିରିଜ୍ ଓ ସୁପର ୭ଟି ଟିମ୍ ମଧ୍ୟରେ ରାଉଣ୍ଡ ରବିନ ଲିଗ୍ ଭିତିରେ ମ୍ୟାଚ୍ ଖେଳାଯାଇ ନକ୍‌ଆଉଟ ମୁକାବିଲା ଲାଗି ଟିମ୍ ବଛାଯିବ। ଏପରି ହେବା ଫଳରେ ପ୍ରତିଦ୍ୱନ୍ଦ୍ୱିତାର ମାନରେ ବୃଦ୍ଧି ହେବା ସହ ଦର୍ଶକଙ୍କୁ ଆକୃଷ୍ଟ କରିପାରିବ ବୋଲି ଆଇସିସି ଆଶା ପ୍ରକାଶ କରିଛି।

### ପ୍ରଥମଥର ସୁପର ସିରିଜ୍

ପ୍ରଥମଥର ଲାଗି ସୁପର ସିରିଜ୍ ଫର୍ମାଟ ଖେଳରେ ବିଶ୍ୱକପ୍ ଲାଗି ଯୋଗ୍ୟତା ଅର୍ଜନ କରିଥିବା ୧୨ରୁ ୧୪ ନମ୍ବର ଦଳ ମଧ୍ୟରେ ରାଉଣ୍ଡ ରବିନ ଲିଗ୍ ମୁକାବିଲା ହେବ। ଏଥିରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଦଳ ଅନ୍ୟ ୧୨ଟି ଦଳ ସହ ଯୋଗଦେବ।

### ୧୨ଟି ଦଳ, ଦୁଇଟି ଗ୍ରୁପ୍

ଦ୍ୱିତୀୟ ପର୍ଯ୍ୟାୟରେ ୧୨ଟି ଦଳ ରହିବେ। ଏହାଙ୍କୁ ଦୁଇଟି ଗ୍ରୁପ୍‌ରେ ଭାଗ କରାଯିବ। ପ୍ରତ୍ୟେକ ଗ୍ରୁପ୍‌ରୁ ପ୍ରଥମ ୩ଟି ସ୍ଥାନ ଅଧିକାର କରିଥିବା ଦଳ ସୁପର-୭'କୁ ଉନ୍ନୀତ ହେବେ। ଦୁଇ ଗ୍ରୁପ୍‌ରୁ ୬ଟି ଦଳ ଏବଂ ଏମାନଙ୍କ ପରେ ଉଭୟ ଗ୍ରୁପ୍‌ରୁ ଗୋଟିଏ ବା ୭ମ ଦଳ ସୁପର ସିରିଜ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ। ଏଥିରେ ମୋଟ ୩୦ଟି ମ୍ୟାଚ୍ ଖେଳାଯିବ।

### ସୁପର ସିରିଜ୍ ରାଉଣ୍ଡ ରବିନ

ଦ୍ୱିତୀୟ ପର୍ଯ୍ୟାୟରୁ ୭ଟି ଶ୍ରେଷ୍ଠ ଦଳକୁ ନେଇ ପ୍ରଥମଥର ସୁପର ସିରିଜ୍ ଖେଳାଯିବ। ଏହି ରାଉଣ୍ଡକୁ ଶ୍ରେଷ୍ଠ ପର୍ଯ୍ୟାୟ ଭାବେ ବିବେଚନା କରାଯାଉଛି। ଏଥିରେ ଯୋଗ୍ୟତା ହାସଲ କରିଥିବା ୭ଟି ଦଳ ପରସ୍ପର ସହ ଥରେ ଲେଖାଏଁ ଅର୍ଥାତ୍ ରାଉଣ୍ଡ ରବିନ ଲିଗ୍ ଭିତିରେ ଖେଳିବେ। ସୁପର ସିରିଜ୍ ଲିଗ୍ ଶେଷରେ ଶ୍ରେଷ୍ଠ ୪ଟି ଦଳ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବେ।

ICC MEN'S CRICKET WORLD CUP
SOUTH AFRICA
ZIMBABWE & NAMIBIA
2027

### ଫାଇନାଲ ରାଉଣ୍ଡ

ସୁପର ସିରିଜ୍‌ର ଶ୍ରେଷ୍ଠ ୪ଟି ଦଳ ସେମିଫାଇନାଲ ବା ନକ୍‌ଆଉଟ ପର୍ଯ୍ୟାୟକୁ ଉନ୍ନୀତ ହେବେ। ଏଥିରେ ପ୍ରଥମ ଓ ଚତୁର୍ଥ ସ୍ଥାନ ଅଧିକାର କରିଥିବା ଦଳ ପ୍ରଥମ ସେମିଫାଇନାଲ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଦଳ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ସେମିଫାଇନାଲ ମ୍ୟାଚ୍ ଦ୍ୱୟର ବିଜେତାଙ୍କ ମଧ୍ୟରେ ଫାଇନାଲ ମୁକାବିଲା ହେବ।

### ଅକ୍ଟୋବରରେ ଖେଳସୂଚୀ

ଆଇସିସିର ଏହି ବିଶ୍ୱକପ୍ ଟୁର୍ଣ୍ଣାମେଣ୍ଟର ଫର୍ମାଟରେ ପରିବର୍ତ୍ତନ ପରେ ଚଳିତବର୍ଷ ଅକ୍ଟୋବରରେ ଖେଳସୂଚୀ ପ୍ରକାଶ କରିବ। ପୂର୍ବସୂଚନା ଅନୁଯାୟୀ ଦକ୍ଷିଣ ଆଫ୍ରିକାରେ ସର୍ବାଧିକ ମ୍ୟାଚ୍ ଖେଳାଯିବ। ସେହିଭଳି ଜିମ୍ବାୱେରେ ୧୦ଟି ଓ ନାମିବ୍ୟାରେ କିଛି ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

### ଆଜି ଦ୍ୱିତୀୟ ଦିନିକିଆ

## ସିରିଜ ଆଗୁଆ କବଜା ଲକ୍ଷ୍ୟରେ ଟିମ୍ ଇଣ୍ଡିଆ

କାର୍ଡିଫ, ୧୫।୭ (ଏଜେନ୍ସି): ଭ୍ରମଣକାରୀ ଭାରତ ଓ ଇଂଲଣ୍ଡ ମଧ୍ୟରେ ଚଳିତ ଦିନିକିଆ ସିରିଜର ଦ୍ୱିତୀୟ ମ୍ୟାଚ ଗୁରୁବାର ସ୍ଥାନୀୟ ସୋଫିଆ ଗାର୍ଡେନ୍ସରେ ଖେଳାଯିବ। ମଙ୍ଗଳବାର ଏଜବାଷ୍ଟନରେ ଖେଳାଯାଇଥିବା ପ୍ରଥମ ଦିନିକିଆକୁ ଭାରତୀୟ ଦଳ ୬ ୱିକେଟ୍‌ରେ ସହଜରେ ବିଜୟୀ ହୋଇଥିଲା। ତେଣୁ ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଦଳ ଏଠାରେ ବିଜୟୀ ହୋଇ ସିରିଜକୁ ଆଗୁଆ କବଜା କରିବା

**ଖେଳ ଆରମ୍ଭ : ସନ୍ଧ୍ୟା ୫ଟା ୩୦**

**ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟୱର୍କ**

ଲକ୍ଷ୍ୟରେ ରହିଛି। ଅପରପକ୍ଷରେ ଟି-୨୦ ସିରିଜକୁ ୪-୦ରେ କ୍ଲିନସୁଇପ କରିଥିବା ଘରୋଇ ଇଂଲଣ୍ଡ ସହଜରେ ସିରିଜ ହାତଛଡ଼ା କରିବା ଲକ୍ଷ୍ୟରେ ନାହିଁ। ଏଜବାଷ୍ଟନରେ ଟପ୍ ଅର୍ଡରର ବିଫଳତା ଯୋଗୁ ଇଂଲଣ୍ଡ ବଡ଼ ସ୍କୋର କରିପାରି ନ ଥିଲା। ତେଣୁ ଏହି ତ୍ରୁଟିକୁ ସୁଧାରି ଇଂଲଣ୍ଡ ଏଠାରେ ଭାରତକୁ ମାତ୍ ଦେଇ ସିରିଜକୁ ୧-୧'ର ସମାନସ୍ତରକୁ ଆଣିବାକୁ ଲକ୍ଷ୍ୟ ରଖିଛି। ଚଳିତ ୟୁକେ ଗସ୍ତରେ ଆୟର୍ଲାଣ୍ଡ ନିକଟରୁ ୨-୦ରେ ଓ ଇଂଲଣ୍ଡଠାରୁ ୪-୦ରେ ଟି-୨୦ ସିରିଜ ହାରିବା ପରେ ଭାରତୀୟ ଦଳ ଖୁବ ସମାଲୋଚନାର ଶିକାର ହୋଇଥିଲା। ଯାହାକୁ ଗିଲ୍‌ଙ୍କ ନେତୃତ୍ୱାଧୀନ ଅଭିଜ୍ଞ ଦଳ ପ୍ରଥମ ଦିନିକିଆରେ ବିଜୟୀ ହୋଇ କିଛିଟା ଆଶ୍ୱସ୍ତି ଆଣିଛନ୍ତି। ସେହିଭଳି ୟୁକେ ଗସ୍ତରେ ମଧ୍ୟ ଦଳର ଏହା ପ୍ରଥମ ବିଜୟ ରହିଥିଲା। ଅକ୍ଷର ପଟେଲ (୪ ୱିକେଟ୍ ଓ ଅପରାଜିତ ୫୭ ରନ) ଉଭୟ ବ୍ୟାଟିଂ ଓ ବୋଲିଂରେ ଦମ୍‌ଦାର ପ୍ରଦର୍ଶନ କରି ଭାରତକୁ ଏହି ପ୍ରତୀକ୍ଷିତ ବିଜୟ ଭେଟି ଦେଇଥିଲେ।

## ୱେଷ୍ଟଇଣ୍ଡିଜକୁ ୧୨୩.୪ କୋଟି ଋଣ ଦେଲା ଆଇସିସି

ଦୁବାଇ, ୧୫।୭ (ଏଜେନ୍ସି): ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି କ୍ରିକେଟ୍ ୱେଷ୍ଟଇଣ୍ଡିଜ (ସିଡବ୍ଲ୍ୟୁଆଇ)କୁ ୧୨.୮୨ ମିଲିୟନ ଡଲାର ଋଣ ପ୍ରଦାନ କରିବାକୁ ଘୋଷଣା କରିଛି। ଭାରତୀୟ ମୁଦ୍ରାରେ ଏହା ୧୨୩.୪୦ କୋଟି ଟଙ୍କା ହେବ। ଆଇସିସିର ସଦସ୍ୟତା ଏବଂ ସଦସ୍ୟ ସମର୍ଥନର ଏକ ଅଂଶ ଭାବରେ କ୍ରିକେଟ୍ ୱେଷ୍ଟଇଣ୍ଡିଜ୍ ଏହି ଋଣ ପାଇବ। ବହୁ ବର୍ଷ ଧରି ଆର୍ଥିକ ବାଧାର ସମ୍ମୁଖୀନ ହୋଇଥିବା ୱେଷ୍ଟଇଣ୍ଡିଜ ବୋର୍ଡ ଆଇସିସିର ସହାୟତା ଲୋଡ଼ିଥିଲା। ଏପରିକି କିଛି ପୂର୍ବତନ ୱେଷ୍ଟଇଣ୍ଡିଜ କ୍ରିକେଟର୍ ମଧ୍ୟ ବୋର୍ଡକୁ ସହାୟତା ପ୍ରଦାନ କରିବା ଲାଗି ଆଇସିସିକୁ ଅନୁରୋଧ କରିଥିଲେ। ଶେଷରେ ଏଡିନବର୍ଗରେ ନିକଟରେ ଅନୁଷ୍ଠିତ ଆଇସିସିର ବାର୍ଷିକ ବୈଠକରେ ଏହି ଋଣକୁ ମଞ୍ଜୁର କରାଯାଇଛି। ଏଥିପୂର୍ବରୁ ୨୦୧୨ରେ ତତ୍କାଳୀନ ୱେଷ୍ଟଇଣ୍ଡିଜ୍ କ୍ରିକେଟ୍ ବୋର୍ଡ ଓ ଜିମ୍ବାୱେ ଉଭୟ ଆଇସିସି ନିକଟରୁ ସହାୟତା ପାଣ୍ଠି ପାଇଥିଲା। ସେହିଭଳି ୨୦୨୦ରେ କୋଭିଡ୍ -୧୯ ମହାମାରୀ ସମୟରେ କ୍ରିକେଟ୍ ୱେଷ୍ଟଇଣ୍ଡିଜ୍ ଇସିବିରୁ ୩ ନିୟୁତ ଡଲାରର ଋଣ ପାଇଥିଲା।

International Cricket Council







PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS